ISSN No. : 2583-147X (P)

ବାସ୍ତବତାର ପରିପ୍ରକାଶ

ପ୍ରାଚୀ

PRACHEE

ଫେବୃଆରୀ ୨୦୨୩
ମୂଲ୍ୟ : ୨୫ ଟଙ୍କା





ମୁଖ୍ୟ ଉପଦେଷ୍ଟା
କବି ଜୟନ୍ତ ମହାପାତ୍ର

ପ୍ରାଚୀ ପତ୍ରିକାର ସମସ୍ତ ଲାଭାଂଶ ବିଶ୍ୱ କଲ୍ୟାଣରେ ଖର୍ଚ୍ଚ କରାଯିବ

ବାସ୍ତବତାର ପରିପ୍ରକାଶ

ପ୍ରାଚୀ

ସମ୍ପାଦକ :
ଡ. ବିଭୁଦତ୍ତ ଖଣ୍ଡାୟତରାୟ

ଜୀବନର ପରିଭାଷା ହେଉଛି ସାହିତ୍ୟ, ସୃଜନଶୀଳତା ଓ ବାସ୍ତବତା ନଥିଲେ ସାହିତ୍ୟ ବା ସଂସ୍କୃତି ଉତ୍କର୍ଷ ଲାଭ କରିପାରେନା । ସାହିତ୍ୟର କ୍ରମ ବିବର୍ତ୍ତନ ଅଛି । ଏହି ବିବର୍ତ୍ତନ ଜୀବନର ପରିବର୍ତ୍ତନ ସହିତ ସଂଶ୍ଳିଷ୍ଟ । ସାହିତ୍ୟକୁ ବୁଝିବାକୁ ହେଲେ ଆବଶ୍ୟକତା ପଡେ ପ୍ରୟାସର । ପ୍ରୟାସ ହେଉଛି ଜାଣିବାର ବୁଝିବାର ପ୍ରକୃଷ୍ଟ ମାଧ୍ୟମ । ସ୍ୱତଃସ୍ଫୁର୍ତ୍ତଭାବେ ମନଗହନରୁ ଭାସିଆସି ଲୋକମନକୁ ରଂଜିତ କରିପାରିଲେ ସାହିତ୍ୟ ସାର୍ଥକତା ପାଇଥାଏ । ସାହିତ୍ୟ ହେଉଛି ସମୁଦ୍ରପରି ଅପରିସୀମ ଓ ପରିବ୍ୟାପ୍ତ । ବିଭିନ୍ନ ରତ୍ନରେ ରତ୍ନଗର୍ଭା ମହାରଣ୍ୟ ପରି ସେ ଗଳ୍ପ, କବିତା, ନାଟକ, ପ୍ରବନ୍ଧ ରୂପକ ବୃକ୍ଷରାଜିରେ ପରିପୂର୍ଣ୍ଣ । ସ୍ରଷ୍ଟାର ଭାବ ଓ ଚେତନା ଉଭୟ ନିବିଡ ଭାବରେ ଛନ୍ଦାଛନ୍ଦି ହୋଇ ରହିଥାନ୍ତି । ଉଭୟ ଜଗତରୁ ଉପାଦାନ ସଂଗ୍ରହ କରାଯାଏ । ଯାହାକେବଳ ଭୌତିକ ଜଗତରୁ ସଂଗ୍ରହ କରାଯାଇ ପାରେନା । ତା'ର ସୃଷ୍ଟି ସମୁଦ୍ରର ଢେଉଭଳି ଶତଛନ୍ଦ ଭରା ଜହ୍ନଆ ଆକାଶ ଭଳି ସ୍ନିଗ୍ଧ ଓ ପ୍ରାଞ୍ଜଳ । ଛାଇ ଯେପରି ବସ୍ତୁର ସ୍ଥିତିକୁ ସୂଚାଇ ଦିଏ, ସ୍ରଷ୍ଟାର ସୃଷ୍ଟି ସୂଚାଇ ଦିଏ ସମାଜର ବ୍ୟକ୍ତିର ମନ ଆଉ ଭାବନାର ସ୍ଥିତିକୁ । କେହି କେବେ ଜନ୍ମରୁ ସ୍ରଷ୍ଟା ହୋଇନଥାଏ । ସାଧନା ଓ ପ୍ରୟାସର ମହାମିଳନରେ ଜଣେ ସ୍ରଷ୍ଟା ସଫଳରୂପାୟିତ ହୋଇଥାଏ । ସୃଜନଶୀଳତାର ଦ୍ୱିତଳ ପ୍ରାସାଦରେ ନିଜକୁ ହଜାଇ ସ୍ରଷ୍ଟା ସମାଜକୁ, ଦେଇଥାଏ ନୂତନ ସାହିତ୍ୟ, ଜୀବନର ସତ୍ୟ ଓ ବାସ୍ତବତାକୁ ସାହିତ୍ୟ କେବଳ ପ୍ରକାଶ କରେ ନାହିଁ, ଅଧିକନ୍ତୁ ଜୀବନକୁ ସତ୍ୟାଶ୍ରୟୀ ଓ ବାସ୍ତବ ବାଦୀ ହେବାକୁ ଶିକ୍ଷାଦିଏ ।

ମଣିଷର ହୃଦୟ ପ୍ରେମର ହୃଦୟ । ଯେତେବେଳେ ମାନବର ପ୍ରାଣସିନ୍ଧୁରେ ସୃଷ୍ଟିହୁଏ ସେବାର କଲ୍ଲୋଳ, ସେତେବେଳେ ମାନବର ହୃଦୟ ହୋଇଯାଏ ପ୍ରସାରିତ । ବିଶ୍ୱପ୍ରେମର ମନ୍ତ୍ରରେ ସେ ହୋଇଯାଏ ଅଭିମନ୍ତ୍ରିତ । ଭୁଲିଯାଏ ନିଜ ଜୀବନର ମାୟା ଓ ମମତା । ଦୀନ, ଦୁଃଖୀ, ରଙ୍କୀ, ଦଳିତ ନିଷ୍ପେସିତ ଆର୍ତ୍ତଚିତ୍କାର ତା'ର ବ୍ୟଥାବିଦ୍ଧ ପ୍ରାଣରେ ସୃଷ୍ଟିକରେ ସେବାର କଲ୍ଲୋଳ । ମାନବ ହେଉଛି ଭଗବାନଙ୍କର ଅମୂଲ୍ୟ ସୃଷ୍ଟି । ପ୍ରକୃତିକୁ ଉପଭୋଗ କରିବାକୁ ସ୍ରଷ୍ଟା ସୃଷ୍ଟି କଲେ ମାନବ । ମାତ୍ର ନିଜର ସୁଖ ସୁବିଧା ନିମିତ୍ତ ମାନବ ପ୍ରକୃତିକୁ ଧ୍ୱସ୍ତବିଧ୍ୱସ୍ତ କଲା । ପ୍ରକୃତି ଏବେ ବିନାଶର ଦ୍ୱାରରେ । ଏହି ମାନବ ଓ ପ୍ରକୃତିର ରକ୍ଷା ନିମିତ୍ତ ଆମର ସଂସ୍ଥା ସଂକଳ୍ପ ବଦ୍ଧ ।

ଅନନ୍ତ ସମୟର ଉତ୍‌ଥାନ ପତନ ସହ ଜଡିତ ଆମ ପତ୍ରିକା **'ପ୍ରାଚୀ'** ର ଅଷ୍ଟମ ବର୍ଷର ଏକାଦଶ ଅର୍ଘ୍ୟ ପ୍ରକାଶ ପାଇବାକୁ ଯାଉଛି । ପ୍ରାଚୀର ଅର୍ଥ ପୂର୍ବଦିଗ । ପୂର୍ବଦିଗର ଉଦିତ ସୂର୍ଯ୍ୟ ପରି **'ପ୍ରାଚୀ'** ଓଡ଼ିଆ ଭାଷା ସାହିତ୍ୟ ଆକାଶରେ ସୂର୍ଯ୍ୟ ରୂପେ ପ୍ରତିଭାତ ହେଉ ଏହାହିଁ ଆଶା ।

ନିଜର ବଳିଷ୍ଠ ଲେଖନୀ ମାଧ୍ୟମରେ ଓଡ଼ିଶାର ବାଣୀଭଣ୍ଡାର ବୀଣାକୁ ଝଂକୃତ କରିଥିବା କିଛି ସ୍ରଷ୍ଟାଙ୍କ ରୁଦ୍ଧିମନ୍ତ ସୃଷ୍ଟିକୁ ନେଇ **'ପ୍ରାଚୀ'**ର ଜନ୍ମ, ବାଗ୍ ଭୂଷଣରେ ଭୂଷିତ ଏହି ଶବ୍ଦ ସମ୍ରାଟମାନେ ଏକ ନୂତନ ଯୁଗର ଆହ୍ୱାନରେ ଶବ୍ଦ ଶଙ୍ଖର ଧ୍ୱନି ନାଦ କରିଛନ୍ତି ।

ସମଗ୍ର ଓଡ଼ିଶାବାସୀ ଭାଇ ଓ ଭଉଣୀମାନଙ୍କର ଶୁଭେଚ୍ଛା ଓ ଶୁଭକାମନାକୁ ନେଇ **'ପ୍ରାଚୀ'** ସାରା ଓଡ଼ିଶାରେ ପାଠକୀୟ ଆଦୃତି ଲାଭକରିବ ବୋଲି ଆଶା ।

ସଂପାଦକ

‘ପ୍ରାଚୀ’ର କଲମ

ପ୍ରାଚୀ ଏକ ସଂସ୍କୃତି ଓ ସଂସ୍କାର । ଏହା ଏକ ପ୍ରବାହ ଓ ପରିବର୍ତ୍ତନର ମୂଳ ଉତ୍ସ । ପ୍ରାଚୀ ସମାଜର ଭାବବିନ୍ଦୁ । ଏହା ଏକ ଅନ୍ତଃସ୍ରୋତା ଫଲ୍‌ଗୁ । ପ୍ରାଚୀ ସୃଷ୍ଟିର ଜୀବନୀ ଶକ୍ତିକୁ ଯୁଗେ ଯୁଗେ ସଞ୍ଜୀବିତ କରିଆସିଛି । ଏହା ଜନନୀ ରୂପେ କଲ୍ୟାଣମୟୀ, ମମତାମୟୀ ପୁଣି କରୁଣା , ଆଶୀର୍ବାଦ, ତ୍ୟାଗର କଲ୍ୟାଣମୟ ଅଭିବ୍ୟକ୍ତି । ପ୍ରାଚୀ ଏକ ସୁନ୍ଦର, କୋମଳ, ସରଳ, ପବିତ୍ର, ଶାନ୍ତ, ଧୀର, ସ୍ଥିର, ଭଦ୍ର, ନମ୍ର ଓ ଚିତ୍ତଆହ୍ଲାଦଦାୟୀ ନାମଟିଏ । ଏହା ଏକ ଚିନ୍ମୟ ସତ୍ତା । ଏହା ପ୍ରାଚ୍ୟ ସଂସ୍କୃତିର ଅତିହ୍ୟ ବିମଣ୍ଡିତ ବାଙ୍‌ମୟ । ଏହା ଜୀବନ୍ତ ଓ ଜୀବନଦାୟୀ ଜୀବନବୋଧ । ପ୍ରାଚୀର ପରମ ଓ ଚରମ ସାର୍ଥକତା ହେଉଛି ଆଦର୍ଶ ଓ ସମାଜର କଲ୍ୟାଣ ସାଧନ । ପ୍ରାଚୀର ଏକ ଲୋଭନୀୟ, କମନୀୟ ଓ ମଧୁର ରୂପ ପ୍ରକଟିତ ହୁଏ ତା’ର ସ୍ୱର୍ଗୀୟ ପ୍ରେମରେ । ତା’ର ପ୍ରେମ ଓ ମମତାରେ ସାମାଜିକ ଜୀବନ ଭଗବତ୍ ଆଶୀର୍ବାଦ ଯୁକ୍ତ । ସେ ପୁଣି ସ୍ନେହମୟୀ ଓ ସମାଜର ହୃତ୍‌ପିଣ୍ଡ । ଆମ ସମାଜ ଓ ସଭ୍ୟତାର ଆଦ୍ୟ ଉନ୍ମେଷ କାଳରୁ ପ୍ରାଚୀର ରହିଛି ଗୁରୁତ୍ୱପୂର୍ଣ୍ଣ ଭୂମିକା । ସମାଜରୁ କୁସଂସ୍କାରକୁ ଦୂରକରି ସମାଜର କଲ୍ୟାଣ କରିବା ପ୍ରାଚୀର ଧର୍ମ । ତେଣୁ ‘ପ୍ରାଚୀ’ ର ସୃଷ୍ଟି ସମାଜରେ ଅବହେଳିତମାନଙ୍କ ପାଇଁ ସ୍ୱର ଉତ୍ତଳନ କରିବା । ପ୍ରାଚୀ ପତ୍ରିକାଟି କଥା କହିପାରୁନଥିବା ମାନବ ଓ ମାନବୋତରମାନଙ୍କ ପାଇଁ ଏକ ଆଶାର କିରଣ ସୃଷ୍ଟି କରିବ, ଏଥିରେ ସନ୍ଦେହ ନାହିଁ । ବାସ୍ତବତାକୁ ଗଳ୍ପ ଆକାରରେ ପରିପ୍ରକାଶ କରିବା ଆମର ମୂଳ ଲକ୍ଷ୍ୟ । ଗୋଟିଏ ବାସ୍ତବ ଚରିତ୍ରର ହୃଦୟ ଆବେଗକୁ ନେଇ ସମାଜରେ ସଚେତନତା ସୃଷ୍ଟି କରି ସମାଜକୁ ସୁସ୍ଥ, ସବଳ କରିବାର ଲକ୍ଷ୍ୟନେଇ ପ୍ରାଚୀ ଆଗେଇ ଚାଲିଛି । ପ୍ରାଚୀର ଆତ୍ମାରେ ୧ ୨ଟି ସମ୍ବେଦନଶୀଳ ହୃଦୟୋଚ୍ଛ୍ୱାସ ରହିଛି ।

- ମୁଁ ଗାଁ ମୁଣ୍ଡ ବୁଢ଼ା ବରଗଛ କହୁଛି । ମୁଁ ଜନ୍ମରୁ ମଣିଷର ସେବାରେ ଅଛି । କିନ୍ତୁ ଆଜି ମନୁଷ୍ୟ ତା’ର ସୁବିଧା ପାଇଁ ମୋ ବାର୍ଦ୍ଧକ୍ୟରେ ମୋ ସାଙ୍ଗରେ ନରହି, ମତେ କାଟି ତାର ଗର୍ବକୁ ଚରିତାର୍ଥ କରୁଛି । ....
- ମୁଁ ଲତାଟିଏ ହେଲେ ବି, ମୋ ପତ୍ରରେ ଥିବା ଗୁଣରେ ଅନେକ ଉପକୃତ ହୋଇଥାନ୍ତି ଏବଂ ମୋ ଫଳକୁ ଖାଦ୍ୟ ରୂପେ ବ୍ୟବହାର କରାଯାଏ କିନ୍ତୁ ଆଜି ମୁଁ ଅବହେଳିତ କାରଣ, ମତେ ବଞ୍ଚିରହିବା ପାଇଁ ....
- ମୁଁ ମହାନଦୀ, ମୋ ବକ୍ଷରେ ଅନେକ ପରିମାଣରେ ଜଳ ଅଛି । ସୃଷ୍ଟିର ଆରମ୍ଭରେ ଜଳର ଆବଶ୍ୟକତା ରହି ଆସିଛି । ମୋ ଜଳରେ ସଂସାରର ଆରମ୍ଭ ହେଇଥାଏ କିନ୍ତୁ ସେ ଜଳକୁ ବିଷାକ୍ତ କରି ....
- ମୁଁ ମଳୟ ପବନ କହୁଛି । ସକାଳୁ ସକାଳୁ ମୋର ପ୍ରବାହରେ ପୃଥିବୀ ଉପରେ ଶାନ୍ତି ପ୍ରତିଷ୍ଠା ହେଇଥାଏ । କିନ୍ତୁ ପ୍ରଦୂଷଣ ଆଜି ମତେ ....
- ମୁଁ ବୁଢ଼ା ବଳଦ କହୁଛି, ଆମ ପରିବାରର ପୀଢ଼ି ପରେ ପୀଢ଼ି ମଣିଷ ସେବାରେ ଲାଗିଥାନ୍ତି । ମୋ ପରି ଅନେକ ଜୀବଜନ୍ତୁ ଏହି ଦୁନିଆରେ ଅଛନ୍ତି । ସେମାନେ ପ୍ରକୃତିରେ ସ୍ଥିରତା ରକ୍ଷା କରିଥାନ୍ତି କିନ୍ତୁ ଦିନକୁ ଦିନ ବହୁତ ଜୀବ ପ୍ରାୟ ବିଲୁପ୍ତ, ବୁଝି ପାରେନା.......
- ମୁଁ ଗୋଟିଏ ଟିକି ଚଢ଼େଇ, ସକାଳୁ, ସକାଳୁ ମୋ ଚେଁ ଚେଁ ଶବ୍ଦରେ ପ୍ରକୃତି ମାତା ଆଖି ଖୋଲିଥାଏ । ଆଜି ପରିବେଶ ପ୍ରଦୂଷଣ ପାଇଁ ଆମ ଜାତିର ଅନେକ ପକ୍ଷୀ ପ୍ରାୟ ବିଲୁପ୍ତ, ଏଥିପାଇଁ ଦାୟୀ କିଏ ? ମୋ ଛୋଟ ମୁଣ୍ଡରେ ଏହାର କଳନା କରିପାରେନା ....
- ମୁଁ ମନି ପୋଇଲି । ମୁଁ ଗୋଟିଏ ମଣିଷ, ମୋର ଗୋଟିଏ ନାଁ ଅଛି କିନ୍ତୁ, ମୋ ନାଁ ପରେ ମୋ ସାଙ୍ଗିଆ ପୋଇଲି ଡକା ହୁଏ । ପେଟ ପାଇଁ କାମକରେ କିନ୍ତୁ ବୁଝି ପାରେନା, ଏତେ କାମ କରିସାରିଲା ପରେ ମଧ୍ୟ ମୋ ଉପରେ ଅତ୍ୟାଚାର ହୁଏ କାହିଁକି ....
- ମୋ ନାମ ମକରା ପାଗଳ । ‘ପାଗଳ’ ଶବ୍ଦଟି ମୋର ପିତୃଦତ୍ତ ନୁହେଁ, ସମାଜ ମତେ କାହିଁକି କେଜାଣି ଏହି ପାଗଳ ଶବ୍ଦଟି ଲଦି ଦେଇ ମତେ ଅଣନିଃଶ୍ୱାସୀ କରିଦେଉଛି । ମୁଁ ଜାଣେନା ....
- ମୁଁ ଛୋଟା ହେଲେ ମଧ୍ୟ ମୁଁ ତ ମୋର ସବୁକାମ ଠିକ୍ ଠିକ୍ କରୁଛି । ତା ହେଲେ, ମତେ ସମାଜର ଗୋଡ଼ଥିବା ଲୋକମାନେ କାହିଁକି ନ୍ୟୁନ ଦୃଷ୍ଟିରେ ଦେଖନ୍ତି, ଏହାର କାରଣ କ’ଣ ହୋଇ ....
- ବିଧାତାର ବିଧାନ ସ୍ୱାମୀ ଚାଲିଗଲା, ମୁଁ ବିଧବା ହେଲି, ଏଥିପାଇଁ ମୁଁ ହେଲି ଦାୟୀ, ସମାଜରେ ମୁଁ ଡାହାଣୀ, ଘରେ ବାହାରେ ଖାଲି ଛି, ଛି, ଆଉ କେତେ ଦିନ ....
- ମୁଁ ପରା ଚୁଇଁ, ଆମ ବାବୁଘରେ ସମସ୍ତଙ୍କର ଆପଣାର, ଟିକେ ଭୁଲ୍ କଲେ , କଥା ବଡ ହୁଏ । ଛୋଟ ଠାରୁ ବଡ଼ ପର୍ଯ୍ୟନ୍ତ ସମସ୍ତେ ପଚାରନ୍ତି ଏବଂ କୈଫତ୍ ମାଗନ୍ତି, ଟିକେ ଭୁଲ ପାଇଁ ଏତେ କଥା ....
- ମୁଁ ଦିନହୀନ ଗୋବିନ୍ଦ, ମୋର ଦାଣ୍ଡରୁ ଆଣିଲେ ହାଣ୍ଡିରେ ପଡ଼େ । ମାଗିବା ବ୍ୟତୀତ ମୋର ଅନ୍ୟଉପାୟ ନାହିଁ । ଘରେ ପୁଣି ରୋଗିଣା ମା’, ଅନ୍ୟଲୋକଙ୍କର ବଳକା ଖାଇ ଖାଇ ମୋ ପେଟ ଚାଖଣ୍ଡଟା ପୁରଣ କରିଥାଏ । ସେଥିପାଇଁ ମତେ ସମସ୍ତେ ହାଁଉଆ ବୋଲି ଡାକିଥାନ୍ତି । ଭାରି ଇଚ୍ଛା ହୁଏ ପେଟଭରି ଖିରି, ଆରିଶା ଖାଇବା ପାଇଁ ଅପେକ୍ଷାକରେ ସମୟକୁ, ସମୟ ଆସିବ ......

বাস্তবতার পরিপ্রকাশ

ପ୍ରାଚୀ

Vol.- 8, Frbruary 2023, Issue No. XI
ISSN NO. 2583-147X(P)
RNI No. : ODIODI/2015/64435
P.R. No. : CK(C)/96/2022-2024

ଉପଦେଷ୍ଟା ମଣ୍ଡଳୀ
ଡକ୍ଟର ପାବକ କାନୁନ୍‌ଗୋ
ଡକ୍ଟର ମନ୍ଦାକିନୀ ଦାସ
ଶ୍ରୀଯୁକ୍ତ କୃଷ୍ଣ ପ୍ରସାଦ ଦାସ
ସମୀକ୍ଷକ ମଣ୍ଡଳୀ
ପ୍ରଫେସର ବୈଷ୍ଣବ ଚରଣ ସାମଲ
ଅବସରପ୍ରାପ୍ତ ପ୍ରଫେସର, ବିଶ୍ୱଭାରତୀ, ଶାନ୍ତିନିକେତନ
ପ୍ରଫେସର ଆଦିକନ୍ଦ ସାହୁ
ଅବସରପ୍ରାପ୍ତ ପ୍ରଫେସର, ସମ୍ବଲପୁର ବିଶ୍ୱବିଦ୍ୟାଳୟ, ସମ୍ବଲପୁର
ପ୍ରଫେସର ମଣୀନ୍ଦ୍ର କୁମାର ମେହେର
ପ୍ରଫେସର, ଓଡ଼ିଆ ବିଭାଗ, ଫକୀରମୋହନ ବିଶ୍ୱବିଦ୍ୟାଳୟ, ବାଲେଶ୍ୱର
ପ୍ରଫେସର ନୀଳାଦ୍ରି ଭୂଷଣ ହରିଚନ୍ଦନ
ଅବସରପ୍ରାପ୍ତ ପ୍ରଫେସର, ବିଶ୍ୱଭାରତୀ, ଶାନ୍ତିନିକେତନ
ପ୍ରଫେସର ଶରତ କୁମାର ପଲିତା
ପ୍ରଫେସର, ଜୈବ ବିବିଧତା ଓ ପ୍ରାକୃତିକ ସଂସାଧନ ବିଭାଗ
ଓଡ଼ିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ, କୋରାପୁଟ
ସଂପାଦକ
ଡକ୍ଟର ବିଭୂଦତ୍ତ ଖଣ୍ଡାୟତରାୟ
ସମ୍ପାଦନା ସହଯୋଗୀ :
ପ୍ରାଚୀ ପ୍ରଯୁକ୍ତା
ସଂପାଦନା ମଣ୍ଡଳୀ
ଡକ୍ଟର ନାରାୟଣ ମହାନ୍ତି-
ଅବସରପ୍ରାପ୍ତ ପ୍ରାଧ୍ୟାପକ, ଦର୍ଶନ ବିଭାଗ
ଡକ୍ଟର ଆଦିତ୍ୟ ପ୍ରତାପ ଧଳ
ଅବସରପ୍ରାପ୍ତ ପ୍ରାଧ୍ୟାପକ, ଓଡ଼ିଆ ବିଭାଗ
ପ୍ରଫେସର ଅଞ୍ଜୁମନ ଆରା
ହିନ୍ଦୀ ବିଭାଗ, ରେଭେନ୍‌ସା ବିଶ୍ୱବିଦ୍ୟାଳୟ
ଡକ୍ଟର ଆର୍ଯ୍ୟ କୁମାର ହର୍ଷବର୍ଦ୍ଧନ
ଅଧ୍ୟାପକ, ହିନ୍ଦୀ ବିଭାଗ, ଖ୍ରୀଷ୍ଟ ମହାବିଦ୍ୟାଳୟ, କଟକ
ଡକ୍ଟର ଆଲୋକ ବରାଳ
ମୁଖ୍ୟ, ଓଡ଼ିଆ ବିଭାଗ
ଓଡ଼ିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ, କୋରାପୁଟ
ଡକ୍ଟର ନେତାଜୀ ଅଭିନନ୍ଦନ
ସହାୟକ ପ୍ରଫେସର, ରାଜନୀତିବିଜ୍ଞାନ ବିଭାଗ,
ରେଭେନ୍‌ସା ବିଶ୍ୱବିଦ୍ୟାଳୟ
ଡକ୍ଟର ଦିପକ କୁମାର ଦାଶ
ଅଧ୍ୟାପକ, ରାଜନୀତିବିଜ୍ଞାନ ବିଭାଗ,
ଖ୍ରୀଷ୍ଟ ମହାବିଦ୍ୟାଳୟ, କଟକ
ଡକ୍ଟର ଜ୍ଞାନୀ ଦେବାଶିଷ ମିଶ୍ର
ସହାୟକ ପ୍ରଫେସର, ଓଡ଼ିଆ ବିଭାଗ,
ରେଭେନ୍‌ସା ବିଶ୍ୱବିଦ୍ୟାଳୟ, କଟକ
ଡକ୍ଟର ନୀରୋଦ କୁମାର ମନ୍ତ୍ରୀ
ଅଧ୍ୟାପକ, ଓଡ଼ିଆ ବିଭାଗ,
ନୀଳମାଧବ ମହାବିଦ୍ୟାଳୟ, କଣ୍ଟିଲୋ କଲେଜ
ଡକ୍ଟର ବିଦ୍ୟୁତପ୍ରଭା ରାଉତ
ଅଧ୍ୟାପିକା, ଓଡ଼ିଆ ବିଭାଗ,
ସିମୁଳିଗୁଡ଼ା ମହାବିଦ୍ୟାଳୟ, କୋରାପୁଟ
ଡକ୍ଟର ସୁମନ୍ତ ସ୍ୱାଇଁ
ସହାୟକ ପ୍ରଫେସର, ଆଇ.ଆଇ.ଏଚ୍.ଏମ୍.ଆର, ନୂଆଦିଲ୍ଲୀ
ଡକ୍ଟର ମମତା ଖଣ୍ଡାୟତରାୟ
ବିଭାଗୀୟ ମୁଖ୍ୟ, ରାଜନୀତିବିଜ୍ଞାନ ବିଭାଗ,
ପାରାଦୀପ କଲେଜ, ପାରାଦୀପ
ଡିଟିପି :
ପ୍ରଶାନ୍ତି ସାଇଁ
ପ୍ରଚ୍ଛଦ ଓ ଅକ୍ଷରସଜ୍ଜା :
ବିଭୁପ୍ରସାଦ ନାୟକ
ଅଳଙ୍କରଣ :
ବିଜୟ କୁମାର ସାହୁ
ବିଜ୍ଞାପନ ଅଧିକାରୀ :
ଅବିନାଶ ଦାଶ
ବିତରଣ ଅଧିକାରୀ :
ରାଜେନ୍ଦ୍ର ବାରିକ
ମୁଦ୍ରଣ :
ଲକ୍ଷ୍ମୀ ଅଫ୍‌ସେଟ୍ ପ୍ରେସ୍
ନୂଆବଜାର, କଟକ - ୪

ଏଇ ସଂଖ୍ୟାରେ...

ମାତୃଭାଷା ଦିବସର ରକ୍ତ କଥା
– ଜ୍ୟୋତି ନନ୍ଦ ୦୭

ଓଡ଼ିଆ ଭାଷାର ଅସ୍ମିତା : ଶିଳାଲେଖ
– ଡ. ନଗେନ କୁମାର ଦାସ ୧୦

ଇଂରାଜୀ ପରିପ୍ରେକ୍ଷୀରେ ସ୍ଥାନୀୟ ଭାଷା: ଜ୍ଞାନ, ଶକ୍ତି, ଓ ପରିଚିତି
– ସଞ୍ଜୟ କୁମାର ବାଗ ୨୫

ଶାସ୍ତ୍ରୀୟ ଓଡ଼ିଆ ଭାଷା : ଶିକ୍ଷା ଓ ନିଯୁକ୍ତି
– ଡ. ଇନ୍ଦ୍ରମଣି ସାହୁ ୩୫

ସାମାଜିକ ଗଣମାଧ୍ୟମରେ ଓଡ଼ିଆ ଭାଷାର ସାଂପ୍ରତିକ ସ୍ଥିତି
– ରୁଦ୍ର ନାରାୟଣ ମହାପାତ୍ର ୪୦

ଭୂଲିଆ ଭାଷାର କାଳ : ଏକ ଭାଷାତାତ୍ତ୍ୱିକ ଅନୁଶୀଳନ
– ଡ. ନୀଳମଣି ମେହେର ୪୫

PRACHEE MONTHLY ADVT. TARIFF

Back Cover (Colour)
Rs. 20,000/-

2nd Inner Cover (Colour)
Rs. 10,000/-

3rd Inner Cover (Colour)
Rs. 10,000/-

Ordinary Colour Page
Rs. 5000/-

Black & White (News Print)
Full Page : Rs. 3,000/-
Half Page : Rs. 1500/-
Quarter page:Rs. 500/-

For Space booking please contact The Advertising Manager
Niladri Vihar, Naya Bazar, Cuttack - 4
Mobile / Whatsapp : 8895707011

ପ୍ରାଚୀର ନିୟମାବଳୀ

- "ପ୍ରାଚୀ" ଏକ ମାସିକ ଗବେଷଣାଧର୍ମୀ ISSN ସଂଯୁକ୍ତ ମାନକ Peer Reviewed ପତ୍ରିକା ଅଟେ ।
- "ପ୍ରାଚୀ" ର ସ୍ୱତନ୍ତ୍ର ଗବେଷଣା ବିଭାଗରେ ସାହିତ୍ୟ, ସମାଜ, ସଂସ୍କୃତି, କଳା, ଇତିହାସ,ନୃତତ୍ତ୍ୱ, ଦର୍ଶନ, ବିଜ୍ଞାନ ଆଦି ବିବିଧ ପ୍ରେକ୍ଷାର ଗବେଷଣାତ୍ମକ ପ୍ରବନ୍ଧ ପ୍ରକାଶିତ ହୋଇଥାଏ ।
- "ପ୍ରାଚୀ" ଯୁବପୀଢ଼ିଙ୍କର ଗବେଷଣାକୁ ଏକ ଉଚ୍ଚିତ ଦିଶା ଓ ଆଭିମୁଖ୍ୟ ପ୍ରଦାନ କରିବା ପାଇଁ ନିଜର ସ୍ୱତନ୍ତ୍ର ଆଭିମୁଖ୍ୟ ନେଇ ସଂପ୍ରତି ଦଣ୍ଡାୟମାନ ହୋଇଛି ଏବଂ ଭବିଷ୍ୟତ ପାଇଁ ନୂତନ ରୂପରେଖ ମଧ୍ୟ ପ୍ରସ୍ତୁତ କରିଅଛି । ଲେଖାଗୁଡ଼ିକ ଗବେଷଣାର ଆଭିମୁଖ୍ୟ ଓ ସରଞ୍ଜନାକୁ ଦୃଷ୍ଟିରେ ରଖି ପ୍ରସ୍ତୁତ କରି ପ୍ରେରଣା କରିବାକୁ ସମସ୍ତଙ୍କୁ ଅନୁରୋଧ । ଗବେଷଣାତ୍ମକ ଆଲେଖ୍ୟର ଆଦର୍ଶ, ନିୟମ ଓ ମୂଲ୍ୟବୋଧ ପ୍ରତି ସଚେତନ ରହି ସର୍ବଦା ଗବେଷଣାର ମୌଳିକତାକୁ ଦୃଷ୍ଟିରେ ରଖି ଲେଖକମାନେ ନିଜର ଲେଖା ପ୍ରେରଣ କରନ୍ତୁ ଏବଂ ଆବଶ୍ୟକସ୍ଥଳେ ଅନୁଷଙ୍ଗ ସୂଚୀର ସଂଯୋଗ କରନ୍ତୁ ।
- ଏହି ପତ୍ରିକାରେ ମଧ୍ୟ ବାସ୍ତବ ଚରିତ୍ରକୁ ନେଇ ଗଳ୍ପ ମାଧ୍ୟମରେ ପରିପ୍ରକାଶ କରାଯାଇଥାଏ । ସମାଜର ଦଳିତ ଓ ଅବହେଳିତମାନଙ୍କ ପାଇଁ ସ୍ୱର ଉଠେଇବା ଏହି ପତ୍ରିକାଟିର ଲକ୍ଷ୍ୟ । ଏହି ପତ୍ରିକାଟିରେ କେବଳ ମାତ୍ର ଗଳ୍ପ, ଭ୍ରମଣ କାହାଣୀ, ପରିବେଶଜନିତ ଲେଖା ଓ କବିତା ପରିପ୍ରକାଶ କରାଯାଇଥାଏ ।
- ପ୍ରାଚୀ ନୂତନ ଲେଖକ ଲେଖିକାମାନଙ୍କୁ ଅଗ୍ରାଧୀକାର ଦେଇଥାଏ । ଲେଖାରେ ଯଦି ସମାଜ ପ୍ରତି କୌଣସି ବାର୍ତ୍ତାଥାଏ ତାହା ଏଥିରେ ପ୍ରକାଶ ପାଇବ । ଲେଖକଲେଖିକାମାନେ 'ପ୍ରାଚୀ'ରେ ପ୍ରକାଶ ପାଇଁ ସେମାନଙ୍କ ହାତଲେଖା ବା କମ୍ପ୍ୟୁଟର ପ୍ରସ୍ତୁତ ପାଣ୍ଡୁଲିପି ପଠାଇବେ ।
- ଲେଖାଟି କୌଣସି ଆକ୍ଷେପ ମୂଳକ ଏବଂ ଉଦ୍ଦେଶ୍ୟ ପ୍ରଣୋଦିତ ନହେବା ଆବଶ୍ୟକ । ଲେଖାଟି ପ୍ରକାଶ କରିବା ସମ୍ପାଦନା ମଣ୍ଡଳୀ ଉପରେ ନିର୍ଭର କରିଥାଏ । ଲେଖାଟି ପ୍ରକାଶ ପାଇବା ପରେ ଡାକ ଯୋଗେ ଲେଖକ ଲେଖିକାଙ୍କୁ ଜଣାଇ ଦିଆଯିବ ।
- ପ୍ରାଚୀକୁ ପଠାଇଥିବା ଲେଖାଗୁଡିକୁ ଫେରାଇବାର କୌଣସି ସୁବିଧା ନାହିଁ । ତେଣୁ ଲେଖକ ଲେଖିକାମାନେ ନିଜର ପାଖରେ ନିଜ ପାଣ୍ଡୁଲିପିର ନକଲଟିଏ ରଖିବା ଆବଶ୍ୟକ । ଲେଖକ ଲେଖିକାମାନେ ନିଜ ଲେଖା ସହ ଗୋଟିଏ ରଙ୍ଗିନ୍ ପାସ୍‌ପୋର୍ଟ ଫଟୋ ପଠାଇବାକୁ ଅନୁରୋଧ ଏବଂ ଏକମାସ ପୂର୍ବରୁ ଲେଖାଟି ପହଞ୍ଚିବା ଜରୁରୀ । ଏହି ପତ୍ରିକାଟି ସମାଜର ନିଷ୍ପେଷିତ ଚରିତ୍ରମାନଙ୍କର କାହାଣୀକୁ ନେଇ ଗଢ଼ିଉଠୁଥିବାରୁ ଆପଣଙ୍କ ଲେଖାଟି ସେମାନଙ୍କ ପାଇଁ ଉତ୍ସର୍ଗୀକୃତ କରାନ୍ତୁ ।
- କୌଣସି ଲେଖା ସମ୍ପର୍କରେ ଅନୁସନ୍ଧାନ ଡାକ ଯୋଗେ ଯୋଗାଯୋଗ କରାଯିବ । ପ୍ରାଚୀ ପାଇଁ ପଠାଉଥିବା ଲେଖା ଗୁଡିକ ଏଇ ଠିକଣାରେ ପଠାଇବେ, ସମ୍ପାଦକ, ପ୍ରାଚୀ, ନିଳାଦ୍ରୀ ବିହାର, ନୂଆବଜାର, କଟକ, ଓଡିଶା, ପିନ୍-୭୫୩୦୦୪ କିମ୍ବା ପାଠକ ପାଠିକାମାନେ pracheepatrika@rediffmail.com ଯୋଗେ ସମ୍ପର୍କ ସ୍ଥାପନ କରିପାରିବେ । **ଲେଖା ଗୁଡ଼ିକ ପେଜ୍ ମେକର ଫରମାଟ, ଆକୃତି ସାରଳା ଫଣ୍ଟରେ ଟାଇପ କରି ଦେବାକୁ ଅନୁରୋଧ ନଚେତ୍ ଲେଖା ଗ୍ରହଣଯୋଗ୍ୟ ହେବନାହିଁ ।**

ଆପଣ "ପ୍ରାଚୀ" ପତ୍ରିକାର ବାର୍ଷିକ ଗ୍ରାହକ ହେବାକୁ ଚାହୁଁଛନ୍ତି !!!

କୁପନ୍‌ଟିକୁ କାଟି ଆମ୍ଭ ନିକଟକୁ ପଠାନ୍ତୁ

ଶ୍ରୀମତୀ/ଶ୍ରୀ ....

ଠିକଣା .... ପିନ୍‌କୋର୍ଡ଼ ....

ମୋବାଇଲ୍ ନମ୍ବର .... ଇ-ମେଲ୍ ....

ଏଥିସହିତ ମୁଁ ୨୫୦ଟଙ୍କା ପଠାଉଛି । (ବ୍ୟାଙ୍କ୍ ଡ୍ରାଫ୍ଟ)

ଚେକ୍ ନମ୍ବର... ତାରିଖ...................................

ବ୍ୟାଙ୍କ୍.. ସ୍ଥାନ...

ତାରିଖ.. ଦସ୍ତଖତ...

ବାସ୍ତବତାର ପରିପ୍ରକାଶ "ପ୍ରାଚୀ"

ନିଳାଦ୍ରୀ ବିହାର, ନୂଆ ବଜାର, କଟକ-୪, ମୋବାଇଲ୍/ ହ୍ୱାଟ୍‌ସ୍‌ଆପ୍ ନଂ : ୮୮୯୫୭୦୭୦୧୧

E-mail : pracheepatrika@rediffmail.com, Web. : www.pracheenews.com

ISSN -2583-147X(P), Vol.- 8, Issue No.XI, February 2023
Bastabatara Pariprakash Prachee
Peer Reviewed and Referred Research Journal

ମାତୃଭାଷା ଦିବସର ରକ୍ତ କଥା

ଜ୍ୟୋତି ନନ୍ଦ

ସ୍ଥାପତ୍ୟଟି ପ୍ରଖ୍ୟାତ ଚିତ୍ରକର ଯୋଗେନ ଚୌଧୁରୀଙ୍କର । ସଂପ୍ରତି ଏଇ ଶିଳ୍ପକର୍ମଟି କଲିକତାର ବିରଲା ପ୍ଲାନେଟୋରିଅମ୍‌ର ଅପର ପାର୍ଶ୍ୱରେ ଅବସ୍ଥିତ । ସେହି ଜାଗାଟିକୁ "ଏକୁଶେ ଉଦ୍ୟାନ' ବା "ଏକୋଇଶର ଉଦ୍ୟାନ' ହିସାବରେ ଏକୋଇଶ ଫେବୃଆରୀ ୨୦୧୬ ଦିନ ଉଦଘାଟନ କରାଯାଇଥିଲା ।

ସ୍ଥାପତ୍ୟର ନାଆଁ ହେଉଛି, ଭଉଣୀ କୋଳରେ ଜଣେ ଶହୀଦ ।

ସେତିକିରେ କ'ଣ ଆମମାନଙ୍କ ଭଳି ଯେଉଁମାନଙ୍କର ଛାତି ନିହାତି ଦୁର୍ବଳ ସେମାନେ ଧିର ସ୍ଥିର ହୋଇ ଏଇ କଳାକର୍ମକୁ ଦେଖିପାରିବେ ? ସ୍ଥାପତ୍ୟର ପଛପଟରେ ନେପଥ୍ୟର ଇତିହାସ ବଖାଣ ହୋଇଛି । ଦୟାକରି ପଢ଼ିବେ । ସାମ୍ନା ପଟରେ ତିନି ଧାଡ଼ି କବିତା ଅଛି ବଙ୍ଗଳା ଭାଷାରେ ଯାହାର ଓଡ଼ିଆ ତର୍ଜମା ଏଇପରି ହେବ:

"ଆମର ଭାଇର ରକତରେ ମଖା
ଏକୋଇଶ ଫେବ୍ରୁଆରୀ,
ଆମେ କି ପାରିବା ଭୁଲି ?"

ଯେଉଁଠି ରକ୍ତପାତ ଏତେ ନିବିଡ଼ ସେଠାରେ ସାମାନ୍ୟ ଭାଷାର କି ସାମର୍ଥ୍ୟ ଅଛି ପ୍ରତିବନ୍ଧକ ସୃଷ୍ଟି କରିବ ? ଆଶା କରୁଛି ଆମେ ସମସ୍ତେ ଏହାର ଅର୍ଥ ବୁଝି ପାରୁଥିବା । ଆମର ପ୍ରତିବେଶୀ ରାଷ୍ଟ୍ର ବାଂଲାଦେଶର ଅବଦୁଲ୍ ଗଫର ଚୌଧୁରୀଙ୍କର ଏଇ ବିଶ୍ୱବନ୍ଦିତ ଗୀତଟି ମୁଁ କେବେହେଲେ ପୂରା ଶୁଣିପାରେ ନାହିଁ ।

ଲୁହମାନେ ଅବୋଧ ଶିଶୁ, ସେମାନଙ୍କର ଦୋଷ କାହିଁକି ଧରିବା ?ସେମାନଙ୍କର ଅଳି ଅର୍ଦ୍ଦଳି ତ ରହିବ ।

ଇତିହାସରେ କିଛି ଦିନକୁ ଦେଖିବ ଜୀବନ୍ତ, ଖୁବ୍ ବେଶି ଜୀବନ୍ତ । ଆଜି ଦିନଟି ଭଳି ।

୧୯୫୨ ମସିହାର ଆଜି ତାରିଖ ଦିନ ଇତିହାସରେ ପଲାଶ ଫୁଲ ହୋଇ ଫୁଟିଗଲେ ସେତେବେଳର ପୂର୍ବ ପାକିସ୍ଥାନ ବା ଆଜିର ବାଂଲାଦେଶର ତରୁଣ ଅବଦୁସ୍ ସଲାମ, ଆବୁଲ ବରକତ୍, ରଫିକ୍, ଜର୍ବା ଶଫିଉର୍ ଆଉ ଅହିଉଲ୍ଲାହ । "ବାଂଲା ଭାଷା, ପ୍ରାଣେର ଭାଷା' ସ୍ଲୋଗାନରେ ଢାକା ରାଜପଥରେ ପ୍ରାଣବଳୀ ଦିଅନ୍ତି ଏଇ ତରୁଣ ବଂଗାଳୀ ପ୍ରଜନ୍ମ ତତ୍କାଳୀନ ପାକିସ୍ଥାନ ସରକାରଙ୍କର ବଂଗାଳୀ ବିଦ୍ୱେଷ ବିରୁଦ୍ଧରେ ସ୍ୱର ଟେକି । ସେଇଦିନଠାରୁ ଗୋଟିଏ ସ୍ୱତନ୍ତ୍ର ବାଂଲା ଦେଶର ଧାରଣା ଜନ୍ମ ନେଇଥିଲା ସେଠାରେ ।

ଅନେକ ରକ୍ତପାତ ପରେ ବାଂଲା ଦେଶ ହେଲା ୧୯୭୧ରେ । ବଙ୍ଗଳା ଆଜି ଜାତିସଂଘର ସ୍ୱୀକୃତ ଭାଷା କାରଣ ତାହା ଗୋଟିଏ ସ୍ୱାଧୀନ ରାଷ୍ଟ୍ରର ଅର୍ଥାତ୍ ବାଂଲା ଦେଶର ଭାଷା ।

ବାଂଲାଦେଶରେ ଏଇ ୨୧ ଫେବୃଆରୀକୁ 'ଅମର ଏକୁଶେ' ହିସାବରେ ଏକ ଭାଷା ଦିବସ ହିସାବରେ ପାଳନ କରା ହୋଇ ଆସୁଛି । କିଂତୁ ଏଇ ଦିନକୁ ୧୭ ନଭେମ୍ବର ୧୯୯୯ରେ ମିଳିତ ଜାତିସଂଘର ୩୦ତମ ଅଧିବେଶନରେ ୨୮ଟି ସଦସ୍ୟ ଦେଶର ସମର୍ଥନରେ 'ଆନ୍ତର୍ଜାତିକ ମାତୃଭାଷା ଦିବସ' ହିସାବରେ ସ୍ୱୀକୃତି ଦିଆଯାଇଛି । ତାହାପରଠାରୁ ୨୦୦୦ ମସିହାରୁ ଏଇଦିନଟି

ଆଉ ବାଂଲାଦେଶର ଏକଚାଟିଆ ଅଧିକାରରେ ନାହିଁ । ଦିନଟି ଆମ ସମସ୍ତଙ୍କର ଗୋଟିଏ ପ୍ରିୟ ଦିନ । ପ୍ରାୟତଃ ବିଶ୍ୱର ୧୮୮ଟି ଦେଶର ଏହା ଏବେ ପାଳିତ ହେଉଛି । ଏପରିକି ପାକିସ୍ଥାନରେ ବି । ଯେଉଁ ପାକିସ୍ଥାନୀ ଶାସକ ଗୋଷ୍ଠୀର ଷଡଯନ୍ତ୍ର ଯୋଗୁ ଦିନେ ଜନ୍ମ ନେଇଥିଲା ମହାନ ଏକୋଇଶ ଫେବୃଆରୀ ସେଠାରେ ଏଇ ମାତୃଭାଷା ଦିବସଟି ସେମିତି ନହେଲେବି ଧୁମଧାମ୍‌ରେ ପାଳନ ହୁଏ । କରାଚୀ, ଇସଲାମାବାଦ ପ୍ରଭୃତି ସହରରେ ସାହିତ୍ୟ ଉତ୍ସବ ହୁଏ ଆଲୋଚନା ଚକ୍ରମାନ ହୁଏ ।

ଏତିକି ପଢ଼ିସାରିବା ପରେ ଏଇଠେ ବସି ଆମେ ଆଜି କ'ଣ ଭାବିବା ?

ତରୁଣମାନଙ୍କ ଭିତରେ ଭାଷା ପାଇଁ ଉନ୍ମାଦନା ଆସିଲେ ସେମାନେ ଯେ କୌଣସି ଚରମ ତ୍ୟାଗ ପାଇଁ ପ୍ରସ୍ତୁତ ହୋଇ ଲଢ଼ି ପାରିବେ । ଆଉ କେହି ନୁହଁ । ସେମାନେ ଉଚ୍ଚ କଣ୍ଠରେ ହିଁ କହିପାରନ୍ତି, ଭାଷା ଆମର ଅଧିକାର ଆଉ ଆମର ଦାୟିତ୍ୱ ବି । ଏହା ଆଜି ମାତୃଭାଷା ଦିବସରେ ପ୍ରଥମ ଓ ଗୁରୁତ୍ୱପୂର୍ଣ୍ଣ ଉପଲବ୍ଧି ।

ଆଉ ବାକି ଆମେ ଯେଉଁମାନେ ଏହାପରେ ରହିଲୁ ସେମାନଙ୍କର ହଲିଲା ପାଣିକୁ ଗୋଡ ବଢାଇବା କିସ ଦରକାର ? ଯଦି ଆମ ଭିତରୁ କିଏ ଲେଖକ ତେବେ ତାହାର ଅମରତ୍ୱଟିଏ ଆଗ ଲୋଡା ପଡିବ । ଅମରତ୍ୱ କହିଲେ ଓଡିଆ ସାହିତ୍ୟର ପାଠ୍ୟକ୍ରମରେ ରହିଗଲେ ହେଲା । ଆମେ ସମସ୍ତେ ତ ପ୍ରତ୍ୟେକ ନିଜକୁ ସର୍ବୋତ୍ତମ ପାଠ୍ୟ ବୋଲି ଏକ ମାନକ ଆପେ ପ୍ରସ୍ତୁତ କରି ନିଜକୁ କେବଳ ସେହି ଭଳି ଯୋଗ୍ୟତାରେ ରଖିବାରେ ଭାରି ସୁଖି ପାଉ । ବାକି ଅନ୍ୟ ସବୁ କଥାକୁ ଆଖିରେ ଅନ୍ଧପୁଟୁଳୀ ବାନ୍ଧି ବସିଥାଉ । ଚୁପଚାପ୍ କ'ଣ ବସିଥାଉ କି ? ନା ନା । ଆମେ ଠିକ୍ କାନ ଡେରି ଥାଉ ବାହାରେ ଥିବା ସଂଜୟଆଡକୁ । ସଂଜୟ କ'ଣ କହୁଛି ? ଆମ ସଂପର୍କରେ କିଛି ବିରୂପ ଖବର ଆସୁନି ତ କେଉଁଠୁ ?

ଏମିତିରେ ଆମେ ଯଦି ସାହିତ୍ୟ କଲୁ ତେବେ ଆମର ଆଗ ଲୋଡା ପଡିବ ସଂଜୟ । ସଂଜୟର ମାର୍ଫତ ରେ ହିଁ ଆମର ସମସ୍ତ ଛାୟା ଯୁଦ୍ଧର ସିକ୍ୱାର । ଆଉ ଗୋଟିଏ କଥା ଆମେ ଅମର ଏକୋଇଶରୁ ଶିଖିଲୁ ତାହା ହେଉଛି ଭାଷାଟି ଯେ କୌଣସି ଧାର୍ମିକ ବିଭିନ୍ନତାରୁ ଉର୍ଦ୍ଧ୍ୱରେ । ତାହା ଆଜି ଦିବସର ଦ୍ୱିତୀୟ ଗୁରୁତ୍ୱପୂର୍ଣ୍ଣ ଉପଲବ୍ଧି ।

ମାତୃଭାଷା ଦିବସରେ ଏଇ ଦୁଇଟି ଉପଲବ୍ଧି ଆମ ପାଇଁ ସେମିତି କିଛି କମ୍ କଥା ନୁହଁ ।

ଆମର କୃତବିଦ୍ୟମାନଙ୍କର ଗପ କବିତା ଉପନ୍ୟାସ ଆପଣ ମାନଙ୍କର ନିତ୍ୟ ସହଚର ହୋଇଥିବ । ସେମାନଙ୍କର ଭାଷାଭାବନା ଉପରେ ଆପଣମାନେ ହୁଏତ ଜାଣିଥାଇ ପାରନ୍ତି ମାତ୍ର ମୋ ଧାରଣାରେ ଆମର ଏଠିକାର କୃତବିଦ୍ୟ ସାରସ୍ୱତ ସାଧକ ମାନଙ୍କର ଭାଷାଭାବନା ବୋଲି ସେମିତି କିଛି ନାହିଁ । ବନାନ, ତ୍ରୁଟି ସଂଶୋଧନ ଏବଂ ଆତ୍ମମୁଗ୍ଧତାକୁ ଉପସ୍ଥିତ ଲେଖକ ଭାଷାଭାବନାର ଗୁରୁତ୍ୱପୂର୍ଣ୍ଣ ଅଂଗ ବୋଲି ମନେ କରେ ନାହିଁ । ଉପସ୍ଥିତ ଲେଖକ ପାଇଁ ଭାଷା ଭାବନା ହେଉଛି ମାତୃଭାଷାର ବ୍ୟବହାର, ମାତୃଭାଷାର ସଂପ୍ରେଷଣକ୍ଷମତା, ମାତୃଭାଷାରେ ଯଥେଷ୍ଟ ଜ୍ଞାନପାଠ ବା ନଲେଜ-ଟେକ୍ସଟର ନିର୍ମାଣ ଓ ସେହି ସଂପର୍କିତ ବିସ୍ତୃତ ଓ ନିୟମିତ ଚର୍ଚ୍ଚା ।

ଅମର ଏକୋଇଶ ପାଳନ ଅବସରରେ ଥରେ ବାଂଲା ଦେଶର ଗୋଟିଏ ଚାନେଲ୍ କିଛି ଲୋକଙ୍କୁ ପଚାରିଥିଲେ, ବାଂଲା ଭାଷାରେ ଆପଣଙ୍କର ସବୁଠାରୁ ପ୍ରିୟ ଶବ୍ଦର କଥା କହିଲେ କେଉଁ ଶବ୍ଦଟି ମନକୁ ଆସୁଛି ?

ସବୁଠାରୁ ବେଶି ଯେଉଁ ଉତ୍ତର ଟି ଥିଲା ତାହା ହେଉଛି, ମା । ପ୍ରତି ଦୁଇ ସପ୍ତାହରେ ପୃଥିବୀରୁ ଗୋଟିଏ ଭାଷା ମରେ । ପ୍ରତି ଭାଷା ମରିବା ସହିତ ପୃଥିବୀଟି ଅଧିକରୁ ଅଧିକ ସଂକୁଚିତ ହୋଇଯାଏ । ସଂକୁଚିତ ଏଇଥିପାଇଁ ହୁଏ କାରଣ ଆମେ ଯେତେ ଅଧିକ ଭାଷାରେ ପୃଥିବୀକୁ ଡାକିବୁ ପୃଥିବୀର ସେତିକି ଶବ୍ଦ-ଧ୍ୱନୀ-ଭିତ୍ତିକ ବ୍ୟାପ୍ତି ରୂପ ରହିବ ।

ଓନା-ଭାରତୀୟ ବୋଲି ଗୋଟିଏ ସଂପ୍ରଦାୟର ଶେଷ ପ୍ରତିନିଧି ଥିଲା ଆଂଜେଲା ଲୋଇଜ୍ । ଆଂଜେଲା ସେଇ ସଂପ୍ରଦାୟଙ୍କ ଭାଷା କହିବାରେ ଶେଷ ଓ ଏକମାତ୍ର ମହିଳା । ସେ ଯାହା କହୁଥିଲା ତାହା କେବଳ ନିଜେ ବୁଝୁଥିଲା । ୧୯୭୪ରେ ସେ ପ୍ରାଣତ୍ୟାଗ କଲା ।

ଓନା-ଭାରତୀୟମାନେ ଅନେକ ଦେବତାଙ୍କୁ ପୂଜା କରୁଥିଲେ । ସେମାନଙ୍କର ମଧ୍ୟରେ ଶ୍ରେଷ୍ଠ ଦେବତା ଥିଲେ, ପେମାଲକ୍ ।

ପେମାଲକ୍‌ର ଅର୍ଥ ହେଉଛି; 'ଶବ୍ଦ' ।

ଏବେ ଅବଦୁର ଗ'ର ଚୌଧୁରୀଙ୍କର ସେହି କରୁଣ ଅମର ଏକୋଇଶ ଗୀତଟିର ଏକ ଅନୁସୃଜନ ଆପଣମାନଙ୍କ ସାମ୍ନାରେ ରଖୁଛି :

ଏକୋଇଶର ଗୀତ

ଆମର ଭାଇର ରକତରେ ମଖା ଏକୋଇଶି ଫେବ୍ରୁଆରୀ
ଆମେ କି ପାରିବୁ ଭୁଲି
ପୁତ୍ରହରା ଶତ ମାତାର ଲୁହରେ ଗଢା ଯେଉଁ ଫେବ୍ରୁଆରୀ
ଆମେ କି ପାରିବୁ ଭୁଲି ।
ଜାଗଲୋ ନାଗୁଣୀ ଜାଗଲୋ ନାଗୁଣୀ ଜାଗ କାଳ ବଇଶାଖୀ
ଶିଶୁ ହତ୍ୟାର ବିକ୍ଷୋଭେ ଆଜି ବସୁନ୍ଧରା
ଯାଉ କମ୍ପି
ଦେଶ ସୁନା ଶିଶୁ ଖୁନ କରି ରୋକୁ ମଣିଷର ସବୁ ଦାବୀ
ଦିନ ବଦଳର କ୍ରାନ୍ତି ଲଗ୍ନରେ ଭାବୁ ହୋଇ
ଯିବୁ ପାରି ?
ନାଇ ନାଇ ନାଇ ରକ୍ତ ରଞ୍ଜିତ ଇତିହାସେ
ରାୟ ତାହାରି
ଏକୋଇଶି ଫେବ୍ରୁଆରୀ ଏକୋଇଶି ଫେବ୍ରୁଆରୀ ।
ସେଦିନ ଏପରି ନୀଳ ଗଗନର ବସନେ ଶୀତର ଶେଷେ
ରାତି ଜଗା ଚାନ୍ଦ ଚୁମା ଦେଇଥିଲା ହସି
ପଥେ ପଥେ ଫୁଟେ ରଜନୀଗନ୍ଧା ଅଳକାନନ୍ଦା
ଯେତେ
ଏପରି ସମୟେ ଝଡ ଆସିଥିଲା ପାଗଳ ପରାୟେ ସତେ ।
ସେଇ ଅନ୍ଧାରରେ ପଶୁଙ୍କର ମୁହଁ ଚିହ୍ନା,
ମାଆ ଭଉଣୀ ଓ ଭାଇର ଚରମ ଘୃଣା
ଏମାନେ ଫୁଟାଇ ଗୁଳି ଦେଶ ପ୍ରାଣେ
ଦେଶର ଦାବୀକୁ ରୋକେ,
ଏମାନଙ୍କର ଘୃଣ୍ୟ ପଦାଘାତ ଏଇ ସାରା ଦେଶ ବୁକେ,
ଏ ଦେଶର ଇଏ ନୁହଁ
ଦେଶର ଭାଗ୍ୟ ମଣିଷର ଅନ୍ନ, ବାସ ଓ ଶାନ୍ତି
ଦେଇଅଛି ବିକ୍ରି କରି,
ଏକୋଇଶି ଫେବ୍ରୁଆରୀ, ଏକୋଇଶି ଫେବ୍ରୁଆରୀ ।
ତମେ ଆଜି ଜାଗ ତମେ ଆଜି ଜାଗ ଏକୋଇଶି ଫେବ୍ରୁଆରୀ
ଆଜି ଲୁଣ୍ଠନର କାରାଗାରେ ମରେ
ବୀର ପୁଅ ବୀର ନାରୀ
ଶହୀଦ ଆମ ସେ ଭାଇର ଆତ୍ମା ଡାକେ
ଜାଗ ମଣିଷର ସୁପ୍ତ ଶକ୍ତି ହାଟେ ଆଉ ବାଟେ ଘାଟେ
ବଡ ନିଦାରୁଣ କ୍ରୋଧର ନିଆଁରେ
ପୁଣି ଜାଳିଦେବୁ ଫେବ୍ରୁଆରୀ
ଏକୋଇଶି ଫେବ୍ରୁଆରୀ, ଏକୋଇଶି ଫେବ୍ରୁଆରୀ ।

ଶେଷରେ କହିବାକୁ ଚାହିଁବି ଭାଷା ଭାବର ବାହକ ହୋଇଥିବା କାରଣରୁ ଆମେ ମଣିଷ ହିସାବରେ ଯଦି ଏଇ ପୃଥିବୀରେ ରହିଛୁ ତାହା କେବଳ ଆମର ଭାଷା ଯୋଗୁ ହିଁ ସମ୍ଭବପର । ତେଣୁ ଏଇ ଭାଷାକୁ ନେଇ ପର ଅପର ବୋଲି କିଛି ନାହିଁ । ମୁଁ ମୋ ମାତୃଭାଷା ଓଡିଆକୁ ଯଦି ପ୍ରକୃତ ଭଲ ପାଏ ଯାହା ମୋତେ ଅସଲ ମଣିଷ ହିସାବରେ ଚିହ୍ନଟ କରେ ସେତେବେଳେ ମୁଁ ମୋ ଚାରିପଟେ ଅମଣିଷଙ୍କର ଉପସ୍ଥିତି ଆଦୌ ଚାହିଁବି ନାହିଁ । ମୁଁ ନଜାଣିଥିବା ଭାଷାମାନେ ବି ସେହିଭଳି ନିରନ୍ତର ସମାନ୍ତରାଳ ଭାବରେ ମଣିଷ-ନିର୍ମାଣରେ ରତ ରହିଛନ୍ତି । ତେଣୁ ସେଇ ଭାଷାମାନେ ବି ମୋର ସମାନ ପ୍ରିୟ ।

ଏକଥା କହିବା ବାହୁଲ୍ୟ ଏକୋଇଶି ଫେବ୍ରୁଆରୀ ଯାହାର ରକ୍ତରେ ରଞ୍ଜିତ ହୋଇଥିଲା ସେ ବି ମୋର ଭାଇ । ମଣିଷର ସ୍ୱାଭିମାନ ପାଇଁ ତାହାର ସେହି ବଳିଦାନ କଥା ମୋ ହୃଦୟରେ ବି ସଂରକ୍ଷିତ ଅଛି । ଗଭୀର ଭାବରେ ଅଛି ।

ମୁଁ ଶ୍ରେଷ୍ଠ ଆଉ ମୋ ଭାଷା ଶ୍ରେଷ୍ଠ ବୋଲି ନିଜ ଚାରିପଟେ ୦ କରି ମୁଣ୍ଡୁଳି ବୁଲାଇ ଯେଉଁମାନେ ମେଘନାଦ ପାଚେରୀ ତୋଳିବା ଫିକରରେ ରହିଛନ୍ତି, ଉପସ୍ଥିତ ଲେଖକ ସେମାନଙ୍କୁ ଅସ୍ୱୀକାର କରେ । ମଣିଷ ପରି ବଂଚିବାକୁ ହେଲେ ସବୁବେଳେ ମୁକ୍ତ ଆଉ ଦମକାଏ ସତେଜ ବତାସ ତାହାର ଲୋଡା ।

ISSN -2583-147X(P), **Vol.- 8, Issue No.XI, February 2023**
Bastabatara Pariprakash Prachee
Peer Reviewed and Referred Research Journal

ଓଡ଼ିଆ ଭାଷାର ଅସ୍ମିତା : ଶିଳାଲେଖ

ଡ. ନଗେନ କୁମାର ଦାସ

୧.୦ ଗୋଟିଏ ଭାଷା ବଳିଷ୍ଠ ହୁଏ, ଯେତେବେଳେ ସେହି ଭାଷାର ଗଦ୍ୟ ରୂପ ବିକଶିତ ହୋଇ ଏକ ପୂର୍ଣ୍ଣାଙ୍ଗ ରୂପ ନେଇଥାଏ । ଅର୍ଥାତ ଜ୍ଞାନ ଚର୍ଚ୍ଚାର ସକଳ କ୍ଷେତ୍ରରେ ଅଂଶୀଭୂତ ହୋଇ ଗୋଟିଏ ଜାତିର ପରିଚିତିକୁ ପ୍ରକଟ କରାଇବାରେ ଦକ୍ଷତା ଅର୍ଜନ କରିଥାଏ । ଶତାବ୍ଦୀ ଶତାବ୍ଦୀ ଧରି, ଗୋଟିଏ ଭାଷା ତାର ଉନ୍ମେଷ ଓ ଉତ୍ତରଣ କ୍ଷେତ୍ରରେ ବିବିଧ ସୋପାନ ଅତିକ୍ରମୀ ନିଜର ଗଦ୍ୟ ରୂପଟିକୁ ବିକଶିତ କରିଥାଏ । ଓଡ଼ିଆ ଭାଷା କ୍ଷେତ୍ରରେ ମଧ୍ୟ ଅନୁରୂପ ଦୃଷ୍ଟାନ୍ତ ଆମେ ପାଇଥାଉ । ଓଡ଼ିଆ ଭାଷାର ଶବ୍ଦ ଓ ବାକ୍ୟ ରୂପ କିପରି ଆଦି ଅବସ୍ଥାରେ ଥିଲା ତାର ନମୁନା ଶିଳାଲେଖ ବା ଅଭିଲେଖର ଅଧ୍ୟୟନକୁ ଜଣାପଡେ । ଓଡ଼ିଶାରେ ଖୋଦିତ ଶିଳାଲେଖ ବା ଅଭିଲେଖରେ ଓଡ଼ିଆ ଭାଷା ସଂପର୍କିତ ଅବବୋଧ ଓ ଅସ୍ମିତା ନିର୍ମାଣରେ ସହାୟକ ହୋଇଛି ।

୧.୧ ପ୍ରତ୍ନ ଓଡ଼ିଆ ଭାଷାର ନିଦର୍ଶନ ରୂପେ ଆମେ ଯେଉଁ ବିଭାଗଗୁଡ଼ିକୁ ଗ୍ରହଣ କରିଥାଉ, ସେଗୁଡ଼ିକ ମଧ୍ୟରୁ ଶିଳାଲେଖ ଅନ୍ୟତମ । ପ୍ରାଚୀନ ଓଡ଼ିଆ ଗଦ୍ୟର ଆଦିରୂପ ଆମେ ତାମ୍ରପତ୍ର/ଫଳକ, ମନ୍ଦିର ଗାତ୍ରରେ ଖୋଦିତ ଲେଖ, ମାଦଳା ପାଞ୍ଜି, ସିଷୁବେଦ, ସାରଳା ମହାଭାରତ ପ୍ରଭୃତିରେ ଦେଖିବାକୁ ପାଇଥାଉ । ତେବେ ଏକାଦଶ ଶତାବ୍ଦୀରୁ ୧୪ଶ ଶତାବ୍ଦୀ ମଧ୍ୟରେ ଓଡ଼ିଆ ଭାଷାର ପଦ୍ୟରୂପ ଆମ ନିକଟରେ ଉପଲବ୍ଧ । ତେବେ ଏହି ସମୟ ଥିଲା ଓଡିଆ ଗଦ୍ୟର ଶୈଶବ ଅବସ୍ଥା । ଗଦ୍ୟର ଶୈଶବକାଳୀନ ଅବସ୍ଥାରେ ଅଦ୍ୟାବଧି ଯେତେଗୁଡ଼ିଏ ଅଭିଲେଖ ଆବିଷ୍କୃତ ହୋଇଛି ସେମାନଙ୍କ ମଧ୍ୟରୁ ଉରଜାମ ଶିଳାଲେଖଟିରେ ଓଡ଼ିଆ ଭାଷାର ଆଦ୍ୟ ନିଦର୍ଶନ ରହିଛି ବୋଲି ବିଶିଷ୍ଟ ଭାଷାବିତ ଡ. କୁଞ୍ଜବିହାରୀ ତ୍ରିପାଠୀ ମତପୋଷଣ କରିଛନ୍ତି । ଉରଜାମ ଶିଳାଲେଖ (୧୦୫୧ ଖ୍ରୀ.) ବ୍ୟତୀତ ଭୁବନେଶ୍ୱର ଦ୍ୱୈଭାଷିକ ଶିଳାଲିପି (୧୩ଶ ଶତାବ୍ଦୀ), କୋଣାର୍କ ଶିଳାଲିପି (୧୪ଶ ଶତାବ୍ଦୀ) ଗୋବିନ୍ଦପୁର ଶିଳାଲେଖ, ସିଦ୍ଧେଶ୍ୱର ଶିଳାଲେଖ (୧୩୯୪ ଖ୍ରୀ), ଲିଙ୍ଗରାଜ ମନ୍ଦିର ଶିଳାଲେଖ (୧୪୩୬ ଖ୍ରୀ), ଜୟ ବିଜୟ ଶିଳାଲେଖ (୧୪୯୭ଖ୍ରୀ) ପ୍ରଭୃତି ଅଭିଲେଖମାନଙ୍କରେ ଓଡ଼ିଆ ଭାଷାର ଉପସ୍ଥିତି ଲକ୍ଷ୍ୟ କରିପାରିବା ।

ଓଡ଼ିଆ ଭାଷା ତଥା ଲିପିର କ୍ରମବିକାଶରେ ଉପରୋକ୍ତ ଶିଳାଲେଖଗୁଡ଼ିକର ଅବଦାନ ଉଲ୍ଲେଖନୀୟ । ଶବ୍ଦ ପ୍ରୟୋଗ, ବାକ୍ୟ ଗଠନ ରୀତି ସହିତ ବ୍ୟବହାରିକ ବ୍ୟାକରଣର ଶଂକୁ ଏଥିରେ ଆମେ ଦେଖିବାକୁ ପାଇବା । ଉଭୟ ସାହିତ୍ୟିକ ମୂଲ୍ୟ ଓ ଭାଷାତାତ୍ତ୍ୱିକ ମୂଲ୍ୟ ରହିଥିବାରୁ ପ୍ରତ୍ନ ଓଡ଼ିଆ ଭାଷାର ସ୍ୱରୂପ ତଥା ସୌନ୍ଦର୍ଯ୍ୟ ଏହି ଶିଳାଲିପିମାନଙ୍କରେ ଉପଲବ୍ଧ । ଏତଦ୍‌ବ୍ୟତୀତ ଏଥିରେ ପ୍ରତିକିତ ଘଟନା ସମୂହ ତତ୍‌କାଳୀନ ଓଡିଶାର ଆର୍ଥ-ସାମାଜିକ ସ୍ଥିତି ଓ ସାଂସ୍କୃତିକ ବିଭବ ସଂପର୍କରେ ଆମେ ଅବଗତ ହୋଇଥାଉ । ଶିଳାଲେଖରେ ବର୍ଣ୍ଣିତ ଘଟଣା କେବଳ ତତ୍‌କାଳୀନ ରାଜନୈତିକ ବିଷୟଭୂମିକୁ ଦର୍ଶାଇନଥାଏ, ପରନ୍ତୁ ଭୌଗୋଳିକ ଅବସ୍ଥାନ ସଂପର୍କରେ ସୂଚନା ପ୍ରଦାନ କରିଥାଏ । ଏସବୁ ସତ୍ତ୍ୱେ ତତ୍‌କାଳୀନ ଓଡ଼ିଶାରେ କେଉଁସବୁ ଭାଷାର ପ୍ରଚଳନ ଥିଲା ତାର ନିଦର୍ଶନ ଆମେ ଶିଳାଲେଖରେ ବ୍ୟବହୃତ ଶବ୍ଦାବଳୀରୁ ପାଇଥାଉ । ଏହି ସବୁ ଦିଗଗୁଡିକୁ ବିଷୟ କରିବାକୁ ହେଲେ କେତେଗୁଡ଼ିଏ ଶିଳାଲେଖର ପାଠଗୁଡିକୁ ଆଲୋଚନା କରାଯାଇପାରେ ।

ଶାସ୍ତ୍ରୀୟ ଭାଷା ନିମନ୍ତେ ଯେଉଁ କେତେଗୁଡିଏ ମୌଳିକ ବୈଶିଷ୍ଟ୍ୟ ପୂର୍ଣ୍ଣ ବିନ୍ଦୁ ରହିଛି, ତାର ପରିପୂର୍ତ୍ତି ଓଡ଼ିଆ ଭାଷାରେ ଘଟିଛି । ଓଡ଼ିଆ ଭାଷା ସଂସ୍କୃତିରୁ ଉଦ୍ଭବ ନୁହେଁ, ପରନ୍ତୁ ପ୍ରାକୃତ, ଅଷ୍ଟ୍ରିକ ଓ ଦ୍ରାବିଡର ଖୁବ୍ ନିକଟବର୍ତ୍ତୀ । ସେହି ଦୃଷ୍ଟିରୁ ଖ୍ରୀ.ପୂ. ତୃତୀୟ ଶତାବ୍ଦୀରେ ଅଶୋକଙ୍କ ଶିଳାଲେଖ

(ଯଦିଓ ଏହା ପାଲିରେ ଲିଖିତ) ଠାରୁ ଖାରବେଳଙ୍କ ଶିଳାଲେଖ ମଧ୍ୟରେ ଓଡ଼ିଆର ପ୍ରାଚୀନ ରୂପ ବୈଭବ ଦେଖିବାକୁ ମିଳିଥାଏ । 'ଲଳିତ ବିସ୍ତର' ଗ୍ରନ୍ଥରେ ବୁଦ୍ଧ ଦେବ ୬୪ ପ୍ରକାର ଭାଷା ଜାଣିଥିବାର ଉଲ୍ଲେଖ ରହିଛି । ଏହି ୬୪ ପ୍ରକାର ଭାଷାରୁ ଉଗ୍ର ଲିପିର ନାମ ରହିଛି । ଏତଦବ୍ୟତୀତ 'ନନ୍ଦୀସୂତ୍ର' ଜୈନ ଗ୍ରନ୍ଥରେ 'ଉଡ୍ରୀ' ଲିପିର ଉଲ୍ଲେଖ ରହିଛି । ସେହି ଦୃଷ୍ଟିରୁ ଅଶୋକ ଏବଂ ଖାରବେଳଙ୍କ ଦୁଇଟି ଶିଳାଲେଖ ଏଠାରେ ଆଲୋଚନା କରାଯିବାର ଯଥାର୍ଥତା ରହିଛି ବୋଲି ମନେକରିବାକୁ ହେବ ।

୧୩ଶ ଅନୁଶାସନ : କଳିଙ୍ଗ ଯୁଦ୍ଧବର୍ଣ୍ଣନା (ପାଠ)

ଅଠବଷାଭିସିତଷ ଦେବାନଂ ପିୟଷ ପ୍ରିୟଦଷିନେ ଲାଜିନେ କଲିଗ୍ୟେ ବିଜିତ ।

ଦିୟତମାତେ ପାନ ଶତ ସହଶେ ଯେତଝା ଅପବୁଢେ ଶାତ ଷହଷ ମାତେ ତତ ହତେ ବହୁତା ବଂତକେବା ମଟେ । ତତ ପଛା ଅଧୁନା ଲଧେଷୁ କଲିଗ୍ୟେଷୁ ତିବେ ଧଂମବାୟେ ଧଂମକାମତା ଧଂମାନୁଷଥି ଋ ଦେବାନାଂ ପିୟଷା । ଷେ ଅଥି ଅନଷୟେ ଦେବାନଂ ପିୟଷା ବିଜିନିତୁ କଲିଗ୍ୟାନି । ଅବିଜିତ ହି ବିଜିତ ମତୋ ଏତତା ବଧଂ ବା ମଳେନ ବା ଅପବହେ ବା ଜନଷା । ଷେବାତ ବେଦ ବିୟ ମୁଂ ତେ ଗୁଲୁମୂତେ ଋ ଦେବାନାଂ ପିୟଷା ସବତ ବଷତି ବଭନାଷ ବା ଅନେ ବା ପାଶଂଡା ଗହିଥା ବା ଯେଶୁ ବିହିତା ଏକ ଅଗଭୁତ ଷୁଷୁସା ମତାପିତି ଷୁଷୁଷା, ଗୁଲୁଷୁଷା ।

ମିତଷଂଥୁ ତଷହାୟନାତି କେଷୁ ଦାଶଭତକ ଷିଷମା ପଟି ପତି ଦିଢଭତିତା ।

ତେଷଂ ତତା ହୋତି ଉପଘାତେ ବା ବଧେ ଅଭିଲଷନଂ ବା ବିନିଖମନେ ଯେଷଂ ତାପିଷଂ ବିହିତାନଂ ଷିନେହେ ଅବିପହିନେ ଏତାନଂ ମିତ ଷଂଥୁତଷ ହାୟନାତି ମଧା ବିୟଷନେ ପାପୁନାତି ।

ତତଷେପି ତାନମେଇ ଉପଧାତେ ହୋତି ।

ପଟି ଭାଗେ ଋ ଏଷ ଷବ ମନୁ(ଷା) ନଂ ଗୁଲୁମତେ ବା ଦେବା ନାଂ ପିୟଷା ନଥିଋଷେ ଜନପଦେ ଯତା ନଥି ଇମେ ନିକାୟା ଆନଂତା ଯେନେଷ ବଂଭାନେ ଋ ଷମନେ ଋ ନଥିଋ କୁ ବାପି ଜନପଦଷି ଯତାନଥି ମନୁଷାନଂ ଏକ ତଲଷିପି ପାଷାଡଷି ନୋ ନାମ ପାଷାଦେ ।

x x x x x

ପାଲିଭାଷାରେ ରଚିତ : ଏହି ଅନୁଶାସନରେ ବ୍ୟବହୃତ କେତୋଟି ଶବ୍ଦର ଓଡ଼ିଆ ପ୍ରତିଶବ୍ଦ ନିମ୍ନରେ ଦର୍ଶାଯାଇପାରେ ।

ପାଲୀ	ସଂସ୍କୃତ	ଓଡିଆ
ଆଠ	ଅଷ୍ଟ	ଆଠ
ବର୍ଷା	ବର୍ଷାଃ	ବର୍ଷ
ଅଭିସିତ	ଅଭିଷିକ୍ତ	ଅଭିଷିକ୍ତ
ଦେବାନଂ	ଦେବାନାଂ	ଦେବମାନଙ୍କର
ପିୟସ	ପ୍ରିୟସ୍ୟ	ପ୍ରିୟଙ୍କ
ପ୍ରିୟଦର୍ଶନେ	ପ୍ରିୟଦର୍ଶିନଃ	ପ୍ରିୟଦର୍ଶୀ
ରାଜିନେ	ରାଜ୍ଞେ	ରାଜା
କଳିଂଗ୍ୟେ	କଳିଙ୍ଗାଃ	କଳିଙ୍ଗ
ମଲନେ	ମରଣେ	ମରଣେ
ଅନେ	ଅନ୍ୟେ	ଅନ୍ୟ
ପାଶାଂଡ	ପାଷାଣ୍ଡାଃ	ପାଷାଣ୍ଡ
ଗୁଲୁ	ଗୁରୁ	ଗୁରୁ
ଷହଷ	ସହସ୍ର	ସହସ୍ର
ମଟ	ମୃତ	ମୃତ
ଭାଗେ	ଭାଗୋ	ଭାଗେ
ଷିନେହେ	ସ୍ନେହ	ସେନେହ, ସ୍ନେହ
ଅଜ	ଅଦ୍ୟ	ଆଜି/ଆଜ

ଅଶୋକଙ୍କ କଳିଙ୍ଗ ଅନୁଶାସନର ଅନ୍ୟ ଏକ ଦୃଷ୍ଟାନ୍ତ ନିଆଯାଇପାରେ ।

ପାଠ

ଦେବାନଂ ପିୟଷ ବଚନେନ ତୋ ସଲିୟଂ ମହାମାତା ନଗଲ ବିୟେ ହାଲଚକ ।

ବିତବିୟ ଅକିଂଛି ଦଖାମି ହକଂ ତଂ ଇଛାମି କିଂତି କଂମନ ପଟି ବେଦୟେ ହଂ

ଦୁବାଲତେ ଚ ଆଲଭେ ହଂ ଏସଚ ମେ ମୋଖ୍ୟ ମତ ଦବାଳେ ଏତସି ଅଥିସି ଅତୁଂ ଫେଂସୁ ଅନୁସଥି ତୁଫେଂହି ବହୁସୁ ପାନ ସହସେସୁ ଆୟତା ପନ (ୟଂ) ଗଛେମ ସୁମୁନି ସାନଂ ସବେ ମୁନିସେ ପଜାମମା.. । ପାଲି ଭାଷାର କେତେକ ଓଡ଼ିଆ ପ୍ରତିଶବ୍ଦ ଏଠାରେ ଆଲୋଚନାର ଅପେକ୍ଷା ରଖେ ।

ପାଲି	ସଂସ୍କୃତ	ଓଡିଆ
ନଗୟ	ନଗର	ନଗର (ନଗ୍ର)
ବତବୟ	ବକ୍ତବ୍ୟ	ବକ୍ତବ୍ୟ
ଦଖାନ	ପଶ୍ୟାମି	ଦେଖୁଛି
କିଛି	କଶ୍ଚିତ	କିଛି
ଇଚ୍ଛା	ଇଚ୍ଛା	ଇଚ୍ଛା
ମୁନିସ	ମନୁଷ୍ୟ	ମଣିଷ/ମନୁଷ୍ୟ
ମୋଖ	ମିଖ୍ୟ	ମୁଖ୍ୟ

ଅଶୋକଙ୍କ ଅନୁଶାସନର ଭାଷା ପାଲି । ଏହି ପାଲିଭାଷାର ସ୍ୱରୂପ ଅନ୍ୟନ୍ୟ ପ୍ରାକୃତ ଭାଷାର ଖୁବ୍ ନିକଟବର୍ତ୍ତୀ । ଧଉଳିଗିରି ଅନୁଶାସନରେ ଦୀର୍ଘଇ (ୀ) ସ୍ଥାନରେ ହ୍ରସ୍ୱଇ (ି), ଦୀର୍ଘ ଊ ସ୍ଥାନରେ (ୂ) ହ୍ରସ୍ୱ ଉ (ୁ) ଔକାର (ୌ) ସ୍ଥାନରେ (ୋ) ଓକାର ରହିଥିବା ସ୍ଥଳେ ବିସର୍ଗ (ଃ) ନାହିଁ । ତିନୋଟି ଶ, ଷ, ସ ବଦଳରେ କେବଳ 'ସ'ର ବ୍ୟବହାର ଦେଖିବାକୁ ମିଳେ । ଣ, ଙ, ଞ ର ବ୍ୟବହାର ନାହିଁ । ତେବେ ଯୁକ୍ତାକ୍ଷର ଯଥା କ୍ଷ, ଚ୍ଛ, ସ୍ଥ, ଙ୍କ, ସ୍ୱ, ଖ୍ୟ ର ବ୍ୟବହାର ଦେଖାଯାଏ । '୍ୟ' ଫଳାର ବ୍ୟବହାର ଲୋପ ।

ଯଥା ସତ-ସତ୍ୟ, ଅନେ-ଅନ୍ୟ, ହିଳନ-ହିରଣ୍ୟ, ପୁନା-ପୁଣ୍ୟ,

'ର' ଫଳାର ଲୋପ-ପଜା-ପ୍ରଜା, ମିଗେ-ମୃଗ, ପାନ-ପ୍ରାଣ, ପିୟ-ପ୍ରିୟ

'ର' ସ୍ଥାନରେ "ଲ'ର ବ୍ୟବହାର - ଲାଜା (ରାଜା)

ପୁଲେ (ପୁରା), ହାଲାପିତା (ହାରିତାନୀ), ଲୁପାନି (ରୁପାନି)

'ର୍' (ରେ')ର ବ୍ୟବହାର ନାହିଁ- ବସ(ବର୍ଷ), ପବତ(ପର୍ବତ)

'ତ' ସ୍ଥାନରେ 'ଟ'ର ବ୍ୟବହାର - ପିଟି (ପ୍ରତି), କଟା (କୃତା)

ଖାରବେଳଙ୍କ ଶିଳାଲିପି

ଖାରବେଳଙ୍କ ଶିଳାଲିପିର ଭାଷା କଳିଙ୍ଗପ୍ରାକୃତ । ଏହି କଳିଙ୍ଗ ପ୍ରାକୃତ ଖାରବେଳଙ୍କ ସମୟରେ ପାଲି ପ୍ରାକୃତ ତଥା ସୌରସେନୀ ପ୍ରାକୃତ ସହିତ ଦ୍ରାବିଡ ଭାଷା ତଥା ସଂସ୍କୃତ ଭାଷା ସଂସ୍ପର୍ଶରେ ଆଜି ଓଡ଼ିଆ ଭାଷା ନିଜସ୍ୱ ରୂପରେଖ ନେଇଥିବାର ପ୍ରମାଣ ଆମେ ଖାରବେଳଙ୍କ ଶିଳାଲିପିରୁ ପାଇଥାଉ । ତେଣୁ ପ୍ରଥମ ଓ ଦ୍ୱିତୀୟ ଖ୍ରୀଷ୍ଟାବ୍ଦରୁ ଓଡ଼ିଆ ଭାଷାର ଏକ ପୁଲକପ୍ରଦ ଅଭ୍ୟୁଦୟ ଘଟିଛି ।

ଖାରବେଳଙ୍କ ହାତୀ ଶିଳାଲେଖର ପାଠ

ନମୋ ଅରହଂତାନଂ ନମୋ ସବସିଧାନଂ ଏରେନ ମହାରାଜେନ ମହାମେଘବାହନେନ ଚେତବଂଶ ବଧନେନ ପସଥଶୁଭ ଲେଖନେନ ଚତୁରଂତ ଗୁଣ ଉପତେନ କଳିଙ୍ଗାଧିପତିନା ସିରି ଖାରବେଳେନ ।

ପଂଦରସ ବସାନି ସିରି କଡାର ସରୀରବତା କୀଡିତାକୁ ମାର କିଡିକୋ ତତୋ ଲେଖ ରୂପଗଣନା ବବହାର ବିଧି ବିସାରଦେନ ସବ ବିଜାବଜାତେନ ନବବସାନି ଯୋବରଜଂ ବସାସିତଂ ସଂପୂର୍ଣ୍ଣ ଚତୁବିସତି ବସୋ ସୋଦାନି ବଧମାନସେସ ଯୋବନା ଭିଜୟୋ ତତିୟେ ।

କଳିଙ୍ଗ ରାଜବଂସେ ପୁରିସ ଯୁଗେ ମହାରାଜ ଭିସେଚନଂ ପାପୁନାତି ଅଭିସିତୋ ମତୋ ଚ ପଧମେ ବାତବିହତ ଗୋପୁର ପାକାର ନିବେସନଂ ପଟିସଂଖାରୟତି କଳିଂଗ ନଗର ଗଭୀର ସୀତଳତଡାଗ ପାଡିୟା ଚ ବଂଧାପୟତି ସୁବୟାନ ପଟି ସଂଠାପନଂ ।

ଚ କାରୟତି ପନତିସାହି ସତ ସହସେହି ପକତିୟୋ ଚ ରଂଜୟତି ଦୁତୀୟେ ଚ ବସେ ଅଚିତୟିତା ସାତକଣିଂ ପଛିମ ଦିସଂ ହୟଗଜନରରଧ ବହୁଳଂ ଦଂଡଂ ପଠାପୟତି କଳଂଗାଗତୟା ଚ ସେନାୟ ବିତାସେତି ଅସକ ନଗରଂ ତତିୟେ ପୁନ ବସେ । ଗଂଧବ ବେଦବୁଧୋଦଂପ ନତଗୀତବାଦିତ ସଂଦସନାହି ଉସ୍ଵବ ସମାଜ ଚ କାରାପନାହି ଚ କୀଡାପୟତି ନଗରୀଂ ତଥା ଚବୁଥେ ବସେ ବିଜାଧରାଧିବାସଂ ଅରହତ ପୁରଂ କଳିଂଗ ପୁବରାଜାନଂ ଧମେନ ବା ନିତିନା ବା ପସାସୟତି ସଦାତ ଧୂମକୂଟେନ ଭୀତିତସିତେ ଚ ଲିଖିତ ଛତଭିଂଗାରେ । ହତରଚନ ସାପତେୟେ ସବରଠିକ ଭୋଜକେ ପାଦେ ବଂଦାୟତି

x x x

ଗୁଣବିସେସ କୁଶଳ ସବପାସଂଡପୂଜକୋ ସବଦେବାୟତନ ସଂକାରକାରକୋ ଅପତିହିତ ଚକବାହନ ବଳୋଚକଧରୋ ଗୁଣଚକୋ ପବତଚକୋ ରାଜସିବଂସକୁଳ ବିନିସିତୋ ମହାବିଜୟୋରାଜା ଖାରବେଳ ସିରି ।

ଉକ୍ତ ଶିଳାଲିପିରେ କଳିଙ୍ଗୀ ପ୍ରାକୃତ, ସଂସ୍କୃତି ତଥା ଓଡିଆ ଶବ୍ଦର ଏକ ତୁଳନାତ୍ମକ ଚିତ୍ର ଏଠାରେ ଦିଆଯାଇପାରେ,

କଳିଙ୍ଗୀ ପ୍ରକୃତ	ସଂସ୍କୃତ	ଓଡିଆ
ସବ	ସର୍ବ	ସବା/ସବୁ
ସିରି	ଶ୍ରୀ	ଶିରୀ/ଶ୍ରୀ
ଠାପନ	ସ୍ଥାପନ	ଥାପନ/ସ୍ଥାପନ

ପଂଦରସ	ପଞ୍ଚଦଶ	ପନ୍ଦର
ପଚ୍ଛିମ	ପଶ୍ଚିମ	ପଚ୍ଛିମ/ପଶ୍ଚିମ
ରତନ	ରତ୍ନ	ରତନ/ରତ୍ନ
ବାଟା	ବର୍ତ୍ମନଃ	ବାଟିଆ
ଅଠ	ଅଷ୍ଟ	ଆଠ
ଘର	ଗୃହ	ଘର
ଦହ	ହ୍ରଦ	ଦହା/ହ୍ରଦ
ଚକ	ଚକ୍ର	ଚକ
ପୁତ	ପୁତ୍ର	ପୁତ
ବଂସ	ବଂଶ	ବଂଶ
ସିରି	ଶ୍ରୀ	ଶ୍ରୀ
କୋଠା	କୋଷ୍ଠ	କୋଠା
ନତଗୀତ	ନୃତ୍ୟଗୀତ	ନୃତ୍ୟଗୀତ
ଥମ୍ଭ	ସ୍ତମ୍ଭ	ଖମ୍ବ
ଅଧ	ଅର୍ଦ୍ଧ	ଅଧା/ଅଧ
ତେରସ	ତ୍ରୟୋଦଶ	ତେର
ବାରସ	ଦ୍ୱାଦଶ	ବାର
ପଧମ	ପ୍ରଥମ	ପ୍ରଥମ
ପଧ	ପଥ	ପଥ
ରଧ	ରଥ	ରଥ
ହଥୀ	ହସ୍ତୀ	ହାତୀ

ଏହି ଶିଳାଲେଖରେ 'ଶ' ଏବଂ 'ଷ' ସ୍ଥାନରେ 'ସ'ର ବ୍ୟବହାର ପତୂଳ ରହିଛି ।

' ।' କାର 'ୂ' କାର ଐ କାର ଔକାରର ବ୍ୟବହାର ନାହିଁ ।

ବିବିଧ 'ଳାର ବ୍ୟବହାର ଦେଖାଯାଏନାହିଁ ।

ଯେପରି ପଧମ (ପ୍ରଥମ), ସିରି (ଶ୍ରୀ), ନତ (ନୃତ୍ୟ)

ଉରଜାମ ଶିଳାଲେଖ

ଏ ଅଦ୍ୟାବଧି ଆବିଷ୍କୃତ ଓଡିଆ ଖୋଦିତ ଶିଳାଲେଖ ମଧ୍ୟରୁ ଉରଜାମ ଶିଳାଲେଖଟି ହେଉଛି ସର୍ବ ପ୍ରାଚୀନ । ୧୦୫୧ ଖ୍ରୀ.ରେ ଦ୍ୱିତୀୟ ବଜ୍ରହସ୍ତ ଦେବଙ୍କ ଆଦେଶ କ୍ରମେ ଉକ୍ତ ଶିଳାଲିପିଟି ଖୋଦିତ ହୋଇଥିଲା । ଏହି ଅଭିଲେଖଟି ଆନ୍ଧ୍ର ପ୍ରଦେଶର ସିକାକୋଲ ତାଲୁକର ଉରଜାମ ଗ୍ରାମର ଧବଳେଶ୍ୱର ମନ୍ଦିର ସମ୍ମୁଖସ୍ଥ ଗୋଟିଏ ପ୍ରସ୍ତର ଗାତ୍ରରେ ଖୋଦିତ ହୋଇଛି । ଏହାର ଲିପି ନାଗରୀ ଏବଂ ବିକୃତ ସଂସ୍କୃତ ଭାଷା ଏଥିରେ ଦେଖିବାକୁ ମିଳିଥାଏ । ଏତଦ୍ୱ୍ୟତୀତ ଏଥିରେ ବ୍ୟବହୃତ ଶବ୍ଦ ହେଉଛି ଓଡ଼ିଆ ଏବଂ ତେଲଗୁ । ଏଥିରୁ ସ୍ପଷ୍ଟ ପ୍ରମାଣିତ ମିଳେ ଯେ ଓଡ଼ିଆ ଭାଷା ଏକାଦଶ ଶତାବ୍ଦୀବେଳକୁ ସଂପୂର୍ଣ୍ଣ ରୂପେ ଲୋକମୁଖରେ ବ୍ୟବହାର ଯୋଗ୍ୟ ହୋଇସାରିଥିଲା । କାରଣ ଏହା ପୂର୍ବରୁ ମାଧବ ବର୍ମାଙ୍କ ତାମ୍ରଶାସନ (୭ମ ଶତାବ୍ଦୀ), ଅନନ୍ତ ବର୍ମାଙ୍କର ଖୋର୍ଦ୍ଧା ତାମ୍ର ଶାସନ (୧୦ମ ଶତାବ୍ଦୀ) ରେ ବ୍ୟବହୃତ କୁମ୍ଭାର, ଭିତରୁ ଓ ପନ୍ଦର ପ୍ରଭୃତି ଶବ୍ଦର ପ୍ରୟୋଗ ଦେଖିବାକୁ ମିଳିଥାଏ ।

ଶିଳାଲେଖର ପାଠ

ସ୍ୱସ୍ତି ସମର ମୁ
ଖାନେ କରି ପୁଦର୍ପ
ମର୍ଦ୍ଦନ ଭୁଜବଳ ପରାକ୍ରମ
ଗଙ୍ଗାନ ବ୍ୟାବଲମ୍ବନ ସ୍ତମ୍ଭ
ଶ୍ରୀମଦ ଅନନ୍ତବର୍ମ୍ମ ଦେବ ବିଜ
ୟ ରାଜ୍ୟ ସମ୍ବସର ୧୫ତୁ
ଲା ମାସ ଶୁକ୍ଳ ପକ୍ଷଦିନ
ପଂମୀ ଶଣିବାରେଂ ଯୁରୁଜ ମେଲା
ଦୟ କରିଲା ପଟ ସ୍ଥିତି
ପଲାଖିସ ଯୁରୁଜମସ ଓକ୍‌କୁ ଭାଗ
ହୋଇନ୍ତ ମାଣିଚକୁ ବୋଝ୍ୟ ଥିଲାଇ
ଯୁରୁଜମେଳେଂ ଗଉପୋଲାଖି
ମେ ଲାଣ ଜ୍ୟ ଉବନ୍ତେ ନ ଲଭେ
ଉ ବହ୍ନିଲେଂ କାଳେଂ ରାଖକେ
ଣ ସହସ୍ର ସୁବର୍ଣ୍ଣଦଣ୍ଡ ପଦୋ
ଜ୍ୟ ଧିଲା ଅନତି ସାବୁରାୟି
ଚଉ ସନ୍ମୁଖେଂ ସରସ୍ୱତୀ
ବଲ୍ଲଭ ସିଲା ଲେଖିତଂ
ଶକାବ୍ଦ ୯୭୩ ।

ଏହି ଅଭିଲେଖରେ ବ୍ୟବହୃତ ଓଡ଼ିଆ ଶବ୍ଦଗୁଡ଼ିକ ହେଉଛି, ମେଲାଣ, ମାଣିଚ (ମଣିଷ), ଗଉ (ଗାଁ), ସନ୍ମୁଖେ (ସମ୍ମୁଖେ)ଦୟ କରିଲା (ଦାନ କଲା), ଧିଲା (ଦେଲା), ତିନ୍ନି (ତିନି) ଓକକୁ (ଏକ), ଶଣିବାରେଂ (ଶନିବାରେ) ଥିଲାଇ, (ଥିଲା) । ଏଥିରେ

ବ୍ୟବହୃତ ତତ୍ ସମ ଶବ୍ଦ ଯାହା ଏବେ ଓଡ଼ିଆ ଭାଷାରେ ବ୍ୟବହାର କରାଯାଉଛି ସେଗୁଡ଼ିକ ହେଲା, ସମର, ଦର୍ପ, ଭୁଜବଳ, ପରାକ୍ରମ, ଶ୍ରୀମଦ, ରାଜ୍ୟ, ମାସ, ଶୁକ୍ଲପକ୍ଷ, ଦିନ, ପଂମୀ, ସହସ୍ର ସୁବର୍ଣ୍ଣ ଦଣ୍ଡ, ସରସ୍ୱତୀ, ବଲ୍ଲଭ, ଶକାବ୍ଦ । ଯୁରୁଜ ଅର୍ଥାତ୍ ବର୍ତ୍ତମାନର ଉରଜାମ ଗ୍ରାମକୁ ସୂଚିତ କରିଥାଏ । ଏହି ଶିଳାଲେଖରେ 'କ୍ଷ' (ପକ୍ଷଦିନ) ଓଡ଼ିଆ ଅକ୍ଷରର ବ୍ୟବହାର କରାଯାଇଛି ।

ଭୁବନେଶ୍ୱର ଶିଳାଲିପି (ଦ୍ୱୈଭାଷିକ ଶିଳାଲେଖ)

କଲିକତା ମ୍ୟୁଜିୟମରେ ସୁରକ୍ଷିତ ଉକ୍ତ ଶିଳାଲିପିଟି ଭୁବନେଶ୍ୱରର କେଦାରଗୌରୀ ନିକଟବର୍ତ୍ତୀ ଏକ ଜମିରୁ ପ୍ରାପ୍ତ ହୋଇଥିଲା । ଏହାର ଗୋଟିଏ ପାର୍ଶ୍ୱ ପ୍ରତ୍ନ ଓଡିଆ ଲିପି ଏବଂ ଅନ୍ୟ ପାର୍ଶ୍ୱରେ ତାମିଲ ଲିପିରେ ଖୋଦିତ ହୋଇଥିବାରୁ ଏହାକୁ ଦ୍ୱୈଭାଷିକ ଶିଳାଲେଖ କୁହାଯାଏ । ତ୍ରୟୋଦଶ ଶତାବ୍ଦୀରେ ଦ୍ୱିତୀୟ ନରସିଂହ ଦେବଙ୍କ ଦ୍ୱାରା ଏହି ଦ୍ୱୈଭାଷିକ ଶିଳାଲେଖଟିର ୧୨୪୯ଖ୍ରୀ. ରେ ଖୋଦିତ ହୋଇଛି ।

ଶିଳାଲେଖର ପାଠ

ସ୍ୱସ୍ତି ଶ୍ରୀବୀର ନରନାର ସୀକାଂସଂ ଦେବ
ଶ ପ୍ରବ୍ରଧମାନେ ବୀଯେ ରାଜେ ସ
ମ୍ୱତ ୧୧ଶ୍ରାହି କାତ୍ରୀକ କ୍ରୀଷ୍ଣ ୭ ରବୀବା ।
ରେ ଶ୍ରୀ କୀତୀବାସ ଖେତ୍ରଂ ସୀଧେ
ସ୍ୱର ମଠର ବଡ ନରସୀଘଂ ଦେବ
ଙ୍କର ଆଶ କାମାର୍ଥ ପୂର୍ବିକେ ।
ବାଘମରା ବାରବାଟୀ ଭୂମି ସମ୍ଂ
ଧେ ତପରାଜ ମାହାମୁନୀ ଦୁଗ୍ଣା
ଭଟ ଆଚ୍ଯାଙ୍କେ ବଧା କଲା ଏ
ମାଢ ଶତ ଦେସ୍ୱ ୧୫୦ ଉତ୍ରେସ୍ୱ
ର ନାଏକଙ୍କର ରହ ଘେତଲା
ଏ ମାଢ ଦଓଧାନ୍ୟ-ପୈଟୀ ନ୍ରୀଃ
ସେକ ତପରାଜ ମାହାମୁନୀ ଏ ଦୂ
ଇ ଧାନ୍ୟ ସୂନା ଦୁଗ୍ଣାଭଟେ ଉତ୍ରେସ୍ୱ
ର ନାଏକଙ୍କେ ଦେଇ ଅଙ୍କ କଲା ଏ କଉଡି ଏ
ଧାନ୍ୟ ସୁନା ମୂଳକଳନ୍ତର କରନ୍ତେ ମାଢ
ଶତେକଅସୀ ୮୦ ତପରାଜ ମୁନୀ ସୀ
ବ ପାଫ୍ରେଂ ତପଚକ୍ରବତୀ ସ୍ଥାନାପତି ହୋ
ଇଲା ଏ ତପ ଚକ୍ରବତୀଙ୍କର ଦୁଗ୍ଣାଭଟ ଆ
ଚ୍ଯଙ୍କର ରାସୀ ଦଗ୍ଣାଭଟ ଆଚ୍ଯେ
ସୂଣୀ ଏକରାସୀ ବୋଲୀ ମେତ୍ରପକ୍ଷ ହୋ
ଇଲ୍ଲା ଏ ବାଘମରା ଭୂମୀ ବାରବାଟୀ ପଂ
ଳ ଭୋଗ୍ୟ ଅସୀ ଆସତକେ କୀଲ୍ଲାକେ
ତପଚକ୍ରବତୀକୀ ଦାଥରଇ ଦୁଗ୍ଣାଭ
ଟ ଆଚ୍ଯେ ଫଣୀ ଧୀଲ୍ଲା ଏ ଶ୍ରୀବୀର
ନର ନାଗସିଘଂ ଦେବଙ୍କର ଆଉଶ କା
ମାଥେ ଏକାଦଶ ରଦ୍ର ଭୀକ୍ଷା କରାଇ
ବା ଏ ଭେକ୍ଷା ଚେଡ ଦେସ ପାଣ୍ଡୀଦେସ କା
ଶ୍ରୀ ଦେସ ଏ ତୀନୀଦେସ ଜମ୍ମୀଲା ହୋ
ଇ ମଡାମଡେ ଦୀକ୍ଷା କରୀ ଆଚ୍ବନ୍ନ
ହୋଇଲ୍ଲା ତପସୀଙ୍କୀ ଭୀକ୍ଷା ଜେତେକାଳ
ଚନ୍ଦ୍ର ସୂଜ୍ୟ ବ୍ରତ ଏତେକ କାଳଙ୍କର ସ
ବ୍ରତୀବାକ ।୧୧୧ ।

ଭୁବନେଶ୍ୱର ଲିଙ୍ଗରାଜ ମନ୍ଦିର ଶିଳାଲେଖ :

ଭୁବନେଶ୍ୱର ଲିଙ୍ଗରାଜ ମନ୍ଦିରର ପ୍ରବେଶଦ୍ୱାର ଦକ୍ଷିଣ ପାର୍ଶ୍ୱରେ ଯେଉଁ ଶିଳାଲେଖଟି ଦେଖିବାକୁ ମିଳେ ତାହା କପିଳେନ୍ଦ୍ର ଦେବଙ୍କ ରାଜତ୍ୱକାଳର ୪ର୍ଥ ଅଙ୍କ ଅର୍ଥାତ୍ ୧୪୩୫-୩୬ ଖ୍ରୀଷ୍ଟାବ୍ଦର ବୋଲି ମନେହୁଏ । କପିଳେନ୍ଦ୍ର ଦେବଙ୍କ ଅଧୀନସ୍ଥ ସାମନ୍ତ ରାଜାମାନଙ୍କ ଉଦ୍ଦେଶ୍ୟରେ ଏହା ଅଭିପ୍ରେତ । ଏଥିରେ ତାଙ୍କ ଅଧୀନରେ ଥିବା ରାଜାମାନେ ସର୍ବଦା ପ୍ରଜାମାନଙ୍କ ମଙ୍ଗଳକାମନା କରିବେ ଏବଂ ସତ ଚରିତ୍ର ବହନ କରିବେ ସେ ସଂପର୍କରେ ଏହି ଶିଳାଲେଖରୁ ସୂଚନା ମିଳିଥାଏ, ନିମ୍ନରେ ତା'ର ପାଠ ଉଦ୍ଧାର କରାଗଲା ।

ଶ୍ରୀ ବିର କପିଳେସର ଦେବ ମହାରାଜାଙ୍କର ବିଜେରାଜ୍ୟେ ସମସ୍ତ ୪ (ଅଙ୍କ ସ୍ରାହୀ)

ମୀଥୁନ ସଂକ୍ରାନ୍ତି କ୍ରୀଷ୍ଟ ୯ ମଙ୍ଗଳବାରେ ତ୍ରିତିବାସ କଟକେ ଭିତରେ (ପୂଜା ଅବକାସେ)

ରାଏଗୁରୁ ବାସୁ ମହାପାତ୍ର ଭୁବନେସର ମହାପାତ୍ର ଏ ଦୁଇହେ ଆସି (ଲିହିଲେଏ)

ଦୁଇଙ୍କରି ଗୋଚରେ ଆଗାଂ ବୋଲିଣ ହୋଇଲେ ଆମ୍ଭର ଓଡିଶା ରା (ଜ୍ୟେ ଜେତେ ରା(ଜ୍ୟେ ଜେତେ ରାଜ)

ସୁଣ ସବୁହେଂ ରାଜାଙ୍କ ହୀତେ ବ୍ରତି ଏ ଆପଣାର ସଦାଚାରେ ଥିବେ (ଅସଦ୍ମାର୍ଗେ)

(ନ ରହିବେଂ ରାଜାଙ୍କ ଅଣହିତେ ବ୍ରତି) ଲେ ରାଜା ବାହାର କରି ତାହାର ସ (ର୍ବସ) ହରି ।

ଜୟବିଜୟ ଶିଳାଲେଖ :

ଗଜପତି ପ୍ରତାପରୁଦ୍ର ଦେବଙ୍କ ୪ର୍ଥ ବର୍ଷ କକଡା ୧୦ଦିନରେ ଏହି ଶିଳାଲେଖଟି ଉତ୍‌କୀର୍ଣ୍ଣ ହୋଇଥିଲା । ଏହାର ସମୟ ଖ୍ରୀ. ୧୫୦୦ ଆଷାଢ଼ ୧୦ଦିନ (ବୁଧବାର) ବୋଲି ଡ. କୁଞ୍ଜବିହାରୀ ତ୍ରିପାଠୀ ତାଙ୍କର Evolution of Oriya Language and Script ପୁସ୍ତକରେ ଉକ୍ତ ଶିଳାଲେଖର ପାଠୋଦ୍ଧାର ସହ ମତବ୍ୟକ୍ତ କରିଛନ୍ତି । ନିମ୍ନରେ ତାର ପାଠ ଦିଆଗଲା ।

ପାଠ (ପ୍ରଥମ ଭାଗ)

ବୀରଶ୍ରୀ ଗଜପ୍ତି ଗୌଡେଶ୍ୱର ନବକୋଟି କର୍ଣ୍ଣାଟ କଳବରଗେଶ୍ୱର (ବୀରବର ଶ୍ରୀ ପ୍ରତାପରୁଦ୍ରଦେବ)

ମହାରାଜାଙ୍କର ସମସ୍ତ ଚାରିଅଙ୍କ ଶ୍ରାହୀ କକଡା ମୁ ୧୦ ବୁଧବାରେ ଅବଧାରିତ (ଆଇଗାଁ ପ୍ରମାଣେ ବଡ)

ଠାକୁରଙ୍କ ଗୀତଗୋବିନ୍ଦ ଠାକୁରଙ୍କ ଭୋଗବେଳେ ଏ ନାଟ ହୋଇ (।) ସଂଝ ଧୂପ ସରିଲାଠାରୁ ।

ବଡସିଙ୍ଗାର ପରିଯଂନ୍ତେ ଏ ନାଟ ହୋଇବ (।) (ବଡ) ଠାକୁରଙ୍କ ସମ୍ପରଦା କପିଳେଶ୍ୱର ଠାକୁରଙ୍କ ଦିଲ ।

ନାଚଣୀମାନେ ପୁରୁଣା ସମ୍ପରଦା ତେଲଙ୍ଗା ସମ୍ପରଦା ଏମାନେ ସବିହେଂ ବଡ ଠାକୁରଙ୍କ ଗୀତଗୋ ।

ବିନ୍ଦହୁଂ (ଆନଗୀତ ନସିଖୀବେ) ଆନଗୀତ ନଗାଇବେ (।) ଆନନାଟ ହୋଇ ପରମେଶ୍ୱରଙ୍କ ଛାମର ନୋ ।

(ହ) ବ (ଏ ନାଟ ବିତରକ ବୈଷ୍ଣବ ଗାଆଣ ଚାରିଜଣ ଅଛନ୍ତି ଏମାନେ) । ଗୀତଗୋବିନ୍ଦ ଗୀତ ହିଁ ସେ ଗାଇବେ ।

(ଏହାଙ୍କଠାରୁ ଅଶିକ୍ଷିତମାନେ ଏକଶ୍ୱରରେ ଶୃଣୀ ଗୀତଗୋବିନ୍ଦ ହୀ ସେ ଶିଖିବେ (ଆ) ନ ଗୀତ ନ ଶିଖିବେ ।

(ଏହା ଜେ ପରୀକ୍ଷା ଆନ ଗୀତ ନାଟ କରେଇଲେ ଜାନି ସେ ଜଗନ୍ନାଥଙ୍କ ଦ୍ରୋହ କରଇ) ।

ସିଦ୍ଧେଶ୍ୱର ଶିଳାଲେଖର ପାଠ

ପ୍ରଥମ ଭାଗ

(ବୀର) ଶ୍ରୀ ନରସୀଘଂବ (ଦେବ) କବୀ (ଜେରା) ଜେ ସମନ୍ଥୁ ୧୯(ସ) ର (ହି) କକଡ କୀଷ୍ଣ ୪ଚ(ନ୍ଦ୍ର) ବାରେ ।

ଚତୁର ଦୀଗେ (ଗ) ଦଣ୍ଡ ପରୀକ୍ଷ ଶ୍ର (ଶ୍ରୀ) ନ୍ତ (ଣ) ପଟ୍ଟନାଏକ ବିସ (ସ୍ୱ) ନାଥ ମାହା ସେନାପ୍ରୀକ୍ର (କ୍କ) ଦଣ୍ଡ ପରୀକ୍ଷା (ପୁରୁବ) ଜୀଇଦଣ୍ଡ ।

ପା(ଟ)ରୁ ନନ୍ଦିକେଶ୍ୱର ସନୀମୀଗ୍ରକ୍ର (କ୍କ) ବ (ବୋ) ହାରଣେ ଏ ଦଣ୍ଡପାଟର ପସ(ଇ) ତ ମୁଦୂଲି କୋଠକରଣ (ଭା) ଗ ଲୋକ ।

ସମସ୍ତ ବେହୋରଣ ଅନୁମତେ ରଆଙ୍ଗ ବୀ (ସେ)ଭଇଙ୍ଗାମ ଜିତ ପ୫୦ ସକ୍ର (ଭା) ଗ (କ) ଦାନ ।

(ଓ) ହୋରୁ ପାଉକୀ ପାଇକ । ଭେଟା ବୋଦା ପରୀଦର ସନା ଜାବତ ଅବଦାନ ନାସ୍ତିକର (ରି) ବୀରଶ୍ରୀ (ନ) ର ସୀଘଂଦେବ ।

ଦ୍ୱିତୀୟ ଭାଗ

କ୍କ ଆସ (କାମାର୍ଥେ)

ତଣେ... ଟୀପ-

ସ(ସି) (ଧେ) ସର (ଜନ)ଙ୍କ (କ୍କୁ)... ଦତ (ପ)

ମାଢ ହୁ (୨)

ଦ୍ରୋହୋ (କ) ର ଇ - (ର) ଇ (।)

ଉକ୍ତ ଶିଳାଲେଖଟି ଚତୁର୍ଥ ନରସିଂହ ଦେବଙ୍କ ସମୟରେ (ଜୁଲାଇ ୨୭, ୧୩୯୪ ମସିହା) ଲିଖିତ । ଯାଜପୁର ନିକଟସ୍ଥ ସିଦ୍ଧେଶ୍ୱର ମନ୍ଦିର ନିକଟରେ ଥିବା ଏକ ବୃଷସ୍ତମ୍ଭରେ ଉକ୍ତ ଶିଳାଲିପିଟି ଖୋଦିତ ହୋଇଛି । ଅଭିଲେଖ ଗୁଡିକ କେବଳ ଲିପି ସଂକ୍ରାନ୍ତୀୟ ଐତିହାସିକ ତଥ୍ୟ ବହନ କରିନଥାନ୍ତି; ସମସାମୟିକ ଭାଷା ସଂପର୍କରେ ମଧ୍ୟ ସୂଚନା ଦେଇଥାନ୍ତି । ପ୍ରସ୍ତରଖଣ୍ଡ ଉପରେ ଭାଷା ବ୍ୟବହାର ଅତ୍ୟନ୍ତ ଦୁଷ୍କର ବ୍ୟାପାର । ସେଥିପାଇଁ ସେ ସମୟରେ ତାଳପତ୍ର/ଭୂଜପତ୍ରରେ ଭାଷା ବ୍ୟବହାର ଥିବାର ମନେକରାଯାଇପାରେ । ଏକଥା ମଧ୍ୟ ସତ୍ୟ ଯେ ତାଳପତ୍ରରେ ବ୍ୟବହୃତ ଭାଷାର ଅବଧି ଏକ ଶହରୁ ଦୁଇଶହ ବର୍ଷ । ପ୍ରାକୃତିକ ବିପର୍ଯ୍ୟୟ, ଉଇ ତଥା କୀଟଦ୍ରଂଷ୍ଟ ଯୋଗୁଁ ଏହାର ସ୍ଥାୟିତ୍ୱ ସ୍ୱଳ୍ପକାଳ । ମାତ୍ର ପ୍ରସ୍ତର ଉପରେ ଖୋଦିତ ଭାଷା ସହସ୍ରବର୍ଷ ଧରି । ତେଣୁ ଶିଳାଲେଖକୁ ଆଧାରକରି ଭାଷା ଓ ଭୂଗୋଳର ଐତିହାସିକତା ନିରୂପଣ କରିବାରେ ସହଜସାଧ୍ୟ ହୋଇଥାଏ । ତେଣୁ ଇତିହାସ ସହିତ ଅଭିଲେଖର ପ୍ରତ୍ୟକ୍ଷ ସଂପର୍କ ରହିଛି ଓ ଇତିହାସ ସଂରଚନାରେ ଅଭିଲେଖ ଏକ ଅମୂଲ୍ୟ ସଂପର୍କ । ଭାଷା କ୍ଷେତ୍ରକୁ ଯିବା ସମୟରେ ଆମେ ଅନୁଭବ କରୁ ବିବିଧ ସମୟଖଣ୍ଡରେ ଭାଷାର ସ୍ୱରୂପ ବଦଳି ଯାଇଥାଏ । ସାଧାରଣତଃ ଆମେ ଗୋଟିଏ ଭାଷାର ମୂଳରୂପ ଅଥବା ୫୦୦-୬୦୦ ବର୍ଷର ପୂର୍ବର ଭାଷା ସହିତ ପରିଚିତ ହୋଇଥାଉ କିନ୍ତୁ ୧୦୦୦ ବା ତାଠାରୁ ପୂର୍ବସମୟର

ଭାଷା ସଂପର୍କରେ ଜାଣିବା ଅସମ୍ଭବ ହୋଇପଡେ । ମାତ୍ର ଶିଳାଲେଖରେ ପ୍ରତିକିତ ଭାଷା ଇତିହାସ ଅତଳଗହ୍ୱର ମଧ୍ୟରେ ଲୁଚି ରହିଥିବା ଭାଷାର ଅବିକଳ ରୂପଚିତ୍ର ଆମ ନିକଟରେ ଉପଲବ୍ଧ ହୋଇଥାଏ । ଯାହାକୁ ଆଶ୍ରାକରି ଗୋଟିଏ ଭାଷାର ଇତିହାସ ସଂପର୍କରେ ଆମେ ଜାଣିପାରୁ ।

ଭାଷାତତ୍ତ୍ୱ ଓ ସାହିତ୍ୟ ସଂରଚନା ଦୁଇଟି ସ୍ୱତନ୍ତ୍ର ଶୃଙ୍ଖଳା, ସାହିତ୍ୟ ଆଧାର କରି ଭାଷାତତ୍ତ୍ୱର ନିର୍ମାଣ । ଅପରପକ୍ଷରେ ଭାଷାତତ୍ତ୍ୱ ଭିତରେ ସାହିତ୍ୟର ରସ ଆସ୍ୱାଦନା ଅମୂଳକ । ଠିକ୍ ସେହିପରି ଶିଳାଲେଖର ପାଠକୁ ବିଚାର କଲେ ଏଥିରେ ସାହିତ୍ୟିକ ମୂଲ୍ୟ ସହିତ ଭାଷା, ଲିପି ଓ ଘଟଣା ସଂପର୍କରେ ଆମେ ଅଧିକ ତଥ୍ୟ ପାଇଥାଉ । ଅନ୍ୟ ଏକକରେ ଶିଳାଲେଖର ସାହିତ୍ୟିକ ମୂଲ୍ୟ ନିରୂପଣ କରାଯିବ ।

ଓଡ଼ିଆ ଭାଷା ସାହିତ୍ୟର ଅଧ୍ୟୟନ ନିମନ୍ତେ ଶିଳାଲେଖର ଭୂମିକା ଅନସ୍ୱୀକାର୍ଯ୍ୟ । ଭାନୁଦେବଙ୍କ ସୋନପୁର ଶିଳାଲେଖ । କୋଣାର୍କ ଅଭିଲେଖ, ସିଦ୍ଧେଶ୍ୱର ଶିଳାଲେଖ, ଜୟବିଜୟ ଶିଳାଲେଖ । ଉରଜାମ ଶିଳାଲେଖ, ଭୁବନେଶ୍ୱର ଦ୍ୱୈଭାଷିକ ଶିଳାଲେଖ, ଲିଙ୍ଗରାଜ ମନ୍ଦିର ଶିଳାଲେଖ ପ୍ରଭୃତି ଶିଳାଲେଖର ଅଧ୍ୟୟନ ଯଥାର୍ଥରେ ଓଡ଼ିଆ ଭାଷା-ସାହିତ୍ୟର ପ୍ରତ୍ନ ରୂପ ଅନ୍ୱେଷଣରେ ସହାୟକ ହୋଇଥାଏ । ଏହି ଅବସରରେ ଆମେ ଉପରୋକ୍ତ ଶିଳାଲେଖକୁ ଆଧାର କରି ଏଗୁଡ଼ିକର ଭାଷା ତାତ୍ତ୍ୱିକ ଓ ସାହିତ୍ୟିକ ମୂଲ୍ୟ ନିରୂପଣ କରିପାରିବା ଭାଷାତାତ୍ତ୍ୱିକ ଅଧ୍ୟୟନ ।

ଭାଷା ତାତ୍ତ୍ୱିକ ଅଧ୍ୟୟନ

ଅଶୋକ ଏବଂ ଖାରବେଳଙ୍କ ଶିଳାଲିପି ବ୍ୟତୀତ ଅବର୍ତ୍ତମାନ କାଳରେ ପ୍ରାୟତଃ ୮୦ଟି ଶିଳାଲେଖ ସଂଗୃହୀତ ଓ ପଠିତ ହୋଇ ପୁସ୍ତକାକାରରେ ପ୍ରକାଶିତ । ତନ୍ମଧ୍ୟରୁ ୧୮ଟି ଶିଳାଲେଖ ହେଉଛି ଗଙ୍ଗବଂଶ ରାଜତ୍ୱ ସମୟର । ଏକାଦଶ ଶତାବ୍ଦୀରୁ ଖ୍ରୀ. ୧୪୩୫ ପର୍ଯ୍ୟନ୍ତ ପ୍ରାୟତଃ ୩୫୦ବର୍ଷ ଗଙ୍ଗମାନେ ରାଜତ୍ୱ କରିଥିବାର ପ୍ରମାଣ ଏହି ଶିଳାଲେଖରୁ ପ୍ରମାଣ ସ୍ୱରୂପ ଆମେ ପାଇଥାଉ । ଏହି ଶିଳାଲେଖଗୁଡ଼ିକ ମୁଖ୍ୟତଃ ଓଡ଼ିଶାର ପୂର୍ବ, ପଶ୍ଚିମ ତଥା ଆନ୍ଧ୍ରପ୍ରଦେଶର ଶିକାକୁଲମ, ବିଶାଖାପାଟଣା ଜିଲ୍ଲାମାନଙ୍କରେ ରହିଛି । ଓଡ଼ିଶାରେ ସୂର୍ଯ୍ୟବଂଶର ରାଜତ୍ୱ କାଳରେ ମିଳିଥିବା ଶିଳାଲେଖଗୁଡ଼ିକ ଖ୍ରୀ. ୧୪୩୫ ରୁ ଖ୍ରୀ. ୧୫୪୦ ମଧ୍ୟରେ ଖୋଦିତ ହୋଇଛି । ଓଡ଼ିଶାର ସମସ୍ତ ଉପକୂଳ ଜିଲ୍ଲା, କୃଷ୍ଣା, ଗୁଣ୍ଟୁର ଜିଲ୍ଲା, ବିଶାଖାପାଟଣା ସ୍ଥାନମାନଙ୍କର ୫୦ଟି ଶିଳାଲେଖ ରହିଛି । ପ୍ରତାପରୁଦ୍ର ଦେବ ଏବଂ ତାଙ୍କ ପୁତ୍ର ବୀରଭଦ୍ରଙ୍କର ଦୁଇଗୋଟି ଓଡିଆ ତେଲଗୁ ମିଶ୍ରିତ (ଦ୍ୱିଭାଷିକ) ଲିଖିତ ତାମ୍ରପତ୍ର ଶାସନ ନେଲ୍ଲୋର ଜିଲ୍ଲାରୁ ମିଳିଛି । ତାମ୍ରଶାସନ ହେଉ ଅଥବା ଶିଳାଲେଖ ହେଉ, ଏଥିରେ ସମକାଳୀନ ରାଜାମାନଙ୍କ ଶାସନ ନୀତି, ଧର୍ମନୀତି ଓ ସାମାଜିକ ନୀତିର ପ୍ରତିଫଳିତ ହୋଇଥାଏ । ଯାହାକୁ କେନ୍ଦ୍ରକରି ଐତିହାସିକଗଣ ଇତିହାସ ସଂରଚନା କରିଥାନ୍ତି । ଜଗନ୍ନାଥ ମନ୍ଦିର ବେଢ଼ାରେ ଥିବା ଶିଳାଲେଖରୁ ଚୋଡଗଙ୍ଗ ଦେବ ୧୧୩୫ଖ୍ରୀଷ୍ଟାବ୍ଦରେ ଜଗନ୍ନାଥ ମନ୍ଦିର ନିର୍ମାଣର କଥା ଲିପିବଦ୍ଧ । ସେହିପରି ଗଙ୍ଗବଂଶୀୟ ରାଜାମାନଙ୍କ ଦ୍ୱାରା ସ୍ୱର୍ଣ୍ଣ ମୁଦ୍ରା ପ୍ରଚଳନ ସମ୍ବାଦ ଏଥିରୁ ଜାଣିବାକୁ ପାଉ । ଦ୍ୱିଭାଷିକ ଶିଳାଲେଖରୁ ଏକଥା ମଧ୍ୟ ସ୍ପଷ୍ଟ ହୁଏ ଯେ ଓଡିଶା ଓ ଆନ୍ଧ୍ର ରାଜ୍ୟମଧ୍ୟରେ ଏକ ସୌହାର୍ଦ୍ଦ୍ୟପୂର୍ଣ୍ଣ ସଂପର୍କ ସ୍ଥାପିତ ହୋଇପାରିଥିଲା । ସେହିପରି ଦ୍ୱିତୀୟ ଭାନୁଦେବ ୩ ନରସିଂହଦେବ, ୩ୟ ଭାନୁଦେବ ଏବଂ ଚତୁର୍ଥ ନରସିଂହ ଦେବଙ୍କ ସମୟରେ ଖୋଦିତ ଅଭିଲେଖମାନଙ୍କରୁ ପୁରୀ ଜଗନ୍ନାଥଙ୍କ ନିମିତ୍ତ ବିବିଧ କାର୍ଯ୍ୟପାଇଁ ବୃତ୍ତିର ବ୍ୟବସ୍ଥା ସଂପର୍କରେ ବର୍ଣ୍ଣନା ରହିଛି । ସେହିପରି ସମ୍ବଲପୁରର ନରସିଂହ ନାଥ ମନ୍ଦିରସ୍ଥ ଶିଳାଲେଖରେ ବୈକଲଦେବଙ୍କ ଦ୍ୱାରା ଏହି ମନ୍ଦିର ନିର୍ମାଣ କଥା ଉଲ୍ଲେଖ ରହିଛି । ସେହି ଦୃଷ୍ଟିରୁ ଅଭିଲେଖରେ ବିବରଣାତ୍ମ ଗୁଣ ତଥା ଦୀର୍ଘ ସ୍ଥାୟିତ୍ୱ ହେତୁ ଏଗୁଡ଼ିକର ଐତିହାସିକ ମୂଲ୍ୟ ରହିଛି ।

ଅଭିଲେଖର ଐତିହାସିକ ଭିତ୍ତି ଉପରେ ଓଡ଼ିଆ ଭାଷାର ଇତିହାସ ପ୍ରତିଷ୍ଠିତ । କେହି କେହି ମତ ଦିଅନ୍ତି ଅଭିଲେଖାକାର ଅଳ୍ପଶିକ୍ଷିତ ଥିବାରୁ ଶବ୍ଦର ପ୍ରୟୋଗ ଓ ବନାନରେ ଅଶୁଦ୍ଧ ଦେଖାଦେଇଛି । ଏପରି ହେବା ଅସ୍ୱାଭାବିକ ନୁହେଁ । କିନ୍ତୁ ଓଡ଼ିଆ ଶବ୍ଦର ପ୍ରଚଳନରୁ ଜଣାଯାଏ ଯେ ଲିଖିତ ରୂପ ନେବାର ବହୁ ପୂର୍ବରୁ କଥିତ ରୂପ ନେଇସାରିଥିଲା । ଭାଷାର କଥିତରୂପର କ୍ରମବିବର୍ତ୍ତନ ଓ ଲିଖିତ ରୂପର କ୍ରମ ବିବର୍ତ୍ତନକୁ ଲକ୍ଷ୍ୟ କଲେ ଓଡ଼ିଆ ଭାଷା ଦୀର୍ଘ ୨୦୦୦ବର୍ଷ ପୂର୍ବରୁ ଯେ ନିଜର ସ୍ୱାତନ୍ତ୍ର୍ୟରକ୍ଷା କରିଛି ତାହା ଅନସ୍ୱୀକାର୍ଯ୍ୟ । ସେହି ଦୃଷ୍ଟିରୁ ବିଚାର କଲେ ଅଭିଲେଖରେ ବ୍ୟବହୃତ ଭାଷା ଲୋକବୋଧ୍ୟ ଓ ସାଧାରଣ ଜନଗଣଙ୍କ ପ୍ରତି ଅଭିପ୍ରେତ ଥିଲା ।

ଉପରୋକ୍ତ ଶିଳାଲେଖରେ ବ୍ୟବହୃତ ଓଡ଼ିଆ ଶବ୍ଦ ଭଣ୍ଡାର ସଂପର୍କରେ ଆଲୋଚନା କରାଯାଇପାରେ । ଅଶୋକ, ଖାରବେଳ ଏବଂ ଉରଜାମ ଶିଳାଲେଖ ଆଲୋଚନା ପ୍ରେକ୍ଷାପଟ୍ଟରେ ଏଥିରେ ବ୍ୟବହୃତ ଓଡ଼ିଆ ଶବ୍ଦ ସଂପର୍କରେ ପୂର୍ବରୁ ସୂଚନା ଦିଆଯାଇଛି ।

ଭୁବନେଶ୍ୱର ଶିଳାଲେଖ (ଦ୍ୱୈଭାଷିକ) ଲିଙ୍ଗରାଜ ମନ୍ଦିର ଶିଳାଲେଖ, ଜୟବିଜୟ ଶିଳାଲେଖ ବ୍ୟବହୃତ ଓଡ଼ିଆ ଶବ୍ଦର କେତୋଟି ନମୂନା ଏଠାରେ ଦିଆଯାଇପାରେ-

ଶିଳାଲେଖର ବନାନ	ପ୍ରଚଳିତ ବନାନ
ନାରସୀଘଂ	ନରସିଂହ
ଶ୍ରାହି	ଶରଦି
ବୀଯେ	ବିଜେ/ବିଜୟେ
କାତ୍ରୀକ	କାର୍ତ୍ତିକ
କ୍ରୀଷ୍ଣ	କୃଷ୍ଣ
ରବୀବାର	ରବିବାର
ଭୂମୀ	ଭୂମି
ତୀନୀ	ତିନି
ଧାନ	ଧାନ
ସୂନା	ସୁନା
କରନ୍ତେ	କରନ୍ତେ /କରି
ଆଇଗାଂ	ଆଜ୍ଞା
ଅସୀ	ଅଶି
ହୋଇଲ୍ଲା	ହୋଇଲା/ହେଲା
ଧିଲା	ଦେଲା
ଚକ୍ରବତୀ	ଚକ୍ରବର୍ତ୍ତୀ
ଆଉଷ	ଆୟୁଷ
ସୀଧେଶ୍ୱର	ସୀଦ୍ଧେଶ୍ୱର
ମାହାମୁନୀ	ମହାମୁନୀ
ଘେତଲ୍ଲା	ଘେନିଲା
ସୁଣୀ	ଶୁଣି
ଦୁଈ	ଦୁଇ
ଜେତେ	ଯେତେ
ସୁଜ୍ୟ	ସୂର୍ଯ୍ୟ
ହୋଇଲ୍ଲା	ହୋଇଲା
ଉତ୍ର	ଉତ୍ତର
ସୀଧେଶ୍ୱର	ସିଦ୍ଧେଶ୍ୱର
ଦୁଗାଭଟ୍ଟ	ଦୁର୍ଗାଭଟ୍ଟ
ସଂପରଦା	ସଂପ୍ରଦାୟ
ନାଚଣୀ	ନାଚୁଣୀ
ଖେତ୍ର	କ୍ଷେତ୍ର
ହାଥ	ହାତ
ଭେକ୍ଷା	ଭିକ୍ଷା
ଆଚବନ୍ନ	ଆଚବନ
ମୈଧ	ମଧ୍ଯ
ଆସୀବାଦ	ଆଶୀର୍ବାଦ
ଗୋବଧନ	ଗୋବର୍ଦ୍ଧନ
ଶିସ	ଶିଷ୍ୟ

ପଥର ଉପରେ ଖୋଦନ ସମୟରେ ଖୋଦନକାରୀ ଶବ୍ଦର ବନାନ ଲେଖିବାବେଳେ ନିଜ ସୁବିଧା ଅନୁସାରେ ଖୋଦିତ କରିଥିବେ । ତେଣୁ ଅନେକ ସମୟରେ ଶବ୍ଦର ସଂକ୍ଷିପ୍ତୀକରଣ ଓ ସୁବିଧା ଦୃଷ୍ଟିରୁ ଶବ୍ଦ ବନାନ ଏପରି ହୋଇଛି ବୋଲି ମନେ କରାଯାଏ ।

ଇ (ି) ସ୍ଥାନରେ ଈ (ୀ), ଉ (ୁ) ସ୍ଥାନରେ ଦୀର୍ଘ ଊ (ୂ) ର ବ୍ୟବହାର ଦେଖିବାକୁ ମିଳିଥାଏ । ସୁନା-ସୂନା, ଦୁଇ-ଦୁଈ, ଶୁଣି-ସୁଣୀ ସ,ଶ,ଷ ମଧ୍ୟରେ ଉଚ୍ଚାରଣଗତ ସ୍ୱାତନ୍ତ୍ର୍ୟ ଓଡ଼ିଆରେ ପ୍ରାୟତଃ ନାହିଁ । ତେଣୁ ଶ ଏବଂ ଷ ସ୍ଥାନରେ 'ସ'ର ବ୍ୟବହାର ବହୁଳ ବ୍ୟବହାର ପରିଲକ୍ଷିତ ଯେପରି ସୀଧେଶ୍ୱର-ସିଦ୍ଧେଶ୍ୱର, ଦଶ-ଦସ,ସୁଣୀ-ଶୁଣି,ଦେସ-ଦେଶ,ରାସୀ-ରାଶି ସେହିପରି ବର୍ଗ୍ୟ 'ଜ' ଓ ଅବର୍ଗ୍ୟ 'ଯ' ଭିତରେ ଉଚ୍ଚାରଣ ଗତ ପାର୍ଥକ୍ୟ ନଥିବାରୁ 'ଜ' ର ପ୍ରଚଳନ ବହୁତ ହୋଇଛି । ଯେପରି ସୂର୍ଯ୍ୟ-ସୁଜ୍ୟ, ଯେତେ - ଜେତେ । କେତେକ ଶିଳାଲେଖରେ ଚନ୍ଦ୍ରବିନ୍ଦୁର ବଦଳରେ ଅନୁସାର(ଂ) ବ୍ୟବହୃତ ହୋଇଛି-ପରିଯଂତେ, ବିନ୍ଦହୁଂ, ସବିହେଂ, ଭୂଇଂ, ଦେଲୁଂ, ଆଗ୍ୟାଂ ।

ତେବେ ଅନେକ ଶବ୍ଦରେ ଅନୁସାର ଠିକ୍ ଭାବେ ବ୍ୟବହୃତ ହୋଇନଥିବାର ଦେଖାଯାଏ, ଯେପରି ବାଧିଂବା, (ବାନ୍ଧିବା/ ବାଂଧିବା), ଖଜାଂ(ଖଂଜା), ଭଜଂ (ଭଂଜ) ତେବେ ସଂପ୍ରତି ଅନୁନାସିକା ଯୁକ୍ତାକ୍ଷରକୁ ସରଳୀକୃତ କରିବା ଉଦ୍ଦେଶ୍ୟରେ ଅନୁସ୍ୱାରର ବ୍ୟବହାର କରାଯାଇଛି । ଅଭିଲେଖରେ ବ୍ୟବହୃତ ବିଭକ୍ତି ଚିହ୍ନ ବର୍ତ୍ତମାନ ପରି ନଥିଲା ଯଥା-ଆର୍ଯେଙ୍କେ (ଆର୍ଯ୍ୟଙ୍କୁ), ନାୟକଙ୍କ ତହ (ନାୟକଙ୍କ ଠାରୁ), ହାଥରଇ (ହାତରେ), ଏକ ବଚନରେ 'ଏ' ର ବ୍ୟବହାର ଦେଖିବାକୁ ମିଳିଥାଏ । ଆର୍ଯେ, ଦୁଗ୍‌ଗାଭଟେ, ସେହିପରି ବହୁ ବଚନରେ ଏ, ମାନେ, ମାନ, ଯାକ ପ୍ରଭୃତି ବ୍ୟବହାର ହୋଇଛି । କର୍ମ କାରକରେ କୁ, ନ୍ତି ସଂପ୍ରଦାନ କାରକରେ କୁ, କି, କଇ, କୈ, କୁ,

ଙ୍କ, ଙ୍କଇ, ଙ୍କେ, କରଣ କାରକରେ ଏଁ, ଏଂ, ରେ, ଅପାଦାନ କାରକରେ ତହୁଁ, ହୁଁ, ଉ, ଉଁ, ଠୋ, ରୁ, ରୁଂ, ଠାରୁ ଏବଂ ଅଧିକରଣ କାରକରେ ଏ, ଏଂ, ରେ, ଇ, ରଇ, ଠି, ମାନଙ୍କରେ ବ୍ୟବହାର ହୋଇଥିବାର ଲକ୍ଷ୍ୟ କରାଯାଏ । ସମ୍ବୋଧନ ଭାବେ 'ଭୋ'ର ବ୍ୟବହାର ହୋଇଛି ।

ଭାଷାର ଐତିହାସିକ ତଥ୍ୟ ବହୁବିଧ ସ୍ତରୀୟ ତୁଳନାତ୍ମକ ଅଧ୍ୟୟନ ପାଇଁ ସରଣୀ ପ୍ରସ୍ତୁତ କରିଛି । ସମୟାନୁସାରେ ଭାଷାର ବିବର୍ତ୍ତନର ଇତିହାସ ଏହି ଶିଳାଲେଖର ଅଧ୍ୟୟନରୁ ଜଣାପଡ଼େ । ଶ୍ରୀ ସତ୍ୟନାରାୟଣ ରାଜଗୁରୁ, ଦୀନେଶ ଚନ୍ଦ୍ର ସରକାର, କୁଞ୍ଜବିହାରୀ ତ୍ରିପାଠୀ ପ୍ରଭୃତି ଓଡ଼ିଆ ଶିଳାଲେଖ ଗୁଡ଼ିକୁ ଅଧ୍ୟୟନ କରି ମତପୋଷଣ କରିଛନ୍ତି ଯେ ଚତୁର୍ଦ୍ଦଶ ଶତାବ୍ଦୀବେଳକୁ ଉଭୟ କଥିତ ଓ ସାହିତ୍ୟ ରୂପ ଓଡିଆ ଭାଷାରେ ଦେଖିବାକୁ ମିଳିଛି । ପ୍ରାକୃତ ତଥା ଅପଭ୍ରଂଶରେ ଖୋଳପା ମଧ୍ୟରୁ ନିଜକୁ ସ୍ୱତନ୍ତ୍ର କରି ଓଡିଆ ଭାଷା ନିଜର ସୌରଭରେ ଭାସ୍ୱର ହୋଇଉଠିଛି । ପୂର୍ବରୁ ସୂଚିତ ହୋଇଛି ଯେ ଗୋଟିଏ ଭାଷା ସମୃଦ୍ଧ ହେବା ମୂଳରେ ରହିଥାଏ ତାର ଗଦ୍ୟର ବିକାଶ । ତେଣୁ ଓଡିଆ ଭାଷାର ଗଦ୍ୟରୂପ, ଯାହା ଅଭିଲେଖମାନଙ୍କରେ ଦେଖିବାକୁ ମିଳେ, ସେଥିରୁ ସ୍ପଷ୍ଟ ପ୍ରମାଣିତ ହୁଏ ଯେ ଦୀର୍ଘ ଦୁଇ ହଜାର ବର୍ଷରୁ ଓଡିଆ ଭାଷା ନିଜର ସ୍ୱତନ୍ତ୍ର ପରିଚୟ ପ୍ରତିପାଦିତ କରିଛି ।

ଅଭିଲେଖର ଭାଷା ହେଉଛି ରାଜାଦେଶର ଭାଷା । ସମସ୍ତ ତ୍ରୁଟି ବିଚ୍ୟୁତି ସତ୍ତ୍ୱେ ଏହି ଭାଷା ପରବର୍ତ୍ତୀ ଓଡ଼ିଆ ଗଦ୍ୟ ଶୈଳୀର ମାର୍ଜିତ ରୂପ ପାଇଁ ଏକ ଅନୁପ୍ରେରକ ଶକ୍ତିଭାବେ ଆମକୁ ଦେଖିବାକୁ ପଡିବ । ଏକଥା ମଧ୍ୟ ଆମକୁ ସ୍ୱୀକାର କରିବାକୁ ପଡ଼ିବ ଯେ ଅଭିଲେଖରେ ବ୍ୟବହୃତ ଭାଷା କଥିତ ଭାଷାଠାରୁ ସଂପୂର୍ଣ୍ଣ ପୃଥକ । ଅର୍ଥାତ୍ ଓଡିଆ ଭାଷା ଅଭିଲେଖ ସ୍ତରକୁ ଆସିବାର ବହୁପୂର୍ବରୁ ଏକ ମାର୍ଜିତ କଥିତ ଭାଷା ରୂପେ ଲୋକମୁଖରେ ପ୍ରଚଳିତ ହୋଇସାରିଥିଲା । ସଂପ୍ରତି କବଲା, ଖତିଆନା କିମ୍ବା ଆଫିସିକ ଗଦ୍ୟ ଲେଖିବା ସମୟରେ ଯେଉଁସବୁ ଶବ୍ଦ ପ୍ରୟୋଗ ହେଉଛି ତାହା ସୂଚାଇଥାଏ ଯେ, ଯେକୌଣସି ରାଜ ଭାଷିକ ଗଦ୍ୟ ପ୍ରଚଳିତ ଗଦ୍ୟଠାରୁ ପୃଥକ ହୋଇଥାଏ ଲେଖନୀ ଶୈଳୀରେ । ତେଣୁ ଦୀର୍ଘ ଦୁଇ ହଜାର ବର୍ଷରୁ ଅଧିକ ବର୍ଷ ପୂର୍ବରୁ ପ୍ରଚଳିତ ରାଜାଦେଶ ଯେତେବେଳେ ଲେଖନକାରଙ୍କ ନିହାଣ ମୂନରେ ଖୋଦିତ ହୋଇଥିଲା ସେତେବେଳେ ତାର ଭାଷା ମାଧୁର୍ଯ୍ୟମୟ/ସାବଲିଳ ଅପେକ୍ଷା ବିବରଣୀ ସୂଚକ ତଥା ପୀନବଦ୍ଧ ହେବାପାଇଁ ବାଧ୍ୟ ।

୧.୨ ବର୍ତ୍ତମାନର ରାଜନୈତିକ ସୀମା ଭିତରେ ଥିବା ଓଡ଼ିଶାର ମାନଚିତ୍ର ଷୋଡ଼ଶ ଶତାବ୍ଦୀ ପୂର୍ବରୁ ନଥିଲା । ଗଙ୍ଗାଠାରୁ ଗୋଦାବରୀ ପର୍ଯ୍ୟନ୍ତ ଏକ ବିଶାଳ ଭୂଖଣ୍ଡ; ଯାହାର ଅତୀତର ନାମଥିଲା, ଉଡ୍ର, ଔଡ୍ର, ଉଡଡୀୟାନ, ଉତ୍କଳ, କଳିଙ୍ଗ । ଏହି ବିଶାଳ ସାମ୍ରାଜ୍ୟକୁ ସୋମ, ଗଙ୍ଗ, ଗଜପତି ରାଜାମାନେ ଶାସନ କରି ନିଜର ଅକ୍ଷୟ କୀର୍ତ୍ତି ସ୍ଥାପନ କରିଥିଲେ । ଏମାନଙ୍କ ଶାସନ କାଳରେ ଓଡ଼ିଆ ଭାଷା, ସଂସ୍କୃତିର ପ୍ରଭୂତ ଉନ୍ନତି ସାଧିତ ହୋଇଥିଲା । ବ୍ରାତ୍ୟ ଦେଶ ଭାବେ ପରିଗଣିତ ଏହି ବିଶାଳ ସାମ୍ରାଜ୍ୟ କଳା, ସ୍ଥାପତ୍ୟ ତଥା ସାହିତ୍ୟ ସର୍ଜନା ନିମନ୍ତେ ଗୋଟିଏ ଉର୍ବର ଭୂମି ଭାବେ ପରିଚିତି ସୃଷ୍ଟି କରିଥିଲା । ବୌଦ୍ଧ, ଜୈନ, ଶୈବ, ଶାକ୍ତ, ବ୍ରାହ୍ମଣ୍ୟ, ବୈଷ୍ଣବ ପ୍ରଭୃତି ଧର୍ମଧାରାକୁ ପାଥେୟ କରି ଏହି ବିଶାଳ ଭୂଖଣ୍ଡ ଧର୍ମ ଦର୍ଶନ କ୍ଷେତ୍ରରେ ନିଜର ସ୍ୱାତନ୍ତ୍ୟ ପ୍ରଦର୍ଶିତ କରିଛି । ପ୍ରାଚୀନ ଉତ୍କଳର ଏହି ଉତ୍କର୍ଷ ପୂର୍ଣ୍ଣ ଜୀବନଯାତ୍ରାର ଇତିହାସ ଓଡ଼ିଆ ଜାତିର ଇତିହାସ ରୂପେ ପରିଗଣିତ । ଦୀର୍ଘ ଦୁଇହଜାର ବର୍ଷର ଇତିହାସକୁ ଆଲୋଚନା କଲାବେଳେ ଆମପାଖରେ ଯେଉଁ ଉପାଦାନଗୁଡ଼ିକ ରହିଛି ତନ୍ମଧ୍ୟରୁ ଶିଳାଲେଖ ଅନ୍ୟତମ । ଅତୀତ ଉତ୍କଳର ସ୍ମାରକୀ ସଦୃଶ ଏହି ଶିଳାଲେଖରେ ଲିପିବଦ୍ଧ ହୋଇରହିଛି ଶତାବ୍ଦୀ ଶତାବ୍ଦୀ ଧରି ରାଜା ମହାରାଜାମାନଙ୍କ ବିବରଣୀ, ଧର୍ମ ଧାରଣା ଠାରୁ ମନ୍ଦିର ନିର୍ମାଣ, ବ୍ୟବସାୟ, ମୁଦ୍ରାପ୍ରଚଳନ, ସାମ୍ରାଜ୍ୟର ଭୌଗୋଳିକ ଚିତ୍ର ସହିତ ବିବିଧ ସାଂସ୍କୃତିକ ଅବଧାରଣା ଏହି ଶିଳାଲେଖରେ ଉତ୍‌କୀର୍ଣ୍ଣ ଭାଷା ମାଧ୍ୟମରୁ ଜଣାପଡ଼େ । ଇତିହାସର ଜରାଜୀର୍ଣ୍ଣ ପୃଷ୍ଠାକୁ ସତେଜ ଓ ସୁନ୍ଦରକରି ଗଢ଼ିତୋଳିଛି ପଥରଗାତ୍ରରେ ଲିପିବଦ୍ଧ ଏହି ଶିଳାଲେଖ ସମୂହ । ଇତିହାସ ଯେଉଁ ସବୁ ଉପାଦାନକୁ ନେଇ ଗଢ଼ିଉଠିଥାଏ ସେହିସବୁ ଉପାଦାନର ସ୍ଥୂଳ ରୂପ ଶିଳାଲେଖରେ ଥିବାରୁ ଏହାର ଅଧ୍ୟୟନ ମନନ, ଚିନ୍ତନ ଏକାନ୍ତ ଆବଶ୍ୟକ ।

୧.୩ ଇତିହାସ ସଂରଚନା, କାଳ ମଧ୍ୟରେ ଘଟୁଥିବା ଘଟଣାର କାରଣମାନଙ୍କୁ ଗ୍ରଥିତ କରିବାର ଏକ ପ୍ରକ୍ରିୟା । ଏହି କାର୍ଯ୍ୟ ଓ କାରଣର ବିବରଣ ନିର୍ଦ୍ଧାରଣରେ ଆମେ ଯେଉଁ ସୂତ୍ରଗୁଡିକ ତଥା ଉପାଦାନ ଅବଲମ୍ବନ କରିଥାଉ ସେଥିମଧ୍ୟରୁ ଅଭିଲେଖ ଉଲ୍ଲେଖନୀୟ । ଓଡ଼ିଶାରେ ଏପର୍ଯ୍ୟନ୍ତ ଆବିଷ୍କୃତ ଅଭିଲେଖ ମଧ୍ୟରେ ଉତ୍କଳର ସାମାଜିକ, ସଂସ୍କୃତିକ ତଥା ଐତିହାସିକ ଘଟଣାବଳୀର ରୂପଚିତ୍ର ଦେଖିବାକୁ ମିଳିଥାଏ । ସେଗୁଡ଼ିକର ବିବରଣୀ ନିମ୍ନରେ ପ୍ରଦତ୍ତ । କେଉଁ ସ୍ଥାନରେ କେତୋଟି ଶିଳାଲେଖ ରହିଛି, ଏହି ବିବରଣୀରୁ ଆମେ ଜାଣିପାରିବା । ଏହି ଶିଳାଲେଖଗୁଡ଼ିକ ପ୍ରାୟତଃ ମନ୍ଦିର ସଂଲଗ୍ନ ପ୍ରସ୍ତରଖଣ୍ଡରେ ଖୋଦିତ । ବିଭିନ୍ନ ସମୟରେ ଓଡ଼ିଶାର ଗଜପତିମାନଙ୍କ ଦ୍ୱାରା ଏହି ଶିଳାଲେଖଗୁଡ଼ିକ ଖୋଦିତ ହୋଇଛି ।

ମନ୍ଦିର	ସ୍ଥାନ	ଜିଲ୍ଲା	ଶିଳାଲେଖର ସଂଖ୍ୟା
ଲିଙ୍ଗରାଜ ମନ୍ଦିର	ଭୁବନେଶ୍ୱର	ଖୋର୍ଦ୍ଧା	୧୭
କେଦାରେଶ୍ୱର ମନ୍ଦିର	ଭୁବନେଶ୍ୱର	ଖୋର୍ଦ୍ଧା	୦୨

ମେଘେଶ୍ୱର ମନ୍ଦିର	ଭୁବନେଶ୍ୱର	ଖୋର୍ଦ୍ଧା	୦୧
ଦ୍ୱାରବାସିନୀ ମନ୍ଦିର	ଭୁବନେଶ୍ୱର	ଖୋର୍ଦ୍ଧା	୦୧
ଭୁବନେଶ୍ୱର ଅନନ୍ତ	ଭୁବନେଶ୍ୱର	ଖୋର୍ଦ୍ଧା	୦୧
ପାର୍ବତୀ ମନ୍ଦିର	ଭୁବନେଶ୍ୱର	ଖୋର୍ଦ୍ଧା	୦୧
ଜଗନ୍ନାଥ ମନ୍ଦିର	ପୁରୀ	ପୁରୀ	୦୧
ପାତାଳେଶ୍ୱର ମନ୍ଦିର	ପୁରୀ	ପୁରୀ	୦୪
ମାର୍କେଣ୍ଡେଶ୍ୱର ମନ୍ଦିର	ପୁରୀ	ପୁରୀ	୦୩
କୋଣାର୍କ ମନ୍ଦିର	କୋଣାର୍କ	ପୁରୀ	୦୧
କପିଳାଶ ମନ୍ଦିର	କପିଳାଶ	ଢେଙ୍କାନାଳ	୦୧
ଚଟେଶ୍ୱର ମନ୍ଦିର	କିଶେନପୁର	କଟକ	୦୧
ଶୋଭନେଶ୍ୱର ମନ୍ଦିର	ନିଆଳି	କଟକ	୦୧
ସିଦ୍ଧେଶ୍ୱର ମନ୍ଦିର	ସିଦ୍ଧେଶ୍ୱରପୁର	ଯାଜପୁର	୦୧
ବଟେଶ୍ୱର ମନ୍ଦିର	ପାଲୁର	ଗଂଜାମ	୦୧
ଖିଲୋଙ୍ଗେଶ୍ୱର ମନ୍ଦିର	ଖିଲୋର	ଖୋର୍ଦ୍ଧା	୦୧
ଚନ୍ଦ୍ରଶେଖର ମନ୍ଦିର	ପ୍ରତାପରୁଦ୍ରପୁର	ପୁରୀ	୦୩
ଖମ୍ବେଶ୍ୱରୀ ମନ୍ଦିର	ସୋନପୁର		୦୧
ଗୋକର୍ଣ୍ଣେଶ୍ୱର ମନ୍ଦିର	ମହେନ୍ଦ୍ରପର୍ବତ	ଗଜପତି	୦୨
ତୁମ୍ବନାଥ ମନ୍ଦିର	ଖଲିକୋଟ	ଗଂଜାମ	୦୨
ତୁମ୍ବନାଥ ମନ୍ଦିର	ପ୍ରାତପୁର	ଗଂଜାମ	୦୧
ଯୁଦ୍ଧିଷ୍ଠିର ମନ୍ଦିର	ମହେନ୍ଦ୍ରପର୍ବତ	ଗଜପତି	୦୧

ଗଜପତି ରାଜତ୍ୱକାଳୀନ ଶିଳାଲେଖ

ଜଗନ୍ନାଥ ମନ୍ଦିର	ପୁରୀ	ପୁରୀ	୦୯
ଲିଙ୍ଗରାଜ ମନ୍ଦିର	ଭୁବନେଶ୍ୱର	ଖୋର୍ଦ୍ଧା	୦୧
ଗର୍ହପଦା	ଗର୍ହପଦା	ବାଲେଶ୍ୱର	୦୧
ଗୋପୀନାଥପୁର ମନ୍ଦିର	ଗୋପୀନାଥପୁର	କଟକ	୦୧
ବଳଦେବଜୀଉ ମନ୍ଦିର	ଇନ୍ଦୁପୁର	କେନ୍ଦ୍ରାପଡା	୦୧

ଉପରେ ପ୍ରଦତ୍ତ ୬୨ଟି ଶିଳାଲେଖର ଭାଷା ସଂପୂର୍ଣ୍ଣ ଓଡ଼ିଆ । ଏତଦ୍‌ବ୍ୟତୀତ ଉପରୋକ୍ତ ଶିଳାଲେଖ ପୂର୍ବରୁ ଖୋଦିତ ଶିଳାଲେଖର ଭାଷା, ଓଡ଼ିଆ-ତେଲଗୁ, ତାମିଲ, ସଂସ୍କୃତ ଭାଷାରେ ରଚିତ । ବିଶେଷ କରି କପିଳେନ୍ଦ୍ର ଦେବଙ୍କ ସମୟ ପୂର୍ବରୁ, ତେଲଗୁ, ଓଡ଼ିଆ-ତାମିଲ-ସଂସ୍କୃତ ଭାଷାର ସମ୍ମିଶ୍ରଣ ଅଥବା ପୃଥକ ଭାବେ ଶିଳାଲେଖଗୁଡ଼ିକ ଖୋଦିତ ହୋଇଥିବାର ପରିଲକ୍ଷିତ । କୃଷ୍ଣଚନ୍ଦ୍ର ପାଣିଗ୍ରାହୀ, ଓଡ଼ିଶାରେ ମିଳୁଥିବା ପ୍ରାଚୀନ ସଂପଦକୁ ବର୍ଣ୍ଣନା କରି କହନ୍ତି, "ଏତେ ବେଶୀ ପ୍ରାଚୀନ କୀର୍ତ୍ତି ଓ ଐତିହାସିକ ସାମଗ୍ରୀର ଅଧିକାରୀ ଉତ୍କଳ ପରିବେଶ ଭାରତରେ ଆଉ ନାହିଁ । ଏହି ବିପୁଳ ଐତିହାସିକ ସଂପଦରୁ କେବଳ ପ୍ରତ୍ନତାତ୍ତ୍ୱିକମାନେ ଇତିହାସ ବାହାର କରିପାରିବେ ।'' ଡ. ପାଣିଗ୍ରାହୀଙ୍କ ଓଡ଼ିଶାର ଐତିହ୍ୟ ସଂପର୍କିତ ଅଭିମତ ଆମକୁ ମନେ ପକାଇଦିଏ ପ୍ରାଚୀନ ଭାରତୀୟ ପୁରାଣ ସାହିତ୍ୟରେ ଥିବା ଉତ୍କଳ ସଂପର୍କରେ ପ୍ରାଚୁର୍ଯ୍ୟପୂର୍ଣ୍ଣ ଉକ୍ତିଗୁଡ଼ିକୁ । ଉତ୍କଳର ଗୌରବମୟ ଗାଥାକୁ ପ୍ରଖ୍ୟାପିତ କରୁଥିବା ସେହିସବୁ ଉକ୍ତିଗୁଡ଼ିକରୁ କିଛି ଏଠାରେ ଉଦ୍ଧାର କରାଯାଇପାରେ ।

'କପିଳ ସଂହିତା'ର ବର୍ଣ୍ଣନା କରାଯାଇଛି-

ବର୍ଷାଣାମ ଭାରତ ଶ୍ରେଷ୍ଠା ଦେଶାନାମୁତ୍କଳଃ ଶ୍ରୁତ

ଉତ୍କଳସ୍ୟ ସମଦେଶ ଦେଶୋନାସ୍ତି ମହିତଳେ ।

ଉତ୍କଳର ସଂସ୍କୃତି ମୁଖ୍ୟତଃ ତିନୋଟି ସଂସ୍କୃତିର ଏକ ସାରସ୍ୱତ ସମନ୍ୱୟ । ତାହା ହେଉଛି ୧. ଉତ୍କଳ ସଂସ୍କୃତି, ଏହାର ସୀମା ଉତ୍ତରରେ ଯାଜପୁର ଠାରୁ ରାଢ ପର୍ଯ୍ୟନ୍ତ ବିସ୍ତୃତ ଥିଲା, ୨. କଳିଳ ସଂସ୍କୃତି, ଯାଜପୁର ଠାରୁ ଦକ୍ଷିଣ ସୀମାରେ ବିଶାଖାପାଟଣା ପର୍ଯ୍ୟନ୍ତ ସୁବିସ୍ତୃତ ଥିଲା, ୩. କୋଶଳ ସଂସ୍କୃତି, ବୌଦଠାରୁ ପଶ୍ଚିମରେ ବିଳାସପୁର ପର୍ଯ୍ୟନ୍ତ ଥିଲା ।

'ହରିବଂଶ' ବର୍ଣ୍ଣନାନୁସାରେ ଇଳା ବୃତ୍ତାନ୍ତ ବେଶ ରୋଚକ ପୂର୍ଣ୍ଣ । ଅର୍ଦ୍ଧନାରୀଶ୍ୱର ରୂପେ ଆବିର୍ଭୂତ ଇଳାଙ୍କ ପୁରୁଷରୂପ ସୁଦ୍ୟୁମ୍ନଙ୍କ ଔରସରୁ ଯେଉଁ ତିନୋଟି ପୁତ୍ର ଜନ୍ମଗ୍ରହଣ କରି ବିଭିନ୍ନ ଭୂମିକୁ ଅଧିକୃତ କରିଥିଲେ, ସେହି ଅଧିକୃତ ଭୂମିର ନାମାନୁସାରେ ସେମାନଙ୍କ ନାମଥିଲା ଉତ୍କଳ, ଗୟା ଓ ବିନିତାଶ୍ୱ । ଅନ୍ୟ ଏକ ପୌରାଣିକ ଉପାଖ୍ୟାନ ଅନୁସାରେ ବଳିଙ୍କ ପତ୍ନୀ ସୁଦେଷ୍ଣା ଓ ଋଷି ଦୀର୍ଘତମାଙ୍କ ଔରସରୁ ଯେଉଁ ପାଞ୍ଚଗୋଟି ପୁତ୍ର ଜନ୍ମଲାଭ କରିଥିଲେ ସେମାନଙ୍କ ନାମଥିଲା ଅଙ୍ଗ, ବଙ୍ଗ, କଳିଙ୍ଗ, ପୁଣ୍ଡ୍ର ଓ ସୁମହ । କଳିଙ୍ଗଙ୍କ ନାମାନୁସାରେ କଳିଙ୍ଗଭୂମିର ନାମକରଣ ହୋଇଥିଲା । ମହାଭାରତରେ କଳିଙ୍ଗ ରାଜ୍ୟର ନାମ ଉଲ୍ଲେଖ ରହିଛି । ପ୍ଲିନୀ ବିବରଣୀ ଅନୁସାରେ କଳିଙ୍ଗ ତିନି ଭାଗରେ ବିଭକ୍ତ ଥିଲା ଯଥା କଳିଙ୍ଗ, ମୁଡୁ କଳିଙ୍ଗ ଓ ମୁଖିଖ କଳିଙ୍ଗ । ହୁଏନସାଂଙ୍କ ବିବରଣୀ ଅନୁସାରେ ଉପରୋକ୍ତ ତିନିଗୋଟି ବିଭାଗ ଉ-ଚ (ଉଡ୍ର), କଙ୍ଗ୍-ଉ-ଗ୍ଲେ (କଙ୍ଗୋଦ) ଏବଂ କି-ଲିଙ୍ଗ୍-କିଆ (କଳିଙ୍ଗ) ନାମରେ ନାମିତ । ଭରତଙ୍କ ନାଟ୍ୟଶାସ୍ତ୍ରରେ ଓଡ୍ର ବିଭାଷା ସଂପର୍କରେ ସୂଚନା ଦିଆଯାଇଛି ।

"ଶବରାଭୀର ଚଣ୍ଡାଳ ସାବର ଦ୍ରାବିଡୋଡ୍ରଜାଃ

ହୀନ ବନେ ଚରଣାଂ ବିଭାଷୀ ସପ୍ତ କୀର୍ତ୍ତିତାଃ ।'

ଅର୍ଥାତ୍ ଶବର, ଆଭୀର, ଚଣ୍ଡାଳ, ସାବର, ଦ୍ରାବିଡ, ବନଚରମାନଙ୍କର କଥିତ ଭାଷା ହେଉଛି ଉଡ୍ରଜା ବା ଓଡ୍ର ବିଭାଷା ।

ଓଡ଼ିଆ ଭାଷାର ପ୍ରାଚୀନତା ତଥା ସ୍ୱାତନ୍ତ୍ୟ ସଂପର୍କରେ ଡ. ସୁନୀତି କୁମାର ଚାଟାର୍ଜୀ କୁହନ୍ତି, "Bengali and Assamese originated from a common group of dialects, very close to each other as forms of the same speech, to which the name Bengali-Assamese dialect group has been given. Oriya also belongs to the same group. Only Oriya has same other features of its own not found in Bengal-Assamese. At the present day,Oriya is the most ancient of cell these speeches."

ପୂର୍ବାଂଚଳୀୟ ଭାଷା ଦୃଷ୍ଟିରୁ ଓଡ଼ିଆ ଭାଷାର ସ୍ୱତନ୍ତ୍ରତା ରହିଛି । ଭାଷାର ସ୍ୱତନ୍ତ୍ରତା ଭୂମିର ସ୍ୱାତନ୍ତ୍ୟକୁ ବୁଝାଏ । କାରଣ ନିର୍ଦ୍ଦିଷ୍ଟ ଭୂମିଖଣ୍ଡରେ ଗୋଷ୍ଠୀ-ମଣିଷ ନିଜର ସ୍ୱତନ୍ତ୍ର ଭାଷା ବ୍ୟବହାର କରିବାକୁ ବାଧ୍ୟ । ତେବେ ଏହି ଏକକରେ ଭାଷା ସଂପର୍କରେ ଆଲୋଚନା କରାନଯାଇ ଉତ୍କଳର ଐତିହ୍ୟ ସଂପର୍କରେ ଆଲୋଚନା କରାଯିବ ଏବଂ ଯାହାର ଭିତ୍ତିଭୂମି ହେଉଛି ଓଡ଼ିଆ ଅଭିଲେଖ । ଗୋଦାବରୀରୁ ଗଙ୍ଗା ପର୍ଯ୍ୟନ୍ତ ବିସ୍ତୃତ ଥିବା ଏହି ଉତ୍କଳ ଭୂମିର ଐତିହ୍ୟକୁ ପ୍ରଚୋଦିତ କରୁଥିବା ଶିଳାଲେଖର ଇତିହାସ ବେଶ ରୋଚକ ପୂର୍ଣ୍ଣ । ଯେଉଁଗୁଡ଼ିକ ଐତିହାସିକମାନଙ୍କ ପାଇଁ ଅମୂଲ୍ୟ ସଂପଦ । 'ଏଗୁଡ଼ିକ, ବିଶେଷକରି ସମକାଳୀନ ରାଜାମାନଙ୍କର ଶାସନ, ଧର୍ମ ଓ ସମାଜ ନୀତିର ପ୍ରକାଶକ ହୋଇଥିବାରୁ, ଏଥିରେ ସେହି ସମୟର ରାଜାଙ୍କ ଶାସନ, ଧର୍ମ ଓ ସମାଜ ପରିଚାଳନା ସଂପର୍କରେ ସମ୍ୟକ ଚିତ୍ରଣ ରହିଥାଏ । ଫଳରେ ଅଭିଲେଖରୁ ସେ ସମୟର ଇତିହାସ ଜାଣିବା ପରବର୍ତ୍ତୀ କାଳରେ ସହଜସାଧ୍ୟ ହୋଇଥାଏ ।' (କୁମୁଦ ରଞ୍ଜନ ପାଣିଗ୍ରାହୀ, ପୃ-୯)

ଏକାଦଶ ଶତାବ୍ଦୀରେ ସୋମବଂଶୀ ରାଜାମାନଙ୍କୁ ପରାହତ କରି ଓଡ଼ିଶାକୁ ଗଙ୍ଗମାନେ ଶାସନ କରିଥିଲେ । ଏହି ସମୟ ଥିଲା ଓଡ଼ିଆ ଭାଷା-ସାହିତ୍ୟର ସ୍ୱର୍ଣ୍ଣ ଯୁଗର ଅଭ୍ୟୁଦୟ । ଚୋଡ଼ଗଙ୍ଗ ଥିଲେ ଏହାର ପ୍ରତିଷ୍ଠାତା । ରାମାନୁଜଙ୍କ ପ୍ରଚରିତ ବୈଷ୍ଣବ ଧର୍ମ ପ୍ରତି ଆକୃଷ୍ଟ ହୋଇ ଚୋଡ଼ଗଙ୍ଗ ଦେବ ଓଡ଼ିଶାର ଶୈବ ପରିବର୍ତ୍ତେ ବୈଷ୍ଣବ ଧର୍ମର ପ୍ରଚାର ପାଇଁ ପ୍ରୟାସ କରିଛନ୍ତି । ୧୧୩୫ ଖ୍ରୀଷ୍ଟାବ୍ଦରେ ସେ ପୁରୀ ଜଗନ୍ନାଥ ମନ୍ଦିର ନିର୍ମାଣ କାର୍ଯ୍ୟ ଆରମ୍ଭ କରିଥିଲେ । ସୀମାଚଳମ ସହିତ ପୁରୀର ସଂପର୍କ ବେଶ୍ ସୁଦୃଢ଼ ହୋଇଥିଲା । ପୂର୍ବରୁ ସଂସ୍କୃତ-ଓଡ଼ିଆ ଦ୍ୱିତ ଭାଷାରେ ଶିଳାଲେଖ ପ୍ରସ୍ତୁତ ହେଉଥିଲା କିନ୍ତୁ ତାଙ୍କ ସମୟରେ ଓଡ଼ିଆ-ତେଲଗୁ ଭାଷାକୁ ଶିଳାଲେଖରେ ପ୍ରାଧାନ୍ୟ ଦିଆଯାଇଥିଲା । ତାଙ୍କ ସମୟରେ ହାରାହାରି ୫୦୦ରୁ ଉର୍ଦ୍ଧ୍ୱ ଶିଳାଲେଖ ଖୋଦିତ ହୋଇଥିବାର ସୂଚନା ମିଳିଥାଏ । ଚୋଡ଼ଗଙ୍ଗଦେବଙ୍କ ପ୍ରପିତାମହ ବଜ୍ରହସ୍ତଙ୍କ ଦ୍ୱାରା ଖୋଦିତ ଉରଜାମ ଶିଳାଲେଖ (୧୦୫୧ଖ୍ରୀ) ହେଉଛି ପ୍ରଥମ ଶିଳାଲେଖ ଯେଉଁଥିରେ ଓଡ଼ିଆ ଭାଷାର ବ୍ୟବହାର କରାଯାଇଥିଲା । ପ୍ରଥମ ଏକକରେ ଏହି ଶିଳାଲେଖର ପାଠ ଥିବାରୁ ଏଠାରେ ତାହା ଉଦ୍ଧାର କରାଯିବା ନିଷ୍ପ୍ରୟୋଜନ । ଚୋଡ଼ଗଙ୍ଗଦେବଙ୍କ ପୁତ୍ର ରାଘବଙ୍କ ଦ୍ୱାରା ପୁରୀସ୍ଥ ମାର୍କଣ୍ଡେଶ୍ୱର ମନ୍ଦିର ଶିଳାଲେଖ ଏବଂ ଲିଙ୍ଗରାଜ ମନ୍ଦିର ଶିଳାଲେଖରେ ଓଡ଼ିଆ ଭାଷା ସହିତ ସଂସ୍କୃତର ପ୍ରୟୋଗ କରାଯାଇଥିଲା । ୧୧୧୨ଖ୍ରୀ.ରେ ଲିଖିତ କୋରନୀ ତାମ୍ରଶାସନରେ ଚୋଡଗଙ୍ଗ ଦେବ ନିଜକୁ ପରମ ମହେଶ୍ୱର ଏବଂ ପରମ ବୈଷ୍ଣବ ଭାବେ ଘୋଷଣା କରିଛନ୍ତି । ମୁକ୍ତେଶ୍ୱର ମନ୍ଦିର ଶିଳାଲେଖ (୧୧୪୨ଖ୍ରୀ.) ରେ ମୁକ୍ତେଶ୍ୱର ମହାଦେବଙ୍କ ନିମନ୍ତେ ଚୋଡଗଙ୍ଗ ଦେବଙ୍କ ରାଣୀ ପ୍ରଚାରୀ ମହାଦେବୀ ଗୋଟିଏ ଦୀପ ଦାନ କରିଥିବା କଥା ଉଲ୍ଲେଖ ରହିଛି । ଚୋଡଗଙ୍ଗ ଦେବଙ୍କ ଉତ୍ତରପିଢ଼ି ଶୈବମନ୍ଦିର ସହିତ ଜଡ଼ିତଥିଲେ । କପିଳାଶର ଚନ୍ଦ୍ରଶେଖର ମନ୍ଦିର ଶିଳାଲେଖ (୧୨୪୩ ଖ୍ରୀ.)ରେ ଉଲ୍ଲେଖ ରହିଛି ଯେ ତୃତୀୟ ଅନଙ୍ଗ ଭୀମଦେବଙ୍କ ପୁତ୍ର ପ୍ରଥମ ନରସିଂହ ଦେବ ନିଜକୁ ପରମ ମହେଶ୍ୱର ଏବଂ ରୁଦ୍ରପୁତ୍ର ବୋଲି ଅଭିହିତ କରିଥିଲେ । ଯଦିଓ ଦ୍ୱିତୀୟ ନରସିଂହ ଦେବ ବୈଷ୍ଣବ ଧର୍ମ ପ୍ରତି ଆଗ୍ରହ ଦେଖାଇଛନ୍ତି କିନ୍ତୁ ଶୈବ ଧର୍ମର ସୁରକ୍ଷାପ୍ରତି ସଚେତନ ଥିଲେ । ଏପରିକି ଯାଜପୁରର ସିଦ୍ଧେଶ୍ୱର ମନ୍ଦିର ଶିଳାଲେଖରେ ଚତୁର୍ଥ ନରସିଂହ ଦେବ ସିଦ୍ଧେଶ୍ୱର ପୁଜାର୍ଚ୍ଚନା ନିମନ୍ତେ ଗୋଟିଏ ଗ୍ରାମ ଦାନ କରିଥିବାର ଉଲ୍ଲେଖ ରହିଛି । ଗଙ୍ଗଙ୍କ ପରେ ଓଡ଼ିଶାର ଶାସନ ଭାର ଗଜପତି ରାଜାଙ୍କ ଅଧୀନସ୍ଥ ହୋଇଛି ଏବଂ ବୈଷ୍ଣବ ଧର୍ମର ବ୍ୟାପକ ପ୍ରଚାର ପ୍ରସାର ଘଟିଛି । ଚୋଡ଼ଗଙ୍ଗ ଦେବ ପୁରୀରେ ଜଗନ୍ନାଥ ମନ୍ଦିର ନିର୍ମାଣ ଉତ୍କଳୀୟ ବୈଷ୍ଣବ ଧର୍ମର ପ୍ରତିଷ୍ଠା କହିଲେ ଅତ୍ୟୁକ୍ତି ହେବନାହିଁ, ୧୨୭୮ ଖ୍ରୀ.ରେ ଅନନ୍ତ ବାସୁଦେବ ମନ୍ଦିରରେ ଗଙ୍ଗ ମହାରାଣୀ ଚନ୍ଦ୍ରିକା ଦେବୀଙ୍କ ଦ୍ୱାରା ବିଷ୍ଣୁଙ୍କର ଦଶ ଅବତାର ମୂର୍ତ୍ତି ସ୍ଥାପନ ଏହାର ଏକ ଜ୍ୱଳନ୍ତ ଉଦାହରଣ । ତେବେ ଗଙ୍ଗମାନଙ୍କ ସମୟରେ ସୂର୍ଯ୍ୟ ଉପାସନା, ଶକ୍ତି ଉପାସନା, କୃଷ୍ଣ ଉପାସନା, ପ୍ରଭୃତି ନିରବଚ୍ଛିନ୍ନ ତଥା ସମାନ୍ତରାଳ ଭାବେ ଓଡ଼ିଶାରେ ଚାଲି ଆସିଛି ଏବଂ ଏହି ସମସ୍ତ ଉପାସନା ପଦ୍ଧତି ସମାୟିତ ହୋଇଛି ଜଗନ୍ନାଥ ମନ୍ଦିର ଭିତରେ । କପିଳେନ୍ଦ୍ର ଦେବଙ୍କ ପର୍ଯ୍ୟନ୍ତ ଗଙ୍ଗବଂଶୀ ରାଜାମାନେ ଓଡ଼ିଶାରେ ଜଗନ୍ନାଥଙ୍କୁ ନିଜର ଆରାଧ୍ୟ ଦେବତା ଭାବେ ଗ୍ରହଣ କରିଥିଲେ । କପିଳେନ୍ଦ୍ର ଦେବଙ୍କ ଠାରୁ ଆରମ୍ଭ ହୋଇଥିବା ଗଜପତି ଶାସନ ଓ ତାଙ୍କପରେ ଜଗନ୍ନାଥଙ୍କୁ ଜାତୀୟ ପରିଚିତ ପ୍ରଦାନ କରିଥିଲା । କପିଳେନ୍ଦ୍ର ଦେବ, ପୁରୁଷୋତ୍ତମ

ଦେବ ପ୍ରତାପରୁଦ୍ରଦେବଙ୍କ ଦ୍ୱାରା ଖୋଦିତ ଶିଳାଲିପିରେ ଜଗନ୍ନାଥଙ୍କୁ ରାଷ୍ଟ୍ରଦେବତା ଭାବେ ଅଭିଷିକ୍ତ କରାଯାଇଛି । ସେମାନଙ୍କ ରାଜତ୍ୱ କାଳରେ ନାନକ, କବିର ଓ ଚୈତନ୍ୟ ଦେବ ଓଡ଼ିଶାକୁ ଆସିଛନ୍ତି ଓ ଜଗନ୍ନାଥଙ୍କ ସାନିଧ ଲାଭ କରିଛନ୍ତି । କିନ୍ତୁ ଶ୍ରୀ ଚୈତନ୍ୟଙ୍କ ପୁରୀରେ ୧୮ ବର୍ଷ ରହଣୀ ବୈଷ୍ଣବ ଧର୍ମ ତଥା ଜଗନ୍ନାଥଙ୍କ ଧର୍ମ ଦର୍ଶନର ପ୍ରଚାର ନିମନ୍ତେ ଏକ ଉତ୍‌ପ୍ରେରକ ଶକ୍ତି ଭାବେ କାର୍ଯ୍ୟ କରିଛି ।

ମଧ୍ୟଯୁଗୀୟ ଧାର୍ମିକ ପରିମଣ୍ଡଳ କେବଳ ଭାସ୍କର୍ଯ୍ୟ ଚିତ୍ରକଳା ସାହିତ୍ୟ ମଧ୍ୟରେ ଅଭିବ୍ୟକ୍ତ ହୋଇଛି ପରନ୍ତୁ ମନ୍ଦିର ଗାତ୍ରରେ ଲିପିବଦ୍ଧ ଶିଳାଲେଖରେ ଓ ତାମ୍ରଶାସନରେ ପ୍ରତିଫଳିତ ହୋଇଛି । ଯାହାକୁ ଆଧାରକରି ଓଡ଼ିଶାର ସାମାଜିକ ତଥା ସାଂସ୍କୃତିକ ଜୀବନ ଧାରାକୁ ସହଜରେ ଆକଳନ କରାଯାଇପାରିବ । ଗଙ୍ଗମାନଙ୍କ ସମୟରେ ଶିକ୍ଷାର ବିସ୍ତାର ଲାଗି ପ୍ରଯତ୍ନ ପ୍ରୟାସ କରାଯାଇଥିବାର ପ୍ରମାଣ ଶିଳାଲେଖରୁ ଦେଖିବାକୁ ମିଳିଥାଏ । ୧୩୦୫ ଖ୍ରୀ. ରେ ଖୋଦିତ ଶିଳାଲେଖରେ ବାରଣାସୀ କଟକ ନିବାସୀ ଚମ୍ପୁନାଥ ମହାସେନାପତି ସୀମାଚଳମ ମନ୍ଦିରରେ ବେଦ ଅଧ୍ୟୟନ ପାଇଁ ନିୟୋଜିତ ହୋଇଥିଲେ । ୧୨୦୩ଖ୍ରୀ. ରେ ଲିଖିତ ଶିଳାଲେଖରେ ପୁରାଣ ପାଠ ପାଇଁ ନିୟୋଜିତ ୧୫ଜଣ ବ୍ରାହ୍ମଣଙ୍କୁ ବୈଷ୍ଣବ ନରହରି ତୀର୍ଥ ଅର୍ଥଦାନ କରିଥିଲେ, ଅଗ୍ରହଣ ଏବଂ ମନ୍ଦିର ବ୍ୟତୀତ ମଠ ତଥା ସାଧୁସନ୍ନାସୀଙ୍କ ନିବାସ ସ୍ଥାନରେ ଉଚ୍ଚ ଶିକ୍ଷାର ବନ୍ଦୋବସ୍ତ କରାଯାଇଥିଲା । ଦ୍ୱିତୀୟ ନରସିଂହ ଦେବ ବେଦ ମଠ ଏବଂ ବ୍ୟାକରଣ ମଠ ନିମନ୍ତେ ୭ବାଟୀ ଜମିଦାନ କରିଥିଲେ । ସେହିପରି ତୃତୀୟ ଅନଙ୍ଗ ଭୀମଦେବ ମଧ ବେଦ ବ୍ୟାକରଣ ମଠ ନିମନ୍ତେ ୯ବାଟୀ ଏବଂ ଜମେଶ୍ୱର ମଠ ଯେଉଁଠି ବେଦ ବ୍ୟାକରଣ ଶିକ୍ଷା ଦିଆଯାଉଥିଲା, ସେଥି ନିମନ୍ତେ ତିନିବାଟୀ ଜମି ଦାନ କରିଥିଲେ । ଏହି ସବୁ ସ୍ଥାନରେ ଋକବେଦ, ପୁରୁଷସୁକ୍ତ, ଯଜୁର୍ବେଦ, ସାମବେଦ, ପୁରାଣ, କାବ୍ୟ, ନୀତିଶାସ୍ତ୍ର, ନାଟକ, ଛାନ୍ଦ, ବ୍ୟାକରଣ, ଅଭିଧାନ ଆୟୁର୍ବେଦ ପ୍ରଭୃତି ବିଷୟରେ ଶିକ୍ଷା ଦିଆଯାଉଥିଲା । ଗଙ୍ଗ ରାଜାବୃନ୍ଦ ଯଥା ଚୋଡଗଙ୍ଗ ଦେବ, ରାଜାରାଜଦେବ, ଅନଙ୍ଗଭୀମ ଦେବ- ୩ ନରସିଂହ-୧, ଚନ୍ଦ୍ରିକା ଦେବୀ ଏବଂ ଚତୁର୍ଥ ଭାନୁଦେବ ତଥା ଗଜପତି ମାନେ ଯଥା କପିଳେନ୍ଦ୍ରଦେବ, ପୁରୁଷୋତ୍ତମଦେବ, ପ୍ରତାପରୁଦ୍ର ଦେବ ପ୍ରଭୃତି ରାଜନ୍ୟବର୍ଗ ଓଡ଼ିଶାରେ କଳା, ସ୍ଥାପତ୍ୟ, ଶିକ୍ଷା, ସଂଗୀତ, ନୃତ୍ୟର ବିକାଶ ନିମନ୍ତେ ପୃଷ୍ଠପୋଷକତା କରିଥିବାର ପ୍ରମାଣ ଆମେ ବିଭିନ୍ନ ଶିଳାଲେଖ ତଥା ତାମ୍ର ଶାସନରୁ ଦେଖିବାକୁ ପାଉ । ଉଭୟ ଗଙ୍ଗ ଓ ଗଜପତି ରାଜତ୍ୱ କାଳରେ ବିବିଧ ପ୍ରକାର ମୁଦ୍ରା ଯଥା ମାଢ଼, ଚିନମ, ଫାନମ, ଗଙ୍ଗ୍ୟା, ନିବନ୍ଧ, ପାଗୋଡ଼ା, ସସୁକାନି ଟଙ୍କାର ପ୍ରଚଳନ ସେ ସମୟରେ ଖୋଦିତ ଶିଳାଲେଖରୁ ପାଇଥାଉ । ଧାତୁରୁ ନିର୍ମିତ ବିଶେଷକରି ସୁନା ଏବଂ ରୂପାର ଏହି ମୁଦ୍ରାଗୁଡ଼ିକ ବ୍ୟବସାୟ ବାଣିଜ୍ୟ କାରବାରର ବ୍ୟବହୃତ ହେଉଥିଲା । ସାଧାରଣ କାରବାରରେ ତମ୍ବା ମୁଦ୍ରାର ପ୍ରଚଳନ ଥିଲା । ତେବେ ଜନସାଧାରଣ ବା ପ୍ରଜାମାନଙ୍କ ମଧ୍ୟରେ କଉଡ଼ିର ପ୍ରଚଳନ ଥିଲା । ହୁଏନସାଂଙ୍କ ଭ୍ରମଣ ବୃତ୍ତାନ୍ତରେ ଏହି କଉଡ଼ିର ପ୍ରଚଳନ କଥା ଉଲ୍ଲେଖ ରହିଛି । ତେବେ ଚୋଡ଼ଗଙ୍ଗ ଦେବଙ୍କ ସମୟରେ ଖୋଦିତ ଆଲଗମ ଶିଳାଲେଖ (୧୧୪୦-୪୧ଖ୍ରୀ)ରେ କଦର୍ପକ (କଉଡ଼ି)ର ବ୍ୟବହାର କଥା ଉଲ୍ଲେଖ ରହିଛି । ଜଗନ୍ନାଥ ମନ୍ଦିର ଶିଳାଲେଖରେ ପୁରୁଷୋତ୍ତମ ଦେବ ମନ୍ଦିରକୁ ୨୦୦୦ କାହାଣ (ଗୋଟିଏ କାହାଣ-୧୨୫୦ କଉଡ଼ି) କଉଡି ଦାନ କରିଥିବାର କଥା ଉଲ୍ଲେଖ ରହିଛି । କଉଡ଼ି, ଟଙ୍କା ପରି ପଦ୍ମ, ପଦ୍ମନିଧି, ଚିନା, ରୂଆ ପ୍ରଭୃତି ମୁଦ୍ରାର ପ୍ରଚଳନ ଆମେ ଦେଖିବାକୁ ପାଉ । ତେବେ ଅଧିକାଂଶ ମୁଦ୍ରା ଦୁଷ୍ପ୍ରାପ୍ୟ ହୋଇଥିବାରୁ ସେ ସଂପର୍କରେ ଆଲୋଚନା କରାଯାଇପାରିନାହିଁ । ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, କପିଳେନ୍ଦ୍ର ଦେବ ପ୍ରଥମେ "ଓଡ଼ିଶା' ଶବ୍ଦକୁ ତାଙ୍କ ଦ୍ୱାରା ଲିଖିତ ଶିଳାଲେଖରେ ବ୍ୟବହୃତ କରିଛନ୍ତି । ଲିଙ୍ଗରାଜ ମନ୍ଦିର ଶିଳାଲେଖରେ ରହିଛି-

"ରାଏଗୁରୁ ବାସୁ ମହାପାତ୍ର ଭୁବନେର ମହାପାତ୍ର
ଏ ଦୁଇହେ ଆସି (ଲିହିଲେଏ)
ଦୁଇଙ୍କରି ଗୋଚରେ ଆଗ୍ୟାଂ ବୋଲିଣ ହୋଇଲେ
ଆମ୍ଭର ଓଡିଶା ରାଜ୍ୟେ ଜେତେ ରା(ଜ୍ୟେ ଜେତେ ରାଜ)
ସୁଗ ସବୁହେଂ ରାଜାଙ୍କ ହୀତେ ବ୍ରତି ଏ ଆପଣାର
ସଦାରେରେ ଥିବେ xxx'

ଜଗନ୍ନାଥ ମନ୍ଦିରର ଜୟବିଜୟ ଦ୍ୱାରର ଉଭୟ ପଟ କାନ୍ଥରେ କପିଳେନ୍ଦ୍ର ଦେବଙ୍କ ୫ଟି ଶିଳାଲେଖ ରହିଛି । ପ୍ରଥମ ଶିଳାଲେଖର ସମୟ ଡିସେମ୍ବର ୯ତାରିଖ ୧୪୩୬ ମସିହା (୪ର୍ଥ ଅଙ୍କ ଧନୁମାସ ଅମାବାସ୍ୟା) । ଏହି ଶିଳାଲେଖରେ ମଧ 'ଓଡ଼ିଶା' ନାମର ଉଲ୍ଲେଖ ରହିଛି ।

x x x x x

କାଶୀ ବିଦ୍ୟାଧର ମହାପାତ୍ର ବେଲଶ୍ୱର ପ୍ରହରାଜ ମହାପାତ୍ର

ଲିଖନ ପୁରୋହିତ ପଟ୍ଟନାୟକ ଦାମୋଦର ମହା ସେନାପତି ଥାଇ ପରମେଶ୍ୱରଙ୍କ ଶ୍ରୀଚଣ ଅଗ୍ରତେ ଭୋଗ ପରୀକ୍ଷା ପାତ୍ର ଅଗ୍ନିଶର୍ମା ମୁଦ୍ରହସ୍ତର ଗୋଚ ରେ ବୋଇଲା ମୁଦଲେ ଶ୍ରୀ ପୁରୁଷୋତ୍ତମ ଦେବଙ୍କ ଦେଉଳ ଦ୍ୱାରେ ଲେଖନ କରିବା ଆରମ୍ଭ ଓଡ଼ିଶା ରା(ରାଜ୍ୟ) ର ଲୋଣ କଉଡ଼ି ମୁଲକର ନ୍ୟାୟ ଛାଡ଼ିଲି ଛାଡ଼ିଲି ଏହା ରାଜା ହୋଇ ଜେ ଲଙ୍ଗଇ ସେ ଶ୍ରୀ ଜଗନ୍ନାଥ ଦେବଙ୍କୁ ଦ୍ରୋହ କରଇ ।

ଉଡ୍ର, ଓଡ୍ର, ଉଡ୍ରଡିଆନ, ଉତ୍କଳ, କଳିଙ୍ଗ, ପ୍ରଭୃତି ନାମରେ ନାମିତ ରାଷ୍ଟ୍ରଟି କପିଳେନ୍ଦ୍ର ଦେବଙ୍କ ପରେ ପରେ ଓଡ଼ିଶା ରାଜ୍ୟରେ ପରିଣତ ହୋଇଛି ଏବଂ ଏହି ଓଡ଼ିଶା ବା ନବୋତ୍କଳ ନିର୍ମାଣରେ କପିଳେନ୍ଦ୍ର ଦେବ ଯଥା ସାଧ୍ୟ ପ୍ରୟାସ କରିଛନ୍ତି । କପିଳେନ୍ଦ୍ର ଦେବ ହେଉଛନ୍ତି ପ୍ରଥମ ଓଡ଼ିଆ ଯାହାଙ୍କ ସାମ୍ରାଜ୍ୟ ବିସ୍ତାରରେ ସାମର୍ଥ ଓ ଓଡିଶାରେ ଗଠନମୂଳକ କାର୍ଯ୍ୟକରିବାରେ ଦକ୍ଷତା ରହିଥିଲା । ବାହ୍ୟ ଶତ୍ରୁ କପିଳେନ୍ଦ୍ର ଦେବଙ୍କ ରାଜ୍ୟର ସୀମା ସ୍ପର୍ଶ କରିବାକୁ ଭୟ କରୁଥିଲେ ଏବଂ ଯେଉଁ ପଡ଼ୋଶୀ ରାଜ୍ୟର ରାଜା ଉତ୍କଳକୁ କରାୟତ କରିବାପାଇଁ ପ୍ରୟାସ କରିଥିଲେ ସେମାନେ ପରାଜୟ ବରଣ କରିଥିବାର ସୂଚନା ଆମେ ଇତିହାସରୁ ପାଇଥାଉ ।

ଗଙ୍ଗ ବଂଶଙ୍କ ପୂର୍ବରୁ ସମ୍ବଲପୁର ଜିଲ୍ଲା ଅନ୍ତର୍ଗତ ନରସିଂହନାଥ ମନ୍ଦିର କାନ୍ଥ ପାଟଣାନଗରର ରାଜକୁମାର ଦେବଳଦେବଙ୍କର ଶିଳାଲେଖଟି ରହିଛି । ଏହି ଶିଳାଲେଖରେ (୬ଷ୍ଠ/୭ମ ଶତାବ୍ଦୀ) ନରସିଂଘନାଥ ସ୍ୱାମୀଙ୍କ ଦେଉଳ ତୋଳାଇବାର ଉଲ୍ଲେଖ ରହିଛି । ପାଠଟି ଏହିପରି - ଓଁ ନମ ଶ୍ରୀ ନିସଂଘ x x x ସ୍ୱସ୍ତି ଶ୍ରୀ ଉନସି ନାମ ସମ୍ୱସ୍ତରେ ଚୈତ୍ର ପୂର୍ଣ୍ଣିମା ଶୁକ୍ଳ ପକ୍ଷେ ହସ୍ତା ନକ୍ଷତ୍ରେ ପାଟଣାନଗର ସ୍ଥିତ ବସ୍ୱାନୁଜ ଦେବ ରାଜାଙ୍କ ଜ୍ୟେଷ୍ଠପୁତ୍ର ଦେବଳଦେବରାଜ ନରସିଂହ ତୀର୍ଥେ ଗୋଣ୍ଡମାର୍ଦନ ପର୍ବତେ ବିରଳା ନରସିଂଘ ନାଥ ସ୍ୱାମୀଙ୍କ ଶ୍ରୀ ଦେଉଳ ତୋଳାଇଲା ନିଜେ ରନ୍ଧଶାଳା ଗାଇ ସତେକ ଲୁହାସିଂଘାଗ୍ରାମ ଦିଆଗୋଲା x x x । ଅର୍ଥାତ୍ ଏହି ସମୟରେ ଓଡ଼ିଶାରେ ବୌଦ୍ଧ ବଜ୍ରଯାନର ଉତ୍ପତ୍ତିର ସମୟ । ବଜ୍ରଯାନର ପ୍ରବର୍ତ୍ତକ ରାଜା ଇନ୍ଦ୍ରଭୂତି ଉଡଡିୟାନ୍ ବା ଓଡିଶାର ସହୋର/ଜହୋର ନାମକ ସ୍ଥାନରେ ଜନ୍ମଗ୍ରହଣ କରିଥିଲେ । ବଡସମ୍ବର ବା ବଡାସହୋର ଏହି ସ୍ଥାନର ନାମ ଉକ୍ତ ଅଂଚଳଟି ନୃସିଂହନାଥ ମନ୍ଦିର ନିକଟବର୍ତ୍ତୀ ଏବଂ ଏହି ସ୍ଥାନରେ ବୌଦ୍ଧତାନ୍ତ୍ରିକ ନାଗାର୍ଜୁନ ବହୁବର୍ଷ ବସବାସ କରୁଥିଲେ ବୋଲି କିମ୍ବଦନ୍ତୀ ଅଛି ।

ଶୈଳୋଦ୍ଭବ ବଂଶର ରାଜାମାନେ ଉଚ୍ଚଶିକ୍ଷିତ ଓ ଧର୍ମପରାୟଣ ଥିଲେ । ଏମାନେ ବ୍ରାହ୍ମଣ ଧର୍ମକୁ ଗୁରୁତ୍ୱ ଦେଉଥିବା ହେତୁ ବୌଦ୍ଧର୍ମର ପକ୍ଷପାତି ନଥିଲେ । ମହାରାଜାଧିରାଜ ଧର୍ମରାଜଦେବ ୨ୟଙ୍କ ନବିନା ତାମ୍ରଶାସନରେ ରାଜ୍ୟର ସୀମାନିର୍ଦ୍ଦେଶ ସହ ପ୍ରାକୃତ ଭାଷାର ପ୍ରୟୋଗ ଦେଖିବାକୁ ମିଳେ । ତାମ୍ରଲେଖର ପାଠଟି ନିମ୍ନରେ ଉଦ୍ଧୃତ କରାଗଲା । ଯାହାର ଲିଖନ ସମୟ ୭-୮ମ ଶତାବ୍ଦୀ ବୋଲି ଗବେଷକମାନେ ମତ ଦେଇଛନ୍ତି ।

"ପଶ୍ଚିମ ଦିଶହ ତୃକୁଟ ଆଡ ପୋପାଦି ବଣରାଇ
ବାଲ୍ମୀକ ବଙ୍କସିଳ ବଣରାଇ ।
ଉତ୍ତର ଦିଶହି ତୃକୁଟ ପାଣି ସାଶତରି ମଣିବାଧୈବଣି
ଉତ୍ତର ଦିସହି ଦିଘସିଳ
ପୂବେହି ଅଡିବଣରାଇବାତ
ପୂବଉତ୍ତର କୋଣେହ ସୋମଣିତକୁଟ
ପୂବ ଦିସଲ ଖୋଲାଡ
ପୂବ ଦକ୍ଷିଣ କୋଣହି ବାଘଗୁହ ତୁକୁଟ
ଦଖିଣହି ଶବଦିସିଳ ଗାଡି ସ୍ରାବତ ସଣ୍ଡପୁର ଦ୍ୱିଟିମ୍ପରା ।'

ଚୋଡ଼ଗଙ୍ଗ ଦେବଙ୍କ ପୂର୍ବପୁରୁଷ ମଧୁ କାମାର୍ଣ୍ଣବ ଦେବଙ୍କ ଶିଳାଲେଖ (ଗଙ୍ଗାବ୍ଦି ୫୨୮)ରେ ରାଜ୍ୟର ସୀମା କଥା ଉଲ୍ଲେଖ ରହିଛି । ଯେଉଁଥିରେ ଓଡ଼ିଆ ଭାଷାର କେତେକ ଶବ୍ଦ ଯଥା ତିନ୍ତୁଳି, ପାତ, ରାବଣ, ଦୋଳି, ମୃଗବେ[ଯୋଡି, ବନରା ଛତା, ହଳେ, ଦେଢ ଇତ୍ୟାଦି ବ୍ୟବହାର ହୋଇଥିବାର ପରିଲକ୍ଷିତ ହୁଏ । ସେହିପର ଅନନ୍ତବର୍ମା ବଜ୍ରହସ୍ତ ଦେବଙ୍କ ଶିଳାଲେଖ (୧୦୬୯ଖ୍ରୀ) ଏବଂ ବଜ୍ରହସ୍ତ ଦେବଙ୍କ ଶିଳାଲେଖ (୧୧୦୬)ରେ ଓଡ଼ିଶାର ଧର୍ମ ସଂସ୍କୃତି ବିଷୟରେ ବର୍ଣ୍ଣନା ଦେଖିବାକୁ ମିଳେ ।

ଅନଙ୍ଗଭୀମ ଦେବ ପୂର୍ବରୁ ଛପାଟ ରାଜାମାନଙ୍କ ସ୍ଥିତି ସଂପର୍କରେ ମାଦଳାପାଞ୍ଜିରେ ଉଲ୍ଲେଖ ଅଛି । ସେମାନେ ହେଲେ ଚୋଡଗଙ୍ଗ, କାମାର୍ଣକ, ରାଘବ, ରାଜରାଜ, ଅନଙ୍ଗଭୀମଦେବ-୧ ଏବଂ ରାଜରାଜ-୨ । ଏହି ସମୟ ଅବଧିରେ ଶିଳାଲେଖଗୁଡ଼ିକୁ ବିଚାର ପରିସରଭୁକ୍ତ କଲେ ଏହାର ସତ୍ୟତା ଆମେ ଜାଣିପାରିବା । ଆମେ ଜାଣୁ ଗଙ୍ଗ ରାଜତ୍ୱ କାଳରେ କେତେକ ଶିଳାଲେଖରେ ଓଡ଼ିଆ ଭାଷାର ପ୍ରୟୋଗ କରାଯାଇଛି । ତେବେ ଏମାନଙ୍କ ଅଧିକାଂଶ ଶିଳାଲେଖ କଳିଙ୍ଗର ପ୍ରସିଦ୍ଧ ସୀମାଚଳମ ପର୍ବତ ଉପରେ ଥିବା ନୃସିଂହନାଥ ମନ୍ଦିର ଶ୍ରୀ କୂର୍ମନାଥ ମନ୍ଦିର, ଶ୍ରୀ ମଧୁକେଶ୍ୱର ଆଦି ଦକ୍ଷିଣ ଭାରତର ମନ୍ଦିରରେ ଦେଖିବାକୁ ମିଳିଥାଏ ।

ଲାଙ୍ଗୁଳା ନରସିଂହ ଦେବ(୧୨୩୮-୧୨୬୩ଖ୍ରୀ) ରାଜତ୍ୱ ସମୟରେ ତାମିଲ-ଓଡ଼ିଆ ଦ୍ୱିଭାଷିକ ଶିଳାଲେଖଟି (ଭୁବନେଶ୍ୱର) ଖୋଦିତ ହୋଇଥିଲା । ପୂର୍ବ ଏକକରେ ଏହି

ଶିଳାଲେଖ ସଂମ୍ପର୍କରେ ଆଲୋଚନା କରାଯାଇଛି । ଦ୍ୱିତୀୟ ନରସିଂହ ଦେବ (୧୨୭୮-୧୩୦୫ଖ୍ରୀ) ଙ୍କ କେନ୍ଦୁପାଟଣା ଶିଳାଲେଖରେ ସେଠାକାର ଗ୍ରାମବାସୀ କୋମଟୀମାନଙ୍କୁ ଜମିଦାନ କରିଥିବା କଥା ଉଲ୍ଲେଖ ରହିଛି ।

ଲାଙ୍ଗୁଳା ନରସିଂହ ଦେବଙ୍କ ପୁତ୍ର ଭାନୁଦେବ ଖ୍ରୀ. ୧୨୬୩ରୁ ୧୨୭୯ଖ୍ରୀ. ପର୍ଯ୍ୟନ୍ତ ରାଜା ହୋଇଥିଲେ । ଏହାଙ୍କ ସମୟର, ତାଙ୍କର ମଙ୍ଗଳାର୍ଥେ ସିଂହାଚଳର ଲକ୍ଷ୍ମୀ ନରସିଂହ ମନ୍ଦିରରେ ବିଭିନ୍ନ ପ୍ରକାର ଭୋଗର ବ୍ୟବସ୍ଥା କରାଯାଇଥିବା କଥା ଉକ୍ତ ମନ୍ଦିରର ଶିଳାଲେଖରେ ଦେଖିବାକୁ ମିଳେ । ଭାନୁଦେବଙ୍କ ପରେ ଦ୍ୱିତୀୟ ନରସିଂହଦେବ ଖ୍ରୀ. ୧୨୬୯ ରୁ ୧୩୦୮ ପର୍ଯ୍ୟନ୍ତ ରାଜତ୍ୱ କରିଥିଲେ । ସିମାଚଳମସ୍ଥ ଲକ୍ଷ୍ମୀ ନରସିଂହ ମନ୍ଦିରରେ ଥିବା ଶିଳାଲେଖ (୧୨୮୮ଖ୍ରୀ) ରେ ଦ୍ୱିତୀୟ ନରସିଂହ ଦେବ ଉକ୍ତ ମନ୍ଦିରରେ ଦୁଇଟି ମଣ୍ଡପ ନିର୍ମାଣ ଓ ଏହାର ରକ୍ଷଣାବେକ୍ଷଣ ପାଇଁ ଦୁଇଟି ଗ୍ରାମ ଦାନ କରିଥିଲେ । ଦ୍ୱିତୀୟ ନରସିଂହ ଦେବଙ୍କ ରାଜ୍ୟ ସୀମା ଗଙ୍ଗା ପର୍ଯ୍ୟନ୍ତ ପରିବ୍ୟାପ୍ତ ଥିଲା । ତୃତୀୟ ନରସିଂହ ଦେବଙ୍କ ରାଜତ୍ୱ ସମୟରେ ଶ୍ରୀ କୁର୍ମାନାଥ ମନ୍ଦିରରେ ଗୋଟିଏ ଶିଳାଲେଖ (୧୩୩୦ଖ୍ରୀ) ରହିଛି ଯେଉଁଥିରେ ଉଭୟ ଓଡ଼ିଆ ଓ ତେଲୁଗୁ ଭାଷାର ରୂପ ଦେଖିବାକୁ ମିଳିଥାଏ । ଏହି ଶିଳାଲେଖରେ ଶ୍ରୀ କୁର୍ମନାଥଙ୍କ ପୂଜାବିଧି ତଥା ଭୋଗସାମଗ୍ରୀ ବିଷୟରେ ଉଲ୍ଲେଖ ରହିଛି । ଉକ୍ତ ଶିଳାଲେଖଟି ଦକ୍ଷିଣାଂଚଳୀୟ ଓଡ଼ିଆ ସହିତ ତେଲୁଗୁର ମିଶ୍ରିତ ରୂପ ଦେଖିବାକୁ ମିଳିଥାଏ । କଳିଙ୍ଗ ବ୍ୟବସାୟୀ ରିଷି ଦାସଙ୍କ ଶ୍ରୀ କୂର୍ମନାଥ ମନ୍ଦିରରେ ଗୋଟିଏ ଦାନ ଶିଳାଲିପି (୧୪୦୩ ଖ୍ରୀ) ଦେଖିବାକୁ ମିଳିଥାଏ । ଏହି ଶିଳାଲେଖରେ ହିନ୍ଦୀ, ଉର୍ଦ୍ଦୁ ତଥା ଓଡ଼ିଆ ଭାଷାର ବ୍ୟବହାର କରାଯାଇଛି । ରିଷିଦାସଙ୍କ ଖୋଦିତ ଶିଳାଲେଖର ପାଠଟି ନିମ୍ନରେ ଦିଆଗଲା ।

'ସିଧି । ଗଣେଶାୟ ନମଃ ସଂବତ ୧୪୫୭ । ସାକେ । ୧୩୨୫ ସମୟେ । ସର୍ବଧାରୀନାମ ସମ୍ବସରେ ପଟଣଉର କଟକେ । ବ୍ୟାସ ଉପାଧାୟକୋ । ପଣତି । ବିଷ୍ଣୁଦାସ ଉପାଧ୍ୟାୟକୋ ନାତି । ପେଗୁଉପାଧ୍ୟାୟକୋ ପୁତ୍ରଃ । କଳିଙ୍ଗ ବ୍ୟାପାରୀ ଲଡୌଉଓ ସୁରତାଣକୋ ଭାଇ । ରିଷିଦାସ କୂର୍ମକ୍ଷେତ୍ର ଆଖଣ୍ଡ ଦିପ ଘୋଡା ବାଣିଜାରା ରିଷିଦାସ ନାୟକ । ଶ୍ରୀ କୁର୍ମନାଥ ଚରଣେ ଶରଣ ଶ୍ରୀ ନରସିଂହ ଚରଣ ଶରଣଃ । ଶୁଭଂମସ୍ତୁ । ଦିରର୍ଧା ସି ଗୋପାଳ ଭୋଇ ପଲ୍ଲ ଭୋଇ ଦ୍ୱିକର ଗୋଚରେ ଦିଲ କେଳି ଶତା ୧୦୦ । ୟେଥକୀ ନିତ୍ୟ ଦିବା ଘି ଆଡ ଲେଖଇ ବର୍ସକୈ ଋରିପୁଟି ଦଶମାଣ ଏହି ଲେଖ ପ୍ରତି ସ୍ରହୀ କୁର୍ମନାଥ ଦେବ ପ୍ରଶ କରୀବା । ଏ ଧର୍ମ୍ମ ତୀରୂପତି ଶ୍ରୀ ବୈଷ୍ଣବ ରକ୍ଷ ।'

ରିଷିଦାସଙ୍କ ଏହି ଶିଳାଲେଖରେ ଓଡ଼ିଆ ଭାଷାର ଇତିହାସ ଯେପରି ଦୃଶ୍ୟମାନ ସେହିପରି ରାଜାମାନଙ୍କ ବ୍ୟତୀତ ପ୍ରଜାଗଣ କିପରି ନିଜ ବଦାନ୍ୟତା ଦେଖାଇଛନ୍ତି ତାହା ପଂଚଦଶ ଶତାବ୍ଦୀର ଏକ ସ୍ମାରକୀ ହୋଇରହିଛି । ସେହିପରି ନିଶଙ୍କ ଭାନୁଦେବଙ୍କ (୪ର୍ଥ ଭାନୁଦେବ) ସିଂହାଚଳର ନୃସିଂହନାଥ ମନ୍ଦିରର ଶିଳାଲେଖ (୧୪୨୦) ୨ୟ ଭାନୁଦେବ, ୩ୟ ନରସିଂହ ଦେବ, ୩ୟ ଭାନୁଦେବ ତଥା ୪ର୍ଥ ନରସିଂହ ଦେବଙ୍କ ଶିଳାଲେଖରେ ଠାକୁରଙ୍କ ନିମିତ୍ତ ବିଭିନ୍ନ କାର୍ଯ୍ୟପାଇଁ ବୃତ୍ତିର ବ୍ୟବସ୍ଥା ସଂପର୍କରେ ତଥ୍ୟ ଆମେ ପାଇଥାଉ । ଉତ୍କଳ ସାମ୍ରାଜ୍ୟ ଅନ୍ତର୍ଗତ ପ୍ରସିଦ୍ଧ ସିଂହାଚଳର ନୃସିଂହନାଥ ମନ୍ଦିର, ଶ୍ରୀକୂର୍ମର କୂର୍ମନାଥ ମନ୍ଦିର, ପୁରୀର ଜଗନ୍ନାଥ ମନ୍ଦିର ପ୍ରଭୃତି ପୀଠମାନଙ୍କରେ ଶତାବ୍ଦୀ ଶତାବ୍ଦୀ ଧରି ରାଜାମାନଙ୍କର ଭକ୍ତିଭାବନା ସମ୍ପୃକ୍ତ ସ୍ଥାନମାନଙ୍କରେ ଖୋଦିତ ଶିଳାଲେଖରୁ ଉତ୍କଳ ଇତିହାସ ସଂପର୍କରେ ଅବଗତ ହୋଇଥାଉ ।

ଗଙ୍ଗ ବଂଶର ରାଜତ୍ୱପରେ କପିଳେନ୍ଦ୍ର ଦେବ, ପୁରୁଷୋତ୍ତମ ଦେବ, ପ୍ରତାପରୁଦ୍ର ଦେବ ପ୍ରଭୃତି ରାଜାମାନଙ୍କ ଦ୍ୱାରା ବିଭିନ୍ନ ସମୟରେ ବିଭିନ୍ନ ସ୍ଥାନରେ ଶିଳାଲେଖ ଖୋଦିତ ହୋଇ ମଧ୍ୟଯୁଗୀୟ ଓଡ଼ିଶାର ଆର୍ଥ-ସାମାଜିକ ତଥା ସାଂସ୍କୃତିକ ଇତିହାସକୁ ସୂଚିତ କରୁଛି ।

ସହାୟକ ଗନ୍ଥସୂଚୀ :

୧. ଆଚାର୍ଯ୍ୟ, ପ୍ୟାରୀମୋହନ, ଓଡ଼ିଶାର ଇତିହାସ, ଓଡିଶା ବୁକ୍ ଷ୍ଟୋର, କଟକ, ୨୦୦୧ ।

୨. କର, ପ୍ରଫେସର ବାଉରୀ ବନ୍ଧୁ, ଓଡ଼ିଆ ସାହିତ୍ୟର ଇତିହାସ, ଫ୍ରେଣ୍ଡସ ପବ୍ଲିଶର୍ସ, କଟକ, ୨୦୧୦ ।

୩. ଦାଶ, ପଣ୍ଡିତ ସୂର୍ଯ୍ୟନାରାୟଣ, ଓଡ଼ିଆ ସାହିତ୍ୟର ଇତିହାସ, (ପ୍ରଥମ ଭାଗ), ଗ୍ରନ୍ଥ ମନ୍ଦିର, କଟକ, ୨୦୦୨ ।

୪. ଦାଶ, ପଣ୍ଡିତ ସୂର୍ଯ୍ୟନାରାୟଣ, ଜଗନ୍ନାଥ ମନ୍ଦିର ଓ ଜଗନ୍ନାଥ ତତ୍ତ୍ୱ, ଫ୍ରେଣ୍ଡସ ପବ୍ଲିଶର୍ସ, କଟକ, ୨୦୦୨ ।

୫. ପାଣିଗ୍ରାହୀ, କୁମୁଦ ରଂଜନ, ପ୍ରାଚୀନ ଓଡ଼ିଆ ଗଦ୍ୟ ସାହିତ୍ୟର ସ୍ୱରୂପ, ଫ୍ରେଣ୍ଡସ ପବ୍ଲିଶର୍ସ, କଟକ, ୧୯୮୦ ।

୬. ପାଢୀ, କୀର୍ତ୍ତନ ନାରାୟଣ ପରିଡ଼ା, ଆମ ଓଡ଼ିଆ ଭାଷା, ଆମ ଓଡିଶା, ଭୁବନେଶ୍ୱର, ୨୦୧୪ ।

୭. ପ୍ରଧାନ, ଡ. ସବିତା, ଭାଷା-ଶୈଳୀ ଅବବୋଧ, ଅଗ୍ରଦୂତ, କଟକ, ୨୦୦୫ ।

୮. ମହାନ୍ତି, ଡ. ଆର୍ତ୍ତବଲ୍ଲଭ, ପ୍ରାଚୀନ ଗଦ୍ୟ ପଦ୍ୟାଦର୍ଶ (ସଂ), ଓଡିଶା ସାହିତ୍ୟ ଏକାଡେମୀ, ଭୁବନେଶ୍ୱର, ୧୯୯୮ ।

୯. ମହାନ୍ତି, ଶ୍ରୀ ସୁରେନ୍ଦ୍ର, ଓଡ଼ିଆ ସାହିତ୍ୟର ଆଦିପର୍ବ, କଟକ ଷ୍ଟୁଡେଣ୍ଟସ ଷ୍ଟୋର, କଟକ, ୧୯୯୨ ।

୧୦. ମହାପାତ୍ର, କେଦାରନାଥ, ଖୁରୁଧା ଇତିହାସ, ଗ୍ରନ୍ଥମନ୍ଦିର, କଟକ, ୨୦୦୦ ।

୧୧. ମିଶ୍ର, ପଣ୍ଡିତ ବିନାୟକ, ଓଡ଼ିଆ ସାହିତ୍ୟର ଇତିହାସ, ରାଷ୍ଟ୍ରଭାଷା ପୁସ୍ତକ ଭାଣ୍ଡର, କଟକ, ୧୯୬୨ ।

୧୨. ସିଂହ, ଜଗବନ୍ଧୁ, ପ୍ରାଚୀନ ଉତ୍କଳ, ଓଡ଼ିଶା ସାହିତ୍ୟ ଏକାଡେମୀ, ଭୁବନେରଶ୍ୱର, ୧୯୬୪ ।

୧୩. ସିଂହ, ଡ. ବିଜୟାନନ୍ଦ, ଷଡ଼ଙ୍ଗୀ, ଦୀପକ କୁମାର, (ସଂ) କୃଷ୍ଣଚନ୍ଦ୍ର ପାଣିଗ୍ରାହୀ ଗ୍ରନ୍ଥାବଳୀ, କଟକ ଷ୍ଟୁଡେଣ୍ଟସ ଷ୍ଟୋର, ୨୦୧୨ ।

14. Alston, William P., Philosophy of Language, PHI, New Delhi, 2012.

15. Carr, Edward Hallett, What is History, Vintage Books, Newyork, 1961.

16. Fischer, Steven Roger, A History of Language, Reaktion Books, Netherland, 1999.

17. Inscriptions of Orissa, Vol-V, Part-I, Published by Dr. H.C.Das, Superintendent of Museum, Orissa, Bhubaneswar, 1975.

18. Inscriptions of Orissa, Vol-5, Part-II, 1975.

19. Mukherjee, Prabhat, The History of the Gajapati Kings of Orissa, Kitab Mahal, Cuttack, 1981 (2nd revised Edition).

20. Tripathy, Dr. Kunjabihari, The Evolution of Oriya Language and Script, Utkala University Press, Bhubaneswar, 1962.

21. Trudgil, Peter, Bauer, Laurie, Language Myths (Ed) Penguin Books, London, 1991.

ISSN -2583-147X(P), **Vol.- 8, Issue No.XI, February 2023**
Bastabatara Pariprakash Prachee
Peer Reviewed and Referred Research Journal

ଇଂରାଜୀ ପରିପ୍ରେକ୍ଷୀରେ ସ୍ଥାନୀୟ ଭାଷା: ଜ୍ଞାନ, ଶକ୍ତି, ଓ ପରିଚିତି

ସଞ୍ଜୟ କୁମାର ବାଗ

"Education is the most powerful weapon we can use to change the world.

– Nelson Mandela (2003)

"If your plan is for one year, plant rice. If your plan is for ten years, plant tress. If your plan is for one hundred years, educate children".

– Kuan Chung (7th Century BC)

Source: World Development Report 2018: Learning to Realise Education's Promise P.3.

ସ୍ଥାନୀୟ ଭାରତୀୟ ଭାଷାଗୁଡ଼ିକୁ ସଶକ୍ତ କରିବା ପାଇଁ ପ୍ରୟାସ କରିବା, ସେହି ଭାଷାରେ ଜ୍ଞାନପାଠ ପ୍ରସ୍ତୁତକରି ତାକୁ ଜ୍ଞାନ ଓ ଶକ୍ତିର ପରିପ୍ରକାଶକ ଭାବେ ଠିଆ କରାଇବା ଏକ ଗୁରୁତ୍ୱପୂର୍ଣ୍ଣ ବିଷୟ । ବର୍ଷବର୍ଷ ଧରି ଯେଉଁ ବିଦ୍ୱାନମାନେ ସ୍ଥାନୀୟ ଭାଷା, ସଂସ୍କୃତି, ଜ୍ଞାନ ପରମ୍ପରା ଉପରେ ଗବେଷଣା କରିବା ତ ଦୂର ସେସବୁକୁ ଗୋଟେ ପ୍ରକାର ନ୍ୟୁନଦୃଷ୍ଟିରେ ଦେଖୁଥିଲେ ସେମାନେ ଏଇ ପ୍ରସଙ୍ଗ ଗୁଡିକର ଏବେ ମୁଖ୍ୟ ପ୍ରବକ୍ତା । ତେବେ, ସେ ଯାହା ବି ହେଉ ଏହା ଆମର ଶିକ୍ଷା ଓ ଗବେଷଣାକୁ ନୂତନ ଆୟାମ ପ୍ରଦାନକରିବ ବୋଲି ଆମେ ନିଶ୍ଚୟ ଆଶା କରିବା । କାରଣ, ସ୍ଥାନୀୟ ଭାଷାକୁ ସଶକ୍ତ କରିବା, ସ୍ଥାନୀୟ ଭାଷାରେ 'ଜ୍ଞାନପାଠ (knowledge text)' ପ୍ରସ୍ତୁତ କରିବା, ମାତୃଭାଷାରେ ପ୍ରାରମ୍ଭିକ ଶିକ୍ଷାଦେବା ଯେକୌଣସି ଗୋଷ୍ଠୀ ବା ଦେଶ ପାଇଁ ଅନନ୍ୟ ଶିକ୍ଷା ପ୍ରକ୍ରିୟା, ଓ ପରିଚିତିର ବିଷୟ[୨] । କିନ୍ତୁ, ଭାରତର ବହୁଭାଷିକ ପରମ୍ପରାରେ ଇଂରାଜୀ କିମ୍ବା ହିନ୍ଦୀକୁ ଅନ୍ୟ ଅନେକ ସ୍ଥାନୀୟ ଭାଷାର ଅଗ୍ରଗତିରେ ଅବରୋଧକ ବୋଲି ଭାବିବା ଅନ୍ୟ ଏକ ବିଷୟ । ଦୁଇଶହ ବର୍ଷର ଶାସନ ଭିତରେ ଇଂରେଜମାନେ ଆମଠୁ ଅନେକ କିଛି ନେଇଛନ୍ତି ତାହା ନୁହେଁ, ଆମକୁ ଅନେକ କିଛି ଦେଇଛନ୍ତି ବି, କେବଳ ଇଂରାଜୀ ଭାଷା ହିଁ ନୁହେଁ । ସେହିପରି, ସାମ୍ପ୍ରତିକ ଆବଶ୍ୟକତା ଓ ପ୍ରାସଙ୍ଗିକତା ଦୃଷ୍ଟିରୁ ହିନ୍ଦୀ ଭାଷାକୁ ବି ଉପେକ୍ଷା କରିବା ପାଇଁ କୁହାଯାଇନପାରେ । ଆମେ ଜାଣିବା ଆବଶ୍ୟକ ଯେ, "କୌଣସି ଭାଷା ଅନ୍ୟ ଏକ ଭାଷା ପାଇଁ ବିପଦ ନୁହେଁ । ବିପଦ ବା ଥ୍ରେଟ୍ ଏହି ପରିପ୍ରେକ୍ଷୀରେ (ଭାଷା ବିକାଶ କ୍ଷେତ୍ରରେ) ଏକ ବିଭ୍ରାନ୍ତିକାରୀ ଆଖ୍ୟା ଓ ଏହା ତଥାକଥିତ ବିପନ୍ନକାରୀ ଭାଷା ପ୍ରତି ଏକ ଦୁର୍ଭାଗ୍ୟପୂର୍ଣ୍ଣ ମନୋଭାବ ଉପୁଜାଏ" (ପଟ୍ଟନାୟକ ୨୦୧୫, ୬) ।

ସମ୍ପ୍ରତି ବିଦ୍ୱାନମାନେ ସ୍ଥାନୀୟ ଭାଷାକୁ ଶକ୍ତିଶାଳୀ କରିବାକୁ ଗୁରୁତ୍ୱ ଦେଉଛନ୍ତି । ଅତଏବ, ସ୍ଥାନୀୟ ଭାଷାରେ ଶିକ୍ଷାଦାନ ଓ ଜ୍ଞାନପାଠର ସର୍ଜନ କଥା କୁହାଯାଉଛି । ଏହା ନିଶ୍ଚିତ ଯେ ଭାଷାରେ କେବଳ ସାହିତ୍ୟ ନୁହେଁ, ଜ୍ଞାନ ସାମଗ୍ରୀ ମଧ୍ୟ ଉପଲବଧ ହେବା ଆବଶ୍ୟକ । ନହେଲେ ଭାଷା ଶକ୍ତିଶାଳୀ ହୋଇପାରିବ ନାହିଁ । ସମ୍ପ୍ରତି ଭାଷାର ଭୂମିକା କେବଳ ନିଜ ଗୋଷ୍ଠୀର ସଦସ୍ୟଙ୍କ ମଧ୍ୟରେ ନୁହେଁ ବରଂ ଅନ୍ୟ ଗୋଷ୍ଠୀରେ ମଧ୍ୟ ସେଭଳି ଅପେକ୍ଷା ରଖେ । ସେହିପରି, ଏହା ସର୍ବତ୍ର ଆନୁଷ୍ଠାନିକ ଶିକ୍ଷାର ମାଧ୍ୟମ ମଧ୍ୟ । ଆନୁଷ୍ଠାନିକ ଶିକ୍ଷା ସ୍ଥାନୀୟ ଭାଷାରେ ତଥା ମାତୃଭାଷାରେ ହେଲେ ଛାତ୍ରର ବୌଦ୍ଧିକ, ମାନସିକ ବିକାଶ ହୁଏ (Kuper 2003, 81; and Quane 2003, 96-97) । ତେବେ, ଆନୁଷ୍ଠାନିକ ଶିକ୍ଷା କଥା ଯେତେବେଳେ ଉଠେ, ସେତେବେଳେ ଆମେ ଦେଖୁଛୁ ଆଜିର ମୁକ୍ତ ଜ୍ଞାନର ଯୁଗରେ, ବିଷୟଗତ ଜ୍ଞାନ ଆହାରଣ କ୍ଷେତ୍ରରେ ସେହି ଭାଷାର ଗୁରୁତ୍ୱ ରହୁଛି ଯେଉଁ ଭାଷା ଏସବୁ ପାଇବାରେ ସୁଯୋଗ ପ୍ରଦାନ କରୁଛି । ସେ ପ୍ରାଥମିକ ଶିକ୍ଷା ହେଉ କି ଉଚ୍ଚ

ଶିକ୍ଷା । ବୋଧେ ଏଇ କାରଣରୁ ସ୍ଥାନୀୟ ଭାଷାରେ ଶିକ୍ଷାଦାନ କରୁଥିବା ସ୍କୁଲଗୁଡ଼ିକରେ ଆର୍ଥିକ ଭାବରେ ସ୍ୱଚ୍ଛଳ କୌଣସି ଅଭିଭାବକ ତାଙ୍କ ପିଲାଙ୍କୁ ପାଠ ପଢାଉନାହାନ୍ତି । ଆଉ ଯେଉଁମାନେ ଜ୍ଞାନ, ଶିକ୍ଷାଗ୍ରହଣ, ଆହରଣ କ'ଣ ସେ ବିଷୟରେ ଟିକିଏ ବି ଅବଗତ ସେମାନେ ସରକାରୀ ସ୍କୁଲର ନାଁ ବି ନିଅନ୍ତି ନାହିଁ। ଏହାର କାରଣ ସର୍ବ ଭାରତୀୟ ସ୍ତରରେ ପ୍ରତିଯୋଗିତାର ଭାଷିକ ମାଧ୍ୟମ ପ୍ରାୟତଃ ଇଂରାଜୀ ଓ ସରକାରୀ ତଥା ଅନ୍ୟ ଅନେକ ବେସରକାରୀ କାର୍ଯ୍ୟ ଓ କାର୍ଯ୍ୟାଳୟରେ, ତଥା ଆନ୍ତର୍ଜାତିକ ସ୍ତରରେ ଆଦାନ ପ୍ରଦାନର ମାଧ୍ୟମ ମଧ୍ୟ ଇଂରାଜୀ । ତେବେ, ସର୍ବଭାରତୀୟ ସ୍ତରରେ ପ୍ରତିଯୋଗିତା ପରୀକ୍ଷାଗୁଡ଼ିକ ସମସ୍ତ ମାତୃଭାଷାରେ ନହେଲେ ବି ଆଂଚଳିକ ଭାଷାରେ ଯେ କରାଯାଇପାରିବ ନାହିଁ ନୁହେଁ, କିଛି ପରୀକ୍ଷା ହେଉଛି ବି । ଏଠାରେ ଅବଶ୍ୟ ଉଲ୍ଲେଖ କରାଯାଇପାରେ ଯେ, ଆଜିର ଦିନରେ ଅନେକ ସ୍ଥାନୀୟ ମହାବିଦ୍ୟାଳୟରେ ପିଲାମାନେ ସହଜରେ ପାଶ କରିବେ ବୋଲି ଇତିହାସ, ରାଜନୀତି ବିଜ୍ଞାନ, ସମାଜ ବିଜ୍ଞାନ, ଭୂଗୋଳ, ମନସ୍ତତ୍ତ୍ୱ ଭଳି ଅନେକ ବିଷୟକୁ ପରୀକ୍ଷାରେ ଓଡ଼ିଆ ଭାଷାରେ ଲେଖୁଛନ୍ତି । ଏ ଚିତ୍ରଟି କେବଳ ଓଡ଼ିଶାରେ ସୀମିତ ନୁହେଁ ଭାରତର ଅନ୍ୟାନ୍ୟ ରାଜ୍ୟରେ ମଧ୍ୟ ଅନୁରୂପ ଚିତ୍ର ଦେଖିବାକୁ ମିଳେ । ପ୍ରମାଣସ୍ୱରୂପ, ଯେକୌଣସି ପାଠ୍ୟପୁସ୍ତକ ଦୋକାନକୁ ଯାଇ ଦେଖନ୍ତୁ ଗୁଡ଼ାଏ ଗାଇଡ୍ ବହି ସ୍ଥାନୀୟ ଭାଷାରେ ପାଇବେ । ଆଉ, ସର୍ବଭାରତୀୟ ସ୍ତର କଥା ଛାଡନ୍ତୁ ସ୍ଥାନୀୟ ପ୍ରତିଯୋଗିତାରେ ତଥା ଉଚ୍ଚଶିକ୍ଷାରେ ସେମାନଙ୍କ ପ୍ରଦର୍ଶନ କିଭଳି ତାହା ଆମେ ସମସ୍ତେ ଦେଖୁଛୁ । ସେହି ପିଲାମାନଙ୍କୁ ତାଙ୍କର ଅନ୍ୟ ସହପାଠୀ, ଶିକ୍ଷାନୁଷ୍ଠାନ, ଓ କର୍ମସଂସ୍ଥାନ ଗୁଡ଼ିକ କିଭଳି ଦୃଷ୍ଟିରେ ଦେଖନ୍ତି ଏହା ମଧ୍ୟ ଆମେ ଜାଣୁ ।

ଜ୍ଞାନ ପାଠରେ କଥା କହିଲାବେଳେ ବି ଜଣେ ଶିକ୍ଷାର୍ଥୀଙ୍କୁ ସେହି ଭାଷା ଆକୃଷ୍ଟ କରିବ ଯେଉଁ ଭାଷା ଏସବୁ ତାଙ୍କୁ ଉପଲବଧ କରାଇବ । ଉଦାହରଣସ୍ୱରୂପ, ଜଣେ ରସାୟନ ବିଜ୍ଞାନର ଛାତ୍ର ବିଷୟ ଆଧାରିତ ସ୍ୱଚ୍ଛ ଅବଧାରଣା, ନୂତନ ତଥ୍ୟ ଓ ତତ୍ତ୍ୱ ପାଇଁ ଇଂରାଜୀ ଭାଷା ପାଖକୁ ହିଁ ଯିବ । ଆମେ ତାଙ୍କୁ ସ୍ଥାନୀୟ ଭାଷାରେ ଉପଲବଧ ହାତଗଣତି ସାମଗ୍ରୀ ଭିତରେ ସନ୍ତୁଷ୍ଟ ରହନ୍ତୁ କହିଲେ ହେବନାହିଁ । ଅତଏବ, ଆନୁଷ୍ଠାନିକ ବିଷୟଗତ ଶିକ୍ଷାରେ ସ୍ଥାନୀୟ ଭାଷାର ଅଗ୍ରାଧିକାର ଆଶାକରିବାକୁ ହେଲେ ସମାନ୍ତରାଳ ଭାବରେ ବିଶ୍ୱସ୍ତରୀୟ ବିଷୟଗତ ଜ୍ଞାନ ସାମଗ୍ରୀ ଉପଲବଧ ହେବା ଦରକାର । କାରଣ, ଶୈକ୍ଷିକ ଅନୁଷ୍ଠାନରେ ବିଷୟଗୁଡ଼ିକ ସ୍ଥାନୀୟ ନୁହେଁ– ଆନ୍ତର୍ଜାତିକ । ସ୍ଥାନୀୟ ଭାଷା ବିକାଶର ଦୀର୍ଘ ପରମ୍ପରାରେ ସମସ୍ତ ଆଧୁନିକ ବିଷୟ ଉପରେ ଆମର ଜ୍ଞାନ ପାଠ ଆଦୌନାହିଁ କହିଲେ ଅତ୍ୟୁକ୍ତି ହେବନାହିଁ । ଆଗକୁ ଏକ ସୀମିତ ସମୟରେ ସେ ଶୂନ୍ୟତାକୁ କିପରି ପୂରଣ କରିପାରିବା ? ସ୍ଥାନୀୟ ଭାଷାରେ ଜ୍ଞାନପାଠର ସମୃଦ୍ଧି କେବଳ ଅନୁବାଦରେ ହୁଏନାହିଁ, ସମ୍ପୃକ୍ତ ବିଷୟ ତଥା ଜ୍ଞାନ ପରିସରକୁ ସମୃଦ୍ଧ କଲାଭଳି ନୂତନ ଗବେଷଣା ହେବା ମଧ୍ୟ ଦରକାର ଯାହା ସମ୍ପୃକ୍ତ ଭାଷାଭାଷୀଙ୍କ ଜ୍ଞାନତୃଷ୍ଣାକୁ ମେଣ୍ଟେଇ ପାରୁଥିବ, ଅନ୍ୟ ଭାଷାର ସେହି ବିଷୟଗତ ଜ୍ଞାନକୁ ଆହ୍ୱାନ ଜଣାଇପାରୁଥିବ । ଅନ୍ୟ ବିଷୟ ସମ୍ପର୍କରେ ମୁଁ କହିପାରିବ ନାହିଁ, ଓଡ଼ିଆ ଭାଷା ଓ ସାହିତ୍ୟ ଅଧ୍ୟୟନରେ ଲୋକଧାରା ତଥା ସାହିତ୍ୟ ତତ୍ତ୍ୱଗୁଡ଼ିକୁ ଏଭଳି ଭାଙ୍ଗିମୋଡ଼ି ବିକୃତ ଭାବରେ ଆମର ଶିକ୍ଷକମାନେ ଉପସ୍ଥାପନ କରୁଛନ୍ତି ଯେ ସେସବୁ ଉଲ୍ଲେଖ କରିହେବ ନାହିଁ । ସେମାନେ କେବଳ ପାଶ୍ଚାତ୍ୟ ଆଧୁନିକ ସାହିତ୍ୟ ତତ୍ତ୍ୱକୁ ନୁହେଁ ବରଂ ପ୍ରାଚୀନ ଭାରତୀୟ ତତ୍ତ୍ୱଗୁଡ଼ିକୁ ମଧ୍ୟ ଏଭଳି ଉପସ୍ଥାପିତ କରୁଛନ୍ତି । ବେଳେବେଳେ କେତେକ ବିଦ୍ୱାନ କହନ୍ତି ଯେ ଆମେ ଇଂରାଜୀ ବା ଇଂରାଜୀ ବିଦ୍ୱାନମାନଙ୍କୁ କେବଳ ଅନୁସରଣ କରୁଛୁ, ଆମ ଭାରତୀୟ ବିଦ୍ୱାନ ଓ ଜ୍ଞାନପାଠକୁ ଗୁରୁତ୍ୱ ଦେଉନାହୁଁ । ତେବେ କ'ଣ ବାୟୁକୁ ଆମେ ପଞ୍ଚଭୂତର ଏକ ଅଂଶମାତ୍ର ବୋଲି ହିଁ ମାନିବା ନା ଅମ୍ଳଜାନ, ଯବକ୍ଷାରଜାନ, ଆରଗନ, ଓ କାର୍ବନ ଡାଇଅକ୍ସାଇଡ୍ ଆଦିର ମିଶ୍ରଣ ବୋଲି ବି କହିବା ? ସେହିପରି, ମ୍ୟାଲେରିଆ ହେଲେ ଆଧୁନିକ ଭେଷଜ ଚିକିତ୍ସା ବି କରିବା ନା କେବଳ ଗଙ୍ଗଶିଉଳି ପତ୍ର ଚୋବାଇ ଚୁପ ରହିଯିବା ? ଏକଥା କହିଲାବେଳେ ମୁଁ ସ୍ଥାନୀୟ ଜ୍ଞାନ ଓ ଅବଧାରଣାଗୁଡ଼ିକୁ ଉପେକ୍ଷା କରୁନାହିଁ । ବରଂ, ଉପେକ୍ଷା ତ ଆମର ଏହି ବିଦ୍ୱାନମାନେ ହିଁ କରିଛନ୍ତି ନହେଲେ ଭାରତରେ ବି କଥା ଆଖ୍ୟାନର ବହୁ-ଆୟାମୀ ବାଚିକ ପରମ୍ପରା ଥିଲା ଓ ଏବେ ବି ଅଛି । କିନ୍ତୁ, ସାହିତ୍ୟରେ ଆଧୁନିକ ଲିଖିତ ଅଭିଧା –'ଗଳ୍ପ' ଭାବରେ ଇଂରେଜମାନେ ଆନୁଷ୍ଠାନିକ ଶିକ୍ଷାର ପ୍ରଚଳନ ପରେ ହିଁ ବିକାଶ ଲାଭକଲା । ଆମର ତାଳପତ୍ର ଓ ଲୌହ-ଲେଖନୀର ଲେଖନ ପରମ୍ପରାକୁ ଆମେ ଯୁଗୋପଯୋଗୀ କରିପାରିଲୁ ନାହିଁ, କାଗଜ ଓ କଲମ ଭଳି ଆଧୁନିକ ଉତ୍ପାଦ ଅନ୍ୟ ଗୋଷ୍ଠୀଦ୍ୱାରା ହିଁ ବିକଶିତ ହେଲା । ଆମର ପୁଷ୍ପକ ବିମାନ ଉଡାଜାହାଜ ନହୋଇ କେବଳ ମିଥ୍ ହୋଇରହିଗଲା ।

ଜ୍ଞାନ, ତତ୍ତ୍ୱ, ଉପାଗମ କୌଣସି ଗୋଷ୍ଠୀ, ଅଞ୍ଚଳ ବା ନିର୍ଦ୍ଦିଷ୍ଟ ବ୍ୟକ୍ତିଙ୍କ ଉତ୍ପାଦ କିମ୍ବା ଆବିଷ୍କାର ହୋଇପାରେ କିନ୍ତୁ ତାହା ସମଗ୍ର ମାନବଗୋଷ୍ଠୀରେ ସମାନ ଭାବରେ ବ୍ୟବହାର, ଉପଯୋଗ, ଆକଳନ, ଓ ଅନୁଶୀଳନରେ ଆସେ ଯଦି ସମ୍ପୃକ୍ତ ଗୋଷ୍ଠୀ ପାଖରେ ସେସବୁ ଉପଲବ୍ଧ ହୁଏ । ଆଉ, ଯେତେବେଳେ ଉପଲବଧ ଜ୍ଞାନର ଠିକ୍ ବ୍ୟାଖ୍ୟା ଆମର ଭାଷା ସାହିତ୍ୟର ଉଚ୍ଚଶିକ୍ଷାରେ ହୋଇ ପାରୁନାହିଁ ସେଠି କିପରି ନୂତନ ଜ୍ଞାନପାଠର ନିର୍ମାଣ ହେବ ? ଆନ୍ତର୍ଜାତିକ ସ୍ତରରେ ଅନ୍ୟ ଅନେକ ବିଷୟଗତ ଆହ୍ୱାନକୁ ସାମ୍ନା କରାଯିବ ? ବୁଝିବା କଷ୍ଟ ।

ଭାରତ ଭଳି ବହୁଭାଷୀ ଦେଶରେ ହିନ୍ଦୀ ଯଦିଓ ସଂଯୋଜକ ଭାଷା ତେବେ ଦକ୍ଷିଣ ଓ ଉତ୍ତର-ପୂର୍ବ ଭାରତରେ ଇଂରାଜୀକୁ ହିଁ ଏ କ୍ଷେତ୍ରରେ ପ୍ରାଥମିକତା ଦିଆଯାଏ । ଅତଏବ, ଜାତୀୟ ତଥା ଆନ୍ତର୍ଜାତୀୟ ସ୍ତରରେ ଆଦାନପ୍ରଦାନ ପାଇଁ ମାତୃଭାଷା ସହିତ ଇଂରାଜୀକୁ ବି ସମାନ ଭାବରେ ଗୁରୁତ୍ୱଦେବାକୁ ହେବ । କାରଣ, ଆମର ଏଠାରେ ଇଂରାଜୀ ଭାଷା ଶିକ୍ଷା ବି ଦୁର୍ବଳ । ଅବଶ୍ୟ ଆମର ବୁଦ୍ଧିଜୀବୀମାନେ ଇଂରାଜୀ କି ହିନ୍ଦୀକୁ ବିରୋଧ କରୁ ନାହାନ୍ତି ବୋଧହୁଏ । ସେମାନେ ମାତୃଭାଷାର ବିକାଶ କଥା କହୁଛନ୍ତି । ଆଦାନପ୍ରଦାନର ଭାଷାକୁ ଜ୍ଞାନର ଭାଷା କରିବାକୁ ଚାହୁଁଛନ୍ତି । ଜ୍ଞାନ ଲାଭ ନିମିତ୍ତ ଅନେକ ଜିଜ୍ଞାସୁ ବହୁ ବିଦେଶୀ ଭାଷା ଶିକ୍ଷା କରିବାକୁ ଆଗ୍ରହ ପ୍ରକାଶ କରନ୍ତି । ଇଂରେଜମାନେ ଗୋଟେ ସମୟରେ ଭାରତୀୟ ଭାଷା ଶିକ୍ଷା କରିଥିଲେ ନିଜର ଶାସନଗତ ସୁବିଧା ପାଇଁ, ତେବେ ଅନେକ ବିଦ୍ୱାନ ଭାଷାଗୁଡିକରେ ଉପଲବଧ ଜ୍ଞାନ ସମ୍ପର୍କରେ ଅବଗତ ହେବାକୁ ମଧ୍ୟ ଭାଷା ଶିକ୍ଷା କରିଥିଲେ ଓ ସେସବୁକୁ ନିଜନିଜ ଭାଷାରେ ଅନୁବାଦ କରିଥିଲେ । ଏବେ ବି ନିଜନିଜ ଆବଶ୍ୟକତାକୁ ଆଖି ଆଗରେ ରଖି ଅନେକ ବିଦେଶୀ ଗବେଷକ ଓ ଜିଜ୍ଞାସୁ ଭାରତୀୟ ଭାଷା ଶିକ୍ଷା କରୁଛନ୍ତି । ଆମର ସ୍ଥାନୀୟ ସଂସ୍କୃତି ଉପରେ ଗବେଷଣା କରୁଛନ୍ତି । ଇଂରେଜମାନେ ସେମାନଙ୍କ ଶାସନ କାର୍ଯ୍ୟରେ ସହାୟକ ହେବାକୁ କେବଳ ଇଂରାଜୀ ଶିକ୍ଷା ନୁହେଁ, ଆନୁଷ୍ଠାନିକ ଶିକ୍ଷାର ପ୍ରଚଳନ ବି କଲେ । ଏହା ପୂର୍ବରୁ ଭାରତରେ ଆନୁଷ୍ଠାନିକ ଶିକ୍ଷା କେବଳ ଗୋଟିଏ ଗୋଷ୍ଠୀ ମଧ୍ୟରେ ସୀମିତ ଥିଲା ଓ ବହୁଗୋଷ୍ଠୀ ସେଥିରୁ ବଂଚିତ ଥିଲେ । ଇଂରେଜମାନେ ଭାରତରେ ସର୍ବସାଧାରଣଙ୍କ ପାଇଁ ଆନୁଷ୍ଠାନିକ ଶିକ୍ଷାର ପ୍ରଚଳନ କରିନଥିଲେ ଆଜି ଶିକ୍ଷା ବ୍ୟବସ୍ଥା କେଉଁ ସ୍ତରରେ ଥାଆନ୍ତା ତାହା ଆକଳନ କରିବା ସହଜ ନୁହେଁ ।

ଶାସକ ଓ ଶାସନର ଭାଷା ଅନେକ ସମୟରେ ପ୍ରଭାବଶାଳୀ ତଥା ଶକ୍ତିଶାଳୀ ଭୂମିକା ଗ୍ରହଣ କରିଥାଏ । ଇଂରେଜମାନେ ସାମ୍ରାଜ୍ୟ ବିସ୍ତାର କରିନଥିଲେ ଇଂରାଜୀ ଭାଷା ଏତେ ବିସ୍ତାରଲାଭ କରିନଥାନ୍ତା । ଆମେ ଭାରତୀୟମାନେ ଯଦି ଏଭଳି ସାମ୍ରାଜ୍ୟ ବିସ୍ତାର କରିଥାଆନ୍ତୁ ତେବେ, ଆମର ଭାଷାଗୁଡିକ ମଧ୍ୟ ଏମିତି ବିସ୍ତାରିତ ହୋଇଥାନ୍ତା । ଆଉ, ଇଂରେଜମାନଙ୍କଦ୍ୱାରା ପ୍ରଚଳିତ ଆନୁଷ୍ଠାନିକ ଶିକ୍ଷା ଯେଉଁଠି ଇଂରାଜୀକୁ ଅନେକତଃ ଗୁରୁତ୍ୱ ଦିଆଯାଉଥିଲା, ତାହା ଆଜିଯାଏଁ ବଳବତ୍ତର ଅଛି । ସ୍ୱାଧୀନତାର ଏତେ ବର୍ଷ ପରେ ମଧ୍ୟ ସେଥିରେ କାହିଁକି ପରିବର୍ତ୍ତନ ଆସିଲା ନାହିଁ ସେ ବିଷୟରେ ବୁଦ୍ଧିଜୀବୀମାନେ ବିତର୍କ କରିବା ଆବଶ୍ୟକ, ଖାଲି 'ମାକେଲେ (T. B. Macaulay)' ଆଉ ଇଂରାଜୀକୁ ଆବେଗପୂର୍ଣ୍ଣଭାବେ ଗାଳିଦେଲେ ହେବନାହିଁ ।

ଆମ ଭାରତୀୟ ପରମ୍ପରାରେ ଭୂଗୋଳ, ଇତିହାସ, ବାଣିଜ୍ୟ, ସମାଜଶାସ୍ତ୍ର, ପଦାର୍ଥ ବିଜ୍ଞାନ, ବ୍ୟାକରଣ ତଥା ଭାଷାଶାସ୍ତ୍ର, ଦର୍ଶନଶାସ୍ତ୍ର, ରସାୟନ ବିଜ୍ଞାନ, ଖଗୋଳଶାସ୍ତ୍ର, ଯାନ୍ତ୍ରିକଶାସ୍ତ୍ର, ସ୍ଥାପତ୍ୟ ଓ ଚିତ୍ରକଳା, ଆୟୁର୍ବେଦ ବା ଚିକିତ୍ସାଶାସ୍ତ୍ର ଭଳି ଆହୁରି ଅନେକ ଶାସ୍ତ୍ରର ସୁଦୃଢ ପରମ୍ପରା ଥିଲା ନିଶ୍ଚୟ (Weber 1982) । କିନ୍ତୁ, ଅନେକ ଆଧୁନିକ ଅଭିଧା ଆନୁଷ୍ଠାନିକ ଶିକ୍ଷା ଭାବରେ ଇଂରାଜୀ ଶିକ୍ଷାର ପ୍ରଚଳନ 'ଳରେ ହିଁ ବିକାଶ ଲାଭ କରିଛି । ଏହା କେହି ଅସ୍ୱୀକାର କରିବେ ନାହିଁ । ଆମେ ସମସ୍ତେ ସ୍ୱୀକାର କରିବା ଯେ ଆମର ସୁଦୃଢ ଚିକିତ୍ସା ଶାସ୍ତ୍ର ଥିଲେ ବି ଆମେ ଆଧୁନିକ ଭେଷଜ ବିଜ୍ଞାନଦ୍ୱାରା ହିଁ ଅଧିକ ଉପକୃତ । ଆଉ ଆମ ଭାରତୀୟ ଭାଷାରେ ସାହିତ୍ୟ, ଭାଷାତତ୍ତ୍ୱ, ପରିବେଷଣ ଅଧ୍ୟୟନ ବା ଅନ୍ୟ ବିଷୟଗତ ଯେଉଁ ଜ୍ଞାନ-ପାଠଗୁଡିକ ଥିଲା ଆନୁଷ୍ଠାନିକ ଶିକ୍ଷା ପ୍ରାସର ପରେ ଅନ୍ତତଃ ସ୍ୱାଧିନତା ପରବର୍ତ୍ତୀକାଳରେ ସେଗୁଡିକର ଅଗ୍ରଗତି କାହିଁକି ସମ୍ଭବ ହେଲାନାହିଁ ତାହା ମଧ୍ୟ ଆଲୋଚନାର ବିଷୟ । ଗୋଟେ ସମୟରେ ସଂସ୍କୃତ ଏକ ସଂଖ୍ୟାଲଘୁ ଭାଷାଭାବେ ଗୋଟେ ନିର୍ଦ୍ଦିଷ୍ଟ ବର୍ଗର ଲୋକଙ୍କଦ୍ୱାରା କଥିତ ହେଉଥିଲା ତଥା ସେହି ଭାଷାରେ ରଚିତ କାବ୍ୟ, ନାଟକ ଆଦିର ସଂଖ୍ୟା ଏତେ ନଥିଲା ଅନ୍ତତଃ ଆଜି ଭାରତୀୟ ଭାଷାଗୁଡିକରେ ଯେଉଳି ବିପୁଳ ରଚନା ଦେଖିବାକୁ ମିଳୁଛି । ସେତେବେଳେ ଏତେ ବିଶ୍ୱବିଦ୍ୟାଳୟ ନଥିଲା, ଗବେଷଣା ସଂସ୍ଥା ନଥିଲା, ଏତେ ଆନୁଷ୍ଠାନିକ ଅନୁଦାନ ନଥିଲା ତଥାପି ଶାସ୍ତ୍ର ରଚନା ହୋଇପାରିଥିଲା । ସୁସୋ (Ferdinand de Saussure) ବିଂଶ ଶତାବ୍ଦୀରେ ଯେଉଁ ସାଇନ୍ (sign), ସିଗନିଫାଏଡ୍

(signified), ସିଗନିଫାଏର (signifier) କଥା କହନ୍ତି ଅନୁରୂପ ଶବ୍ଦ-ସଂକେତ-ଅର୍ଥଗତ ଆୟାମ ଆମର ସଂସ୍କୃତ ଧ୍ୱନୀବାଦୀମାନେ ବହୁଆଗରୁ ଆଲୋଚନା କରିସାରି ଥିଲେ[୩] । ଆଜି ମଧ୍ୟ ରିଚାର୍ଡ ସେସନର (Richard Schechner) ଭଳି ଖ୍ୟାତି ସମ୍ପନ୍ନ 'ପରିବେଷଣ ଅଧ୍ୟୟନବିତ୍ ଭରତମୁନିଙ୍କ 'ନାଟ୍ୟଶାସ୍ତ୍ର', ନନ୍ଦିକେଶ୍ୱରଙ୍କ 'ଅଭିନୟ ଦର୍ପଣ'କୁ 'ପରିବେଷଣ ଅଧ୍ୟୟନ (performance studies)' କ୍ଷେତ୍ରରେ ଅତୁଳନୀୟ ଗ୍ରନ୍ଥ ବୋଲି ସ୍ୱୀକାର କରନ୍ତି– 'ପରିବେଷଣର ବିସ୍ତାର ବା ଆୟତନ (magnitude of performance)', 'ରସ-ସୌନ୍ଦର୍ଯ୍ୟବୋଧ (rasaesthetics)' ଆଲୋଚନା କଲାବେଳେ ଏହି ସଂସ୍କୃତ ଶାସ୍ତ୍ରଗୁଡ଼ିକୁ ଗୁରୁତ୍ୱପୂର୍ଣ୍ଣ ଭାବେ ଉଲ୍ଲେଖ କରନ୍ତି । ସେହିପରି 'ଆଖ୍ୟାନତତ୍ତ୍ୱ (narratology)'ର ଅନେକ ଆୟାମ ସଂସ୍କୃତ କାବ୍ୟତତ୍ତ୍ୱରେ ବହୁପୂର୍ବରୁ ଆଲୋଚିତ ହୋଇସାରିଛି[୪] । ଏଭଳି ଅନେକ ଉଦାହରଣ ଦିଆଯାଇପାରେ । ତେବେ, ସମ୍ପ୍ରତି ଭାରତୀୟ ଭାଷାଗୁଡିକରେ ଶାସ୍ତ୍ର ବା ଜ୍ଞାନପାଠ ରଚନା ପରମ୍ପରାରେ ଯେଉଁ ଦୁର୍ଗତି ଦେଖାଦେଇଛି ତାହାର କାରଣ କ'ଣ ? କ'ଣ ଇଂରାଜୀ ଶିକ୍ଷା ? ଇଂରେଜମାନେ ଅନେକ ଦିନହେଲା ଗଲେଣି, ଆଉ ସେମାନେ ଆମ ଭାଷାରେ ଜ୍ଞାନପାଠ ବା ଶାସ୍ତ୍ର ନିର୍ମାଣ ପାଇଁ କୌଣସି ପ୍ରତିବନ୍ଧକ ଲଗାଇ ଯାଇନାହାନ୍ତି ନିଶ୍ଚୟ । ତଥାପି, ଏସବୁ ସମ୍ଭବ ହେଉନାହିଁ କାହିଁକି ?

ଏଇ ତିନି ଚାରି ଦଶନ୍ଧି ଭିତରେ ଯେଉଁଭଳି ଭାବରେ ଇଂରାଜୀ ମାଧ୍ୟମର କର୍ପୋରେଟ୍ ବିଦ୍ୟାଳୟ, ଉଚ୍ଚଶିକ୍ଷା ଅନୁଷ୍ଠାନଗୁଡିକ ଗଢିଉଠିଛି ତାହା କୌଣସି ଇଂରେଜମାନେ କରୁନାହାନ୍ତି । ଆମର ସ୍ଥାନୀୟ ବୁଦ୍ଧିଜୀବୀ ଓ ବ୍ୟବସ୍ଥାକାରୀମାନେ ହିଁ ସେସବୁର ସମର୍ଥକ । ବର୍ତ୍ତମାନର ସରକାରୀ ବିଦ୍ୟାଳୟ ବା ଦେଶୀ ସ୍କୁଲଗୁଡିକର ପାଠପଢା ବିଷୟରେ ସମସ୍ତେ ଜାଣନ୍ତି । ସେଭଳି ସ୍କୁଲରେ କେବଳ ଆମତମ ଭଳି ସାଧାରଣ ଗରିବ ଘରର ପିଲା ହିଁ ପଢନ୍ତି । ସୌଭାଗ୍ୟକ୍ରମେ ସମସ୍ତ ଅସୁବିଧା ଓ ଅବ୍ୟବସ୍ଥାକୁ ଅତିକ୍ରମକରି କେହି ଜଣେ ଭଲ ପଢିପାରୁଛି ତ ସମାଜର ମୁଖ୍ୟ ପରିସରରେ ନିଜକୁ ଉପସ୍ଥାପିତ କରିପାରୁଛି । ନହେଲେ, କର୍ପୋରେଟ୍ ଇଂରାଜୀ ମାଧ୍ୟମ ବିଦ୍ୟାଳୟରୁ ଉତ୍ପନ୍ନ ଦିଗଗଜମାନଙ୍କ ପାଖରେ ନିଜକୁ ଅପସାରିତ ମନେକରୁଛି । ଆମର ଦିଗଗଜ ଓ ବୁଦ୍ଧିଜୀବୀମାନେ ସଂଖ୍ୟାଧିକ ଗୋଷ୍ଠୀର ଆଗାମୀ ପିଢିକୁ ମୁଖ୍ୟ ପରିସରରୁ ଏପରି ଅପସାରିତ କରି ରଖିବା ପାଇଁ ଯେ ଏହି କର୍ପୋରେଟ୍ ସ୍କୁଲଗୁଡିକୁ ସମର୍ଥନ କରିଆସିଛନ୍ତି, ଓ ସରକାରୀ ବିଦ୍ୟାଳୟଗୁଡିକର ଦୁଃସ୍ଥିତିକୁ ମୁହଁମୋଡି ଦେଇଛନ୍ତି ଏହା ଅପ୍ରିୟ ହେଲେ ବି କୁହାଯାଇପାରେ । ଯେତେବେଳେ ଗୋଟିଏ ଭାଷାଗୋଷ୍ଠୀରେ ସଂଖ୍ୟାଧିକ କର୍ପୋରେଟ୍ ଇଂରାଜୀ ମାଧ୍ୟମ ବିଦ୍ୟାଳୟ, ମହାବିଦ୍ୟାଳୟ ଏପରିକି ବିଶ୍ୱବିଦ୍ୟାଳୟ, ଓ ବୈଷୟିକ ସଂସ୍ଥାନଗୁଡିକ ଗଢିଉଠୁଛି ତାହା ପ୍ରତି ଆମର କୌଣସି ମତ ଅଭିମତ ନାହିଁ, ଆଉ ଦେଶୀ ସଂସ୍ଥାନଗୁଡିକୁ ଉପେକ୍ଷା କରାଗଲାବେଳେ କୌଣସି ଚିନ୍ତା ପ୍ରକଟ କରାଯାଉନାହିଁ; ସେଠାରେ ସ୍ଥାନୀୟ ଭାଷାକୁ ଜ୍ଞାନର ଭାଷା କିଏ, କେମିତି, ଓ କାହାପାଇଁ କରିବାକୁ ଯାଉଛନ୍ତି ତାହା ଅବଶ୍ୟ ପ୍ରଶ୍ନର ବିଷୟ ।

ମାତୃ ଭାଷାରେ ଶିକ୍ଷାଦାନ କଥା ଉଠିଲାବେଳେ ଖାଲି ଆଦିବାସୀ ତଥା ସଂଖ୍ୟାଲଘୁ ଭାଷାଭାଷୀ ଛାତ୍ରଛାତ୍ରୀଙ୍କ କଥା ଆସିବ ନାହିଁ ରାଜ୍ୟ ଭାଷା ତଥା ଆଂଚଳିକ ଭାଷା କଥା ମଧ୍ୟ ଆସିବ । ଗୋଟିଏ ଭାଷାକୁ ସେତେବେଳେ ଜ୍ଞାନର ଭାଷା ବୋଲି ମନେକରାଯାଏ ଯେତେବେଳେ ସେହି ଭାଷାରେ ଆନୁଷ୍ଠାନିକ ଶିକ୍ଷା ପ୍ରଦାନ କରାଯାଇଥାଏ, ଯେତେବେଳେ ସେହି ଭାଷାରେ ନୂତନ ଶାସ୍ତ୍ରର ନିର୍ମାଣ ହୁଏ, ନୂତନ ତତ୍ତ୍ୱ ଓ ଅନୁଶୀଳନର ବିକାଶ ହୁଏ, ବ୍ୟାଖ୍ୟା ହୁଏ । ତେବେ, ଭାରତ ଭଳି ବହୁ ଭାଷା ଭାଷୀ ଦେଶରେ ସ୍ଥାନୀୟ ଭାଷାରେ ଜ୍ଞାନ ଆହରଣ କଲେ ସର୍ବଭାରତୀୟ ସ୍ତରରେ ତାହାର ଆଦାନ ପ୍ରଦାନ ହେବ କିପରି ? ନିଶ୍ଚୟ ଇଂରାଜୀ ଓ ହିନ୍ଦୀରେ । ଏହି ସଂଯୋଜକ ଭାଷାରେ ଆମର ଜ୍ଞାନ କେତେ ଆମେ ସମସ୍ତେ ନିଜେ ନିଜେ ଅନୁଭବ କରୁଛେ । ଅତଏବ, ଇଂରାଜୀ ଓ ହିନ୍ଦୀ ଭାଷା ଦକ୍ଷତାକୁ କିପରି ଉପେକ୍ଷା କରାଯାଇପାରିବ ?

ଆନୁଷ୍ଠାନିକ ଶିକ୍ଷାର ଏକ ପ୍ରମୁଖ ଲକ୍ଷ୍ୟ ହେଉଛି କର୍ମ ସଂସ୍ଥାନ । ଭାଷା ବା ସାହିତ୍ୟର ଆନୁଷ୍ଠାନିକ ଶିକ୍ଷା ଛାତ୍ରଛାତ୍ରୀମାନଙ୍କୁ ଉପାର୍ଜନକ୍ଷମ କରିପାରିବା ଭଳି ଦକ୍ଷତା ରଖିବା ଦରକାର । ନହେଲେ ସେହି ଭାଷାରେ ଆନୁଷ୍ଠାନିକ ଶିକ୍ଷା ଗ୍ରହଣକରିବାକୁ କେହି ଚାହିଁବେ ନାହିଁ । ଉଦାହରଣସ୍ୱରୂପ, ଓଡ଼ିଆରେ ସ୍ନାତକ ବା ସ୍ନାତକୋତ୍ତର ଶିକ୍ଷାଗ୍ରହଣ କରିଥିବା ପିଲାଟି ଯଦି ଭାଷାକୁ ଆଧାରକରି କୌଣସି ନିଯୁକ୍ତି ପାଇବ ନାହିଁ ସେ କାହିଁକି ଓଡ଼ିଆରେ ଆନୁଷ୍ଠାନିକ ଉପାଧି ଅର୍ଜନ କରିବାକୁ ଚାହିଁବ ? ସରକାରୀ ସ୍ତରରେ, ପ୍ରଶାସନରେ ବି ସ୍ଥାନୀୟ ଭାଷାକୁ ପ୍ରାଧାନ୍ୟ ଓ ପ୍ରୋତ୍ସାହନ ଦିଆଯିବା ଆବଶ୍ୟକ । ସମ୍ପୃକ୍ତ ଭାଷା ବ୍ୟବହାରକାରୀ ଜଣେ ଯେତେବେଳେ ଭାବିବ ଯେ ଇଂରାଜୀ ଜାଣିନି ବୋଲି ସରକାରଙ୍କୁ ଯାହା ଜଣାଇବାକୁ

ଚାହୁଁଥିଲି ତାହା ମୁଁ ପାରିଲି ନାହିଁ ସେତେବେଳେ ମାତୃଭାଷାରେ ସେ ଯେତେ ଶକ୍ତିଶାଳୀ ତଥା ଆଦାନପ୍ରଦାନ ଯୋଗ୍ୟ ମନେ କରୁଥିଲେ ବି ଶକ୍ତିହୀନ ମନେକରିବ ଓ ନିଜ ଭାଷା ପରିବେଶରେ ଆଉ ଜଣେ ଇଂରାଜୀ ଜାଣିଥିବା ବିଦ୍ୱାନକୁ ହାତଯୋଡ଼ି ନେହୁରା ହେବ ନିଜ ମାଟିରେ, ସେଇ ବିଦ୍ୱାନଙ୍କ ଆହରିତ ଅନ୍ୟ ବିଦ୍ୱାନ ବା ସରକାରମାନଙ୍କ ଭିତରେ ଆଦାନ ପ୍ରଦାନ ହେଉଥିବା ଭାଷାରେ ଅର୍ଜିଟିଏ ଲେଖିଦେବାକୁ । ଏଠାରେ ମନେରଖିବାକୁ ହେବ ଯେ' ଗୋଟେ ଭାଷା ସେତେବେଳେ ଶକ୍ତିଶାଳୀ ହେବ ଯେତେବେଳେ ତାହା ସମ୍ପୃକ୍ତ ଭାଷାଭାଷୀଙ୍କୁ ପ୍ରତ୍ୟେକ ଦୃଷ୍ଟିରୁ ଅର୍ଥାତ୍ ସାମାଜିକ, ଆର୍ଥିକ, ରାଜନୀତିକ, ତଥା ନିକଟତମ ସମସ୍ତ ଇପସିତ୍ କ୍ଷେତ୍ରଗୁଡ଼ିକରେ ଆଦାନପ୍ରଦାନ କରିବାରେ ସାମର୍ଥ୍ୟ, ଶକ୍ତି, ଓ ସାହସ ପ୍ରଦାନ କରିପାରିବ ।

ସଂସ୍କୃତି, ଭାଷା ଆଦି କେବଳ ତତ୍ତ୍ୱବିତ୍ ତଥା ବିଦ୍ୱାନମାନଙ୍କ ସମ୍ପତ୍ତି ନୁହେଁ । ଗୋଟିଏ ଭାଷା ଅପସାରିତ ହୋଇଗଲେ ବା ସାମର୍ଥ୍ୟହୀନ ହେଲେ ସେ ଭାଷାର ସାଧାରଣ ନିରକ୍ଷର ଲୋକଟିଏକୁ ବି କେତେ କଷ୍ଟ ହୁଏ ମୁଁ ମୋର କ୍ଷେତ୍ର ଅଧ୍ୟୟନବେଳେ ଦେଖିଛି । ଜଣେ ତାର ଆଖ୍ୟାନ ପରିବେଷଣର ପରମ୍ପରା ମରିଯିବ ବୋଲି ଅଧଘଣ୍ଟା ଲୁହ ଗଡେଇବା (ଅର୍ଥହୀନ ବୌଦ୍ଧିକ କାନ୍ଦଣା ନୁହେଁ) ମୁଁ କୌଣସି ବିଦ୍ୱାନ କିମ୍ବା ତତ୍ତ୍ୱବିତଙ୍କଠାରେ ଅନ୍ତତଃ ଦେଖିନାହିଁ । ସଂସ୍କୃତି ପରି ଭାଷା ବି ଗୋଟିଏ ଗୋଷ୍ଠୀର ପରିଚିତି । ଅନେକ ସମୟରେ ସମ୍ପୃକ୍ତ ଗୋଷ୍ଠୀର ସାଂସ୍କୃତିକ ଆଖ୍ୟାନର ବର୍ଣ୍ଣନା କେବଳ ସେହି ଭାଷାରେ ହିଁ ସମ୍ଭବ ହୋଇଥାଏ । ଆମ ଦେଶରେ ଅନେକ ଭାଷା ଜୀବନୀ ଶକ୍ତି ହରାଇ ସମ୍ପୃକ୍ତ ସମାଜରୁ ଅପସରି ଗଲାଣି, ଓ ଅନେକ ଅପସୃୟମାନ । ଆମର ବହୁ ଭାଷାବିତ୍, ସଂସ୍କୃତିବିତ୍ ଅଛନ୍ତି, ବହୁ ଗବେଷଣା ପ୍ରତିଷ୍ଠାନ ଅଛି, ସମସ୍ତେ କେତୋଟି ପ୍ରବନ୍ଧ ଲେଖିଦେଇ, ସମ୍ପୃକ୍ତ ଭାଷାରେ ବ୍ୟାକରଣ କିମ୍ବା ଶବ୍ଦକୋଷଟିଏ ତିଆରି କରିଦେଇ ଭାବନ୍ତି ଯେ ଆମେ ଭାଷାକୁ ସଂରକ୍ଷଣ କରିଦେଲୁ । ଅନେକ କ୍ଷେତ୍ରରେ ସେ ବ୍ୟାକରଣ, ଶବ୍ଦକୋଷକୁ ସମ୍ପୃକ୍ତ ଭାଷାଭାଷୀ ଲୋକଙ୍କୁ ପଢିବାର ସୌଭାଗ୍ୟ ତ ଦୂରରେ ଥାଉ ଦେଖିବାର ଦୁର୍ଭାଗ୍ୟ ବି ମିଳେ ନାହିଁ । ପାଠାଗାରର ଥାକ ଭିତରେ ଉଈ-ଆକ୍ରାନ୍ତ ହୋଇ ସେଗୁଡିକ ନଷ୍ଟ ହୋଇଯିବା ଭିତରେ ସମ୍ପୃକ୍ତ ଭାଷା ଯେ ବିଲୁପ୍ତ ହୋଇଗଲାଣି ତାହା ବି ସେହି ତତ୍ତ୍ୱବିଦ୍‌ମାନଙ୍କ ଦୃଷ୍ଟିକୁ ଆସେନି । ଆସିଲେ ବି କୌଣସି 'ରକ୍ ପଡେନି । ଭାଷା ଓ ସଂସ୍କୃତିକୁ ନେଇ ଗୋଟିଏ 'ଭୌତିକ ଉତ୍ପାଦ (physical product)– ଗବେଷଣା ପୁସ୍ତକ'ଟିଏ ପ୍ରସ୍ତୁତ କରିଦେଲେ ସେସବୁର ସଂରକ୍ଷଣ ହୁଏ ନାହିଁ, ବରଂ ତାହା ପରେପରେ ଗୋଟେ ଜୀବାଶ୍ମର ରୂପ ନେଇଥାଏ ମାତ୍ର ତ, ଆମେ ବିଦ୍ୱାନମାନେ, ଗବେଷକମାନେ ଆମର କ'ଣ ସାଂସ୍କୃତିକ, ଭାଷିକ ଉତ୍ତରଦାୟିତ୍ୱ କିଛି ନାହିଁ ? ଖାଲି ବିଦ୍ୱାନମାନେ ନୁହଁ, ମୁଖ୍ୟ ପରିସରରେ ଥିବା ସମସ୍ତ ସାଧାରଣଙ୍କର ଏହି ଭାଷିକ, ସାଂସ୍କୃତିକ ଉତ୍ତରଦାୟିତ୍ୱ ରହିବା ଆବଶ୍ୟକ । ତେବେ, ମନେରଖିବାକୁ ବି ହେବ ଯେ' ବ୍ୟବହାର, ଆବଶ୍ୟକତା, ଉପଯୋଗ ଦୃଷ୍ଟିରୁ ଭାଷା ଓ ସଂସ୍କୃତି ଆହରଣଶୀଳ, ଗ୍ରହଣଶୀଳ, ପରିବର୍ତ୍ତନଶୀଳ । ଏହା ବି ଉଲ୍ଲେଖନୀୟ ଯେ, ଏହି ଗ୍ରହଣ, ଆହରଣ, ପରିବର୍ତ୍ତନ କୌଣସି ତତ୍ତ୍ୱବିଦଙ୍କୁ ପଚାରି ହୋଇନଥାଏ ।

ଓଡ଼ିଶାର ସରକାରୀ ଭାଷା ଓଡ଼ିଆ । ତେବେ, ଓଡ଼ିଶାରେ ଆହୁରି ଅନେକ ଆଦିବାସୀ, ଅଣ-ଆଦିବାସୀ ଭାଷା ବି ଅଛି । ସେହି ଭାଷାଗୁଡିକୁ କେହିକେହି ଭାଷାବିତ୍ ଭାଷା ଭାବରେ ଗଣନା କରି ନ ପାରନ୍ତି । ତେବେ, ଗୋଟିଏ ଗୋଷ୍ଠୀ ତାର ଭାଷା ଓ ସଂସ୍କୃତି ଯେ କ'ଣ ସେସମ୍ପର୍କରେ କୌଣସି ଭାଷାବିତ୍ ଓ ସଂସ୍କୃତିବିତ୍‌ଙ୍କ ଠାରୁ ପ୍ରମାଣପତ୍ର ନେବାର ଆବଶ୍ୟକତା ନାହିଁ । ସ୍ଥାନୀୟ ଗୋଷ୍ଠୀ ସଂରଚନାରେ ସମ୍ପୃକ୍ତ ଗୋଷ୍ଠୀଗୁଡିକର ଉପସ୍ଥିତି ଉପେକ୍ଷିତ ଏଣୁ ସେମାନଙ୍କର ଭାଷାଗୁଡିକ ବି ଉପେକ୍ଷିତ ଏହା କେବେବି ଅସ୍ୱୀକାର କରାଯାଇନପାରେ । ଆମେ ଯେତେବେଳେ ନିଜ ଗୋଷ୍ଠୀର କଥିତ ଭାଷାକୁ ଆମର ପରିଚିତି ଭାବରେ ଚର୍ଚ୍ଚା କରୁ ଆମର ସମାନ ଭୌଗୋଳିକ ପରିସରରେ ସହାବସ୍ଥିତ ଅନ୍ୟ ଗୋଷ୍ଠୀର ଭାଷାକୁ ବି ସେହି ପରିଚିତଗତ ସ୍ତରକୁ ଆଣି ବିଚାର କରିବା ହେଉଛି ଏକ ଗଣତାନ୍ତ୍ରିକ ଅବବୋଧ– ଯାହା ହେଉନାହିଁ ଓ ତା'ପାଇଁ ଆମ ପାଖରେ ଅନେକ ବୌଦ୍ଧିକ, ବୈଷୟିକ ଯୁକ୍ତି ଅଛି ।

ମାତୃଭାଷାରେ ଶିକ୍ଷାଦାନ କଥା କହିଲାବେଳେ ଏ ସମସ୍ତ ଭାଷା ଗୁରୁତ୍ୱପୂର୍ଣ୍ଣ । ଜଣେ ଆଦିବାସୀ ଛାତ୍ରର ଶିକ୍ଷାଗ୍ରହଣ ବିଷୟ ଏଠାରେ ଉଦାହରଣ ସ୍ୱରୂପ ଆଲୋଚନା କରାଯାଇପାରେ । ମାତୃଭାଷାରେ ଶିକ୍ଷାଦାନ କଲେ ତାର ବୌଦ୍ଧିକ ଓ ମାନସିକ ବିକାଶ ହେବ, ଭଲକଥା । ତା'ର ପ୍ରାଥମିକ ଶିକ୍ଷା ତା'ର ଭାଷାରେ ହିଁ ହେଉ । ତା'ପରେ ସେ ସ୍ଥାନୀୟ ରାଜ୍ୟ ଭାଷା ଶିଖିବ । ତା'ପରେ ହିନ୍ଦୀ ଓ ଇଂରାଜୀ ଶିଖିବ, ତା'ର ସାମଗ୍ରିକ ଅଦ୍ୱିତୀୟ ବିକାଶ ହେବ । କୌଣସି ସନ୍ଦେହ ନାହିଁ । ଏବେ, ଏହାର ଅନ୍ୟଦିଗଟିକୁ

ଦେଖାଯାଉ । ଯେଉଁ ଛାତ୍ର ପ୍ରତିଷ୍ଠିତ ଇଂରାଜୀ ମ୍ଧ୍ୟମ ବିଦ୍ୟାଳୟ, ମହାବିଦ୍ୟାଳୟରେ ପାଠ ପଢୁଛି, ଓ ସମଗ୍ର ଶିକ୍ଷାକାଳରେ ଆଦୌ ସ୍ଥାନୀୟ ବା ମାତୃଭାଷା ପଢୁନାହିଁ ତା'ର ସାମଗ୍ରିକ ବିକାଶ ହେଉଛି ନା ନାହିଁ ? ଆମର ବହୁ ବିଦ୍ୱାନ, ଶିକ୍ଷାବିତ୍, ଭାଷାବିତ୍ କର୍ମସଂସ୍ଥାନ ପାଇଁ ନିଜ ମାତୃଭାଷା କ୍ଷେତ୍ର ବାହାରକୁ ଯାଇଛନ୍ତି, ବିଦେଶରେ ବି ରହିଛନ୍ତି, ରହୁଛନ୍ତି; ସେମାନେ ତାଙ୍କ ପୁଅଝିଅଙ୍କୁ କ'ଣ ତାଙ୍କ ଗାଁରେ ରଖି ପଢାଉ ଥିଲେ, ନା ପଢାଉଛନ୍ତି ? ଯଦି ନୁହେଁ ତାହେଲେ ଆଦିବାସୀ ତଥା ସୀମାନ୍ତରିତ ଭାଷା ଗୋଷ୍ଠୀର ଲୋକଙ୍କ ପାଇଁ ଏ ମାତୃଭାଷା ତତ୍ତ୍ୱଟି କ'ଣ ପାଇଁ ? ମାତୃଭାଷା ତତ୍ତ୍ୱଟି ଏଇଥିପାଇଁ ଯେ, ସେ ବିଦ୍ୱାନମାନଙ୍କ ପିଲାମାନେ ମାତୃଭାଷା କ୍ଷେତ୍ର ବାହାରେ ପଢିଲେ ବି ସେମାନଙ୍କୁ ସେମାନଙ୍କ ପରିବେଶ, ପରିବାର ଶିକ୍ଷକ ଓ ତାଙ୍କ ଭିତରେ ଏକ ବୋଧଗମ୍ୟ ସଂଯୋଜକ ଭାଷାର ଅଧିକାରୀ ହେବାର ସୁଯୋଗ ସୃଷ୍ଟିକରିଥାଏ । କିନ୍ତୁ, ଉପାନ୍ତ ତଥା ଆଦିବାସୀ ଭାଷାର ଛାତ୍ରଛାତ୍ରୀ ଓ ସେମାନଙ୍କ ଶିକ୍ଷକଙ୍କ ମଧ୍ୟରେ ଅନେକତଃ ଆଦାନପ୍ରଦାନ ଅତ୍ୟନ୍ତ ଦୁର୍ବଳ ହୋଇଥାଏ ଯେତେବେଳେ ଶିକ୍ଷକ ଜଣକ ଅନ୍ୟ ଭାଷା ଗୋଷ୍ଠୀରୁ ଆସିଥାନ୍ତି । ଆଉ, ଏହାକୁ ଏସବୁ କ୍ଷେତ୍ରରେ ଆନୁଷ୍ଠାନିକ ଶିକ୍ଷା ସଫଳ ନହେବାର ଅନ୍ୟତମ କାରଣ ବୋଲି କୁହାଯାଇପାରେ । ଏଭଳି ବାଧକତା ଓ ବିଫଳତାର ଅନୁଶୀଳନର ନିଷ୍କର୍ଷ ହେଉଛି ମାତୃଭାଷା ମାଧ୍ୟମରେ ଶିକ୍ଷାଦାନର ଅବଧାରଣା । ତେବେ, ଏ ଅବଧାରଣା ଆଜିର ନୁହେଁ, ସମ୍ବିଧାନର ସପ୍ତମ ସଂଶୋଧନ (୧୯୫୬) 'ଅଧିନିୟମ ୩୫୦-କ (Article 350 A)'ରେ ଏହାର ଉଲ୍ଲେଖ ଦେଖିବାକୁ ମିଳେ –"Facilities for instruction in mother tongue at primary stage. It shall be the endeavour of every State and of every local authority within the State to provide adequate facilities for instruction in the mother tongue at the primary stage of education to children belonging to linguistic minority groups..." । ତଥାପି ଓଡ଼ିଶା କାହିଁକି ସର୍ବଭାରତୀୟ ସ୍ତରରେ ଆମର ପ୍ରାଥମିକ ଶିକ୍ଷା ତଥା ବିଦ୍ୟାଳୟ, ମହାବିଦ୍ୟାଳୟ ସ୍ତରରେ ଶିକ୍ଷାର ସ୍ଥିତି ଉଦ୍‌ବେଗ ଜନକ, ଉପାନ୍ତ ତଥା ଆଦିବାସୀ ଭାଷାଭାଷୀ ଅ*ଳରେ ଏ ସ୍ଥିତି ଖୁବ୍ ଦୟନୀୟ[୪] ।

କିଛି ଦଶନ୍ଧି ତଳେ ଏଇ କର୍ପୋରେଟ୍ ଇଂରାଜୀ ମାଧ୍ୟମ ବିଦ୍ୟାଳୟ, ମହାବିଦ୍ୟାଳୟ ନଥିଲା ଆଉ ସେତେବେଳେ ସମସ୍ତେ ସ୍ଥାନୀୟ ଭାଷାଭାଷୀ ଛାତ୍ର (ଆଦିବାସୀ ଭାଷାଭାଷୀଙ୍କୁ ଛାଡ଼ିଦେଲେ) ମାତୃଭାଷାରେ ବା ସ୍ଥାନୀୟ ଭାଷା ମାଧ୍ୟମରେ ହିଁ ଶିକ୍ଷା ଗ୍ରହଣ କରୁଥିଲେ । ଏବେ ବି ସରକାରୀ ବିଦ୍ୟାଳୟଗୁଡିକରେ ସେଇ ପରମ୍ପରା ହିଁ ଅଛି । ଆମର ଅନେକ ସ୍ଥାନୀୟ ବିଦ୍ୱାନ ଓ ବୁଦ୍ଧିଜୀବୀ ଏହି ବିଦ୍ୟାଳୟଗୁଡିକରୁ ହିଁ ଆସିଛନ୍ତି । ସମ୍ପ୍ରତି ଏହି ସରକାରୀ ବିଦ୍ୟାଳୟଗୁଡିକର ନିରାଶାଜନକ ପ୍ରଦର୍ଶନର କାରଣ ଆମେ ନଜାଣିଲେ ବି ଆମର ଏଇ ବୁଦ୍ଧିଜୀବୀମାନେ ଯେ ଜାଣନ୍ତି ନାହିଁ ସେକଥା ନୁହେଁ । ଏସବୁ ଦିଗ ଉପରେ କିନ୍ତୁ ସେମାନଙ୍କର ଚର୍ଚ୍ଚା ସୀମିତ । ଯେତେବେଳେ, ସର୍ବଭାରତୀୟ ସ୍ତରରେ ଉପଲବ୍ଧ ବିଦ୍ୟାଳୟ, ଯାହାକୁ ଦେଶୀ କହି ଆମେମାନେ ଉପେକ୍ଷା କରୁଛୁ, ଯେଉଁଠି ମାତୃଭାଷାରେ ହିଁ ପ୍ରାଥମିକ ଶିକ୍ଷା ଦିଆଯାଉଛି, ସେଇଠି ପ୍ରଦର୍ଶନ ନୈରାଶ୍ୟଜନକ । ଅତଏବ, ଉପାନ୍ତ ଆଦିବାସୀ ଅ*ଳରେ ସମ୍ପୃକ୍ତ ଭାଷାଭାଷୀ ଛାତ୍ରଛାତ୍ରୀମାନଙ୍କୁ ପ୍ରାଥମିକ ଶିକ୍ଷା ତାଙ୍କ ଆଦାନପ୍ରଦାନ ଯୋଗ୍ୟ ଭାଷାରେ ବା ତାଙ୍କ ମାତୃଭାଷାରେ ପ୍ରଦାନକଲେ ସେମାନଙ୍କର ଶୈକ୍ଷିକ ପ୍ରଦର୍ଶନ ଯେ ଆଶାନୁରୂପ ହେବ ଏହା କାହିଁକି ଆମର ପୂର୍ବ ଅନୁଭୂତିକୁ ଦେଖିଲେ ବୁଝିହେଉନାହିଁ । ସେଥିପାଇଁ, ଭାରତର ସର୍ବୋଚ୍ଚ ନ୍ୟାୟାଳୟ ଏକ ପ୍ରସଙ୍ଗରେ ୬ ଜାନୁୟାରୀ ୨୦୧୪ ତାରିଖରେ, "...no direct bearing and impact on the determination of standards of education, and will affect the fundamental rights under Articles 19(1) (a) and 19(1) (g) of the Constitution" କହି ଉଭୟ ଛାତ୍ରଛାତ୍ରୀ ଓ ଅଭିଭାବକ ଶିକ୍ଷାଗ୍ରହଣ ପାଇଁ ମୁକ୍ତଭାବେ ଭାଷା ଚୟନ କରିପାରିବେ ବୋଲି ରାୟଦେଲେ । ସେହିପରି, ମାତୃଭାଷାରେ ଶିକ୍ଷାଦାନର କେତୋଟି ବାଧକଦିଗ ବି ଏଠାରେ ଅଣଦେଖା କରାଯାଇନପାରେ । ମାତୃଭାଷାଟିର ଯଦି ଲିଖିତ ପରମ୍ପରା ନଥାଏ, ସେହି ଭାଷାରେ ଯଥେଷ୍ଟ ଉତ୍କୃଷ୍ଟ ଶିକ୍ଷଣ ଉପାଦାନ ଉପଲବ୍ଧ ନାହିଁ, ଯଦି ପ୍ରଶିକ୍ଷିତ ଶିକ୍ଷକ ନାହାନ୍ତି (ଟଘରଝଉଙ୍ଗ ୨୦୦୩, ୧୫-୧୬) ତେବେ ଏହା ସଫଳ ହେବନାହିଁ । ତେବେ, ଏସବୁ ଉପଲବ୍ଧ କରାଇବା ଓ ସମ୍ଭାବ୍ୟ ଶିକ୍ଷା ପରିସର ସୃଷ୍ଟିକରିବା ପାଇଁ ଆବଶ୍ୟକ ପଦକ୍ଷେପ ଯେ ନିଆଯାଇନପାରେ ତାହା ବି ନୁହେଁ । ଆଉ ପୁଣିଥରେ ଏହା କୁହାଯାଇପାରେ ଯେ, ଯେତେବେଳେ ରାଜ୍ୟର ପ୍ରମୁଖ ଭାଷାଗୁଡିକରେ ଏସବୁ ଉପଲବ୍ଧ ନୁହେଁ ତ ସେତେବେଳେ ଆଦିବାସୀ ଓ ସଂଖ୍ୟାଲଘୁ ଭାଷା କଥା ଉଠୁଛି କୁଆଡୁ ?

ସମସ୍ତ ତତ୍ତ୍ୱ, ଉପାଗମ ସବୁବେଳେ ସାର୍ବଜନୀନ । ଏହାର 'ପ୍ରକାର୍ଯ୍ୟ (function)' ସମଗ୍ର ଅନୁରୂପ କ୍ଷେତ୍ରଗୁଡିକରେ ସମାନ, ଏହା ଗୋଟିଏ ଗୋଷ୍ଠୀର ଅନ୍ୟ ଗୋଷ୍ଠୀ ପାଇଁ କଦାପି ଉପଦେଶ

କି ଅପଦେଶ ନୁହଁ । ଜଣେ ଛାତ୍ର ମାତୃଭାଷା ତଥା ସ୍ଥାନୀୟ ଭାଷାରେ କିଛି ବର୍ଷ ଶିକ୍ଷାଗ୍ରହଣ କରି ପରବର୍ତ୍ତୀକାଳରେ ଇଂରାଜୀ ଶିଖି ବା ସ୍ଥାନୀୟ ଭାଷାରେ ସମସ୍ତ ବିଷୟରେ ଶିକ୍ଷାଗ୍ରହଣ କରି କର୍ପୋରେଟ୍ ଇଂରାଜୀ ବିଦ୍ୟାଳୟରୁ ପଢିଥିବା ଅନ୍ୟ ପ୍ରତିଯୋଗୀ ପାଖରେ ସେ ନିଜର କିଭଳି ସାମର୍ଥ୍ୟ ପ୍ରକାଶ କରିବ, ଶକ୍ତି ପ୍ରଦର୍ଶନ କରିବ ତାହା ସହଜରେ ଅନୁମେୟ । ଆଉ, ଆମର ତତ୍ତ୍ୱବିଦମାନେ ସ୍ଥାନୀୟ ଭାଷାକୁ ଜ୍ଞାନପାଠରେ ପରିପୂର୍ଣ୍ଣ କରିପକେଇବା କଥା କହୁଛନ୍ତି, ସମସ୍ତ ଆନୁଷ୍ଠାନିକ ଶିକ୍ଷାର ବିଷୟଗତ ପଠନ-ପାଠନ ସ୍ଥାନୀୟ ଭାଷାରେ ହେବାକୁ ଗୁରୁତ୍ୱଦେଉଛନ୍ତି, କିନ୍ତୁ କର୍ମସଂସ୍ଥାନ କଥା କହୁନାହାନ୍ତି । କର୍ମସଂସ୍ଥାନର ସମସ୍ତ ଚୟନ ରାଜ୍ୟ କିମ୍ବା ଜାତୀୟସ୍ତରରେ ନହୋଇ ମାତୃଭାଷା ସ୍ତରରେ ହିଁ ହେବା ଦରକାର, ତଥା ପ୍ରଶ୍ନଗୁଡିକ କେବଳ ମାତୃଭାଷାରେ ଉପଲବ୍ଧ ଜ୍ଞାନପାଠରୁ ହିଁ ଆସିବା ଦରକାର (ଯଦିଓ ଏଭଳି ହେବା ବି କେବେ ସମ୍ଭବ ନୁହେଁ) ସେକଥା କହୁନାହାନ୍ତି । ତେବେ, କ'ଣ ବିଦ୍ୱାନ ଓ ତତ୍ତ୍ୱବିଦମାନଙ୍କ ପିଲାମାନେ ହିଁ କର୍ମକ୍ଷେତ୍ରକୁ ଆସିବେ, ଅନ୍ୟମାନେ ଏହି ବିଦ୍ୱାନମାନଙ୍କ ଦୁର୍ବୁଦ୍ଧିରେ କେବଳ ସେଇ ହାତଗଣତି ବିଦ୍ୱାନ ସ୍ଥାନୀୟ ଭାଷାରେ ପ୍ରସ୍ତୁତ କରିଥିବା ଜ୍ଞାନପାଠ ପଢି ନିଜ ଜୀବନକୁ ଉତ୍ସର୍ଗ କରିବେ ? ପ୍ରକୃତ କଥା ହେଲା, ଭାରତୀୟ ଶିକ୍ଷା ଅନୁଷ୍ଠାନଗୁଡିକର ମାନ ଆକଳନ କରିବାକୁଗଲେ ପ୍ରାଥମିକ ଶିକ୍ଷାରୁ ଉଚ୍ଚଶିକ୍ଷା ଯାଏଁ ସବୁଠି ବିପର୍ଯ୍ୟୟକୁ ସାମ୍ନା କରିବାକୁ ପଡେ । ଶିକ୍ଷକର ଅଭାବ ସହିତ ଉପଲବ୍ଧ ଶିକ୍ଷକଙ୍କ 'ଶିକ୍ଷାଶାସ୍ତ୍ର (pedagogy)' ଆଧାରିତ ପ୍ରଶିକ୍ଷଣର ଅଭାବ ଆଦିକୁ ବି ପ୍ରତ୍ୟାଖ୍ୟାନ କରାଯାଇନପାରେ । ଅନେକ ବିଷୟରେ ସମାଜ, ସମୟ ଓ ବିଷୟ ଉପଯୋଗୀ 'ସଂରଚନାଗତ ପାଠ୍ୟକ୍ରମ (structured syllabus)', ବିଷୟଗତ ସାମ୍ପ୍ରତିକ ଜ୍ଞାନପାଠ, ସତ୍ୟଶୀଳ ଗଭୀର ଅନୁଶୀଳନ ଓ ଗବେଷଣାର ଯେଉଁ ଅଭାବ ଦେଖାଯାଏ, ସେସବୁ ଉପରେ ପ୍ରକୃତରେ ଚର୍ଚ୍ଚା କରାଯିବା କଥା ଯାହାକୁ ଜାଣିଶୁଣି ଉପେକ୍ଷା କରାଯାଉଛି । ଆମର ଆନୁଷ୍ଠାନିକ ଶିକ୍ଷାରେ ଉତ୍କୃଷ୍ଟ ପ୍ରଦର୍ଶନ ପାଇଁ, ଉତ୍ସର୍ଗୀକୃତ ଗୁଣାତ୍ମକ ଶିକ୍ଷା, ଓ ଗୁରୁତ୍ୱପୂର୍ଣ୍ଣ ଗବେଷଣାର ଯେଉଁ ଆବଶ୍ୟକତା ଅଛି ସେସବୁକୁ ବି ଗୁରୁତ୍ୱ ଦିଆଯାଉନାହିଁ । ପ୍ରାଥମିକ ଶିକ୍ଷକଙ୍କଠୁ ଉଚ୍ଚଶିକ୍ଷାର ଶିକ୍ଷକମାନଙ୍କୁ ନିୟମିତ ବ୍ୟବଧାନରେ ଶିକ୍ଷାଶାସ୍ତ୍ର ଆଧାରିତ ଯେଉଁ ପ୍ରଶିକ୍ଷଣ ଦିଆଯିବା ଦରକାର ତାହା କରାଯାଉନାହିଁ । ବର୍ତ୍ତମାନ ସମୟରେ ଯେ ଏମାନଙ୍କୁ ଏଭଳି ପ୍ରଶିକ୍ଷଣ ଦିଆଯାଉ ନାହିଁ ସେକଥା ବି ନୁହେଁ, ଦିଆଯାଉଛି । ତେବେ, ଏସବୁ ମାନକ ସ୍ତରରେ ହେଉନାହିଁ । ଏହା ସହିତ ଭିତ୍ତିଭୂମି ଓ ଅନ୍ୟ ଅନେକ ଅଭାବରେ ଭରିରହିଛି ଆମର ଶିକ୍ଷା ବ୍ୟବସ୍ଥା । ଏସବୁ ସର୍ବଭାରତୀୟ ସ୍ତରର ମୁଖ୍ୟ ପରିସରର ପ୍ରଶ୍ନ । ଉପାନ୍ତ ଅଂଚଳର ଶିକ୍ଷାନୁଷ୍ଠାନ ଗୁଡିକର ଅଧୋଗତି କଥା ତ ଉଲ୍ଲେଖ କରିବା କଥା ହିଁ ନୁହଁ ।

ଯେଉଁ ବିଦ୍ୱାନମାନେ ଓଡ଼ିଆ ବା ଏ ଦେଶର ସ୍ଥାନୀୟ ଭାଷାଗୁଡ଼ିକ ବିଦେଶୀ ବା ଅନ୍ୟ ଭାଷାର ଆକ୍ରମଣରେ ସଂକଟାପନ୍ନ ବୋଲି କହୁଛନ୍ତି ସେମାନେ ଜାଣନ୍ତି ଯେ, ଗୋଟିଏ ଭାଷାରେ ପଠନ-ପାଠନ, ଜ୍ଞାନ ପାଠ ବା ଶାସ୍ତ୍ରର ନିର୍ମାଣ, ସାହିତ୍ୟ ରଚନା ସେ ଭାଷାକୁ ଆୟୁଷ୍ମାନ କରି ରଖିବ ତାହା ସତ୍ୟ ନୁହେଁ । ସେଭଳି ହୋଇଥିଲେ ସଂସ୍କୃତ ଭଳି ସମୃଦ୍ଧ ଓ ଶକ୍ତିଶାଳୀ ଭାଷାର ଆଜି ଏ ଅବସ୍ଥା ହୋଇ ନଥାନ୍ତା । ଭାଷା ବଂଚେ ଆଦାନପ୍ରଦାନରେ, ସମ୍ପୃକ୍ତ ଗୋଷ୍ଠୀ ଓ ସମସ୍ତ ସହାବସ୍ଥିତ ଗୋଷ୍ଠୀ ସଦସ୍ୟଙ୍କ ନିତ୍ୟ ପରିବେଷଣରେ । ସେହିପରି, ଗୋଟିଏ ଭାଷାର ଭୌଗୋଳିକ ବିସ୍ତାର ସେତେବେଳେ ପ୍ରସାରିତ ହୁଏ ଯେତେବେଳେ ଭିନ୍ନ ଏକ ଭୌଗୋଳିକ ଓ ଭାଷା ଗୋଷ୍ଠୀର ସଦସ୍ୟ ମଧ୍ୟ ସେମାନଙ୍କର ଆବଶ୍ୟକତାକୁ ଆଖିରେ ରଖି ତା'ର ଶିକ୍ଷା ଓ ପରିବେଷଣ କରନ୍ତି । ବେଳେବେଳେ ବିଭିନ୍ନ କାରଣରୁ ବହୁ ସମୃଦ୍ଧ ଭାଷା ବି ସମ୍ପୃକ୍ତ ଗୋଷ୍ଠୀ ସଦସ୍ୟଙ୍କ ସମସ୍ତ ପ୍ରୟାସ ସତ୍ତ୍ୱେ ଆଦାନପ୍ରଦାନର ଯୋଗ୍ୟତା ହରାଇଥାଏ– ଯେମିତି ସଂସ୍କୃତ, ଓ ମରିଯାଏ (ଅନ୍ତତଃ ଭାଷାବିଜ୍ଞାନର ବିଦ୍ୱାନମାନଙ୍କ ଦୃଷ୍ଟିରୁ ଏଭଳି କୁହାଯାଇପାରେ, ନହେଲେ ଲୋକତତ୍ତ୍ୱ ଅନୁସାରେ ଅପସାରିତ ହୋଇଯାଏ) । ଓଡ଼ିଶାର ୯୭ ପ୍ରତିଶତ ଲୋକ କେବଳ ଓଡ଼ିଆରେ ହିଁ ଆଦାନପ୍ରଦାନ କରନ୍ତି ବାକି ୩ ପ୍ରତିଶତ ଲୋକ ଓଡ଼ିଆ ସହିତ ଇଂରାଜୀ, ହିନ୍ଦୀ ତଥା ଅନ୍ୟ ଆହରିତ ଭାଷା ଆବଶ୍ୟକତା ଓ କ୍ଷେତ୍ର ଅନୁଯାୟୀ ବ୍ୟବହାର କରିଥାନ୍ତି । ଏହି ତିନି ପ୍ରତିଶତଙ୍କ ଭିତରୁ କେତେକ ବିଦ୍ୱାନ, ଭାଷାବିତ୍, ଶିକ୍ଷାବିତ୍ ଯେଉଁମାନେ କି ଅଧିକତଃ ଇଂରାଜୀ ବହି ହିଁ ପଢନ୍ତି, ଅଧିକାଂଶ ଲେଖାଲେଖି ଇଂରାଜୀରେ ହିଁ କରନ୍ତି । ନିଜର ପୁଅ-ଝିଅ ଓ ସମସ୍ତ ଉତ୍ତର ପିଢିଙ୍କୁ ଇଂରାଜୀ ମାଧ୍ୟମରେ ପଢାଇ ଦେଶବିଦେଶରେ ପ୍ରତିଷ୍ଠିତ କରିବାକୁ ଚାହାନ୍ତି ବା କରିସାରିଛନ୍ତି । ଅନ୍ୟ ଅର୍ଥରେ ସେମାନେ ଓ ସେମାନଙ୍କ ନିକଟ ସମ୍ପର୍କୀୟମାନେ ଦୈନନ୍ଦିନର ଆଦାନପ୍ରଦାନରେ ଆବଶ୍ୟକତା ଅନୁସାରେ ମାତୃଭାଷାକୁ ନିଜଠାରୁ ଅପସାରିତ କରିସାରିଛନ୍ତି, ସେମାନେ କହୁଛନ୍ତି ଓଡ଼ିଆ ଭାଷା-ସଙ୍କଟର କଥା, ଓଡ଼ିଆ ଭାଷାରେ

ଜ୍ଞାନପାଠର କଥା । ଏଠାରେ ମୁଁ ଏଇ ବିଦ୍ୱାନମାନଙ୍କୁ ଉଦ୍ଦେଶ୍ୟମୂଳକ କି ଏକ ପୂର୍ବାଗ୍ରହରେ ଆଲୋଚନା କରୁନି, ବରଂ ଆମର ସାମାଜିକ, ସାଂସ୍କୃତିକ, ଓ ଭାଷିକ ଅଙ୍ଗୀକାରବଦ୍ଧତା କଥା କହୁଛି, ଦେଶ ପାଇଁ ଆମର ଶୈକ୍ଷିକ ପ୍ରତିବଦ୍ଧତାର କଥା କହୁଛି ।

ସ୍ଥାନୀୟ ଭାଷାରେ ଜ୍ଞାନପାଠର ବିକାଶ ପାଇଁ ପ୍ରୟାସ ଆମର ପରିଚିତି ଓ ସାମର୍ଥ୍ୟକୁ ପ୍ରତିଷ୍ଠିତ କରିବ ଏଥିରେ କୌଣସି ସନ୍ଦେହ ନାହିଁ । ଏଥିପାଇଁ ଆମେ ସମସ୍ତେ ଚେଷ୍ଟା କରିବା ଆବଶ୍ୟକ । ତେବେ, ଏହା କେବଳ ସଭା, ସ୍ଲୋଗାନ, ଓ ଦଶମିନିଟିଆ ତାଳିକାମ୍ୟ ବକ୍ତବ୍ୟ ପ୍ରଦାନରେ ହେବନାହିଁ । ଆମକୁ ବିଶ୍ୱସ୍ତରରେ ଉପଲବ୍ଧ ଜ୍ଞାନର ସଫଳ ଅନୁଶୀଳନ ସହ ସ୍ଥାନୀୟ ଉପାଦାନ, କ୍ଷେତ୍ର, ଓ ସାମାଜିକ-ସାଂସ୍କୃତିକ ଆବଶ୍ୟକତାକୁ ଅଧ୍ୟୟନକରି ନୂତନ ଜ୍ଞାନପାଠର ନିର୍ମାଣ ମଧ୍ୟ କରିବାକୁ ହେବ । ତେବେ, ଏସବୁ କରିବ କିଏ ? ସେଇ ବିଦ୍ୱାନମାନେ ଯେଉଁମାନେ ସମଗ୍ର ଜୀବନର ବିଦ୍ୱତା ଭିତରେ, ଭାଷା ଓ ସଂସ୍କୃତି ଗବେଷଣାରେ କୌଣସି ବିଶ୍ୱସ୍ତରୀୟ ଉପଲବ୍ଧି ଦେଇପାରିଲେ ନାହିଁ, କୌଣସି ନୂତନ ଜ୍ଞାନ ପାଠ ନିର୍ମାଣ କରିପାରିଲେ ନାହିଁ; ସେମାନେ କାହାକୁ କିଭଳି ମାର୍ଗଦର୍ଶନ କରିବେ ବୁଝି ହେଉନାହିଁ । ଆଉ ଯଦି ବି ଆମ ଗବେଷଣାରେ ସେଭଳି ଉପଲବ୍ଧି ଆସିଲା, ନୂତନ ଜ୍ଞାନପାଠ ନିର୍ମାଣ ହେଲା ତେବେ, ପୁଣିଥରେ – ସମଗ୍ର ଭାରତୀୟ ଭାଷା ପରିବେଶ ବା ପରିବାରରେ ପରସ୍ପର ମଧ୍ୟରେ, ତଥା ଆନ୍ତର୍ଜାତିକ ସ୍ତରରେ ଆମର ନୂତନ ଜ୍ଞାନପାଠର ଆକଳନ, ଆହ୍ୱାନ, ଓ ଆଦାନପ୍ରଦାନ ପାଇଁ ଇଂରାଜୀ ଯେ ଏକ ସଂଯୋଜକ ଭାଷା ଏହା ଆମକୁ ମାନିବାକୁ ପଡିବ; ଯେଉଁଠି ଆମର ଶକ୍ତି, ସାମର୍ଥ୍ୟ ଓ ଜ୍ଞାନର ଆନ୍ତର୍ଜାତିକ ଆକଳନ ସହିତ ବିଷୟଗତ ଉପଯୁକ୍ତ ମୂଲ୍ୟାୟନ ବି ହୋଇପାରିବ । ଆଉ "...ସବ୍ ଜାନତାମାନଙ୍କ ଦୌରାତ୍ମ୍ୟରୁ ଓଡ଼ିଆ ଭାଷାକୁ ରକ୍ଷା କରିବାକୁ ହେବ" (ମହାପାତ୍ର ୧୯୯୭ ମୁଖବନ୍ଧ) ।

୧. ସ୍ଥାନୀୟ ଭାଷାକୁ ବିଦ୍ୱାନମାନେ ଉପେକ୍ଷା କରିବାର ଇତିହାସ ନୂତନ ନୁହେଁ । କେବଳ ଇଂରେଜମାନେ ଭାରତୀୟ କିମ୍ବା ତାଙ୍କ ଉପନିବେଶଗୁଡ଼ିକରେ ପ୍ରଚଳିତ ଭାଷାକୁ ଉପେକ୍ଷା କରୁନଥିଲେ ବରଂ ଭାରତୀୟ ବିଦ୍ୱାନମାନେ ମଧ୍ୟ ସ୍ଥାନୀୟ ଭାଷାକୁ ବିଭାଷା, ଜାତି-ଭାଷା, ବୋଲି, ଉପଭାଷା ଆଦି କହି ଉପେକ୍ଷା କରିଛନ୍ତି ବା କରି ଆସୁଛନ୍ତି ।

୨. ୧୯୫୩ ମସିହାରେ ୟୁନେସ୍କୋ ମୌଳିକ ଶିକ୍ଷା ଉପରେ The Use of Vernacular Languages in Education ଶୀର୍ଷକରେ ଏକ ମନୋଗ୍ରାଫ୍ ପ୍ରସ୍ତୁତ କଲା । ଯେଉଁଠି ଭର୍ଣ୍ଣାକୁଲାର ବା ସ୍ଥାନୀୟ ଭାଷାରେ ଶିକ୍ଷାଦାନକୁ ଗୁରୁତ୍ୱ ପ୍ରଦାନ କରାଗଲା । ଏହା ପୂର୍ବରୁ ପ୍ୟାରିସରେ ୧୯୫୧ ମସିହାରେ ନଭେମ୍ବର ୧୫ରୁ ଡିସେମ୍ବର ୫ ମଧ୍ୟରେ ଆୟୋଜିତ ଏକ ସମ୍ମିଳନୀରେ ଏହା ଉପେ ବିଶଦ ଭାବରେ ଆଲୋଚନା କରାଯାଇଥିଲା– "...to undertake an overall study of the question(of preserving and developing the languages of the indigenous peoples of the non-self-governing territories) more particularly the measures which might be taken with a view to the speediest use of indigenous languages as vehicles of instruction in schools, taking into consideration the desires of the inhabitants and taking account in such a study of the desires of the inhabitants and taking account in such a study of the experience of the other states in this matter" (UNESCO 1953, 144).

3. Sign, Signified, Signifier ଅନୁରୂପ ରପ ଶବ୍ଦ-ସଙ୍କେତ-ଅର୍ଥଗତ ଆୟାମ ଭାରତୀୟ ସ୍ଫୋଟବାଦରେ ଆଲୋଚିତ ହେବା ଦେଖିବାକୁ ମିଳେ । ପତଞ୍ଜଳି, ଭର୍ତ୍ତୃହରି, କୁମାରିଲ ଭଟ୍ଟ ଆଦି ଏହି ସ୍ଫୋଟବାଦର ବ୍ୟାଖ୍ୟାକାର ((Kapoor 2005, and Bhattacharya 1962) ö

4. Narratology ବା ଆଖ୍ୟାନତତ୍ତ୍ୱରେ ଆଲୋଚିତ ହେଉଥିବା structure of narrative, representation of speech and the stylistics of narrative, focalization, implied author, implied reader, point of view ପ୍ରତ୍ୟକ୍ଷ ଓ ପରୋକ୍ଷରେ ଭୋଜଙ୍କ ଶୃଙ୍ଗାରପ୍ରକାଶ, c¹...u ଶବ୍ଦ ବ୍ୟାପାର ପରିଚୟ, ବିଶ୍ୱନାଥ କବିରାଜଙ୍କ ସାହିତ୍ୟ ଦର୍ପଣ, ରୁୟାକ୍କଙ୍କ ଚନ୍ଦ୍ରାଲୋକ ଗ୍ରନ୍ଥରେ ଆଲୋଚିତ ହେବା ଦେଖାଯାଏ (Dey 1960)d

୫. ଭାରତର ଦୟନୀୟ ଶିକ୍ଷା ସ୍ଥିତି ଉପରେ World Development Report 2018: 'Learning to Realise Education's Promise-ଦ୍ରଷ୍ଟବ୍ୟ – "In rural India, just under three-quarters of students in

grade 3 could not solve a two-digit subtraction such as 46 – 17, and by grade 5 half could still not do so" (P.3). "...in 2016, only half of grade 5 students could fluently read text at the level of the grade 2 curriculum, which included sentences (in the local language) such as "It was the month of rains" and "There were black clouds in the sky." These severe shortfalls constitute a learning crisis" (P.5).

ସହାୟକ ଗ୍ରନ୍ଥସୂଚୀ :

ମହାପାତ୍ର, ବିଜୟ ପ୍ରସାଦ । ମାତୃଭାଷା ଓଡ଼ିଆ । କଟକ: ଫ୍ରେଣ୍ଡସ ପବ୍ଲିଶର୍ସ, ୧୯୯୭ ।

ପଟ୍ଟନାୟକ, ବବୁଧେନ୍ଦ୍ର ନାରାୟଣ । *ଓଡିଆ ଭାଷା: ଆଜି ଓ ଆସନ୍ତାକାଲି* । ଆମ ଓଡିଶା ବକ୍ତୃତାମାଳା –୧୩ । ଭୁବନେଶ୍ୱର: ଆମ ଓଡିଶା, ୨୮ ଏପ୍ରିଲ୍ ୨୦୧୫ ।

Abu El-Haj, Thea Renda. Elusive Justice: Wrestling with Difference and Educational Equality in Everyday Practice. London: Routledge, 2006.

Altbach, Philip G. "The Imperial Tongue: English as the Dominating Academic Language". A Half-Century of Indian Higher Education: Essays by Philip G Altbach. ed. Pawan Agarwal. New Delhi: Sage Publications Indian Pvt Ltd., 2012. 379-392.

Barba, Eugenio and Nicola Savarese. A Dictionary of Theatre Anthropology: The Secret Art of the Performer. London: Routledge, 1991.

Bhattacharya, Bishnupada. A Study in Language and Meaning: A Critical Examination of Some Aspects of Semantics. Calcutta: Progressive Publishers, 1962.

Ceramella, Nick. "Is English a Killer Language or an International Auxiliary ? Its Use and Function in a Globalised World". International Journal of Language, Translation and Intercultural Communication 1.1(2012): 9-23.

Devy, Ganesh Narayandas. The Crisis Within: On Knowledge and Education in India. New Delhi: Aleph Book Company, 2017.

Dey, Susshil Kumar. History of Sanskrit Poetics. Vol 1 (1923), & Vol 2 (1925). Calcutta: Firma KLM Private Ltd., 1960.

Fludernik, Monika. An Introduction to Narratology. 2006. Translated from the German by Patricia Häusler-Greenfield, and Monika Fludernik. London: Routledge, 2009.

Goldstein, Tara. Teaching and Learning in a Multilingual School: Choices, Risks, and Dilemmas. Mahwah, NJ Lawrence Erlbaum Associates, Inc., 2003.

Higgins, Christina. English as a Local Language Post-colonial Identities and Multilingual Practices. Bristol: Multilingual Matters, 2009.

Kapoor, Kapil. Text and Interpretation: The Indian Tradition. New Delhi: DK Print World (P) Ltd., 2005.

Ofelia García, Ofelia, Tove Skutnabb-Kangas, and María E. Torres-Guzmán. eds. Imagining Multilingual Schools: Languages in Education and Glocalization. Clevedon: Multilingual Matters Ltd, 2006.

Osborn, Terry A. Teaching World Languages for Social Justice: A Sourcebook of Principles and Practices. Mahwah, New Jersey: Lawrence Erlbaum Associates, Inc., Publishers, 2006.

Ouane, Adama. "The Impossible Debate about the Use of Mother Tongues in Education." Towards a Multilingual Culture of Education. ed. Adama Ouane, UNESCO.

Hamburge: UNESCO Institute for Education, 2003.

Pattnayak, Debi Prasanna. Mulilingualism and Mother Tongue Education. New Delhi: Oxford University Press, 1981.

Schechner, Richard. Performance Theory. 1988. London: Routledge, 2003.

Rassool, Naz. Global Issues in Language, Education and Development Perspectives from Postcolonial Countries. Clevedon: Multiinual Mattes Ltd, 2007.

Sheldon. The Language of the Gods in the World of Men: Sanskrit, Culture, and Power in Premodern India. California: University of California Press, 2006.

SkutnabbKangas, Tove. Linguistic Genocide in Education or Worldwide Diversity and Human Rights ? Mahwah, NJ: Lawrence Erlbaum Associates, Inc., 2000.

The Word Bank. World Development Report 2018: 'Learning to Realise Education's Promise'. Washington DC: International Bank for Reconstruction and Development, 2018.

The World Bank. Indigenous Knowledge for Development A Framework for Action WIPRO. Traditional Knowledge & Indigenous Peoples. Edited and translated by Ulia Popova-Gosart. Geneva: Information & Education Network of Indigenous Peoples and World Intellectual Property Orgnization, 2009.

UNESCO. Language Education in Multilingual India. ed. Chander J Daswani. New Delhi: UNESCO, 2001.

UNESCO. Mother Tongue Matters: Local Language as a Key to Effective Learning. Paris: UNESCO, 2008.

UNESCO. Strong Foundations: Early Childhood Care and Education. Paris: UNESCO, 2006.

UNESCO. The Use of Vernacular Languages in Education. Monographs of Fundamental Education-III. Paris: UNESCO, 1953.

Weber, Albrecht. The History of India Literature. trans. John Mann, and Theodor Zacharie. London: Kegan Paul, Trench, Trubner, & Co. Ltd., 1892.

ଇଷ୍ଟର୍ଣ୍ଣ ରିଜିଓନାଲ ଲାଙ୍ଗୁଏଜ୍ ସେଣ୍ଟର
ଲକ୍ଷ୍ମୀସାଗର, ଭୁବନେଶ୍ୱର-୭୫୧୦୦୭
ଦୂରଭାଷ : ୯୪୩୮୧୮୩୭୩୮

ISSN -2583-147X(P), **Vol.- 8, Issue No.XI, February 2023**
Bastabatara Pariprakash Prachee
Peer Reviewed and Referred Research Journal

ଶାସ୍ତ୍ରୀୟ ଓଡ଼ିଆ ଭାଷା : ଶିକ୍ଷା ଓ ନିଯୁକ୍ତି

ଡ. ଇନ୍ଦ୍ରମଣି ସାହୁ

ପରକୀୟ ଭାଷାଶିକ୍ଷା ଜଳ ଉପରେ ଘୃତବିନ୍ଦୁ ପତନବତ୍ ଅର୍ଥାତ୍ ଶିକ୍ଷାକାରୀ ହୃଦୟରେ ଜ୍ଞାନ ଆବଦ୍ଧ ରହେ । ମାତୃଭାଷା ଶିକ୍ଷା ଜଳ ଉପରେ ତୈଳବିନ୍ଦୁ ପତନବତ୍ ଅର୍ଥାତ୍ ଦେଶ ମଧ୍ୟରେ ସର୍ବତ୍ର ବିସ୍ତାର ଲାଭ କରେ । (ଫକୀରମୋହନ ସେନାପତି, ଅଭିଭାଷଣ, ଉତ୍କଳ ସାହିତ୍ୟ ସମାଜ)

ମଣିଷ ଭାଷା ଶିଖେ । କିନ୍ତୁ ଶିକ୍ଷା ପାଇଁ ଭାଷା ଅପରିହାର୍ଯ୍ୟ କି ? ଏ ପ୍ରଶ୍ନର ଉତ୍ତର ଅନିର୍ଦ୍ଦିଷ୍ଟ । ତେବେ ଶିକ୍ଷାକ୍ଷେତ୍ରର ଭୂମି ଓ ଭୂମିକାରେ ଥିବା ଭାଷା ଯେ ଅପେକ୍ଷାକୃତ ସଜୀବ ଓ ସମର୍ଥ, ତାହା ନିର୍ଦ୍ଦିଷ୍ଟ ଭାବେ କୁହାଯାଇପାରେ । ଶିକ୍ଷାବ୍ୟବସ୍ଥାରେ ଓଡ଼ିଆଭାଷାର ଗରିମା ଓ ଗୁରୁତ୍ୱର ଚିତ୍ରପଟଟି କେତେ ଉଜ୍ଜ୍ୱଳ, ତା'ର ଅବଧାରଣା ଅପରିହାର୍ଯ୍ୟ । ଓଡ଼ିଆଭାଷାର ବର୍ଣ୍ଣମାଳାରେ କେତେଗୋଟି ବର୍ଣ୍ଣ ଅଛି ? ଏ ପ୍ରଶ୍ନର ଉତ୍ତର ବୁଦ୍ଧିଜୀବିଙ୍କଠାରୁ ସାଧାରଣ ଓଡ଼ିଆଙ୍କ ପର୍ଯ୍ୟନ୍ତ କେହି ନିର୍ଦ୍ଦିଷ୍ଟ ଭାବେ କହିପାରିବେ ନାହିଁ । ବହୁ ତଥ୍ୟ ଓ ମତର ଆବିର୍ଭାବ ହେବ । କୌଣସି ଭାଷାରେ ବର୍ଣ୍ଣମାଳାକୁ ନେଇ ସାମାଜିକ ସ୍ତରରେ ଏପରି ସନ୍ଦିଗ୍ଧତା ସଚରାଚର ଦେଖାଯାଏ ନାହିଁ । ଭାଷାଗତ ହେଉ ବା ଧ୍ୱନିତାତ୍ତ୍ୱିକ ହେଉ, ଭିନ୍ନ ଭିନ୍ନ ମତ ଥିଲେ ବି ସମାଜର ବୃହତ୍ତର ସ୍ତର ନିମନ୍ତେ ଏହାର ଏକ ମାନକୀକରଣ ଅପରିହାର୍ଯ୍ୟ ନୁହେଁ କି ? କେତେ ଦିନ ଏ ଜାତିର ପିଲାମାନଙ୍କ ଭାଷାଶିକ୍ଷାର ପ୍ରଥମ ଭୂମିଟି ଏପରି କୁହେଳିକାମୟ ହୋଇ ରହିବ ?

ପ୍ରଥମ ଶ୍ରେଣୀ ଓ ଦ୍ୱିତୀୟ ଶ୍ରେଣୀରେ ଭାଷା(ଓଡ଼ିଆ), ଗଣିତ, ପରିବେଶ ପାଠ, ଡ୍ରଇଁ- ଏପରି ଚାରୋଟି ବିଷୟ,ପ୍ରତ୍ୟେକ ୫୦ ମାର୍କ ବିଶିଷ୍ଟ, ସର୍ବମୋଟ ୨୦୦ ମାର୍କ ପାଇଁ ଶିକ୍ଷାଦାନର ବ୍ୟବସ୍ଥା ରହିଅଛି । ଏହି ଦୁଇ ଶ୍ରେଣୀରେ ଭାଷା ବିଷୟଟି ସମୁଦାୟ ପାଠ୍ୟକ୍ରମର ଶତକଡ଼ା ୨୫ । ତୃତୀୟ, ଚତୁର୍ଥ ଓ ପଂଚମ ଶ୍ରେଣୀରେ ନୂତନ ବିଷୟ ଭାବେ ୫୦ ମାର୍କ ବିଶିଷ୍ଟ ଇଂରାଜୀର ହୋଇଛି ଆର୍ବିଭାବ । ସୁତରାଂ ସର୍ବମୋଟ ୨୫୦ ମାର୍କର ପାଠ୍ୟକ୍ରମ । ଏହି ତିନୋଟି ଶ୍ରେଣୀରେ ଭାଷା ବିଷୟଟି ସମୁଦାୟ ପାଠ୍ୟକ୍ରମର ଶତକଡ଼ା ୨୦ । ଷଷ୍ଠ ଓ ସପ୍ତମ ଶ୍ରେଣୀର ୪୦୦ ମାର୍କର ପାଠ୍ୟକ୍ରମରେ ଭାଷା(ଓଡ଼ିଆ), ଇଂରାଜୀ, ହିନ୍ଦୀ ଓ ସଂସ୍କୃତ- ଏପରି ଚାରୋଟି ଭାଷା ଶିକ୍ଷାର ବ୍ୟବସ୍ଥା । ପ୍ରତ୍ୟେକ ଭାଷା ବିଷୟ ୫୦ ମାର୍କ । ଏହି ଦୁଇ ଶ୍ରେଣୀ ପାଇଁ ଭାଷା(ଓଡ଼ିଆ)ବିଷୟଟି ସମୁଦାୟ ପାଠ୍ୟକ୍ରମର ଶତକଡ଼ା ୧୨.୫ । ଅଷ୍ଟମ ଶ୍ରେଣୀରେ ସମୁଦାୟ ୬୫୦ ମାର୍କର ପାଠ୍ୟକ୍ରମ । ଏହାର ଛାତ୍ରଛାତ୍ରୀ ଭାଷା(ଓଡ଼ିଆ), ଇଂରାଜୀ ସହ ହିନ୍ଦୀ ଓ ସଂସ୍କୃତ ମଧ୍ୟରୁ ଯେକୌଣସି ଗୋଟିଏ ଭାଷା ବିଷୟ ଗ୍ରହଣ କରିପାରିବେ ଏବଂ ପ୍ରତ୍ୟେକ ଭାଷାବିଷୟ ୧୦୦ ମାର୍କ ବିଶିଷ୍ଟ । ଅର୍ଥାତ୍ ଓଡ଼ିଆ ଭାଷାବିଷୟ ସମଗ୍ର ପାଠ୍ୟକ୍ରମର ଶତକଡ଼ା ୧୫.୩୮ । ପ୍ରଥମରୁ ଅଷ୍ଟମ ଶ୍ରେଣୀ ପ୍ରାଥମିକ (୧-୫) ଓ ଉଚ୍ଚ ପ୍ରାଥମିକ (୬-୮) ଭେଦରେ ଦ୍ୱିବିଧ । ପ୍ରାଥମିକ ସ୍ତରରେ ଓଡ଼ିଆ ଭାଷା ମାଧ୍ୟମ ବା ବିଷୟ ଭାବେ ବାଧ୍ୟତାମୂଳକ ନୁହଁ, ଇଚ୍ଛାଧୀନ । ପ୍ରାଥମିକ ଶିକ୍ଷା ଗ୍ରହଣ କରିବା ପାଇଁ କୌଣସି ଭିନ୍ନ ଭାଷାଭାଷୀ ଓଡ଼ିଶାର ସନ୍ତାନକୁ ଓଡ଼ିଆ ଶିକ୍ଷା କରିବାକୁ ହୋଇ ନଥାଏ । ସରକାର ପ୍ରଥମରୁ ଅଷ୍ଟମ ପର୍ଯ୍ୟନ୍ତ ସମସ୍ତ ଶ୍ରେଣୀର ପାଠ୍ୟପୁସ୍ତକକୁ ତେଲଗୁ, ବେଙ୍ଗଲା, ହିନ୍ଦୀ ଓ ଉର୍ଦ୍ଦୁ ଭାଷାରେ ଯୋଗାଇ ଦେବା ସହ ସମ୍ପୃକ୍ତ ଭାଷାଶିକ୍ଷକ ନିଯୁକ୍ତିର ବ୍ୟବସ୍ଥା କରିଛନ୍ତି । ଅଧିକନ୍ତୁ, ଓଡ଼ିଶାରେ ଏମ୍ଏଲ୍ଇ ଯୋଜନାରେ ପ୍ରାୟ ୩୫୦୦ ଆଦିବାସୀ ଭାଷାଶିକ୍ଷକ କାଯ୍ୟ କରୁଅଛନ୍ତି । କିନ୍ତୁ, ସେ ପ୍ରାଥମିକ ହେଉ ବା ମାଧ୍ୟମିକ କୌଣସି ସ୍ତରରେ ଓଡ଼ିଆ ଏକ ଶାସ୍ତ୍ରୀୟ ଭାଷା ହେଲେ ବି ଓଡ଼ିଆ ଭାଷାବିଷୟର ଶିକ୍ଷାଦାନ ପାଇଁ ସ୍ୱତନ୍ତ୍ର ଓଡ଼ିଆ ଭାଷାଶିକ୍ଷକ ପଦବୀ ସୃଷ୍ଟି କରାଯାଇ ନାହିଁ କି ନିଯୁକ୍ତି ଦିଆଯାଏ ନାହିଁ । ଯେକୌଣସି ଶିକ୍ଷକ ଏପରିକି ସ୍ଥଳବିଶେଷରେ

ବିଦ୍ୟାଳୟର କିରାଣିଙ୍କ ଦ୍ୱାରା ବି ଏହି କାର୍ଯ୍ୟଟି ସମ୍ପନ୍ନ ହୋଇଥାଏ । ଓଡ଼ିଶାରେ ପ୍ରଥମ ଭାଷା (ଏମ୍‌ଆଇଏଲ୍) ଭାବେ ୧୦୦ ମାର୍କର ଓଡ଼ିଆ ଭାଷାବିଷୟକୁ ସର୍ବାଧିକ ଛାତ୍ରଛାତ୍ରୀଙ୍କଦ୍ୱାରା ଚୟନ କରାଯିବାର ସ୍ୱାଭାବିକ ସମ୍ଭାବନାକୁ ଦେଖି ଅନ୍ତତଃ ମାଧ୍ୟମିକ ସ୍ତରରେ ଓଡ଼ିଆ ଭାଷାଶିକ୍ଷକ ପଦବୀ ସୃଷ୍ଟି କରି ନିଯୁକ୍ତି ଦେବାର ଆବଶ୍ୟକତା ରହିଛି ।

ନବମ ଓ ଦଶମ ଶ୍ରେଣୀକୁ ନେଇ ମାଧ୍ୟମିକ ସ୍ତର । ଏହି ସ୍ତରରେ ପ୍ରତ୍ୟେକ ଶ୍ରେଣୀର ସମୁଦାୟ ପାଠ୍ୟକ୍ରମ ୬୦୦ ମାର୍କ । ଏଥିରେ ତିନୋଟି ଭାଷା ଶିକ୍ଷାର ବ୍ୟବସ୍ଥା ରହିଛି-ପ୍ରଥମ ଭାଷା (ମାତୃଭାଷା), ଦ୍ୱିତୀୟ ଭାଷା ଓ ତୃତୀୟ ଭାଷା । ପ୍ରଥମ ଭାଷା ବା ମାତୃଭାଷା ଭାବେ ଛାତ୍ରଛାତ୍ରୀମାନଙ୍କୁ ଓଡ଼ିଆ, ବଙ୍ଗଳା, ତେଲଗୁ, ଉର୍ଦ୍ଦୁ, ହିନ୍ଦୀ ଓ ବୈକଳ୍ପିକ ଇଂରାଜୀ ମଧ୍ୟରୁ ପସନ୍ଦ ଅନୁଯାୟୀ ଗୋଟିଏ ଭାଷାକୁ ଗ୍ରହଣ କରିବାର ସୁଯୋଗ ଦିଆଯାଇଛି । ଦ୍ୱିତୀୟ ଭାଷା ଭାବେ ହିନ୍ଦୀ ବା ଇଂରାଜୀ ମଧ୍ୟରୁ ଗୋଟିଏ ଭାଷାକୁ ଚୟନ କରିବାର ସୁବିଧା ରହିଛି । ଯଦି କେହି ପ୍ରଥମ ଭାଷା ରୂପେ ବୈକଳ୍ପିକ ଇଂରାଜୀକୁ ଗ୍ରହଣ କରିଥାଏ, ସେ କ୍ଷେତ୍ରରେ ହିନ୍ଦୀ ହେବ ତା'ର ଦ୍ୱିତୀୟ ଭାଷା, ଇଂରାଜୀ ନୁହଁ । ଅନ୍ୟ ସମସ୍ତଙ୍କୁ ଇଂରାଜୀ ଭାଷାକୁ ଦ୍ୱିତୀୟ ଭାଷା ଭାବେ ନେବାକୁ ହୋଇଥାଏ । ଛାତ୍ରଛାତ୍ରୀ ଗ୍ରହଣ କରିଥିବା ପ୍ରଥମ ବା ମାତୃଭାଷା ଅନୁଯାୟୀ ସେମାନେ ହିନ୍ଦୀ, ସଂସ୍କୃତ, ଓଡ଼ିଆ ଓ ପାର୍ସି ମଧ୍ୟରୁ ନିଜ ନିଜର ତୃତୀୟ ଭାଷାକୁ ଚୟନ କରିପାରିବେ । ଯେଉଁମାନଙ୍କର ପ୍ରଥମ ଭାଷା ଓଡ଼ିଆ , ସେମାନେ ହିନ୍ଦୀ ବା ସଂସ୍କୃତ ମଧ୍ୟରୁ ଯେକୌଣସି ଗୋଟିକୁ ଏବଂ ଯେଉଁମାନଙ୍କର ପ୍ରଥମ ଭାଷା ବଙ୍ଗଳା କିମ୍ବା ତେଲଗୁ ସେମାନେ ଓଡ଼ିଆ, ହିନ୍ଦୀ ଓ ସଂସ୍କୃତ ମଧ୍ୟରୁ ଯେକୌଣସିକୁ ତୃତୀୟ ଭାଷା ରୂପେ ଗ୍ରହଣ କରିପାରିବେ । ସେହିପରି ଯେଉଁ ପିଲାମାନଙ୍କର ମାତୃଭାଷା ବା ପ୍ରଥମଭାଷା ଉର୍ଦ୍ଦୁ ସେମାନେ ଓଡ଼ିଆ,ହିନ୍ଦୀ କମ୍ବା ପାର୍ସି ମଧ୍ୟରୁ କୌଣସିଟିକୁ ତୃତୀୟ ଭାଷା ରୂପେ ନେଇପାରିବ । ହିନ୍ଦୀକୁ ପ୍ରଥମଭାଷା ରୂପେ ଚୟନ କରିଥିବା ପିଲା ଓଡ଼ିଆ ବା ସଂସ୍କୃତ ମଧ୍ୟରୁ ଏବଂ ଇଂରାଜୀକୁ ପ୍ରଥମଭାଷା ରୂପେ ଗ୍ରହଣ କରିଥିବା ପିଲା ଓଡ଼ିଆ, ସଂସ୍କୃତ ବା ପାର୍ସି ମଧ୍ୟରୁ ଯେକୌଣସି ଗୋଟିଏ ଭାଷାକୁ ନିଜର ତୃତୀୟ ଭାଷା ରୂପେ ପାଇପାରିବେ । ଭାଷାଚୟନର ଏପରି ସ୍ୱାଛନ୍ଦ୍ୟ ମଧ୍ୟରେ ଇଂରାଜୀର ସ୍ଥାନ ସୁରକ୍ଷିତ । ତାହାକୁ ଫାଙ୍କି କେହି ମାଧ୍ୟମିକ ଶିକ୍ଷା ଶେଷ କରିପାରିବେ ନାହିଁ । ବସ୍ତୁତଃ, ଇଚ୍ଛାଧୀନ ଭାଷା ତାଲିକାରେ ଇଂରାଜୀ ଅନ୍ୟତମ ଭାଷା ହେଲେ ବି ତାହା ବାଧ୍ୟତାମୂଳକ ହୋଇଛି ।

ଉଚ୍ଚ ମାଧ୍ୟମିକ (+2) ସ୍ତରରେ ଥିବା ମୁଖ୍ୟ ପାଠ୍ୟ ବିଭାଗ ହେଉଛି-କଳା, ବିଜ୍ଞାନ ଓ ବାଣିଜ୍ୟ । ଏହି ତିନୋଟିଯାକ ବିଭାଗରେ ଦୁଇଟି ଭାଷାର ଅଧ୍ୟୟନକୁ ବାଧ୍ୟତାମୂଳକ କରାଯାଇଛି । ଗୋଟେ 'ଇଂରାଜୀ', ଅନ୍ୟଟି 'ଆଧୁନିକ ଭାରତୀୟ ଭାଷା ବା ଏମ୍‌ଆଇଏଲ୍' । ଏହି ଏମ୍‌ଆଇଏଲ ଗୋଟିଏ ଭାଷାଗୁଚ୍ଛ । ଏହାମଧ୍ୟରେ ଓଡ଼ିଆ, ହିନ୍ଦୀ, ବଙ୍ଗଳା, ତେଲଗୁ, ଉର୍ଦ୍ଦୁ ସହିତ ତଥାକଥିତ ଆଧୁନିକ ଭାରତୀୟ ଭାଷା ଇଂରାଜୀ ଓ ସଂସ୍କୃତ ମଧ୍ୟ ରହିଛନ୍ତି । ଏହି ସାତଗୋଟି ଭାଷା ମଧ୍ୟରୁ ଏମ୍‌ଆଇଏଲ ଭାବେ ଛାତ୍ରଛାତ୍ରୀଙ୍କୁ ୧୦୦ ମାର୍କର ଗୋଟିଏ ଭାଷା ବାଛିନେବାକୁ ହେବ । ପ୍ରଥମ ୧୦୦ ମାର୍କର ବାଧ୍ୟତାମୂଳକ ଇଂରାଜୀ ବିଷୟ ଅତିରିକ୍ତ ଏମ୍‌ଆଇଏଲ ଭାଷାଗୁଚ୍ଛରୁ ପିଲାମାନେ ଚୟନ କରୁଥିବା ୧୦୦ ମାର୍କର ଇଂରାଜୀ ଭାଷାକୁ ବୈକଳ୍ପିକ ଇଂରାଜୀ (Alternative English) କୁହାଯାଇଥାଏ । ବାଧ୍ୟତାମୂଳକ ଇଂରାଜୀ ସହ ବୈକଳ୍ପିକ ଇଂରାଜୀକୁ ଗ୍ରହଣ କରୁଥିବା ପିଲା ଉଚ୍ଚମାଧ୍ୟମିକ ଶିକ୍ଷାରେ ସର୍ବମୋଟ ୪୦୦ ମାର୍କର ପାଠ୍ୟକ୍ରମ ପଢୁଥିଲେ ବି ତାକୁ ଓଡ଼ିଶାରୁ ଶିକ୍ଷାପ୍ରମାଣ ପତ୍ର ପାଇବାକୁ ଗୋଟିଏ ମାର୍କର ସୁଦ୍ଧା ଓଡ଼ିଆ ପଢ଼ିବାକୁ ପଡ଼ିନଥାଏ । ସବୁଠୁଁ ରୋଚକ କଥାଟି ହେଲା ଭାଷାବିଜ୍ଞାନର ପରିଭାଷା ଓ ମାନଦଣ୍ଡରେ ସଂସ୍କୃତ ଆଧୁନିକ ଭାଷା ନହୋଇ ଅନ୍ୟରାଜ୍ୟଠୁଁ ଏକ ବିରଳ ବ୍ୟତିକ୍ରମ ଭାବେ ଉଚ୍ଚ ମାଧ୍ୟମିକ (+2) ରେ ଏମ୍‌ଆଇଏଲ ଭାଷାଗୁଚ୍ଛ ମଧ୍ୟରେ ସଂସ୍କୃତ ଓଡ଼ିଆ ଭାଷାର ବିମାତା ହୋଇ ବସିଅଛି । ଭଲ ଓଡ଼ିଆ ଜାଣୁନଥିବା ପିଲା କିପରି ଯେ ସଂସ୍କୃତରେ ପଣ୍ଡିତ ହୋଇ ଶତକଡା ୯୮ ରଖିପକାନ୍ତି, ତାହା ସାଧାରଣ ବୁଦ୍ଧିରେ ବୁଝିହୁଏ ନାହିଁ । ଉଭୟ ନିଜ ବୃତ୍ତି ଓ ଏକ ମୁମୂର୍ଷୁ ଭାଷାକୁ ଜୀବନ୍ୟାସ ଦେବାକୁ ଓଡ଼ିଶାରେ ଦ୍ୱୈତଶାସନର ଦେବକାଳରେ ଯେଉଁ ଫନ୍ଦି ରଚନା କରାଯାଇଥିଲା ତାହା ଶିକ୍ଷାକ୍ଷେତ୍ରରେ ଓଡ଼ିଆ ଭାଷାକୁ ତଳିତଳାନ୍ତ କରିସାରିଲାଣି । ସହଜ ମାର୍କର ହରେକମାଲ୍ ଦେଖାଇ ସଂସ୍କୃତ ଆମ ଓଡ଼ିଆ ବିଦ୍ୟାର୍ଥୀର ମନ ସହ ହୃଦୟକୁ ଏକାବେଳକେ ଚୋରିକରି ନେଉଛି । ପ୍ରାଥମିକ ଓ ମାଧ୍ୟମିକ କ୍ଷେତ୍ର ଭଳି ଉଚ୍ଚ ମାଧ୍ୟମିକ ସ୍ତରରେ ବି ଓଡ଼ିଆ ଭାଷାବିଷୟକୁ ଜଣେ ଅଧ୍ୟୟନ ନକରି ତା'ର ଶିକ୍ଷା ଶେଷକରିବାରେ କୌଣସି ପ୍ରତିବନ୍ଧକ ନାହିଁ । ପୁନଶ୍ଚ, ଉଚ୍ଚ ମାଧ୍ୟମିକ (+2) ସ୍ତରରେ କଳା, ବିଜ୍ଞାନ ଓ ବାଣିଜ୍ୟର ପିଲାମାନଙ୍କୁ

ପ୍ରଦତ୍ତ କେତେଗୋଟି ବିଷୟ ମଧ୍ୟରୁ ଚାରୋଟି ଇଚ୍ଛାଧୀନ ବା ଅପସ୍‌ନାଲ ଚୟନ କରିପାରିବାର ସୁଯୋଗ ଦିଆଯାଇଛି । କଳାରେ ପ୍ରଦତ୍ତ ଇଚ୍ଛାଧୀନ ବା ଅପସ୍‌ନାଲ ବିଷୟର ସଂଖ୍ୟା ସର୍ବମୋଟ ବାଇଶି । ସେଥି ମଧ୍ୟରେ ଛଅଟି ଭାଷାବିଷୟ ଓଡ଼ିଆ, ବଙ୍ଗଳା ହିନ୍ଦୀ, ତେଲୁଗୁ, ଉର୍ଦ୍ଦୁ ଓ ସଂସ୍କୃତ ଅନ୍ତର୍ଭୁକ୍ତ । ବାଣିଜ୍ୟରେ ଇଚ୍ଛାଧୀନ ବା ଅପସ୍‌ନାଲ ବିଷୟ ମଧ୍ୟରେ କୌଣସି ଭାଷାବିଷୟ ନାହିଁ । କିନ୍ତୁ ରୋଚକ ବିଷୟଟି ହେଲା, ବିଜ୍ଞାନରେ ରସାୟନ ବିଜ୍ଞାନ, ପଦାର୍ଥ ବିଜ୍ଞାନ, ଜୀବବିଜ୍ଞାନ ପ୍ରଭୃତି ବିଷୟମାନଙ୍କ ମଧ୍ୟରେ ଇଚ୍ଛାଧୀନ ବା ଅପସ୍‌ନାଲ ବିଷୟ ଭାବେ କେବଳ ସଂସ୍କୃତ ଏକ ବିରଳ ମହିମ୍ନ ଆସନଟିଏ ଲାଭ କରିଛି । ସଂସ୍କୃତକୁ ଏପରି ପ୍ରୋତ୍ସାହିତ କରିବା ଫଛରେ କେଉଁ ଉଦ୍ଦେଶ୍ୟ କାମ କରୁଛି ? କେବଳ ବିଜ୍ଞାନ ନେଇଥିବା ପିଲାଙ୍କ ସାର୍ଟିଫିକେଟକୁ ଅଧିକ ଉଜ୍ଜ୍ୱଳ କରିବାକୁ ଏ ସୁବିଧା ଦିଆଯାଇ ନାହିଁ ତ ?

ଉଚ୍ଚ ମାଧ୍ୟମିକ ସ୍ତରର ଦୁଇବର୍ଷିଆ ପାଠ୍ୟକ୍ରମରେ 'ଏମ୍‌ଆଇଏଲ୍‌' ଅନ୍ତର୍ଭୁକ୍ତ ଭାଷା ବିଷୟଗୁଡ଼ିକ ପ୍ରତ୍ୟେକ୨୦୦ ମାର୍କ । କିନ୍ତୁ ଭୋକେଶନାଲ୍ ପାଠ୍ୟକ୍ରମରେ ଭାଷା ବିଷୟଗୁଡ଼ିକ ୧୦୦ ମାର୍କକୁ କମାଇ ଦିଆଯାଇଛି । +୨ ଭୋକେସନାଲ୍ ପାଠ୍ୟକ୍ରମରେ 'ଏମ୍‌ଆଇଏଲ୍‌' ମଧ୍ୟରେ ଓଡ଼ିଆ ଭାଷାକୁ ବୈକଳ୍ପିକ ଇଂରାଜୀ, ବଙ୍ଗଳା, ହିନ୍ଦୀ, ଓଡ଼ିଆ, ସଂସ୍କୃତ, ତେଲଗୁ ଓ ଉର୍ଦ୍ଦୁ ସହ ନିଜକୁ ଗ୍ରହଣୀୟ କରିବାର ପ୍ରତିଦ୍ୱନ୍ଦ୍ୱିତାରେ ପାଉଥିବା ବେଳେ +୩ ଭୋକେସନାଲ୍ ପାଠ୍ୟକ୍ରମରେ ତାକୁ କେବଳ ହିନ୍ଦୀ ଭାଷା ସହ ପ୍ରତିଦ୍ୱନ୍ଦ୍ୱିତା କରିବାକୁ ହେଉଛି । ଓଡ଼ିଆ ଭାଷା ପ୍ରଥମ ଭାଷାଭିତ୍ତିକ ପ୍ରଦେଶ ଓଡ଼ିଶାରେ କେଉଁଠି ଓ କେତେବେଳେ ବି ଅପ୍ରତିଦ୍ୱନ୍ଦ୍ୱୀ ନୁହଁ ।

ଉଚ୍ଚଶିକ୍ଷାରେ ଓଡ଼ିଆ ଭାଷା ବିଷୟ ଇଚ୍ଛାଧୀନ, ବାଧ୍ୟତାମୂଳକ ନୁହଁ । +୩ର କଳା ବିଭାଗର ପାଠ୍ୟକ୍ରମରେ ବାଧ୍ୟତାମୂଳକ ବିଷୟ 'ଏମ୍‌ଆଇଏଲ୍‌' ରେ ଓଡ଼ିଆ ଭାଷାବିଷୟ ଅନ୍ତର୍ଭୁକ୍ତ । ଏହି 'ଏମ୍‌ଆଇଏଲ୍‌' ରୂପକ ଭାଷାଗୁଚ୍ଛରେ ଚାରୋଟି ଭାଷାବିଷୟ ଓଡ଼ିଆ, ହିନ୍ଦୀ, ଉର୍ଦ୍ଦୁ ଓ ବୈକଳ୍ପିକ ଇଂରାଜୀ ସ୍ଥାନିତ । ଏହି ଚାରୋଟି ମଧ୍ୟରୁ ଗୋଟିକୁ ଚୟନ କରିପାରିବାର ସୁଯୋଗ ଥିବାରୁ ବସ୍ତୁତଃ ଓଡ଼ିଆ ଭାଷାସାହିତ୍ୟ ବିଷୟଟି ବାଧ୍ୟତାମୂଳକ ହୋଇ ରହିନାହିଁ । କଳା ବିଭାଗର ପିଲା ଓଡ଼ିଆ ଭାଷାସାହିତ୍ୟ ବିଷୟକୁ ଅନର୍ସ ବିଷୟ ବା ଏକ ଇଚ୍ଛାଧୀନ(ଇଲେକ୍‌ଟିଭ୍) ବିଷୟ ଭାବେ ଅଧ୍ୟୟନ କରିପାରିବାର ବ୍ୟବସ୍ଥା ବା ସୁଯୋଗ ରହିଛି । ବିଜ୍ଞାନ ବିଭାଗର ପିଲା ପାଇଁ ବାଧ୍ୟତାମୂଳକ ବିଷୟ ଭାବେ 'ଏମ୍‌ଆଇଏଲ୍‌' ମଧ୍ୟରେ ଓଡ଼ିଆ ଓ ହିନ୍ଦୀ ଭାଷା ମଧ୍ୟରୁ ଗୋଟିଏକୁ ଚୟନ କରିବାର ସ୍ୱାଧୀନତା ରହିଛି । ବିଜ୍ଞାନ ପାଠ୍ୟକ୍ରମରେ ଇଂରାଜୀ ଭାଷାବିଷୟର ସ୍ଥାନ ଯେପରି ଦୃଢ଼ ଓ ଅନତିକ୍ରମଣୀୟ ସେପରି ସୌଭାଗ୍ୟ ଓଡ଼ିଆ ଭାଷା ପାଇଁ ଦୁର୍ଲଭ । ନିକଟ ଅତୀତରେ ବାଣିଜ୍ୟ ସ୍ନାତକ ଭାଷାବିଷୟ ଭାବେ କେବଳ ଇଂରାଜୀ ପଢୁଥିଲେ । ପରିବର୍ତ୍ତିତ ପାଠ୍ୟ ଖସଡ଼ାରେ ଇଂରାଜୀ ବଦଳରେ 'ଏମ୍‌ଆଇଏଲ୍‌'ମଧ୍ୟରୁ ଯେକୌଣସି ଏକ ଭାଷାକୁ ଅଧ୍ୟୟନର ବିଷୟ ଭାବେ ରଖିପାରିବାର ବ୍ୟବସ୍ଥା କରାଯାଇଛି ।

ବିଇଡ଼ି ପାଠ୍ୟକ୍ରମରେ କେବଳ କଳା ବିଭାଗର 'ଗୁରୁ ଛାତ୍ରଛାତ୍ରୀ'ଙ୍କ ପାଇଁ ୧୦୦ ମାର୍କର ଦୁଇଟି ଭାଷାବିଷୟ ଇଂରାଜୀ ଓ ଓଡ଼ିଆ ରହିଛି । ସେହିସବୁ ବିଷୟର ଶିକ୍ଷାଦାନକୁ କିପରି ଗୁଣାତ୍ମକ କରାଯାଇ ପାରିବ ଏହି ପାଠ୍ୟକ୍ରମର ଲକ୍ଷ୍ୟ । କଳା ବିଭାଗର 'ଗୁରୁ-ଛାତ୍ରଛାତ୍ରୀ' ଇଂରାଜୀ ବିଷୟ ସହ ଏକ ସାମାଜିକ ବିଜ୍ଞାନ ବିଷୟ କିମ୍ବା ଓଡ଼ିଆ ବିଷୟ ସହ କୌଣସି ସାମାଜିକ ବିଜ୍ଞାନ ବିଷୟକୁ ନେଇ ଅଧ୍ୟୟନ କରି ପାରିବେ । ଅନ୍ୟାନ୍ୟ ପାଠ୍ୟକ୍ରମ ଭଳି ଏକ୍ଷେତ୍ରରେ ବି ଓଡ଼ିଆ ଭାଷାବିଷୟ ନରଖି ଜଣେ କଳା ବିଭାଗର 'ଗୁରୁ-ଛାତ୍ରଛାତ୍ରୀ' ବିଇଡ଼ି ଶିକ୍ଷାକୁ କୃତିତ୍ୱର ସହ ସମାପନ କରିପାରେ । ସିଟି (D.El.Ed) ପାଠ୍ୟକ୍ରମରେ କେବଳ ଓଡ଼ିଆ ବିଷୟଟି ବାଧ୍ୟତାମୂଳକ । ଇଂରାଜୀ, ସଂସ୍କୃତ ଓ ହିନ୍ଦୀ ବିଷୟ ସହ ଓଡ଼ିଆ ଭାଷାବିଷୟର ପ୍ରଶିକ୍ଷଣ ଏହାର ଗୁରୁଛାତ୍ରଛାତ୍ରୀମାନେ ଗ୍ରହଣ କରିଥାନ୍ତି । କେଉଁ ଭାଷାବିଷୟଟି ଏଠାରେ ଇଚ୍ଛାଧୀନ ନୁହେଁ । ପ୍ରାଥମିକ ସ୍ତରରେ ଶିକ୍ଷାଦାନର ଆବଶ୍ୟକତାକୁ ଦୃଷ୍ଟିରେ ରଖି ଏପରି ବ୍ୟବସ୍ଥା ହୋଇଛି । ଶିକ୍ଷା କ୍ଷେତ୍ରରେ ଗୋଟିଏ ଭାଷାର ପ୍ରୟୋଗ ଓ ପ୍ରତିଷ୍ଠା ତା'ର ସାମର୍ଥ୍ୟର ପରିଚାୟକ । ପୃଥିବୀ କାହିଁକି, ଭାରତର ବିଭିନ୍ନ ରାଜ୍ୟରେ ରାଜ୍ୟ ଭାଷାଗୁଡ଼ିକର ଯେଉଁ ପ୍ରୟୋଗ ଓ ପ୍ରତିଷ୍ଠା ତାହା ଓଡ଼ିଆ ଭାଷା କ୍ଷେତ୍ରରେ ତଥାପି ସ୍ୱପ୍ନ ହୋଇରହିଛି । ସରକାରୀ ପ୍ରାଥମିକ ଓ ମାଧ୍ୟମିକ ଶିକ୍ଷାର ମାଧ୍ୟମ ଓଡ଼ିଆ ହୋଇଥିଲେ ବି ଓଡ଼ିଶା ରାଜ୍ୟରେ ଅସଂଖ୍ୟ ଇଂରାଜୀ ମାଧ୍ୟମ ବିଦ୍ୟାଳୟ ନିମ୍ନ ପ୍ରାଥମିକ ଠାରୁ ଉଚ୍ଚ ମାଧ୍ୟମିକ ପର୍ଯ୍ୟନ୍ତ ଗ୍ରାମ ସହର ସବୁଠାରେ ସୁଦୃଶ୍ୟ ଠାଣିରେ ଦଣ୍ଡାୟମାନ । ଅଧିକନ୍ତୁ, ଆଦର୍ଶ ବିଦ୍ୟାଳୟ ନାମରେ ଇଂରାଜୀ ମାଧ୍ୟମ ବିଦ୍ୟାଳୟ ସେବା ସରକାର ଯୋଗାଇ ଦେଲେଣି । ସ୍ମରଣୀୟ ଯେ ଓଡ଼ିଆ ଭାଷାକୁ ସମ୍ମାନ ଓ ବିଷୟ ଭାବେ ନେଇ

ସ୍ନାତକ ଓ ସ୍ନାତକୋତ୍ତର ଅଧ୍ୟୟନ କରୁଥିବା ଛାତ୍ରଛାତ୍ରୀଙ୍କ ପାଇଁ ସୀମିତ ସଂଖ୍ୟାରେ ସରକାର 'ଫକୀରମୋହନ ଭାଷାବୃତ୍ତି' ପ୍ରଦାନ କରୁଛନ୍ତି ଏବଂ ଅଧୁନା କେତୋଟି ଶିକ୍ଷାନୁଷ୍ଠାନ ଓଡ଼ିଆ ସମ୍ମାନ ବିଷୟରେ ନାମଲେଖାକୁ ଦେୟମୁକ୍ତ କରିଛନ୍ତି । ଓଡ଼ିଶାରେ ଓଡ଼ିଆ ଭାଷାରେ ନିଯୁକ୍ତି ସୁଯୋଗର ଉତ୍କଟ ସୀମିତତା ଭାଷାଶିକ୍ଷା ପାଇଁ ଏସବୁ ପ୍ରୋତ୍ସାହନକୁ ସାଫଲ୍ୟମଣ୍ଡିତ କରିପାରୁନାହିଁ । ଏହା ଯେପରି ବେକାରୀ ଗହ୍ୱରକୁ ଏକ ଆକର୍ଷଣୀୟ ଆମନ୍ତ୍ରଣ ।

ବିଭିନ୍ନ ପ୍ରବେଶିକା ପରୀକ୍ଷାରେ ଓଡ଼ିଆ ଭାଷାର ସ୍ଥିତି କିପରି ? ସରକାରଙ୍କ ସମ୍ପୃକ୍ତ ସଂସ୍ଥାଦ୍ୱାରା ପରିଚାଳିତ ବିଇଡ଼ି ପ୍ରବେଶିକା ପରୀକ୍ଷାର ପାଠ୍ୟକ୍ରମକୁ ଦେଖିଲେ ବ୍ୟବସ୍ଥାର ଓଡ଼ିଆ ଉନ୍ନାସିକତା ସ୍ପଷ୍ଟ ବାରି ହୋଇପଡ଼େ । ବିଜ୍ଞାନ ଛାତ୍ରଛାତ୍ରୀଙ୍କ ପାଇଁ ଉଦ୍ଦିଷ୍ଟ ପ୍ରଶ୍ନପତ୍ରରେ ଓଡ଼ିଆ ଭାଷାବିଷୟରୁ କୌଣସି ପ୍ରଶ୍ନ ଆସେନା । କେବଳ କଳା ବିଭାଗର ପିଲେ ସମୁଦାୟ ୯୦ ମାର୍କରୁ ମାତ୍ର ୧୦ ମାର୍କର ଓଡ଼ିଆ ବିଷୟରୁ ପ୍ରଶ୍ନ ପାଇଥାନ୍ତି । କିନ୍ତୁ, ଇଂରାଜୀ ବିଷୟରୁ ୨୫ ମାର୍କର ପ୍ରଶ୍ନ ଆସିଥାଏ । ଫଳରେ ବିଇଡ଼ି ଭଳି ଗୁରୁତ୍ୱପୂର୍ଣ୍ଣ ପ୍ରବେଶିକା ପରୀକ୍ଷାରେ ଶାସ୍ତ୍ରୀୟ ଓଡ଼ିଆ ଭାଷାର ଗରିମା ଓ ଗୁରୁତ୍ୱ ଅବହେଳିତ ହୋଇରହିଯାଏ । କିନ୍ତୁ ସିଟି (D.El.Ed) ପ୍ରବେଶିକାର ପାଠ୍ୟକ୍ରମ ଅପେକ୍ଷାକୃତ ନିରପେକ୍ଷ ଓ ସନ୍ତୁଳିତ । ଅନ୍ୟାନ୍ୟ ବିଷୟ ପରି ଓଡ଼ିଆ ଭାଷାରୁ ୧୫ ମାର୍କର ପ୍ରଶ୍ନ ଏଥିରେ କରାଯାଇଥାଏ । 'ଓଡ଼ିଶା ଶିକ୍ଷକ ଯୋଗ୍ୟତା ପରୀକ୍ଷା (OTET)' ରେ ସମୁଦାୟ ୩୦୦ ମାର୍କର ପାଠ୍ୟକ୍ରମରୁ ପ୍ରତ୍ୟେକ ଇଂରାଜୀ ଓ ଓଡ଼ିଆ ଭାଷାର ଗୁରୁତ୍ୱର ମୂଲ୍ୟ ୬୦ ମାର୍କ । କିନ୍ତୁ, ଓଡ଼ିଆ ଭାଷା ବଦଳରେ ପରୀକ୍ଷାର୍ଥୀ ଉର୍ଦ୍ଦୁ, ହିନ୍ଦୀ, ତେଲଗୁ ଓ ବଙ୍ଗଳା ଭାଷାକୁ ଚୟନ କରିପାରିବାର ସୁଯୋଗ ଦିଆଯାଇଛି । ଏହି ସୁଯୋଗ ଓଡ଼ିଆ ଭାଷାକୁ ଇଚ୍ଛାଧୀନ କରିଦେଇଛି ବୋଲି କୁହାଯାଇପାରେ ।

ନିଯୁକ୍ତି ସୃଷ୍ଟିକାରୀ ଭାଷାର ଗୁରୁତ୍ୱ ସମସ୍ତେ ଅନୁଭବ କରନ୍ତି ଓ ଏହି ଗୁରୁତ୍ୱ ଗୋଟିଏ ଭାଷାର ଜୀବନୀଶକ୍ତିକୁ ସବଳ କରିଥାଏ । ଓଡ଼ିଆ ଭାଷାର ନିଯୁକ୍ତି କ୍ଷମତା ଓଡ଼ିଶାରେ ଉତ୍କଟ ଭାବେ ସୀମିତ । ଓଡ଼ିଆରେ ସ୍ନାତକୋତ୍ତର ପଢ଼ି ଏରାଜ୍ୟର ବିଦ୍ୟାଳୟରେ ଓଡ଼ିଆ ଶିକ୍ଷକଟିଏ ହେବାର ସୁଯୋଗ ନଥାଏ ? ଓଡ଼ିଶାରେ ଓଡ଼ିଆ ନଜାଣି ଶାସନ, ପ୍ରଶାସନ , ଅନୁଶାସନ ସବୁ ସୁରୁଖୁରୁରେ ଚଳା ଯାଇପାରେ । ତେବେ ଏପରି କ୍ଷେତ୍ରରେ ଓଡ଼ିଆ ଭାଷାର ନିଯୁକ୍ତି ସୁଯୋଗ ବଢ଼ିବ କିପରି ? କେତୋଟିର ଉଦାହରଣ ନିଆଯାଉ । ଓଡ଼ିଶା ସବଅର୍ଡ଼ିନେଟ ଷ୍ଟାଫ୍ ସିଲେକସନ୍ କମିଶନ ଦ୍ୱାରା ୨୦୨୧ ମସିହାରେ ଅମିନ, ସହକାରୀ ରାଜସ୍ୱ ନିରୀକ୍ଷକ, 'ରେଷ୍ଟ ଗାର୍ଡ଼ ପ୍ରଭୃତି ତୃତୀୟ ଶ୍ରେଣୀ କର୍ମଚାରୀଙ୍କ ନିୟୋଜନ ପାଇଁ ୧୮୦ ମାର୍କ ବିଶିଷ୍ଟ ନିଯୁକ୍ତି ପରୀକ୍ଷାର ପାଠ୍ୟକ୍ରମରେ ଗଣିତ, ସାଧାରଣ ଜ୍ଞାନ, ଇଂରାଜୀ ଓ କମ୍ପ୍ୟୁଟର ବିଷୟରୁ ପ୍ରତ୍ୟେକ ୪୦ ମାର୍କର ପ୍ରଶ୍ନ ଥିଲାବେଳେ ଓଡ଼ିଆ ବିଷୟରୁ ମାତ୍ର ୨୦ ମାର୍କର ପ୍ରଶ୍ନର ବ୍ୟବସ୍ଥା ଥିଲା । ସେହିପରି ଓଡ଼ିଶା ଲୋକସେବା ଆୟୋଗଦ୍ୱାରା ଆୟୋଜିତ ଓଡ଼ିଶା ପ୍ରଶାସନିକ ସେବା ପରୀକ୍ଷାରେ ଇଂରାଜୀର ବିଷୟଗତ ଗୁରୁତ୍ୱ ନିକଟରେ ଓଡ଼ିଆ ଭାଷା ମ୍ଳାନ ବୋଲି କୁହାଯାଇପାରେ । ଯଦିଓ ବହୁ ଦାବି ଓ ପ୍ରତିବାଦ ପରେ ଅଧୁନା ଆୟୋଗ ପରୀକ୍ଷାର ମାଧ୍ୟମ ଓଡ଼ିଆ ହୋଇପାରିବାର ନିୟମ ପ୍ରଣୟନ କରିଛନ୍ତି । ଓଡ଼ିଆ ଭାଷାବିଷୟର ସ୍ନାତକୋତ୍ତରଙ୍କ ଲାଗି କେବଳ ଅଧ୍ୟାପକ ଚାକିରିର ଏକମାତ୍ର ସୁଯୋଗ ରହିଛି । କହିବା ବାହୁଲ୍ୟ ଏହି ସୁଯୋଗର ଅବଧି ଅନିୟମିତ ଓ ପଦବି ସଂଖ୍ୟା ଆଶାୟୀ ବେକାରଙ୍କ ଠାରୁ ଅକଳ୍ପନୀୟ ଭାବେ କମ୍ । ଓଡ଼ିଶାରେ ଏହି ଅଧ୍ୟାପକ ଚାକିରି ବ୍ୟତୀତ ଏମତି କୌଣସି ସରକାରୀ ପଦବୀ ନାହିଁ, ଯାହା କେବଳ ଓଡ଼ିଆ ଭାଷାବିଷୟର ବିଧିବଦ୍ଧ ଶିକ୍ଷାକୁ ମାନଦଣ୍ଡ ଭାବେ ଗ୍ରହଣ କରି ନିଯୁକ୍ତି ଦିଆଯାଏ । ପୂର୍ବରୁ ସୂଚିତ ଓଡ଼ିଆ ସ୍ନାତକ ଓ ସ୍ନାତକୋତ୍ତରଙ୍କ ଲାଗି ବିଦ୍ୟାଳୟ ଫାଟକ ଏବେ ବି ଖୋଲାହୋଇ ନାହିଁ ।

ଓଡ଼ିଆ ଭାଷାକୁ କେନ୍ଦ୍ର ସରକାର ୨୦ ଫେବୃୟାରୀ, ୨୦୧୪ରେ ଶାସ୍ତ୍ରୀୟମାନ୍ୟତା ପ୍ରଦାନ କଲେ । ଭାରତ ସରକାରଙ୍କ ରାଜପତ୍ର (ଗେଜେଟ୍) ରେ ମାର୍ଚ୍ଚମାସ ୧୧ ତାରିଖରେ ଏହା ବିଧିବଦ୍ଧ ଭାବେ ଷୋଷିତ ହେଲା । ପ୍ରଥମ ଆଧୁନିକ ଭାରତୀୟ ଆର୍ଯ୍ୟ ଭାଷା ଭାବେ ଓଡ଼ିଆ ଭାଷାକୁ ଏ ମର୍ଯ୍ୟାଦା ମିଳିଲା । ସରକାରଙ୍କ ନୀତି ଅନୁସାରେ ଏଣିକି ଓଡ଼ିଆ ଭାଷାସାହିତ୍ୟର ଗବେଷକଙ୍କ ନିମନ୍ତେ ବର୍ଷକୁ ଦୁଇଟି ମୂଲ୍ୟବାନ ଆନ୍ତର୍ଜାତିକ ପୁରସ୍କାର ପ୍ରତିଷ୍ଠା କରାଯିବ । ଏହି ଭାଷାର ଅଧ୍ୟୟନ ଓ ଗବେଷଣା ପାଇଁ ଉଚ୍ଚମାନର ଗବେଷଣା ପରିଷଦ ସ୍ଥାପନ କରାଯିବ । ବିଭିନ୍ନ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟରେ ପଦ ଖୋଲିବା ପାଇଁ ବିଶ୍ୱବିଦ୍ୟାଳୟ ମଞ୍ଜୁରୀ କମିଶନଙ୍କୁ ନିର୍ଦ୍ଦେଶ ଦିଆଯିବ । ଅଧିକନ୍ତୁ ଓଡ଼ିଆଭାଷାର ଉନ୍ନତି, ପ୍ରଚାର ପ୍ରସାର ପାଇଁ କେନ୍ଦ୍ର ସରକାର ଶହେକୋଟି ଟଙ୍କାର ଅନୁଦାନ ପ୍ରଦାନ କରିବା ସହ ପ୍ରତିବର୍ଷ କେନ୍ଦ୍ର ବଜେଟ୍‌ରୁ ଭଷାର ପ୍ରସାର ନିମନ୍ତେ ଅନ୍ୟୂନ ପାଂଚ କୋଟି ଟଙ୍କାର ବ୍ୟବସ୍ଥା କରିବେ । ଏସବୁ ଆଶା ଆଶ୍ୱାସନାର

କୁହୁଡ଼ି ମଧ୍ୟରେ ଦଶନ୍ଧିଟିଏ ଶେଷ ହେବାକୁ ବସିଛି । ଏଇ ଗତ କିଛି ଦିନ ତଳେ ରାଜ୍ୟସଭାରେ ସାଂସଦ ଜୟରାମ ରମେଶଙ୍କ ବୟାନ ଆଧାରରେ ସମ୍ବାଦପତ୍ରରେ ପ୍ରକାଶ ପାଇଛି ଏକ ବିମର୍ଷକର ଖବର,ଯାହାର ଶିରୋନାମା ଥିଲା- 'ସଂସ୍କୃତ ପାଇଁ ୬୪୦ କୋଟି ଟଙ୍କା, ଓଡ଼ିଆକୁ ଶୂନ' । କେନ୍ଦ୍ର ସରକାରଙ୍କଠାରୁ ଶାସ୍ତ୍ରୀୟ ଭାଷାଭାବେ ଓଡ଼ିଆ ଟଙ୍କାଟିଏ ପାଇନାହିଁ ବୋଲି ସେଥିରେ ଦର୍ଶାଯାଇଛି । ଅଧିକନ୍ତୁ, କେତୋଟି କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟରେ ପ୍ରଫେସର ଚୌକି ପ୍ରତିଷ୍ଠା ହୋଇଛି ବା ହେବାକୁ ଯାଉଛି । 'ଓଡ଼ିଆ ବିଶ୍ୱବିଦ୍ୟାଳୟ'ର ଗର୍ଭବାସ ଶେଷ ହୋଇନାହିଁ । ଡିସେମ୍ବର ୨୬, ୨୦୧୭ ରେ ପ୍ରଥମଥର ପାଇଁ ରାଜ୍ୟ କ୍ୟାବିନେଟର ବୈଠକ ରାଜଧାନୀ ବାହାରେ ଶ୍ରୀକ୍ଷେତ୍ର ପୁରୀଠାରେ ଅନୁଷ୍ଠିତ ହୋଇ 'ପର୍ଯ୍ୟଟନ ଏବଂ ସଂସ୍କୃତି' ବିଭାଗରୁ 'ସଂସ୍କୃତି ବିଭାଗ'କୁ ପୃଥକ କରାଯାଇ 'ସଂସ୍କୃତି ବିଭାଗ'କୁ 'ଓଡ଼ିଆ ଭାଷା, ସାହିତ୍ୟ ଏବଂ ସଂସ୍କୃତି' ବିଭାଗ ନାମରେ ନାମିତ କରାଯାଇଥିଲା । "ସରକାରୀ କାର୍ଯ୍ୟ ଓ ପ୍ରଶାସନରେ ଭାଷାର ପ୍ରସାରଣ ବୃଦ୍ଧି କରିବା, ଏହାର ସମୃଦ୍ଧି ଓ ସଂରକ୍ଷଣ ସହିତ ବୃତ୍ତି ଏବଂ ପ୍ରବୃତ୍ତିର ଭାଷା ଭାବରେ ଅଧିକ ଉପଯୋଗୀ କରାଇବା ତଥା ଭାଷା ଓ ସାହିତ୍ୟର ବିକାଶକୁ ଏକ ବୌଦ୍ଧିକ ସ୍ତରରେ ପହଂଚାଇବା"ପାଇଁ ଏହି ଅଧିବେଶନରେ କୋଡ଼ିଏ ସରିକି ନିଷ୍ପତ୍ତି ଗ୍ରହଣ ହୋଇଥିଲା । କେତୋଟି କାର୍ଯ୍ୟକାରୀ ହୋଇଛି, କେତୋଟି ହୋଇପାରି ନାହିଁ ।

ଗୋଟିଏ ଭାଷାର ପ୍ରମୁଖ ଜୀବନୀ ଶକ୍ତି ତା'ର ଶିକ୍ଷାବ୍ୟବସ୍ଥାରେ ଗରିମା ଓ ଗୁରୁତ୍ୱ ତଥା ନିଯୁକ୍ତି ପ୍ରଦାନର ସାମର୍ଥ୍ୟ ସହ ଜଡ଼ିତ । ଉଭୟ ମାନଦଣ୍ଡରେ ଓଡ଼ିଆ ଭାଷା ନିଜ ରାଜ୍ୟ ଓଡ଼ିଶାରେ ଉଲ୍ଲେଖନୀୟ ଭାବେ ଦୁର୍ବଳ । ଏଦିଗରେ ଉଭୟ ଜନସାଧାରଣ ଓ ସରକାରଙ୍କ ଉଦାସୀନତା ଭାଷାର ଭବିଷ୍ୟତକୁ ଊଷର କରିଦେଉଛି । ମାତୃଭାଷା ସମସ୍ତଙ୍କ ପ୍ରିୟ । କେହି ବି କେବେ ଚାହେଁନା ତା ମାତୃଭାଷାର ସ୍ଥିତି ଦୁର୍ବଳ ହେଉ । ଓଡ଼ିଆ ଭାଷା 'ଭାଷା ସ୍ଥିତି ସାମର୍ଥ୍ୟ'ର ତାଲିକାରେ ପୃଥିବୀରେ ୭୦ତମ ସ୍ଥାନରେ ଥିଲେ ବି ଓଡ଼ିଆଏ ଯେପର୍ଯ୍ୟନ୍ତ ତାକୁ ଭଲ ପାଉଥିବେ ଓ ତା'ର ସାନ୍ନିଧ୍ୟ ପ୍ରତି ନିର୍ଭରଶୀଳ ଥିବେ ସେପର୍ଯ୍ୟନ୍ତ ଓଡ଼ିଆ ଭାଷାର ମୂଳ ଶକ୍ତ ରହିବ । ଓଡ଼ିଆଙ୍କ ସଚେତନତା ଓ ଉଦ୍‌ଯୋଗ ଭାଷା ପାଇଁ ସଂଜୀବନୀ ହେବ । କିନ୍ତୁ, ଶାସ୍ତ୍ରୀୟ ମାନ୍ୟତା ବା ଅନ୍ୟ କୌଣସି ମାନ୍ୟତାଠାରୁ ଓଡ଼ିଆ ଭାଷା ତା'ର ଭାଷାଭାଷୀଙ୍କ ପାଖରୁ ନିର୍ଭରଶୀଳତା ଆଶାକରେ । ସେଥିଲାଗି ଭାଷାକୁ ମଧ୍ୟ ଯୋଗ୍ୟ, ସମର୍ଥ ଓ ଉପଯୋଗୀ ହେବାକୁ ହେବ । ଭାଷାନୁଗତ୍ୟ ଗୋଟିଏ ଭାଷାର ଜୀବନୀଶକ୍ତିର ମାପକାଠି । ଭାଷାଭାଷୀଙ୍କ ସମ୍ପୃକ୍ତ ଭାଷା ପ୍ରତି ମମତା ତୁଟିଗଲେ ଭାଷାର ଚେର ଉପୁଡ଼ିଯାଏ । ତେବେ ଭାଷା ପ୍ରତି ଆନୁଗତ୍ୟ ତୁଟେ କାହିଁକି ? ଯଦି ଗୋଟିଏ ଭାଷା ତାର ଭାଷାଭାଷୀଙ୍କ ପରିବର୍ତ୍ତିତ ଆବଶ୍ୟକତାକୁ ପୂରଣ କରିପାରେ ନାହିଁ ତେବେ ସେମାନେ ଏଥିପାଇଁ ଅନ୍ୟ ସମର୍ଥ ଭାଷା ଉପରେ ନିର୍ଭରଶୀଳ ହୋଇପଡ଼ନ୍ତି । ଅନ୍ୟ ଭାଷା ପ୍ରତି ଭାଷାଭାଷୀ ମାନେ ଆକୃଷ୍ଟ ହେବା ଅର୍ଥ ମାତୃଭାଷା ପ୍ରତି ସେ ଜାତିର ବିଶ୍ୱାସଘାତକତା । ଭାଷା ମାତୃଭାଷୀଙ୍କ ଦୋମୁହାଁ ମମତାକୁ ସହ୍ୟ କରିପାରେ ନାହିଁ । ତେଣୁ ଓଡ଼ିଆଙ୍କୁ ହୃଦୟ ଓ ମନରେ ଜାଗ୍ରତ ହୋଇ ଭାଷାପ୍ରତି ମମତାଶୀଳ ଓ ତା'ର ସୁରକ୍ଷା ପାଇଁ ମନନଶୀଳ ହେବା ଆଜି ସମୟର ଆହ୍ୱାନ ନୁହେଁ କି ?

ସହକାରୀ ପ୍ରାଧ୍ୟାପକ

ବିଶ୍ୱଭାରତୀ, ଶାନ୍ତିନିକେତନ-୭୩୧ ୨୩୫

ଦୂରଭାଷ : ୯୬୭୯୨୧୯୨୯୧

ISSN -2583-147X(P), **Vol.- 8, Issue No.XI, February 2023**
Bastabatara Pariprakash Prachee
Peer Reviewed and Referred Research Journal

ସାମାଜିକ ଗଣମାଧ୍ୟମରେ ଓଡ଼ିଆ ଭାଷାର ସାଂପ୍ରତିକ ସ୍ଥିତି

ରୁଦ୍ର ନାରାୟଣ ମହାପାତ୍ର

୧. ଉପକ୍ରମ :

ଭାଷାର ଉପଯୁକ୍ତ ଉଚ୍ଚାରଣ, ବନାନ, ଶବ୍ଦର ଯଥାର୍ଥ ଅର୍ଥ, ନୂତନ ଶବ୍ଦର ସୃଷ୍ଟି, ଏକ ଭାଷାରେ ଅନ୍ୟ ଏକ ଭାଷାରେ ବ୍ୟବହାର, ଜ୍ଞାନର ବିକାଶ ସାଙ୍ଗକୁ ଏଥିରୁ ଉଦ୍ଭବ ନୂତନ ଶବ୍ଦ ଆଦିକୁ ଦେଖିଲେ ଭାଷାର ପ୍ରଯୁକ୍ତିଗତ ସ୍ୱରୂପରେ ବ୍ୟାପକ ପରିବର୍ତ୍ତନ ଅନୁଭବ ହେଉଛି । ଗତ ଦୁଇ ଦଶନ୍ଧି ଭିତରେ ସାମାଜିକ ଗଣମାଧ୍ୟମରେ ଭାଷାର ପ୍ରସାର ଯେତେ ଶୀଘ୍ର ହୋଇପାରିଛି, ଅନ୍ୟ କୌଣସି କ୍ଷେତ୍ରରେ ସେପରି ହୋଇପାରିନାହିଁ । ସାମାଜିକ ଗଣମାଧ୍ୟମରେ ବ୍ୟବହାରକାରୀ ଭାଷାକୁ ନିଜ ସୀମାରେ ସୀମିତ ନ ରଖି, ନିଜର ଭାଷିକ ପରିଚୟକୁ ସର୍ବ ସମ୍ମୁଖରେ ପହଞ୍ଚାଇବାର ସକ୍ଷମତା ପ୍ରକାଶ କରୁଛି । ପୁନଃ ଭାବପ୍ରକାଶ ପାଇଁ ଆଜିର ଜ୍ଞାନବିଜ୍ଞାନ ଓ ପ୍ରଯୁକ୍ତି ଯୁଗରେ ଡିଜିଟାଲ୍ ପ୍ଲାଟ୍‌ଫର୍ମ ଭାଷାକୁ ଏକ ଅନନ୍ୟ ମଞ୍ଚ ପ୍ରଦାନ କରିଛି ଏବଂ ଏଥିରୁ ଜନ୍ମନେଇଛି 'ନେଟ୍‌କଥା' ବା 'Net-Speak' ।

ତେବେ ଏହି ନେଟ୍‌ସ୍ପିକ୍ ବା ନେଟ୍-କଥା ଶବ୍ଦଟି ବ୍ରିଟିଶ୍ ଭାଷାବିତ୍ ଡାଭିଡ୍ କ୍ରିଷ୍ଟାଲ (David Crystal) 'speak' ଶବ୍ଦଟି ଏଠାରେ ଉଭୟ ଭାଷା, ଏଣୁତେଣୁ କିଛି ଲେଖା jargon ଆଦି ଯାହା କିଛିକୁ ବୁଝାଇଥାଏ । କ୍ରିଷ୍ଟଲଙ୍କ ଦୃଷ୍ଟିରେ ଏହି ନେଟ୍‌ସ୍ପିକ୍ ଶବ୍ଦ ଏକ ବ୍ୟାପକ ଅର୍ଥରେ ବ୍ୟବହର ହୋଇଥାଏ । ଏହା ଲିଖିବା, ପଢିବା, କଥାବାର୍ତ୍ତା ଆଦି ଯେକୌଣସି କ୍ରିୟାକୁ ବୁଝାଇଥାଏ ବା ଏଣୁତେଣୁ ତଥ୍ୟର ସମାହାର ଏବଂ କିଛି ଶବ୍ଦର ସମନ୍ୱୟକୁ ବୁଝାଇଥାଏ । ଅତଏବ ନେଟ୍‌କଥା ହିଁ କହିଲେ ଇଣ୍ଟର୍ନେଟ୍‌ରେ ବ୍ୟବହାର ହେଉଥିବା ଏକ ପ୍ରକାର ମିଶ୍ରଭାଷା । ପୁନଃ କ୍ରିଷ୍ଟାଲ ଇଣ୍ଟର୍ନେଟ୍‌ର ଏହି ନିୟମିତ ଉପଭୋକ୍ତା ନାଗରିକଙ୍କୁ 'ନେଟିଜେନ୍'(Netizen) ବା 'ନେଟ୍-ନାଗରିକ' (Net-Citizen) ବୋଲି କହିଛନ୍ତି । ଅତଏବ ଏହି ନେଟିଜେନ୍ (Netizen) ମାନଙ୍କର ନିଜସ୍ୱ ଭାଷିକ ବିଭବ ହିଁ ନେଟ୍‌କଥା (Net-Speak) ।

ଏହାକୁ ଡ୍ୟାଭିଡ଼ କ୍ରିଷ୍ଟାଲ (David Crystal) ଏକ ବିଶେଷ ପ୍ରକାର ଭାଷା ଭାବେ ଗ୍ରହଣ କରିଛନ୍ତ (୨୦୦୧) । ତାଙ୍କ ଦୃଷ୍ଟିରେ "As a name, Net-speak is succinct, and functional enough, as long as we remember that 'speak' here involves writing as well as talking, and that any 'speak' suffix also has a receptive element, including 'listening and reading'.(2) ଅର୍ଥାତ୍ ନେଟ୍‌କଥା ସଂପ୍ରତି ଏକ ନବ୍ୟ ଭାଷାବୈଜ୍ଞାନିକ ଅଧ୍ୟୟନଗତ ମାଧ୍ୟମ ।

୨. ନେଟ୍‌କଥାର ସ୍ୱରୂପ ଓ ବୈଶିଷ୍ଟ୍ୟ :

ନେଟ୍‌କଥା ସଂପର୍କରେ ଆଲୋଚନା କରିବା ପୂର୍ବରୁ ପ୍ରଥମେ ଆମ ସମ୍ମୁଖକୁ 'ଡିଜିଟାଲ୍-ବିଷୟବସ୍ତୁ' ବା 'Digital Content' ର କଥା ଆମ ସମ୍ମୁଖକୁ ଆସିଥାଏ । ନେଟ୍‌କଥା (Net-Speak) ହେଉଛି ଏକପ୍ରକାର 'ବାକ୍‌ଲିଖନ' ବା 'Speech-Writing' । ନେଟ୍‌କଥା ସ୍ୱୟଂ ଏକ ଭାଷିକ ସ୍ୱରୂପ ହୋଇଥିବାରୁ ଏହାର ମଧ୍ୟ ଭିନ୍ନଭିନ୍ନ ରୂପ ରହିଛି । ଏହାର ବି ଭିନ୍ନଭିନ୍ନ ପ୍ଲାଟଫର୍ମରେ ଭିନ୍ନଭିନ୍ନ ରୂପ ପରିଗ୍ରହଣ କରିଥାଏ । ଏହାର ଭିନ୍ନଭିନ୍ନ ରୂପକୁ 'ଓଗୁନାଇଲ୍ ୱେଲ୍ ଯୋସେଫ୍' (OgunyaleWale Josep) ତାଙ୍କର ସନ୍ଦର୍ଭ (୨୦୧୬) ବି.ଏ. ଇଂରାଜୀ ସନ୍ଦର୍ଭରେ ଚାରି ଭାଗରେ ବିଭକ୍ତ କରିଛନ୍ତି, ଯଥା 'Lolspeak', 'Leetspeak', 'Textspeak', ଏବଂ 'Chatspeak' ।(୬) ମାତ୍ର ଏହିସବୁ ଭିତରୁ ଉକ୍ତ ନିବନ୍ଧରେ ବିଶେଷକରି 'Chatspeak' ଉପରେ ଗୁରୁତ୍ୱ ଦିଆଯାଇଛି । ଚାଟ୍‌ସ୍ପିକ୍ (Chatspeak) ସଂପର୍କରେ Deckerand Vandekerckhov (2009) କହିଛନ୍ତି, 'Chatspeak on the other hand, refers to the kind of language particular

to online interactive social media such as Facebook, WhatsApp, 2go, and IM. (୭) ।

hey !! (ଗଭୀର ଭାବାତ୍ମକ ସମ୍ବୋଧନ ଅର୍ଥରେ)

hii ବା hi :) (ସ୍ମିତହାସ୍ୟରେ ସମ୍ବୋଧନ ଅର୍ଥରେ)

ନେଟ୍‌କଥାର ସବୁଠି ବଡ଼ ବିଶେଷତ୍ୱ ହେଉଛି ଏହାର ପ୍ରସଙ୍ଗ ସଂଶ୍ଲିଷ୍ଟ ଶବ୍ଦାବଳୀ (Lexicon), ଯାହା ବହୁ ସମୟରେ ନିର୍ଦ୍ଦିଷ୍ଟ ସମୟ, ପ୍ରସଙ୍ଗ ବା ବ୍ୟବହାରକର୍ତ୍ତାଙ୍କ ଉଦ୍ଦେଶ୍ୟ ଅଭିମୁଖୀ ହୋଇଥାଏ । ବହୁ ସମୟରେ ଏକ ଶବ୍ଦ କୌଣସି ଅଭିଧାନ ଅନ୍ତର୍ଗତ ବା ଏକ ଭାଷିକ ଶବ୍ଦବିଭବରୁ ଆସିଥିଲେ ବି ଏହାର ଲିଖନଶୈଳୀ ଏତେ ଏଲଗା ବା ଏଣ୍ଡୁତେଣ୍ଡୁ ହୋଇଥାଏ, ଯାହାର କୌଣସି ନିୟମ ନଥାଏ, କିନ୍ତୁ ପ୍ରତିପକ୍ଷଙ୍କ ବୁଝିବା ଅନୁରୂପ ହୋଇଥାଏ । ଏପରିକି ଏଥିରେ ବହୁସମୟରେ ଚିତ୍ରଲେଖା (Grapheme) ବ୍ୟବହାର ହୋଇଥାଏ । ଏହା ବ୍ୟତୀତ ନେଟ୍‌କଥାରେ ବହୁସମୟରେ ଏକାଧିକ ଶବ୍ଦର କ୍ରମ ମିଶି ଏକ ଯୌଗିକ ଶବ୍ଦ ବା ପଦ ତିଆରି କରିଥାନ୍ତି, ଯେପରିକି ଓଡ଼ିଆରେ ବ୍ୟବହୃତ ହେଉଥିବା 'ଇ-ବାଣିଜ୍ୟ', ମାଉସ୍-କ୍ଲିକ୍, ୱେବ୍-କ୍ୟାମ୍ ଶବ୍ଦ ।

ଅତଏବ ଏହି ନେଟ୍‌କଥାର ଉପରୋକ୍ତ ବୈଶିଷ୍ଟ୍ୟ ଏବେ ପୃଥିବୀର ପ୍ରତ୍ୟେକ ଭାଷାର ସ୍ୱରୂପଗତ ବିଶେଷତ୍ୱରେ ବ୍ୟାପକ ପରିବର୍ତ୍ତନ ଆଣିବାକୁ ଯାଉଛି । ଏହିକ୍ରମରେ ସାମାଜିକ ଗଣମାଧ୍ୟମ (Social-media) ଓଡ଼ିଆ ଭାଷାର ବ୍ୟବହାର ଓ କାର୍ଯ୍ୟଶୈଳୀକୁ କିପରି ପ୍ରଭାବିତ କରୁଛି ଓ ଏହା ଓଡ଼ିଆ ଭାଷାର ସ୍ୱରୂପକୁ ଆଗକୁ କେଉଁ ଦିଗରେ ନେବାର ସମ୍ଭାବନା ରହିଛି, ତାହାକୁ ଜାଣିବା ଏବେ ଓଡ଼ିଆ ଭାଷାର ଭବିଷ୍ୟତ ପାଇଁ ଏକ ବଡ଼ ଆହ୍ୱାନ ।

୩. ସାମାଜିକ ଗଣମାଧ୍ୟମରେ ଓଡ଼ିଆ ଭାଷାର ସ୍ୱରୂପ:-

ଓଡ଼ିଆ ଭାଷାର ସ୍ୱରୂପ ସମ୍ବନ୍ଧରେ କହିବାବେଳେ ମନକୁ ଆସେ ଏହାର ଭାଷାଗତ, ବାକ୍ୟଗତ, ବ୍ୟାକରଣଗତ ଶୁଦ୍ଧତା । ଓଡ଼ିଆ ଭାଷାର ଗଣମାଧ୍ୟମିକ ସ୍ୱରୂପ ଓ ସାମାଜିକ ଗଣମାଧ୍ୟମିକ ସ୍ୱରୂପ ଏ ଦୁଇଟି ପ୍ରସଙ୍ଗ ଅଲଗା । ଏହିକ୍ରମରେ ଭାଷାର ଶୁଦ୍ଧତା, ପରିକଳ୍ପିତ ବିକଳ୍ପ ଅନୁସାରେ ଶବ୍ଦଚୟନ ପ୍ରକ୍ରିୟା, ଶବ୍ଦ ସଂଯୋଜନା କ୍ଷେତ୍ରରେ ଦେଖାଦେଇଥିବା ଅନେକ ବିଷମତା ଏବଂ ଏହି ବିଷମତାରୁ ଉତ୍ପନ୍ନ ବିତର୍କର ସବୁକିଛି ଏବେ ଗୋଟିଏ ଭାଷାର ସ୍ୱରୂପର ଅନ୍ତର୍ଭୁକ୍ତ ହେବେ ।

ଓଡ଼ିଆ ବର୍ଣ୍ଣ ଓ ଲିପି ପ୍ରସଙ୍ଗରେ ୧୯୩୮ ଜୁଲାଇ ସଂଖ୍ୟା 'ନବଭାରତ' ପତ୍ରିକା ଅନୁସାରେ 'ଓଡ଼ିଆ ଭାଷାରେ ବର୍ଣ୍ଣିତ ଶୁଦ୍ଧାଶୁଦ୍ଧତ୍ୱ ବିଚାର' ତଥା 'ପରିଭାଷିକ ଶବ୍ଦ' ତିଆରି କରି ପ୍ରଚାର କରିବା ପାଇଁ ସରକାରଙ୍କ ତରଫରୁ କମିଟି ମଧ୍ୟ ଗଢ଼ାଯାଇଥିଲା । ପଣ୍ଡିତ ନୀଳକଣ୍ଠ ଦାସ ସେହି କମିଟିର ସଭାପତି ଥିଲେ । ଏହି କମିଟିର ମତାନୁସାରେ ବ୍ୟଞ୍ଜନବର୍ଣ୍ଣ ପୂର୍ବରୁ ବର୍ଗର ପଞ୍ଚମ ବର୍ଣ୍ଣ ସର୍ବତ୍ର ଅନୁସ୍ୱାରରେ ପ୍ରକାଶିତ ହେବ, କିନ୍ତୁ ଏଠାରେ 'ପ', 'ଫ', 'ଠ' ପ୍ରଭୃତିରେ ଅନୁସ୍ୱାର ଦେବା ଏବେ ଅସୁବିଧା ଜନକ । ପଙ୍କ, ଫନ୍ଦା, ଠେଙ୍ଗା ପ୍ରଭୃତିରେ 'ପ', 'ଫ' ଓ 'ଠ' ରେ ଅନୁସ୍ୱାର ଦେବା ସୁବିଧାଜନକ ନୁହେଁ । ତେଣୁ ଏହିସବୁ ଅକ୍ଷରର ସୁବିଧାଜନକ ଆକାର ଲିପି ସଂସ୍କାରର ଅଙ୍ଗୀଭୂତା ଆଧୁନିକ ଅକ୍ଷର ସଂଯୋଜନ କ୍ଷେତ୍ରରେ ଆଜିକାଲି ସ୍ପଷ୍ଟ ରୂପେ ପଂକ, ଫଂଦା, ଠେଂଗା ଲେଖା ଯାଇପାରୁଛି ।

ଉପରୋକ୍ତ ଲିଖନ ଶୈଳୀର ଭାବଧାରା ବ୍ୟତୀତ ସଂପ୍ରତି କମ୍ପ୍ୟୁଟର ଓ ଇଣ୍ଟରନେଟ୍‌ର ପ୍ରଭାବ ବହୁଭାବେ ଓଡ଼ିଆଭାଷାର ଲିଖନଶୈଳୀକୁ ପ୍ରଭାବିତ କରିଛି । ଓଡ଼ିଆ ଟାଇପ୍ ରାଇଟର୍‌ରେ ଲେଖା ହୋଇଥିବା ଲକ୍ଷଲକ୍ଷ ପୃଷ୍ଠାର କାଗଜପତ୍ରରେ ଆମକୁ କେବଳ କଂ, ଖଂ, ଗଂ, ଘଂ ଇତ୍ୟାଦି ଦେଖିବାକୁ ମିଳେ । ଟାଇପ୍ କ୍ଷେତ୍ରରେ ଙ୍କ, ଙ୍ଖ, ଙ୍ଗ, ଙ୍ଘ ଇତ୍ୟାଦି ଲେଖିବାର ବ୍ୟବସ୍ଥା ଆଦୌ ନାହିଁ । ଯୁକ୍ତାକ୍ଷରଗୁଡ଼ିକୁ ଅନୁସ୍ୱାର ଦ୍ୱାରା ପ୍ରକାଶ କରିବାଟାକୁ ସମର୍ଥନ କରି ରାମକୃଷ୍ଣ ନନ୍ଦ ତାଙ୍କ 'ଲେଖନୀ ପାଠ ଶାଳା' ପୁସ୍ତକରେ ଅନେକ କଥା କହିଛନ୍ତି ତନ୍ମଧ୍ୟରୁ ମୁଦ୍ରଣଗତ 'ସୁବିଧା-ଅସୁବିଧା' ଗୋଟିଏ । ପୁସ୍ତକର ୪୧ ପୃଷ୍ଠାରେ ରାମକୃଷ୍ଣ ନନ୍ଦ ଲେଖିଛନ୍ତି- "ପ୍ରେସ୍‌ର କଂପୋଜିଟରମାନେ ଦୁଇଥରରେ" 'ପଙ୍କ' ଶବ୍ଦଟିକୁ ଯୋଡ଼ନ୍ତି, ମାତ୍ର ଅନୁସ୍ୱାର ଯୋଗେ ଯୋଡ଼ିଲେ ତିନିଥର ଲାଗେ ଥରେ 'ପ', ଥରେ 'ଂ' ଅନୁସ୍ୱାର ଓ ଥରେ 'କ' ।

ଏହି ଓଡ଼ିଆ ଭାଷାର ସାମାଜିକ ଗଣମାଧ୍ୟମରେ ଅନେକ ବିବିଧତା ଦେଖିବାକୁ ମିଳୁଛି । ତାହା ଫେସ୍‌ବୁକ୍ ହେଉ ବା ହ୍ୱାଟସ୍‌ଆପ୍, କିମ୍ବା ଇନ୍‌ଷ୍ଟାଗ୍ରାମ ବା ଟ୍ୱିଟର ଏସବୁରେ ଉପଭୋକ୍ତାଙ୍କର ମତ ମନ୍ତବ୍ୟକୁ ନେଇ ଭାଷାର ଲିପିଗତ, ଶବ୍ଦଗତ, ବ୍ୟାକରଣଗତ ଭିନ୍ନତା ପରିଲକ୍ଷିତ ହେଉଛି । କେତେକ ଉପଭୋକ୍ତା ସେମାନଙ୍କର ମତ, ମନ୍ତବ୍ୟକୁ ଓଡ଼ିଆ ଲିପିରେ ଲେଖୁଛନ୍ତି । ଲେଖାରେ ଯଦିଓ କେତେକ ସ୍ଥଳେ ସବୁ ବର୍ଣ୍ଣର ସଠିକ୍ ଲିପି ନ

ଆସିପାରେ କିନ୍ତୁ ସେ ସେଥିପ୍ରତି ଚେଷ୍ଟିତ ଏକଥାକୁ ଅସ୍ୱୀକାର କରାଯାଇନପାରେ । କେତେକଙ୍କଠାରେ ମତମନ୍ତବ୍ୟ ଦେବା ସମୟରେ ବନାନଗତ ତ୍ରୁଟି ଥାଇପାରେ, ମାତ୍ର ତାହାକୁ ସେମାନେ ସଚେତନ ହୋଇ ପୋଷ୍ଟ କଲେ ତାହା ପରବର୍ତ୍ତୀ ସମୟରେ ଏକ ସୁଦୃଢ଼ ସ୍ଥିତିରେ ପହଞ୍ଚାଇ ବାରେ ସକ୍ଷମ ହେବ ।

ବହୁ ବ୍ୟକ୍ତି ସେମାନଙ୍କର ମତ ଓ ମନ୍ତବ୍ୟକୁ ଓଡ଼ିଆରେ ପୋଷ୍ଟ କରିବା ପରିବର୍ତ୍ତେ ଓଡ଼ିଆ ଭାଷାକୁ ଇଂରାଜୀ ଅକ୍ଷରରେ ପୋଷ୍ଟ କରିବାର ସୁବିଧାକୁ ଆପଣେଇଛନ୍ତି । ସେମାନଙ୍କର ଇଂରାଜୀ ଭାଷା ସହିତ ବ୍ୟବହାରିକ ଦୃଷ୍ଟିରୁ ବହୁଳ ହେଉଥିବାରୁ ଏହି ସବୁକୁ ତତ୍‌କ୍ଷଣାତ୍ ବ୍ୟବହାର କରିବାକୁ ପଛାଉ ନାହାଁନ୍ତି । ଏବେ ଏମାନଙ୍କ ସଂଖ୍ୟା ଅଞ୍ଚଳିକତା ଦୃଷ୍ଟିରୁ ଅଧିକ ବୋଲି ଧରାଯିବ । କାରଣ ଓଡ଼ିଆ ଲିପି ଅପେକ୍ଷା ଇଂରାଜୀ ଲିପିରେ ଲେଖିବା ସଦସ୍ୟଙ୍କ ସଂଖ୍ୟା ଅଧିକ ଜଣାଯାଏ । ଓଡ଼ିଆ ଲିପି କେତେକ ସଚେତନ ନାଗରିକ, ରୁଚିସମ୍ପନ୍ନ ବ୍ୟକ୍ତିଙ୍କଠାରେ ଦେଖାଯିବା ସ୍ଥଳେ ଇଂରାଜୀ ଅକ୍ଷରରେ ଓଡ଼ିଆଭାଷାର ବ୍ୟବହାର ସବୁବର୍ଗର ଲୋକଙ୍କର ଲେଖା ପାଲଟିଛି, ଏଥିରେ ଦ୍ୱିମତ ନାହିଁ ।

ଅନ୍ୟ କେତେକ ବ୍ୟକ୍ତି ମଧ୍ୟ ଓଡ଼ିଆ ଭାଷା ସହିତ ଅନ୍ୟ ଭାଷାକୁ ମିଶାଇ ମତ ମନ୍ତବ୍ୟ ପ୍ରଦାନ କରିଥାନ୍ତି । ସେଥିରେ ଇଂରାଜୀର ଶବ୍ଦ, ସଂକ୍ଷିପ୍ତ ଶବ୍ଦ, ସଙ୍କେତ, ପ୍ରତୀକ, ହିନ୍ଦୀ, ବଙ୍ଗଳା ଭଳି ଭାଷାର ମଧ୍ୟ ବ୍ୟବହାର ଦେଖିବାକୁ ମିଳିଛି । ଏସବୁ ଭିତରେ ସବୁ ଭାଷା ପାଇଁ ଇଂରାଜୀ ଅକ୍ଷରର ବ୍ୟବହାର ବହୁଳ ଭାବେ ପରିଲକ୍ଷିତ; ଉଦାହରଣ– Have a nice day ପାଇଁ (HAND), See you later ପାଇଁ (CUL), just for fun ପାଇଁ (J4F) ଆଦି ସଂକ୍ଷିପ୍ତ ଶବ୍ଦର ବ୍ୟବହାର । "AJ cl8 close hai", "Tumhebatanajuririnehin" ଭଳି ହିନ୍ଦୀ ଭାଷାର ଇଂରାଜୀ ଅକ୍ଷର, "Kemanachho", "Khubbhalo" ଭଳି ବଙ୍ଗଳା ଭଷାର ଇଂରାଜୀ ଅକ୍ଷର ମଧ୍ୟ ବ୍ୟବହୃତ ହେଉଛି ।

୪. ସାମାଜିକ ଗଣମାଧମରେ ଓଡ଼ିଆ ଭାଷାର କେତେକ ବିଶେଷ ବ୍ୟବହାର:

ସାମାଜିକ ଗଣମାଧମରେ ଓଡ଼ିଆ ଭାଷାର କେତେକ ବିଶେଷ ବ୍ୟବହାର ଦୃଷ୍ଟାଲୋକ ହୋଇଥାଏ । ଯାହାକି–

(କ) ବାର୍ତ୍ତାରେ ସଂକ୍ଷିପ୍ତତା

(ଖ) ବାକ୍ୟରେ ସରଳତା

(ଗ) ବିଭିନ୍ନ ସଙ୍କେତ ଓ ପ୍ରତୀକର ମାଧ୍ୟମ

(ଘ) ବିଭିନ୍ନ ଭାଷା ସହିତ ଓଡ଼ିଆ ଭାଷାର ପ୍ରୟୋଗ

(ଙ) ଭାବରେ ଓଡ଼ିଆ ଲିଖନରେ ବିବିଧତା

(ଚ) ବକ୍ତବ୍ୟରେ ଚାତୁର୍ଯ୍ୟତା

(ଛ) ବାର୍ତ୍ତା ପ୍ରେରକଙ୍କର ସାମାଜିକ ଗଣମ୍ଧମରେ ପ୍ରଦାନ କରିଥିବା ଆଇ.ଡି.ନାମ ବା ଡାକନାମରେ ପରିଚୟ ।

(ଜ) ବିଷୟବସ୍ତୁ ପ୍ରତି ଧ୍ୟାନାକର୍ଷଣ ପାଇଁ ଇଂରାଜୀ ବଡ଼ଅକ୍ଷର ବା କୌଣସି ରଙ୍ଗର ବ୍ୟବହାର ।

(କ) ବାର୍ତ୍ତାରେ ସଂକ୍ଷିପ୍ତତା:-

ସାମାଜିକ ଗଣମାଧମର ବ୍ୟବହାରକାରୀ ଯଥାସମ୍ଭବ ସଂକ୍ଷିପ୍ତତାକୁ ଆପଣେଉଛି । କୌଣସି ବାର୍ତ୍ତା ଦେବାରେ ବା କଥୋପକଥନ ସମୟରେ ସେ ବକ୍ତବ୍ୟକୁ ସଂକ୍ଷିପ୍ତ କରି ବହୁ କଥା ବ୍ୟକ୍ତ କରିବାର ଅଭିଳାଷକୁ ନେଇ କିଛି ଦୃଶ୍ୟ ସମ୍ବନ୍ଧିତ ଭିଡ଼ିଓ ହେଉ ବା ଫଟୋଚିତ୍ର ହେଉ କିମ୍ବା କୌଣସି ସାଙ୍କେତିକ ମାଧ୍ୟମ ହେଉ କମ୍ ସମୟରେ ଅଧିକ ସୂଚନାର ଅବଗତି ନିମନ୍ତେ ସେ ଚେଷ୍ଟିତ ରହୁଛି । ଏହି ମତେ ବାର୍ତ୍ତାରେ ଅନେକ କଥା ଖୁବ୍ ସଂକ୍ଷିପ୍ତରେ ପଠାଯାଉଛି । ଉଦାହରଣ - GOOD NIGHT – GUD NI8–GD N8

ଖାଇଛୁ - Khai6U - Khaichhu

ଏମିତି - Emiti – Emti

ଆଠ ମାସ / ଆଠ ମିନିଟ୍ – 8m – 8mt

(ଖ) ବାକ୍ୟରେ ସରଳତା:-

ସାମାଜିକ ଗଣମାଧମରେ ବ୍ୟକ୍ତି ନିଜର ବକ୍ତବ୍ୟକୁ ଯଥାସମ୍ଭବ ସରଳୀକରଣ କରିବାକୁ ଚେଷ୍ଟିତ । ସେ ବାକ୍ୟକୁ ଜଟିଳ ଆକାରରେ ବ୍ୟକ୍ତ ନ କରି ଜଟିଳତାରୁ ସରଳତା ଆଡ଼କୁ ବ୍ୟବହାରିକ ରୂପ ଦେଉଛି । ବାର୍ତ୍ତାକୁ ପାଉଥିବା ବ୍ୟକ୍ତି ମଧ୍ୟ ସେହି ସରଳତାକୁ ଠିକ୍ ଭାବେ ବୁଝିପାରୁଛି । ଏହା ମୁଖ୍ୟତଃ ସଂକ୍ଷିପ୍ତ ଓ ବକ୍ତବ୍ୟଧର୍ମୀ ।

ଉଦାହରଣ – Ajijibu.......Hmm

TuAsibuni.......Naa

(ଗ) ବିଭିନ୍ନ ସଙ୍କେତ ଓ ପ୍ରତୀକର ମାଧ୍ୟମ:-

ସାମାଜିକ ଗଣମାଧ୍ୟମରେ କେବଳ କଥୋପକଥନରେ ନୁହେଁ ଭିଡ଼ିଓ, ଫଟୋ ଗୁଡ଼ିକରେ ମଧ୍ୟ ଅନେକ ସଙ୍କେତ ଓ ପ୍ରତୀକର ବ୍ୟବହାର ଦେଖିବାକୁ ମିଳୁଛି । ବ୍ୟକ୍ତି ନିଜର ଭାବନାକୁ ବ୍ୟକ୍ତ କରିବା ନିମନ୍ତେ ଏହି ସଙ୍କେତ ଓ ପ୍ରତୀକର ବ୍ୟବହାର ବହୁମାତ୍ରାରେ କରୁଥିବାର ଜଣାଯାଏ । କିଛି ସୂଚନା, କିଛି ବକ୍ତବ୍ୟ ଦେବାକୁ ଯାଇ ସେ ଏଗୁଡ଼ିକର ବ୍ୟବହାର କରିଥାଏ । ଯାହା ଫଳରେ ଆଜିର ସମୟରେ ଏହି ଇମୋଜିଗୁଡ଼ିକର ବ୍ୟବହାର ଅତ୍ୟନ୍ତ ଅପରିହାର୍ଯ୍ୟ ମନେହୁଏ ।

ଉଦାହରଣ-All the best

Subhechha

(ଘ) ବିଭିନ୍ନ ଭାଷା ସହିତ ଓଡ଼ିଆ ଭାଷାର ପ୍ରୟୋଗ:-

ସାମାଜିକ ଗଣମ୍ମମରେ ଯେପରି ବିଭିନ୍ନ ଭାଷାର ବ୍ୟବହାର କରିବା ସହଜ ହେଉଛି, ସେହି ମତେ ଆମ ଦୈନନ୍ଦିନ ଜୀବନଶୈଳୀରେ ଆମେ ବ୍ୟବହାର କରୁଥିବା ଭାଷାକୁ ମଧ୍ୟ ଏଥିରେ ପ୍ରକାଶ କରୁଛୁ । ଯେପରି ଆମ ଭାଷାରେ ଆମେ ଅନେକ ଅଲଗା ଭାଷାକୁ ବ୍ୟବହାର କରିଥାଉ ସେହିପରି ଏଥିରେ ମଧ୍ୟ ଇଂରାଜୀ, ହିନ୍ଦୀ, ବଙ୍ଗଳା ଆଦି ଭାଷାର ପ୍ରୟୋଗ ମଧ୍ୟ ଦେଖିବାକୁ ମିଳୁଛି ।

Autonomous re ଆସିଛି

ଫକୀରମୋହନ ଫାଉଣ୍ଡେସନ୍,ନୂଆଦିଲ୍ଲୀ

(ଙ) ଅଙ୍କର ଧ୍ୱନ୍ୟାତ୍ମକ ମୂଲ୍ୟକୁ ଶବ୍ଦରେ ସିଲାବଲ୍ ବା ଅକ୍ଷର ରୂପେ ବ୍ୟବହାର:-

ଓଡ଼ିଆ ନେଟ୍‌କଥାରେ ପ୍ରାୟ ବହୁ ସଦସ୍ୟଙ୍କ ବାର୍ତ୍ତାଳାପରେଏହା ଲକ୍ଷ୍ୟ କରିହୁଏ । ଆମେ ଅନେକ କଥା କହିଥାଉ କିନ୍ତୁ ସାମାଜିକ ଗଣମାଧ୍ୟମରେ ତାହାକୁ ଲେଖିଲାବେଳକୁ ଆମ ନିଜ ଲିପିରେ ଟାଇପ୍ କରିନଥାଉ । ଯେଉଁ କୌଣସି ସାମାଜିକ ଗଣମାଧ୍ୟମ ସାଇଟ୍‌ରେ ଏହି ଧାରା ଦେଖିବାକୁ ମିଳୁଛି । ଆମେ ଆମ ସମଭାବାପନ୍ନ ବ୍ୟକ୍ତିଙ୍କ ସହିତ କଥୋପକଥନ ସମୟରେ ଆମର ଭାବନାକୁ ଓଡ଼ିଆରେ ପ୍ରକାଶ କରିବାପାଇଁ ଏବେ ସିଲେବଲ୍‌କୁ ଗାଣିତିକ ଅଙ୍କ ସଙ୍କେତ ବ୍ୟବହାର କରି ଲେଖୁଛୁ ଯାହାକୁ ଇଂରାଜୀରେ 'Syllabogram' କୁହଯାଉଛି । ଉଦାହରଣସ୍ୱରୂପ ଇଂରାଜୀରେ 'for' ଶବ୍ଦକୁ '୪' ଓ 'to' କୁ '୨' ବ୍ୟବହାର କରାଯାଉଛି. ଓଡ଼ିଆରେ ବହୁ ନେଟିଜେନ୍ ଲେଖିବାବେଳେ 'ଏକଲା'କୁ '୧ଲା' ବା '1la' ଭାବେ, 'ଦୁଇଟି'କୁ '2t', 'ଖବର'କୁ 'Kh12' ଭଳି ଲେଖୁଛନ୍ତି ।

AjiSoipadaGd N8

½E Birthday

(ଚ) ବକ୍ତବ୍ୟରେ ଚାତୁର୍ଯ୍ୟତା:-

ସାମାଜିକ ଗଣମ୍ମମରେ ବ୍ୟବହାରକାରୀ କୌଣସି ଏକ ନିର୍ଦ୍ଦିଷ୍ଟ ବର୍ଗ, ରୁଚି କିମ୍ବା ନିର୍ଦ୍ଦିଷ୍ଟ ମାନସିକତା ବା ଏକା ବୟସର ବ୍ୟକ୍ତି ନୁହଁନ୍ତି । ତେଣୁ ସେମାନଙ୍କର ଚିନ୍ତାଧାରା ଅଲଗା, ସେମାନଙ୍କର ରୁଚି, ଶୈଳୀ ହିସାବରେ ସମଭାବାପନ୍ନ ବ୍ୟକ୍ତିମାନେ ବି ଅଲଗା । ନିଜ ନିଜର ରୁଚି ଅନୁଯାୟୀ ଜଣେ ବାର୍ତ୍ତା ଉପସ୍ଥାପକଙ୍କ ସମଭାବାପନ୍ନ ବ୍ୟକ୍ତିଙ୍କୁ ବାର୍ତ୍ତାଳାପ ପାଇଁ ଖୋଜିଥାନ୍ତି । ସେମାନଙ୍କ ବାର୍ତ୍ତାଳାପରେ ଯେଉଁ ମାଧୁର୍ଯ୍ୟତା, ଆତ୍ମୀୟତା ରହିଥାଏ ତାହା ତାଙ୍କ କଥୋପକଥନରୁ ଜଣାପଡ଼ିଥାଏ । ଜଣେ ସମାଜସେବୀ, ଡ଼ାକ୍ତର, ଓକିଲ, ଶିକ୍ଷକ, ଶ୍ରମିକ, କଲେଜ ଛାତ୍ର ବା ଛାତ୍ରୀ, ପ୍ରାପ୍ତବୟସ୍କ, ସାହିତ୍ୟିକ ଆଦିଙ୍କର କଥୋପକଥନ ଶୈଳୀ ପରସ୍ପରଠାରୁ ସମ୍ପୂର୍ଣ୍ଣ ଭିନ୍ନ । ତେଣୁ ସେମାନଙ୍କର ଏହି ବାର୍ତ୍ତାରେ ବିଭିନ୍ନ ଚାତୁର୍ଯ୍ୟତା ରହିଥାଏ ।ଏହା ବ୍ୟତୀତ ବହୁ ସମୟରେ ଧ୍ୱନ୍ୟାତ୍ମକ ଶବ୍ଦର ବ୍ୟବହାରରେ ନୂତନ ଶବ୍ଦରୂପର ବ୍ୟବହାର ମଧ୍ୟ ଦେଖିବାକୁ ମିଳୁଛ, ଯେପରିକି - ahhhh/haa (ଆହା), hahahaha (ହସିବା), Waooo (ୱାଉ), ଓଓଓଓ (ଓଃ), ହାଏଏଏଏ(ହାଏ) ।

(ଛ) ସଂକ୍ଷିପ୍ତରେ ବାର୍ତ୍ତା ଉପସ୍ଥାପକଙ୍କ ପରିଚୟ:

ନେଟ୍‌କଥାର ଉପସ୍ଥାପନରେ ବାର୍ତ୍ତା ଉପସ୍ଥାପକ ତାଙ୍କର ଡାକନାମ ବା ଆଇ.ଡି. ନାମ ଅନୁସାରେ ପରିଚିତ ହୋଇଥାନ୍ତି; ଯେପରିକି #Horticultre@krushibibhagaû Fisheries & ARD Department @krushibibhag ।

(ଜ) ଲିଖନରେ କୌଣସି ବିଷୟକୁ ଗୁରୁତ୍ୱ ଦେବାପାଇଁ ଇଂରାଜୀ ବଡ଼ ଅକ୍ଷରରେ ଟାଇପ୍ କରିବା ବା ରଙ୍ଗ ଦେବା:

Kalinga Ganananatya Stagere Dhamal Kale Heroine ARCHITA SAHU

ଏହା ବ୍ୟତୀତ ଓଡ଼ିଆରେ ଟାଇପ୍ କରି ଲେଖିବାବେଳେ ବହୁ ବାର୍ତ୍ତା ଉପସ୍ଥାପକ କୌଣସି ବିଷୟବସ୍ତୁକୁ ରଙ୍ଗ ଦେଇ ବା ବୋଲ୍ଡ କରି ଅନ୍ୟର ଦୃଷ୍ଟି ଆକର୍ଷଣ କରିବାକୁ ପ୍ରୟାସ କରିଥାନ୍ତି ।

୫. ଉପସଂହାର:

ଗଣମାଧ୍ୟମରେ ଯେଉଁଳି ବହୁ ଭାଷାର ସମ୍ମିଳିତ ରୂପ ଦେଖିବାକୁ ମିଳିଥାଏ, ସେହିପରି ସାମାଜିକ ଗଣମାଧ୍ୟମରେ ମଧ୍ୟ ବହୁଭାଷା ବ୍ୟଞ୍ଜିତ ହୋଇଥାନ୍ତି । ଆଞ୍ଚଳିକତା, ଭୌଗୋଳିକ ଭୂଖଣ୍ଡ,

ପରସ୍ପର ଭାବବିନିମୟର ସାର୍ବଜନୀନତା, ସର୍ବଜନାଦୃତି ରାଷ୍ଟ୍ରୀୟତାକୁ ନିର୍ବହଣ କରୁଥିବା ବିବିଧ ରୂପର ବ୍ୟବହାର ଏବେ ସାମାଜିକ ଗଣମାଧ୍ୟମର ମୁକ୍ତମଞ୍ଚରେ ଦେଖିବାକୁ ମିଳୁଛି । ସାମାଜିକ ଗଣମାଧ୍ୟମରେ ଭାରତରେ ତେଲୁଗୁ, ତାମିଲ, ବଙ୍ଗଳା, ଆସାମୀ, ଓଡ଼ିଆ, ଗୁଜୁରାଟୀ ଭଳି ଆଞ୍ଚଳିକ ଭାଷାର ବ୍ୟବହାର ସହିତ ଇଂରାଜୀ ଭଳି ବୈଦେଶିକ ଭାଷା ଓ ହିନ୍ଦୀ ଭଳି ରାଷ୍ଟ୍ରୀୟ ଭାଷାର ବହୁଳ ବ୍ୟବହାରକୁ ଦେଖିଲେ, ଭାଷା କ୍ରମେ ତାହାର ଆଞ୍ଚଳିକ ପରିବେଶରୁ ବାହାରି କଥିତ ଜନତାର ପରିଧିକୁ ପରିବ୍ୟାପ୍ତ ହେଉଛି, ଏହାକୁ ଅସ୍ୱୀକାର କରାଯାଇପାରିବ ନାହିଁ । ଏଣୁ ସାମାଜିକ ଗଣମାଧ୍ୟମରେ ଓଡ଼ିଆ ଭାଷା କ୍ରମେ ପ୍ରଯୁକ୍ତିର ବାଧ୍ୟବାଧକତା ଓ ଭାବପ୍ରକାଶର ସୁଗମ ମାଧ୍ୟମରେ ଯେ ଏକ ମଧୁର ସାଲିସ କରିଛି ଓ ଆଗକୁ ଏହି ସାଲିସ୍ ଅଭିମୁଖୀ ଉପସ୍ଥାପନାରୁ ଭାଷାର ସାଂପ୍ରତିକ କାୟାକଳ୍ପରେ ବ୍ୟାପକର ପରିବର୍ତ୍ତନ ଘଟିବାକୁ ଯାଉଥିବାର ସମ୍ଭାବନା ଉତ୍ପନ୍ନ ହୋଇଛି ।

ଅନୁସରଣ ତଥ୍ୟ ଉତ୍ସ :

(1) David Crystral - 'Language & the Internet', Cambridge University Press, Printed Edition, 2001, Page 17

(2) David Crystral - 'Language & the Internet', Cambridge University Press, Printed Edition, 2001, Page 17

(3) Thurlow, C., Lengel, L., and Tomic, A. (2004).Computer Mediated Communication: Social Interaction and the Internet. London: Sage Publications.

(4) David Crystral - 'Language & the Internet', Cambridge University Press, Printed Edition, 2001, Page 18

(5) SanelHadžiahmetoviæJurida& Alma Jahiæ&JasminaHaniæ&MirzaDžaniæ&TanjaPavloviæ - 'Netspeak: Linguistic Properties and Aspects of Online Communication in Postponed Time', Page 2

(6) Ogunyale, Wale Joseph – 'A Linguistic Study Of Netspeak Among Students Of Adeyemi College Of Education, Ondo', Department Of English Adeyemi College Of Education, Ondo City, November 2016, Page 16

(7) SanelHadžiahmetoviæJurida& Alma Jahiæ&JasminaHaniæ&MirzaDžaniæ&TanjaPavloviæ – "Netspeak: Linguistic Properties and Aspects of Online Communication in Postponed Time",

(8) Albert Bandura – "Social Learning Theory", Stanford University, https://cogs.sitehost.iu.edu/spackled/2012readings/bandura.pdf

(9) Hadoussa Slim and MenifHafedh - "social media impact On language learning for specific purposes: a study in English for business administration", University of Tabuk, Tabuk, Saudi Arabia

(10) Blattner, G., &Fiori, M. - (2009). 'Facebook in the Language Classroom: Promises and Possibilities.' International Journal of Instructional Technology and Distance Learning, 6, 17-28,

(11) https://www.scirp.org/(S(czeh2tfqyw2orz553k1w0r45))/reference/ReferencesPapers.aspx?ReferenceID=2030930

(12) Ali Derakhshan&SamarehHasanabbasi - 'Social Networks for Language Learning',

(13) https://www.researchgate.net/publication/277887414_Social_Networks_for_Language_Learning

(14) Jonathan Zittrain - 'The Generative Pattern', "The Future of the Internet-And How to Stop It" Copyright 2008 by Jonathan Zittrain, Yale University Press, New Haven & London, page. 91

ସହାୟକ ପ୍ରଫେସର, ଓଡ଼ିଆ ବିଭାଗ,
ଉତ୍କଳ ବିଶ୍ୱବିଦ୍ୟାଳୟ

ISSN -2583-147X(P), Vol.- 8, Issue No.XI, February 2023
Bastabatara Pariprakash Prachee
Peer Reviewed and Referred Research Journal

ଭୂଲିଆ ଭାଷାର କାଳ : ଏକ ଭାଷାତାତ୍ତ୍ୱିକ ଅନୁଶୀଳନ

ଡ. ନୀଳମଣି ମେହେର

ଭାଷା ହେଉଛି ମାନବ ଜାତିର ଏକ ବିଶିଷ୍ଟ ଉଦ୍ଭାବନ ଯାହା ତା'କୁ ଇତର ପ୍ରାଣୀଙ୍କ ଠାରୁ ସ୍ୱତନ୍ତ୍ରସ୍ଥାନ ପ୍ରଦାନ କରିଛି । ଭାଷା ସମୟ ଅନୁସାରେ ପରିବର୍ତ୍ତିତ ହେବା ସହିତ ସ୍ଥାନ ଓ ପାତ୍ର ବା ଜାତି ଅନୁସାରେ ମଧ୍ୟ ଭିନ୍ନ ଭିନ୍ନ ରୂପ ଗ୍ରହଣ କରିଥାଏ । ତେଣୁ ୨୦୧୧ ଜନଗଣନା ଅନୁସାରେ ଜଣାଯାଇଥାଏ ଯେ ଭାରତରେ ସମୁଦାୟ ୧୯୫୬୯ଟି କଥିତ ଭାଷା ରହିଥିବା ବେଳେ ସେଥି ମଧ୍ୟରୁ ୧୩୬୯ଟି ଭାଷାକୁ ଭାଷା ବିଜ୍ଞାନ ଅନୁସାରେ ବିଚାର କରାଯାଇପାରିବ ବୋଲି ମତ ପ୍ରକାଶ ପାଇଛି । ଏହି କଥିତ ଭାଷାମାନଙ୍କ ମଧ୍ୟରୁ ଭୂଲିଆ ଭାଷା ଅନ୍ୟତମ । ଓଡ଼ିଶାର ପଶ୍ଚିମାଂଚଳ ବିଶେଷତଃ ବଲାଙ୍ଗିର, ବରଗଡ, ସମ୍ବଲପୁର, ଝାରସୁଗୁଡା, ସୁନ୍ଦରଗଡ, ସୋନପୁର, ନୂଆପଡା, କଳାହାଣ୍ଡି, ବୌଦ୍ଧ ଜିଲ୍ଲା ବ୍ୟତୀତ ନାଗପୁର ଏବଂ ଛତିଶଗଡ ଅଂଚଳର କେତେକ ସ୍ଥାନରେ ବସବାସ କରୁଥିବା ଭୂଲିଆ ଜାତିର ଲୋକ ଏହି ଭାଷାରେ କଥୋପକଥନ କରିଥାନ୍ତି । ଯଦିଓ ଏହି ଜାତିର ଲୋକମାନେ ଅନ୍ୟ ଜାତିର ଲୋକଙ୍କ ସହିତ କଥାବାର୍ତ୍ତା କଲାବେଳେ ସ୍ଥାନୀୟ ଆଂଚଳିକ ଭାଷାକୁ ବ୍ୟବହାର କରିଥାନ୍ତି ମାତ୍ର ସେମାନେ ଯେତେବେଳେ ନିଜ ଜାତିର ଲୋକ ବା ସାମାଜିକ ଅନୁଷ୍ଠାନ ବା ପରିବାରରେ ନିଜ ନିଜ ଭିତରେ କଥାବାର୍ତ୍ତା ହୁଅନ୍ତି, ସେତେବେଳେ ଭୂଲିଆ ଭାଷାରେହିଁ କଥାବାର୍ତା କରିଥାନ୍ତି । ଏହି ଭାଷା ଅପର ସଗୋତ୍ରୀୟ ବିଶେଷକରି ହିନ୍ଦୀ, ଓଡ଼ିଆ ଏବଂ କୋଶଲୀ ଭାଷାଠାରୁ ସମ୍ପୂର୍ଣ୍ଣ ଭାବରେ ଭିନ୍ନ । ତେଣୁ ସମାଲୋଚକ ଉପେନ୍ଦ୍ର ପ୍ରସାଦ ଦଳାଇ କୁହନ୍ତି – "ଭୂଲିଆ, ଛତିଶଗଡୀ ହିନ୍ଦୀର ଏକ ବୋଲି ରୂପେ କେହି କେହି ଗ୍ରହଣ କରିଥାନ୍ତି । କିନ୍ତୁ ଓଡ଼ିଆ ସହ ଏହାର ମଧ୍ୟ ସମ୍ପର୍କ ରହିଛି ।"(ଓଡ଼ିଆ ଭାଷାର ସୃଷ୍ଟି ଓ ବିକାଶ – ପୃ-୧୬୯)

ଭୂଲିଆ ଭାଷାକୁ ଭାଷାତାତ୍ତ୍ୱିକ ଦୃଷ୍ଟିକୋଣରୁ ବିଶ୍ଳେଷଣ କଲେ ଦେଖାଯାଏ ଯେ ଏହି ଭାଷାର ଧ୍ୱନିସ୍ତର, ଶବ୍ଦସ୍ତର, ରୂପସ୍ତର ଓ ବାକ୍ୟସ୍ତର ଆଦି ପ୍ରତ୍ୟେକ କ୍ଷେତ୍ରରେ ସ୍ୱତନ୍ତ୍ରତା ଭରିରହିଛି । କିନ୍ତୁ ଦୁଃଖର କଥା ଯେ ଏହି ଜାତିର ଲୋକଙ୍କ ଭାଷା ପ୍ରତି ଅବହେଳା ଯୋଗୁଁ ଦିନକୁ ଦିନ ଭାଷା ବିଲୁପ୍ତ ହେବାକୁ ଯାଉଛି । ଏଠାରେ ଏହି ଭାଷାର ସମସ୍ତ ଦିଗ ଉପରେ ଆଲୋଚନା ନ କରି କେବଳ କ୍ରିୟା ପ୍ରକରଣ ଉପରେ ଆଲୋଚନା କରାଯାଇଛି ।

ଭୂଲିଆ ଭାଷା ବିଷୟରେ ଆଲୋଚନା କରିବାବେଳେ ସର୍ବପ୍ରଥମେ ଆମେ ସେହି ଭାଷାର କ୍ରିୟାପ୍ରକରଣ ବା କ୍ରିୟାରୂପରେ ରହିଥିବା ସ୍ୱାତନ୍ତ୍ର୍ୟକୁ ଦେଖିବାକୁ ପାଇବା । ଆମେ ଜାଣିଛୁ ଯେ କ୍ରିୟା ବା କାର୍ଯ୍ୟର ସମୟସୂଚକ ରୂପ ବା ଯେଉଁ ସମୟରେ କ୍ରିୟା କାର୍ଯ୍ୟରେ ପରିଣତ ହୋଇଥାଏ, ତାହାକୁ କ୍ରିୟାର କାଳ କୁହାଯାଏ । କ୍ରିୟା ପଦର ମୂଳରୂପ ହେଉଛି ଧାତୁ । ଏହି ଧାତୁ ବା ପ୍ରକୃତି ସହିତ ବିଭିନ୍ନ ଅର୍ଥରେ ପ୍ରତ୍ୟୟ ଯୁକ୍ତ ହୋଇ ଭିନ୍ନଭିନ୍ନ ପ୍ରକାର ଧାତୁ ସୃଷ୍ଟି ହୋଇଥାଏ ଅର୍ଥାତ୍ ମୌଳିକ ଧାତୁ ବ୍ୟତୀତ ଧାତୁରୁ ବିବିଧ ରଚନାତ୍ମକ ପ୍ରକ୍ରିୟା ମାଧ୍ୟମରେ ଅର୍ଥାତ୍ ପ୍ରତ୍ୟୟ ଯୋଗ, ଅନ୍ତରଙ୍ଗ ପରିବର୍ତ୍ତନ, ଅନ୍ୟ ଧାତୁର ସଂଯୋଗ ହୋଇ ଧାତୁ ବା ପ୍ରକୃତିର ସୃଷ୍ଟି ହୋଇଥାଏ । "କ୍ରିୟା ପଦ ରଚନାରେ ଦେଖାଯାଏ ଯେ କେତେକ କ୍ଷେତ୍ରରେ ମୂଳ ଧାତୁ ବା ପ୍ରକୃତି ବିଭକ୍ତି-ପ୍ରତ୍ୟୟ ସହିତ ସଂଯୁକ୍ତ ହେଲେ ସେମାନଙ୍କ ମୌଳିକ ରୂପରେ ସନ୍ଧିଗତ ପରିବର୍ତ୍ତନ ସାଧିତ ହୋଇଥାଏ ।"(ଓଡ଼ିଆ ଭାଷା ଓ ଲିପି, ପୃ-୫୩) । ଏଥିରୁ ସ୍ପଷ୍ଟ ଯେ ଯେତେବେଳେ କୌଣସି ଧାତୁରୁ ସୂକ୍ଷ୍ମତମ ଭାବର ଅଭିବ୍ୟକ୍ତି ପ୍ରକାଶିତ ହୁଏ ନାହିଁ ସେତେବେଳେ ମୂଳ ଧାତୁ ସହିତ କୌଣସି ଅର୍ଥ-ସଂପରିବର୍ତ୍ତନ ସହାୟକ ଧାତୁର ସଂଯୋଗ

କରାଯାଇ ଭାବକୁ ପ୍ରକାଶ କରାଯାଇଥାଏ । ଭୂଲିଆ ଭାଷା କ୍ଷେତ୍ରରେ ମଧ୍ୟ ଏହି ନିୟମ ପ୍ରଯୁଜ୍ୟ ।

ଭୂଲିଆ ଭାଷାର କ୍ରିୟା ପ୍ରକରଣରେ ଓଡ଼ିଆ ଭଳି ବର୍ତ୍ତମାନ, ଅତୀତ ଓ ଭବିଷ୍ୟତ କାଳ ନାମକ ତିନୋଟି କାଳ ସହିତ ଆଭିପ୍ରାୟିକ ବା ସର୍ତ୍ତମୂଳକ, ଆଭ୍ୟାସିକ ଓ ଅନୁଜ୍ଞା ଭାବର ପୁରୁଷ ଓ ବଚନ ଅନୁସାରେ ବିବିଧ ରୂପ ରହିଛି ଅର୍ଥାତ ସମୁଦାୟ ନବେ (୯୦) ପ୍ରକାରର କାଳ ଦେଖାଯାଉଥିଲେ ହେଁ ଭବିଷ୍ୟତ କାଳ ବ୍ୟତୀତ ଅନ୍ୟ କାଳର ପ୍ରଥମ ପୁରୁଷର ଏକବଚନ ଓ ବହୁବଚନ ମଧରେ କୌଣସି ପ୍ରଭେଦ ନାହିଁ । କିନ୍ତୁ ଓଡ଼ିଆ ଭାଷାରେ ଯେମିତି ପ୍ରଥମ ପୁରୁଷ ବହୁବଚନ ପାଇଁ ଦୁଇଟି ରୂପ ରହିଛି ଭୂଲିଆ ଭାଷାରେ ସେପରି ନାହିଁ । 'ପଢ୍' ମୂଳଧାତୁ ବା ପ୍ରକୃତିକୁ ଉଦାହରଣ ଭାବେ ନେଇ କାଳ, ପୁରୁଷ ଓ ବଚନ ଭେଦରେ ଭୂଲିଆ ଭାଷାର କ୍ରିୟାର କାଳ କିପରି ଭିନ୍ନ ଭିନ୍ନ ରୂପ ଗ୍ରହଣ କରିଥାଏ ନିମ୍ନରେ ତାହା ବିସ୍ତୃତ ଭାବରେ ଆଲୋଚନା କରାଯାଇପାରେ ।

(କ) ନିତ୍ୟ ପ୍ରବୃତ୍ତ ବର୍ତ୍ତମାନ :

ଯେଉଁ କ୍ରିୟା ପଦର ବ୍ୟବହାର ଦ୍ୱାରା କାର୍ଯ୍ୟଟି ନିୟମିତ ରୂପେ ସାଧିତ ହେଉଥିବାର ଜଣାଯାଏ, ତାହାକୁ ନିତ୍ୟ ପ୍ରବୃତ୍ତ ବା ସାମାନ୍ୟ ବର୍ତ୍ତମାନ କାଳ କୁହାଯାଏ । ନିତ୍ୟ ପ୍ରବୃତ୍ତ ବା ସାମାନ୍ୟ ବର୍ତ୍ତମାନ କାଳର ପ୍ରଥମ ପୁରୁଷର ଏକବଚନ ଓ ବହୁବଚନ ଉଭୟରେ ଧାତୁ ସହିତ 'ଥାଁ' ପ୍ରତ୍ୟୟ, ଦ୍ୱିତୀୟ ପୁରୁଷର ଉଭୟ ବଚନରେ ଧାତୁ ସହିତ 'ଥ' ପ୍ରତ୍ୟୟ ଏବଂ ତୃତୀୟ ପୁରୁଷର ଏକବଚନରେ ଧାତୁ ସହିତ 'ଥେ' ଓ ବହୁବଚନରେ 'ଥେନ୍' ପ୍ରତ୍ୟୟ ଯୁକ୍ତ ହୋଇଥାଏ । ଯଥା –

<u>**ଏକବଚନ**</u> <u>**ବହୁବଚନ**</u>

ପ୍ରଥମ ପୁରୁଷ-(ଧାତୁ +ଥାଁ)ମୁଇଁ ପଢ୍ଥାଁ (ଧାତୁ +ଥାଁ) ଆମ୍ହିଁ ପଢ୍ଥାଁ

ଦ୍ୱିତୀୟ ପୁରୁଷ-(ଧାତୁ+ଥ)ତମ୍ହିଁ ପଢ୍ଥ (ଧାତୁ+ଥ) ତମ୍ହିଁମାନେ ପଢ୍ଥ

ତୃତୀୟ ପୁରୁଷ-(ଧାତୁ+ଥେ) ଉଓ ପଢ୍ଥେ (ଧାତୁ+ଥେନ୍)ଉମାନେ ପଢ୍ଥେନ୍

(ଖ) ଅସମ୍ପନ୍ନ ବର୍ତ୍ତମାନ :

ଯେଉଁ କ୍ରିୟା ପଦର ବ୍ୟବହାର ଦ୍ୱାରା କାର୍ଯ୍ୟଟି ଶେଷ ନହୋଇ ବର୍ତ୍ତମାନ ସମୟରେ ଚାଲୁଥିବାର ଜଣାଯାଏ, ତାହାକୁ ଅସମ୍ପନ୍ନ ବା ବିଶୁଦ୍ଧ ବର୍ତ୍ତମାନ କାଳ କୁହାଯାଏ । ଅସମ୍ପନ୍ନ ବା ବିଶୁଦ୍ଧ ବର୍ତ୍ତମାନ କାଳର ପ୍ରଥମ ପୁରୁଷର ଏକବଚନ ଓ ବହୁବଚନରେ ଧାତୁ ସହିତ 'ତହଁ 'ପ୍ରତ୍ୟୟ, ଦ୍ୱିତୀୟ ପୁରୁଷର ଏକବଚନରେ ଧାତୁ ସହିତ 'ତହ' ଓ ବହୁବଚନ 'ତହଁ 'ପ୍ରତ୍ୟୟ ଏବଂ ତୃତୀୟ ପୁରୁଷର ଏକବଚନରେ ଧାତୁ ସହିତ 'ତେହେ' ଓ ବହୁବଚନରେ 'ତେହେନ୍' ପ୍ରତ୍ୟୟ ଯୁକ୍ତ ହୋଇଥାଏ । ଯଥା –

<u>**ଏକବଚନ**</u> <u>**ବହୁବଚନ**</u>

ପ୍ରଥମ ପୁରୁଷ-(ଧାତୁ+ତହଁ)ମୁଇଁ ପଢ୍ତହଁ (ଧାତୁ+ତହଁ)ଆମ୍ହିଁ ପଢ୍ତହଁ

ଦ୍ୱିତୀୟ ପୁରୁଷ-(ଧାତୁ+ତହ)ତମ୍ହିଁ ପଢ୍ତହ (ଧାତୁ+ତହଁ)ତମ୍ହିଁମାନେ ପଢ୍ତହ

ତୁତୀୟପୁରୁଷ-(ଧାତୁ+ତେହେ)ଉଓ ପଢ୍ତେହେ (ଧାତୁ + ତେହେନ୍)ଉମାନେ ପଢ୍ତେହେନ୍

(ଗ) ସମ୍ପନ୍ନ ବର୍ତ୍ତମାନ :

ଯେଉଁ କ୍ରିୟା ପଦର ବ୍ୟବହାର ଦ୍ୱାରା କାର୍ଯ୍ୟଟି ନିକଟରେ ଶେଷ ହୋଇଥିବାର ଜଣାଯାଏ, ତାହାକୁ ସମ୍ପନ୍ନ ବର୍ତ୍ତମାନ କାଳ କୁହାଯାଏ । ସମ୍ପନ୍ନ ବର୍ତ୍ତମାନ କାଳର ପ୍ରଥମ ପୁରୁଷର ଉଭୟ ବଚନରେ ଧାତୁ ସହିତ 'ଏନେଁ' ପ୍ରତ୍ୟୟ, ଦ୍ୱିତୀୟ ପୁରୁଷର ଉଭୟ ବଚନରେ 'ଇ' ଆଭିମୁଖ୍ୟବୋଧକ ପ୍ରତ୍ୟୟ ସହିତ 'ହ' ପ୍ରତ୍ୟୟ ଏବଂ ତୃତୀୟ ପୁରୁଷର ଏକବଚନର ଧାତୁରେ 'ଇ' ଆଭିମୁଖ୍ୟବୋଧକ ପ୍ରତ୍ୟୟ ସହିତ 'ସନେ' ଏବଂ ବହୁବଚନରେ 'ନନେ' ପ୍ରତ୍ୟୟ ଯୁକ୍ତ ହୋଇଥାଏ । ଯଥା –

<u>**ଏକବଚନ**</u> <u>**ବହୁବଚନ**</u>

ପ୍ରଥମ ପୁରୁଷ-(ଧାତୁ+ଏନେଁ)ମୁଇଁ ପଢ଼େନେଁ (ଧାତୁ+ଏନେଁ)ଆମ୍ହିଁ ପଢ଼େନେଁ

ଦ୍ୱିତୀୟ ପୁରୁଷ- (ଧାତୁ+ଇ+ହ)ତମ୍ହିଁ ପଢ଼ିହ (ଧାତୁ+ଇ+ହ)ତମ୍ହିଁମାନେ ପଢ଼ିହ

ତୃତୀୟ ପୁରୁଷ-(ଧାତୁ+ଇ+ସନେ)ଉଓ ପଢ଼ିସ୍‌ନେ (ଧାତୁ+ ଇ+ନନେ)ଉମାନେ ପଢ଼ିନ୍‌ନେ

(ଘ) ସାମାନ୍ୟ ବା ନିତ୍ୟ ଅତୀତ :

ଯେଉଁ କ୍ରିୟା ପଦର ବ୍ୟବହାର ଦ୍ୱାରା କାର୍ଯ୍ୟଟି ବର୍ତ୍ତମାନ କାଳର ପୂର୍ବରୁ ବା ଅଳ୍ପ ସମୟ ପୂର୍ବରୁ ସମ୍ପନ୍ନ ହୋଇଥିବାର ଜଣାଯାଏ, ତାହାକୁ ସାମାନ୍ୟ ଅତୀତ ବା ନିତ୍ୟ ଅତୀତ କାଳ କୁହାଯାଏ । ସାମାନ୍ୟ ଅତୀତ ବା ନିତ୍ୟ ଅତୀତ କାଳର ପ୍ରଥମ ପୁରୁଷର ଏକବଚନ ଓ ବହୁବଚନ ଉଭୟ ପାଇଁ ଧାତୁ ସହିତ 'ଏଁ 'ପ୍ରତ୍ୟୟ, ଦ୍ୱିତୀୟ ପୁରୁଷର ଏକବଚନରେ ଧାତୁ ସହିତ 'ଏସ୍ 'ଓ ବହୁବଚନରେ 'ଏ' ପ୍ରତ୍ୟୟ ଏବଂ ତୃତୀୟ ପୁରୁଷର ଏକବଚନରେ ଧାତୁ ସହିତ 'ଇସ୍' ଓ ବହୁବଚନରେ 'ଇନ୍' ପ୍ରତ୍ୟୟ ଯୁକ୍ତ ହୋଇଥାଏ । ଯଥା-

<u>**ଏକବଚନ**</u> <u>**ବହୁବଚନ**</u>

ପ୍ରଥମ ପୁରୁଷ-(ଧାତୁ+ଏଁ)ମୁଇଁ ପଢ଼େଁ (ଧାତୁ+ଏଁ)ଆମ୍ହିଁ ପଢ଼େଁ

ଦ୍ୱିତୀୟ ପୁରୁଷ-(ଧାତୁ + ଏସ୍)ତମ୍ହିଁ ପଢ଼େସ୍ (ଧାତୁ+ଏ)ତମ୍ହିଁମାନେ ପଢ଼େ

ତୃତୀୟ ପୁରୁଷ- (ଧାତୁ+ଇସ୍)ଉଓ ପଢ଼ିସ୍ (ଧାତୁ+ଇନ୍)ଉମାନେ ପଢ଼ିନ୍

(ଙ) ଅସମ୍ପନ୍ନ ଅତୀତ :

ଯେଉଁ କ୍ରିୟାପଦର ପ୍ରୟୋଗ ଦ୍ୱାରା କାର୍ଯ୍ୟଟି ଅତୀତ କାଳର ହେଲେ ମଧ୍ୟ କାର୍ଯ୍ୟ ଚାଲୁଥିବାର ବା ଅସମ୍ପନ୍ନ ବୋଲି କୁହାଯାଏ, ତାହାକୁ ଅସମ୍ପନ୍ନ ଅତୀତ କାଳ କୁହାଯାଏ । ଅସମ୍ପନ୍ନ ଅତୀତ କାଳର ପ୍ରଥମ ପୁରୁଷର ଉଭୟବଚନ ପାଇଁ ଧାତୁ ସହିତ 'ଉ' ଆଭିମୁଖ୍ୟବୋଧକ ପ୍ରତ୍ୟୟ ଏବଂ '଼ତର୍ହେଁ' ପ୍ରତ୍ୟୟ, ଦ୍ୱିତୀୟ ପୁରୁଷର ଏକବଚନ ପାଇଁ 'ଉ' ଆଭିମୁଖ୍ୟବୋଧକ ପ୍ରତ୍ୟୟ ସହିତ ଧାତୁରେ '଼ତର୍ହେସ୍' ଓ ବହୁବଚନ ପାଇଁ '଼ତର୍ହେ' ପ୍ରତ୍ୟୟ ଏବଂ ତୃତୀୟ ପୁରୁଷର ଏକବଚନ ପାଇଁ 'ଉ' ଆଭିମୁଖ୍ୟବୋଧକ ପ୍ରତ୍ୟୟରେ ଧାତୁ ସହିତ୍ 'ତର୍ହିସ୍' ଓ ବହୁବଚନ ପାଇଁ 'ତର୍ହିନ୍' ପ୍ରତ୍ୟୟ ଯୁକ୍ତ ହୋଇଥାଏ । ଯଥା–

ଏକବଚନ	ବହୁବଚନ
ପ୍ରଥମ ପୁରୁଷ- (ଧାତୁ+ଉ+ତର୍ହେଁ)ମୁଇଁ ପଢୁତର୍ହେଁ	(ଧାତୁ +ଉ+ତର୍ହେଁ) ଆମ୍ହିଁ ପଢୁତରହେଁ
ଦ୍ୱିତୀୟପୁରୁଷ-(ଧାତୁ+ଉ+ତର୍ହେସ୍)ତମ୍ହିଁ ପଢୁତର୍ହେସ୍	(ଧାତୁ +ଉ+ତର୍ହେ) ତମ୍ହିଁମାନେ ପଢୁତର୍ହେ
ତୃତୀୟ ପୁରୁଷ- (ଧାତୁ+ଉ+ତର୍ହିସ୍)ଉଓ ପଢୁତର୍ହିସ୍	(ଧାତୁ+ଉ+ତର୍ହିନ୍) ଉମାନେ ପଢୁତରହିନ୍

(ଚ) ସମ୍ପନ୍ନ ଅତୀତ :

ଯେଉଁ କ୍ରିୟା ପଦର ବ୍ୟବହାର ଦ୍ୱାରା କାର୍ଯ୍ୟଟି ଅତୀତରେ ସମାପ୍ତ ହୋଇଥିବାର ଜଣାଯାଏ, ତାହାକୁ ସମ୍ପନ୍ନ ଅତୀତ କାଳ କୁହାଯାଏ । ସମ୍ପନ୍ନ ଅତୀତ କାଳର ପ୍ରଥମ ପୁରୁଷର ଉଭୟବଚନରେ ଧାତୁ ସହିତ 'ରେହେଁ' ପ୍ରତ୍ୟୟ, ଦ୍ୱିତୀୟ ପୁରୁଷର ଉଭୟବଚନରେ ଧାତୁ ସହିତ ପ୍ରତ୍ୟୟ 'ରେହେସ୍' ଏବଂ ତୃତୀୟ ପୁରୁଷର ଏକବଚନ ଏକବଚନ ପାଇଁ ଧାତୁ ସହିତ 'ରେହିସ୍' ଓ ବହୁବଚନ ପାଇଁ 'ରେହିନ୍' ପ୍ରତ୍ୟୟ ଯୁକ୍ତ ହୋଇଥାଏ ।

ଏକବଚନ	ବହୁବଚନ
ପ୍ରଥମ ପୁରୁଷ (ଧାତୁ+ରେହେଁ)ମୁଇଁ ପଏଢ଼ରେହେଁ	(ଧାତୁ+ରେହେଁ) ଆମ୍ହିଁ ପଏଢ଼ରେହେଁ
ଦ୍ୱିତୀୟ ପୁରୁଷ-(ଧାତୁ+ରେହେସ୍)ତମ୍ହିଁ ପଏଢ଼ରେହେସ୍	(ଧାତୁ+ରେହେସ୍) ତମ୍ହିଁମାନେ ପଏଢ଼ରେହେସ୍
ତୃତୀୟ ପୁରୁଷ- (ଧାତୁ+ରେହିସ୍)ଉଓ ପଏଢ଼ରେହିସ୍	(ଧାତୁ+ରେହିନ୍) ଉମାନେ ପଏଢ଼ରେହିନ୍

(ଛ) ସାମାନ୍ୟ ଭବିଷ୍ୟତ :

ଯେଉଁ କ୍ରିୟା ପଦର ବ୍ୟବହାର ଦ୍ୱାରା କାର୍ଯ୍ୟଟି ଭବିଷ୍ୟତରେ ଘଟିବ ବୋଲି ଜଣାଯାଏ, ତାହାକୁ ସାମାନ୍ୟ ଭବିଷ୍ୟତ କାଳ କୁହାଯାଏ । ସାମାନ୍ୟ ଭବିଷ୍ୟତ କାଳର ପ୍ରଥମ ପୁରୁଷର ଏକବଚନ ପାଇଁ ଧାତୁ ସହିତ 'ହୁଁ' ଓ ବହୁବଚନ ପାଇଁ 'ମ' ପ୍ରତ୍ୟୟ, ଦ୍ୱିତୀୟ ପୁରୁଷର ଏକବଚନ ପାଇଁ ଧାତୁ ସହିତ 'ଓ' ପ୍ରତ୍ୟୟ, ବହୁବଚନ ପାଇଁ 'ବିସର୍ଗ' ଏବଂ ତୃତୀୟ ପୁରୁଷର ଏକବଚନ ପାଇଁ ଧାତୁରେ 'ଏ' ଆଭିମୁଖ୍ୟବୋଧକ ପ୍ରତ୍ୟୟ ସହିତ 'ବିସର୍ଗ' ଏବଂ ବହୁବଚନରେ 'ଏନ୍' ପ୍ରତ୍ୟୟ ଯୁକ୍ତ ହୋଇଥାଏ । ଯଥା –

ଏକବଚନ	ବହୁବଚନ
ପ୍ରଥମ ପୁରୁଷ-(ଧାତୁ+ହୁଁ)ମୁଇଁ ପଢ଼ହୁଁ	(ଧାତୁ +ମ)ଆମ୍ହିଁ ପଢ଼ମ
ଦ୍ୱିତୀୟ ପୁରୁଷ-(ଧାତୁ+ସ)ତମ୍ହିଁ ପଢ଼ସ	(ଧାତୁ+ଃ)ତମ୍ହିଁମାନେ ପଢ଼ଃ
ତୃତୀୟ ପୁରୁଷ-(ଧାତୁ+ଏ+ଃ)ଉଓ ପଢ଼େଃ	(ଧାତୁ+ଏନ୍)ଉମାନେ ପଢ଼େନ୍

(ଜ) ଅସମ୍ପନ୍ନ ଭବିଷ୍ୟତ :

ଯେଉଁ କ୍ରିୟା ପଦର ବ୍ୟବହାର ଦ୍ୱାରା କାର୍ଯ୍ୟଟି ଭବିଷ୍ୟତରେ ଚାଲୁଥିବା ବା ଅସମ୍ପନ୍ନ ଥିବବୋଲି ଜଣାଯାଏ, ତାହାକୁ ଅସମ୍ପନ୍ନ ଭବିଷ୍ୟତ କାଳ କୁହାଯାଏ । ଅସମ୍ପନ୍ନ ଭବିଷ୍ୟତ କାଳର ପ୍ରଥମ ପୁରୁଷର ଏକବଚନ ପାଇଁ ଧାତୁରେ 'ଉ' ଆଭିମୁଖ୍ୟବୋଧକ ପ୍ରତ୍ୟୟ ସହିତ '଼ତର୍ହୁଁ' ଓ ବହୁବଚନ ପାଇଁ ଧାତୁରେ 'ଉ' ଆଭିମୁଖ୍ୟବୋଧକ ପ୍ରତ୍ୟୟ ସହିତ 'ଥିମ' ପ୍ରତ୍ୟୟ, ଦ୍ୱିତୀୟ ପୁରୁଷର ଏକବଚନ ପାଇଁ ଧାତୁରେ 'ଉ' ଆଭିମୁଖ୍ୟବୋଧକ ପ୍ରତ୍ୟୟ ସହିତ 'ତର୍ହସ୍' ଓ ବହୁବଚନରେ 'ଉ' ଆଭିମୁଖ୍ୟବୋଧକ ପ୍ରତ୍ୟୟ 'ତର୍ହ' ପ୍ରତ୍ୟୟ ଏବଂ ତୃତୀୟ ପୁରୁଷର ଏକବଚନ ପାଇଁ ଧାତୁରେ 'ଉ' ଆଭିମୁଖ୍ୟବୋଧକ ପ୍ରତ୍ୟୟ ସହିତ 'ତର୍ହେ' ଏବଂ ବହୁବଚନ ପାଇଁ ଧାତୁରେ 'ଉ' ଆଭିମୁଖ୍ୟବୋଧକ ପ୍ରତ୍ୟୟ ସହିତ 'ତର୍ହେନ୍' ପ୍ରତ୍ୟୟ ଯୁକ୍ତ ହୋଇଥାଏ । ଯଥା –

ଏକବଚନ	ବହୁବଚନ
ପ୍ରଥମ ପୁରୁଷ- (ଧାତୁ+ଉ+ତର୍ହୁଁ)ମୁଇଁ ପଢୁତର୍ହୁଁ	(ଧାତୁ +ଉ+ଥିମ) ଆମ୍ହିଁ ପଢୁଥିମ
ଦ୍ୱିତୀୟ ପୁରୁଷ-(ଧାତୁ+ଉ+ତର୍ହସ)ତମ୍ହିଁ ପଢୁତର୍ହସ୍	(ଧାତୁ +ଉ+ତର୍ହ) ତମ୍ହିଁମାନେ ପଢୁତର୍ହ
ତୃତୀୟପୁରୁଷ-(ଧାତୁ+ଉ+ତର୍ହେ)ଉଓ ପଢୁତର୍ହେ	(ଧାତୁ+ଉ+ତର୍ହେନ୍) ଉମାନେ ପଢୁତର୍ହେନ୍

(ଝ) ସମ୍ପନ୍ନ ଭବିଷ୍ୟତ :

ଯେଉଁ କ୍ରିୟା ପଦର ବ୍ୟବହାର ଦ୍ୱାରା କାର୍ଯ୍ୟଟି ଭବିଷ୍ୟତରେ ଶେଷ ହୋଇଥିବାର ସୂଚନା ମିଳେ, ତାକୁ ସମ୍ପନ୍ନ ଭବିଷ୍ୟତ କାଳ କୁହାଯାଏ । ସମ୍ପନ୍ନ ଭବିଷ୍ୟତ କାଳର ପ୍ରଥମ ପୁରୁଷର ଏକବଚନ ପାଇଁ ଧାତୁରେ 'ରହୁଁ' ପ୍ରତ୍ୟୟ ଓ ବହୁବଚନରେ ଧାତୁ ସହିତ 'ରମ' ପ୍ରତ୍ୟୟ, ଦ୍ୱିତୀୟ ପୁରୁଷର ଏକବଚନ ପାଇଁ ଧାତୁରେ 'ରହ' ଓ ବହୁବଚନ ପାଇଁ ଧାତୁରେ 'ରହଁ' ପ୍ରତ୍ୟୟ, ତୃତୀୟ ପୁରୁଷର ଏକବଚନ ପାଇଁ ଧାତୁରେ'ରେହେ' ଓ ବହୁବଚନ ପାଇଁ ଧାତୁରେ 'ରେହେନ୍' ପ୍ରତ୍ୟୟ ଯୁକ୍ତ ହୋଇଥାଏ । ଯଥା –

ଏକବଚନ	ବହୁବଚନ
ପ୍ରଥମ ପୁରୁଷ-(ଧାତୁ +ଥଁ)ମୁଇଁ ପଢ଼୍ଥଁ	(ଧାତୁ +ଥଁ) ଆମ୍ହିଁ ପଢ଼୍ଥଁ
ପ୍ରଥମପୁରୁଷ-(ଧାତୁ+ରହୁଁ)ମୁଇଁ ପଏଢ଼୍ରହୁଁ	(ଧାତୁ+ରମ)ଆମ୍ହିଁ ପଏଢ଼୍ରମ
ଦ୍ୱିତୀୟପୁରୁଷ- (ଧାତୁ+ରହ)ତମ୍ହିଁ ପଏଢ଼୍ରହ	(ଧାତୁ+ରହଁ)ତମ୍ହିଁମାନେ ପଏଢ଼୍ରହଁ
ତୃତୀୟପୁରୁଷ-(ଧାତୁ+ରେହେ)ଉଓ ପଏଢ଼୍ରେହେ	(ଧାତୁ+ରେହେନ୍) ଉମାନେ ପଏଢ଼୍ରେହେନ୍

(ଞ) ସାମାନ୍ୟ ଆଭିପ୍ରାୟିକ :

ଯେଉଁ କ୍ରିୟା ପଦର ବ୍ୟବହାର ଦ୍ୱାରା କାର୍ଯ୍ୟଟି ଭବିଷ୍ୟତରେ ଘଟିବାର ସମ୍ଭାବନା ରଖିଥାଏ, ତାହାକୁ ସାମାନ୍ୟ ସର୍ତମୂଳକ ବା ଆଭିପ୍ରାୟିକ କାଳ କୁହାଯାଏ । ସାମାନ୍ୟ ସର୍ତମୂଳକ ବା ଆଭିପ୍ରାୟିକ କାଳର ପ୍ରଥମ ପୁରୁଷର ଉଭୟ ବଚନର ଧାତୁ ସହିତ 'ତଁ' ପ୍ରତ୍ୟୟ, ଦ୍ୱିତୀୟ ପୁରୁଷର ଏକବଚନର ଧାତୁରେ 'ତସ୍' ଓ ବହୁବଚନର ଧାତୁରେ 'ଥ' ପ୍ରତ୍ୟୟ ଏବଂ ତୃତୀୟ ପୁରୁଷର ଏକବଚନ ପାଇଁ ଧାତୁ ସହିତ 'ହେ' ଓ ବହୁବଚନ ପାଇଁ ଧାତୁରେ 'ଏନ୍' ପ୍ରତ୍ୟୟ ଯୁକ୍ତ ହୋଇଥାଏ । ଯଥା–

ଏକବଚନ	ବହୁବଚନ
ପ୍ରଥମ ପୁରୁଷ-(ଧାତୁ +ଥଁ)ମୁଇଁ ପଢ଼୍ଥଁ	(ଧାତୁ +ଥଁ) ଆମ୍ହିଁ ପଢ଼୍ଥଁ
ପ୍ରଥମପୁରୁଷ- (ଧାତୁ+ତଁ)ମୁଇଁ ପଢ଼୍ତଁ	(ଧାତୁ + ତଁ)-ଆମ୍ହିଁ ପଢ଼୍ତଁ
ଦ୍ୱିତୀୟପୁରୁଷ-(ଧାତୁ+ତସ୍)ତମ୍ହିଁ ପଢ଼୍ତସ୍	(ଧାତୁ+ଥ)ତମ୍ହିଁମାନେ ପଢ଼ୁଥ
ତୃତୀୟ ପୁରୁଷ-(ଧାତୁ +ହେ)ଉଓ ପଢ୍ହେ	(ଧାତୁ+ଏନ୍)ଉମାନେ ପଢ଼େନ୍

(ଟ) ଅସମ୍ପନ୍ନ ଆଭିପ୍ରାୟିକ :

ଯେଉଁ କ୍ରିୟା ପଦର ସହାୟତାରେ କାର୍ଯ୍ୟ ବର୍ତ୍ତମାନ ହେବାର ସମ୍ଭାବନା ପ୍ରକାଶ ପାଉଥାଏ, ତାହାକୁ ଅସମ୍ପନ୍ନ ଆଭିପ୍ରାୟିକ କାଳ କୁହାଯାଏ । ଅସମ୍ପନ୍ନ ଆଭିପ୍ରାୟିକ କାଳର ପ୍ରଥମ ପୁରୁଷର ଏକବଚନ ଓ ବହୁବଚନ ପାଇଁ ଧାତୁରେ 'ଉ' ଆଭିମୁଖ୍ୟବୋଧକ ପ୍ରତ୍ୟୟ ସହିତ 'ତରତଁ' ପ୍ରତ୍ୟୟ, ଦ୍ୱିତୀୟ ପୁରୁଷର ଏକବଚନ ପାଇଁ ଧାତୁରେ 'ଉ' ଆଭିମୁଖ୍ୟବୋଧକ ପ୍ରତ୍ୟୟ ସହିତ 'ତର୍‌ତସ୍' ପ୍ରତ୍ୟୟ ଓ ବହୁବଚନ ପାଇଁ ଧାତୁରେ 'ତର୍‌ତ' ପ୍ରତ୍ୟୟ, ତୃତୀୟ ପୁରୁଷର ଏକବଚନ ପାଇଁ ଧାତୁରେ 'ଉ' ଆଭିମୁଖ୍ୟବୋଧକ ପ୍ରତ୍ୟୟ ସହିତ 'ତର୍‌ତିସ୍' ପ୍ରତ୍ୟୟ ଏବଂ ବହୁବଚନ ପାଇଁ ଧାତୁରେ 'ଉ' ଆଭିମୁଖ୍ୟବୋଧକ ପ୍ରତ୍ୟୟ 'ତର୍‌ତିନ୍' ପ୍ରତ୍ୟୟ ଯୁକ୍ତ ହୋଇଥାଏ । ଯଥା–

ଏକବଚନ	ବହୁବଚନ
ପ୍ରଥମପୁରୁଷ-(ଧାତୁ+ଉ+ତର୍‌ତଁ)ମୁଇଁ ପଢୁତର୍‌ତଁ	(ଧାତୁ+ଉ+ତର୍‌ତଁ) ଆମ୍ହିଁ ପଢୁତର୍‌ତଁ
ଦ୍ୱିତୀୟପୁରୁଷ- (ଧାତୁ+ଉ+ତର୍‌ତସ୍)ତମ୍ହିଁ ପଢୁତର୍‌ତସ୍	(ଧାତୁ + ଉ+ ତର୍‌ତ) ତମ୍ହିଁମାନେ ପଢୁତର୍‌ତ
ତୃତୀୟପୁରୁଷ- (ଧାତୁ+ଉ+ତର୍‌ତିସ୍)ଉଓ ପଢୁତର୍‌ତିସ୍	(ଧାତୁ+ଉ+ତର୍‌ତିନ୍) ଉମାନେ ପଢୁତର୍‌ତିନ୍

(ଠ) ସମ୍ପନ୍ନ ଆଭିପ୍ରାୟିକ :

ଯେଉଁ କ୍ରିୟାପଦର ଯୋଗରେ କାର୍ଯ୍ୟଟି ଅତୀତ କାଳରେ ଘଟିଥିବାର ସମ୍ଭାବନା ଥିଲା ବୋଲି ଜଣାଯାଏ, ତାହାକୁ ସମ୍ପନ୍ନ ଆଭିପ୍ରାୟିକ କାଳ କୁହାଯାଏ । ସମ୍ପନ୍ନ ଆଭିପ୍ରାୟିକ କାଳର ପ୍ରଥମ ପୁରୁଷର ଉଭୟ ବଚନ ପାଇଁ ଧାତୁ ସହିତ 'ରେତଁ' ପ୍ରତ୍ୟୟ, ଦ୍ୱିତୀୟ ପୁରୁଷର ଏକବଚନ ପାଇଁ ଧାତୁ ସହିତ 'ରେତସ୍' ଓ ବହୁବଚନରେ 'ରେତ' ପ୍ରତ୍ୟୟ, ତୃତୀୟ ପୁରୁଷର ଏକବଚନ ପାଇଁ ଧାତୁ ସହିତ 'ରେତିସ୍' ଏବଂ ବହୁବଚନ ପାଇଁ ଧାତୁ ସହିତ 'ରେତିନ୍' ପ୍ରତ୍ୟୟ ଯୁକ୍ତ ହୋଇଥାଏ । ଯଥା–

ଏକବଚନ	ବହୁବଚନ
ପ୍ରଥମପୁରୁଷ-(ଧାତୁ+ରେତଁ)ମୁଇଁ ପଏଢ଼୍ରେତଁ	(ଧାତୁ+ରେତଁ) ଆମ୍ହିଁ ପଏଢ଼୍ରେତଁ
ଦ୍ୱିତୀୟପୁରୁଷ-(ଧାତୁ+ରେତସ୍)ତମ୍ହିଁ ପଏଢ଼୍ରେତସ୍	(ଧାତୁ+ରେତ) ତମ୍ହିଁମାନେ ପଏଢ଼ରେତ
ତୃତୀୟପୁରୁଷ-(ଧାତୁ+ରେତିସ୍)ଉଓ ପଏଢ଼୍ରେତିସ୍	(ଧାତୁ+ରେତିନ୍) ଉମାନେ ପଏଢ଼୍ରେତିନ୍

(ଡ) ଅସମ୍ପନ୍ନ ଆଭ୍ୟାସିକ :

ଯେଉଁ କ୍ରିୟା ପଦର ପ୍ରୟୋଗ ଦ୍ୱାରା ଆଭ୍ୟାସିକ କାର୍ଯ୍ୟଟିର ଅସମ୍ପନ୍ନତା ପ୍ରକାଶ ପାଉଥାଏ, ତାହାକୁ ଅସମ୍ପନ୍ନ ଆଭ୍ୟାସିକ କାଳ କୁହାଯାଏ । ଅସମ୍ପନ୍ନ ଆଭ୍ୟାସିକ କାଳର ପ୍ରଥମ ପୁରୁଷର

ଉଭୟବଚନରେ ଧାତୁ ସହିତ 'ଉ' ଆଭିମୁଖ୍ୟବୋଧକ ପ୍ରତ୍ୟୟ ଏବଂ 'ତର୍ଥଁ' ପ୍ରତ୍ୟୟ, ଦ୍ୱିତୀୟ ପୁରୁଷର ଏକବଚନ ପାଇଁ ଧାତୁ ସହିତ 'ତର୍ଥସ୍' ପ୍ରତ୍ୟୟ, ବହୁବଚନ ପାଇଁ 'ଉ' ଆଭିମୁଖ୍ୟବୋଧକ ପ୍ରତ୍ୟୟ ସହିତ ଧାତୁରେ 'ତର୍ଥ'ପ୍ରତ୍ୟୟ, ତୃତୀୟ ପୁରୁଷର ଏକବଚନ ପାଇଁ 'ଉ' ଆଭିମୁଖ୍ୟବୋଧକ ପ୍ରତ୍ୟୟ ସହିତ ଧାତୁରେ 'ତର୍ଥେ' ଓ ବହୁବଚନ ପାଇଁ 'ଉ' ଆଭିମୁଖ୍ୟବୋଧକ ପ୍ରତ୍ୟୟ ସହିତ 'ତର୍ଥେନ୍' ପ୍ରତ୍ୟୟ ଯୁକ୍ତ ହୋଇଥାଏ । ଯଥା–

ଏକବଚନ	ବହୁବଚନ
ପ୍ରଥମପୁରୁଷ-(ଧାତୁ+ଉ+ତର୍ଥଁ)ମୁଇଁ ପଢୁତର୍ଥଁ	(ଧାତୁ+ଉ+ତର୍ଥଁ) ଆମ୍ହିଁ ପଢୁତର୍ଥଁ
ଦ୍ୱିତୀୟପୁରୁଷ-(ଧାତୁ+ଉ+ତର୍ଥସ୍)ତମ୍ହିଁ ପଢୁତର୍ଥସ୍	(ଧାତୁ +ଉ+ତର୍ଥ) ତମ୍ହିଁମାନେ ପଢୁତର୍ଥ
ତୃତୀୟପୁରୁଷ-(ଧାତୁ+ଉ+ତର୍ଥେ)ଉଓ ପଢୁତର୍ଥେ	(ଧାତୁ + ଉ+ ତର୍ଥେନ୍) ଉମାନେ ପଢୁତର୍ଥେନ୍

(ଢ) ସମ୍ପନ୍ନ ଆଭ୍ୟାସିକ :

ଯେଉଁ କ୍ରିୟା ପଦର ପ୍ରୟୋଗ ଦ୍ୱାରା ଆଭ୍ୟାସିକ କାର୍ଯ୍ୟଟିର ସମାପ୍ତି ସୂଚନା ମିଳେ, ତାହାକୁ ସମ୍ପନ୍ନ ଆଭ୍ୟାସିକ କାଳ କୁହାଯାଏ । ସମ୍ପନ୍ନ ଆଭ୍ୟାସିକ କାଳର ପ୍ରଥମ ପୁରୁଷର ଉଭୟବଚନର ଧାତୁ ସହିତ 'ଥଁ' ପ୍ରତ୍ୟୟ, ଦ୍ୱିତୀୟ ପୁରୁଷର ଏକବଚନ ପାଇଁ 'ଇ' ଆଭିମୁଖ୍ୟବୋଧକ ପ୍ରତ୍ୟୟ ସହିତ ଧାତୁରେ 'ତର୍ଥସ୍' ପ୍ରତ୍ୟୟ, ବହୁବଚନ ପାଇଁ 'ଇ' ଆଭିମୁଖ୍ୟବୋଧକ ପ୍ରତ୍ୟୟ ସହିତ ଧାତୁରେ 'ତର୍ଥ' ପ୍ରତ୍ୟୟ ଏବଂ ତୃତୀୟ ପୁରୁଷର ଏକବଚନ ପାଇଁ 'ଇ' ଆଭିମୁଖ୍ୟବୋଧକ ପ୍ରତ୍ୟୟ ସହିତ ଧାତୁରେ 'ତର୍ଥେ' ଓ ବହୁବଚନ ପାଇଁ 'ଇ' ଆଭିମୁଖ୍ୟବୋଧକ ପ୍ରତ୍ୟୟ ସହିତ ଧାତୁରେ 'ତର୍ଥେନ୍' ପ୍ରତ୍ୟୟ ଯୁକ୍ତ ହୋଇଥାଏ । ଯଥା –

ଏକବଚନ	ବହୁବଚନ
ପ୍ରଥମ ପୁରୁଷ-(ଧାତୁ+ଥଁ)ମୁଇଁ ପଏଢ୍ଥଁ	(ଧାତୁ+ଥଁ)ଆମ୍ହିଁ ପଏଢ୍ଥଁ
ଦ୍ୱିତୀୟପୁରୁଷ-(ଧାତୁ+ଇ+ତର୍ଥସ୍)ତମ୍ହିଁପଢ଼ିତର୍ଥସ୍	(ଧାତ+ଇ+ତର୍ଥ) ତମ୍ହିଁମାନେ ପଢିତର୍ଥ
ତୃତୀୟପୁରୁଷ-(ଧାତୁ+ଇ+ତର୍ଥେ)ଉଓ ପଢ଼ିତର୍ଥେ	(ଧାତୁ+ଇ+ତର୍ଥେନ୍) ଉମାନେ ପଢିତର୍ଥେନ୍

(ଣ) ଅନୁଜ୍ଞା ବା ଆଦେଶ :

ଯେଉଁ କ୍ରିୟା ପଦର ପ୍ରୟୋଗ ଦ୍ୱାରା ସାଧାରଣଭାବରେ ଆଦେଶ ବା ଅନୁଜ୍ଞାକୁ ବୁଝାଏ, ତାହାକୁ ଆଦେଶ ବା ଅନୁଜ୍ଞା କାଳ କୁହାଯାଏ । ଆଦେଶ ବା ଅନୁଜ୍ଞା କେବଳ ଦ୍ୱିତୀୟ ଓ ତୃତୀୟ ପୁରୁଷ ପ୍ରତି ପ୍ରୟୋଗ କରାଯାଇଥାଏ । ସେହିପରି ଆଦେଶ ଦେବା କ୍ଷେତ୍ରରେ ଅତୀତ କାଳର କ୍ରିୟା ବ୍ୟବହାର କରାଯାଏ ନାହିଁ, ସେଥିପାଇଁ ଅନୁଜ୍ଞାସୂଚକ କ୍ରିୟାର କାଳ କେବଳ ବର୍ତ୍ତମାନ ଓ ଭବିଷ୍ୟତ କାଳ ହୋଇଥାଏ । ଆଦେଶ ବା ଅନୁଜ୍ଞା କାଳର ଦ୍ୱିତୀୟ ପୁରୁଷର ଏକବଚନ ପାଇଁ ଧାତୁରେ 'ଏ' ବର୍ଣ୍ଣର ଆଗମ ସହିତ 'ପକ' ଓ ବହୁବଚନ ପାଇଁ ଧାତୁରେ 'ପକନ୍' ପ୍ରତ୍ୟୟ, ତୃତୀୟ ପୁରୁଷର ଏକବଚନ ପାଇଁ ଧାତୁରେ 'ଏ' ବର୍ଣ୍ଣର ଆଗମ ସହିତ 'ପକା' ଓ ବହୁବଚନ ପାଇଁ ଧାତୁରେ 'ଏ' ବର୍ଣ୍ଣର ଆଗମ ସହିତ 'ପକଉନ୍' ପ୍ରତ୍ୟୟ ଯୁକ୍ତ ହୋଇଥାଏ । ଯଥା–

ଏକବଚନ	ବହୁବଚନ
ଦ୍ୱିତୀୟପୁରୁଷ-(ଧାତୁ+ପକ)ତମ୍ହିଁ ପଏଢ୍ପକ	(ଧାତୁ+ପକନ୍) ତମ୍ହିଁମାନେ ପଏଢ୍ପକନ୍
ତୃତୀୟପୁରୁଷ-(ଧାତୁ+ପକା)ଉଓ ପଏଢ୍ପକା	(ଧାତୁ+ପକଉନ୍) ଉମାନେ ପଏଢ୍ପକଉନ୍

କୌଣସି ଭାଷାର କ୍ରିୟା ପ୍ରକରଣ ଆଲୋଚନା କଲାବେଳେ ତାହାର ନାସ୍ତିକରଣ ରୂପ ବିଚାର ମଧ୍ୟ ଅତ୍ୟନ୍ତ ଜରୁରୀ ହୋଇଥାଏ । ତେଣୁ ଭାଷାବିତ୍ ସଂତୋଷ କୁମାର ରଥ କହନ୍ତି– "ପ୍ରତ୍ୟେକ ଭାଷାତାତ୍ତ୍ୱିକ ପ୍ରକ୍ରିୟାରେ କୌଣସି ନା କୌଣସି ପ୍ରକାଶ୍ୟ ସୂଚନା ବାକ୍ୟାତ୍ମକ ଗଠନ ସ୍ତରେ ପ୍ରକାଶ ପାଇଥାଏ । ନାସ୍ତିକରଣ ଏହାର ବ୍ୟତିକ୍ରମ ନୁହେଁ ।"(ଅସ୍ୱୀକୃତ ପରଂପରା, ପୃ-୩୮) । ଭୂଲିଆ ଭାଷାର ନାସ୍ତିକରଣ ଉପାଦାନଟିର ଉପଲବ୍ଧି ରୂପ ହେଉଛି 'ନିଁ' । ଭୂଲିଆ ଭାଷାର ନାସ୍ତିକରଣ 'ନିଁ' ରୂପଟି ସଦାବେଳେ କ୍ରିୟା ପଦର ପୂର୍ବରୁ ଆସିଥାଏ ଠିକ୍ କୋଶଲି ବା ହିନ୍ଦୀ ଭଳି । ଯଥା–

ଆମ୍ହିଁ ନିଁ ପଢ଼ତହଁ (ମୁଁ ପଢୁନାହିଁ)
ତମ୍ହିଁ ନିଁ ପଢ଼ିସ୍ (ତମେ ପଢିଲ ନାହିଁ)
ଆମ୍ହିଁ ନିଁ ପଢୁତରହେଁ (ଆମେ ପଢୁ ନଥିଲୁ)
ଉଓ ନିଁ ପଏଢ୍ରେହେ (ସେ ପଢ଼ି ନଥିବ)

'ନିଁ' ଏକ ବଦ୍ଧରୂପ (Bound form) ହୋଇଥିବାରୁ ଅର୍ଥାତ୍ 'ନିଁ' ର ସ୍ୱାଧୀନ ସ୍ଥିତି ନ ଥିବାରୁ କେତେକ ସ୍ଥାନରେ 'ନିଁ' ସହିତ 'ନ' ଆସିଥାଏ ଏବଂ 'ନିଁନ' (ନାହିଁ) ହୋଇଥାଏ । ଯଥା- ଉଓ ଇଛେନ୍ ଘରେ ନିଁନ (ସେ ଏବେ ଘରେ ନାହିଁ) ।

ଭୂଲିଆମାନଙ୍କର ମୂଳ ବାସସ୍ଥାନ ହେଉଛି ନାଗପୁର ଓ କାଶୀ କିନ୍ତୁ ସେମାନେ ସେଠାରୁ ଓଡ଼ିଶାର ପଶ୍ଚିମାଂଚଳକୁ ଚାଲିଆସି ଏଠି ବସବାସ କରୁଛନ୍ତି । ସେଥିପାଇଁ ଭୂଲିଆ ଭାଷାରେ ହିନ୍ଦୀ, ଓଡ଼ିଆ ଓ କୋଶଳୀ ଭାଷାର ଏକ ଫେଣ୍ଟାଫେଣ୍ଟି ରୂପକୁ ଆମେ ଦେଖିବାକୁ ପାଇଥାଉ । ତିନୋଟି ଭାଷାର ମିଶ୍ରଣରେ ଏକ ନୂତନ ଭାଷା ସୃଷ୍ଟି ହୋଇଥିବାରୁ ଏହି ଭାଷାର କ୍ରିୟାର କାଳରେ ଉପରୋକ୍ତ ନୂତନତାକୁ ଦେଖିବାକୁ ପାଇଥାଉ । ଭୂଲିଆ ଭାଷାର କ୍ରିୟାର କାଳରେ କେବଳ ଭିନ୍ନତା ଦେଖାଯାଏ ନାହିଁ ଭାଷାର ପ୍ରତ୍ୟେକ ବିଭବରେ ସ୍ୱତନ୍ତ୍ରତା ପରିଦୃଷ୍ଟ ହୋଇଥାଏ ତଥାପି ମଧ୍ୟ କୌଣସି ଗବେଷକ ଆଜିପର୍ଯ୍ୟନ୍ତ ଏଭଳି ଏକ ବିଶାଳ ସଂପ୍ରଦାୟ ଦ୍ୱାରା କଥିତ ଭାଷା ବିଷୟରେ ଗବେଷଣା ପଇଁ ଆଗ୍ରହ ପ୍ରକାଶ କରିନାହାନ୍ତି, ତେଣୁ ଗୋଟିଏ ମହାନ୍ କଥିତ ଭାଷା ସଂପୂର୍ଣ୍ଣ ଭାବରେ ବିଲୁପ୍ତ ହୋଇଯିବାପୂର୍ବରୁ ସେ ବିଷୟରେ ସଚେତନ ହୋଇ ଭାଷାର ସ୍ୱତନ୍ତ୍ରତାକୁ ଲୋକଲୋଚନକୁ ଆଣିବା ନିତାନ୍ତ ଆବଶ୍ୟକ ନ ହେଲେ କିଛିବର୍ଷପରେ ଭୂଲିଆ ଭାଷା ସଂପୂର୍ଣ୍ଣ ଭାବରେ ଲୋପ ପାଇଯିବ ଏହା ନିଃସନ୍ଦେହ ।

ଏହି ଭାଷାର କାଳ ବା କ୍ରିୟା ପ୍ରକରଣ ଆଲୋଚନା କଲାବେଳେ ମୁଁ ମୁଖ୍ୟତଃ ବଲାଙ୍ଗିର ଅଂଚଳକୁ ପ୍ରାଧାନ୍ୟ ଦେଇଛି । ଏହା କହିବାର କାରଣ ହେଉଛି ଅଞ୍ଚଳ ଭେଦରେ ଉଚ୍ଚାରଣ ଦୃଷ୍ଟିରୁ କେତେକ କ୍ଷେତ୍ରରେ ସାମାନ୍ୟ ପରିବର୍ତ୍ତନ ଦେଖାଯାଇଥାଏ । ଏହି ପ୍ରବନ୍ଧ ପ୍ରସ୍ତୁତି ସମୟରେ ଭୁଲିଆ ଭାଷାରେ କଥାବାର୍ତ୍ତା କରୁଥିବା କେତେଜଣ ବ୍ୟକ୍ତି ଏବଂ ଭାଷାବିତ୍ ଡ. ସଂତୋଷ କୁମାର ରଥଙ୍କ ପ୍ରତ୍ୟକ୍ଷ ଓ ପରୋକ୍ଷ ସାହାଯ୍ୟ ନେଇଛି, ତେଣୁ ସେମାନଙ୍କ ପାଖରେ ମୁଁ ଋଣୀ ।

ସହାୟକ ଗ୍ରନ୍ଥସୂଚୀ :

୧) ଦଳାଇ, ଉପେନ୍ଦ୍ର ପ୍ରସାଦ - ଓଡ଼ିଆ ଭାଷାର ସୃଷ୍ଟି ଓ ବିକାଶ, ନିଉ ଏଜ୍ ପବ୍ଲିକେଶନ୍‌ସ, ତାରାଭବନ, ଚାନ୍ଦିନୀଚୌକ, କଟକ, ପ୍ରଥମ ସଂସ୍କରଣ, ୨୦୦୯ ।

୨) ପଟ୍ଟନାୟକ, ଦେବୀପ୍ରସନ୍ନ – ଓଡ଼ିଆ ଭାଷା ଓ ଭାଷା ବିଜ୍ଞାନ, ଗ୍ରନ୍ଥମନ୍ଦିର, ବିନୋଦବିହାରୀ, କଟକ, ତୃତୀୟ ସଂସ୍କରଣ, ୨୦୧୩ ।

୩) ମହାପାତ୍ର, ଖଗେଶ୍ୱର – ଓଡ଼ିଆ ଭାଷା ଓ ଲିପି, ଗ୍ରନ୍ଥମନ୍ଦିର, ବିନୋଦବିହାରୀ, କଟକ, ନୂତନ ସଂସ୍କରଣ, ୨୦୧୪ ।

୪) ମହାପାତ୍ର, ବିଜୟ ପ୍ରସାଦ - ଓଡ଼ିଆ ଭାଷା ବିଭବ, ବିଦ୍ୟାପୁରୀ, ବିନୋଦବିହାରୀ, କଟକ, ତୃତୀୟ ସଂସ୍କରଣ, ୨୦୧୭ ।

୫) ରଥ, ସଂତୋଷ କୁମାର – ଅସ୍ୱୀକୃତ ପରଂପରା, ଅନୁରାଗ ପ୍ରକାଶନ, ବଲାଙ୍ଗିର, ପ୍ରଥମ ସଂସ୍କରଣ, ୨୦୦୭ ।

ଅଧ୍ୟାପକ, ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗ
ଜବାହରଲାଲ ମହାବିଦ୍ୟାଳୟ, ପାଟଣାଗଡ଼

RNI No. : ODIODI/2015/64435 • P.R. No. : CK(C)/96/2022-2024 • www.pracheenews.com

ନୂତନ ସୂର୍ଯ୍ୟାଲୋକର ଆହ୍ୱାନ

ପ୍ରାଚୀ

ଉଦୟ ହେବରେ ନୂତନ ସୂର୍ଯ୍ୟ
ଲୋହିତ ହେଲାଣି ପ୍ରାଚୀ
ଏଇ ପ୍ରଭାତରେ ଗାଣ୍ଡୀବ ତୋର
ତୋଳରେ ସବ୍ୟସାଚୀ !
ପରାଧୀନତାର ଯେଉଁ ଅନ୍ଧାର
ଘୋଟିଥିଲା ଆଜିଯାଏ,
ସେହି ଅନ୍ଧାର ବକ୍ଷ ବିଦାରି
ମୁକ୍ତିର - ରାତି ପାହେ ।
ଉଜାଡ଼ି ନଦେଲେ ସ୍ୱାର୍ଥକୁ ତୋର
ସଜାଡ଼ି ହେବନି ଦେଶ,
ନାଚରେ ନାଚ ତାଣ୍ଡବ ଆଜି
ଧରରେ ରୁଦ୍ର ବେଶ ।
ନୂତନ ବିଶ୍ୱ ଭଗୀରଥ ତୁମେ
ଆଣରେ ମନ୍ଦାକିନୀ,
"ଜାଗରେ ନବୀନ ତରୁଣ" ଇଏ -
ପ୍ରାଚୀର ଉଦ୍‌ବୋଧନୀ ।
ଗଣତନ୍ତ୍ରର ଛାତତଳେ ଚାଲେ
ପୁଞ୍ଜିବାଦର ରାଜ୍,
ଭୋକୀ ଜନତାର ସମାଧି ଉପରେ
ଆଧିପତ୍ୟର ତାଜ୍ ।
କାହାର ବିକାଶ ? କାହାର ପ୍ରଗତି ?
କାହାର ଏ ଉତ୍‌ଥାନ ?
କାହାପାଇଁ ଏଇ କଳ-କାରଖାନା
କାପାଇଁ ଉତ୍ପାଦନ ?
ମାଟିର ମଣିଷ ମାଟିରେ ପଡ଼ିଛି
ଉଦରେ ଭରିଛି ଭୋକ,
କାହିଁକି ବାଜିଲା ବୁକୁରେ ପାଷାଣ
କିଏ ଦେଲା ତାକୁ ଶୋକ ?
କୋକିଳ କଣ୍ଠୁ କୁହୁ ଶୁଭୁନାହିଁ
କୁସୁମରେ ନାହିଁ ବାସ,
ମାୟା-ମରୀଚିକା-ଅଗ୍ନିଗର୍ଭେ
ମଣିଷ ଦେଉଛି ଝାସ ।
ଧର୍ମ ନାମରେ ସାମ୍ପ୍ରଦାୟିକ-
ବାଦ କରେ ଷଡ଼ଯନ୍ତ୍ର,
ମଣିଷ ପଢୁଛି ମଣିଷର ପାଇଁ
ମଣିଷ-ମାରିବା-ମନ୍ତ୍ର ।
କାହିଁକି ଶୁଖୁଛି ଧରଣୀର ମୁଖ
ପଚାରେ ଆଜି 'ପ୍ରାଚୀ' ?
ଉତ୍ତର ଦିଅ ଉତ୍ତର ଦିଅ,
ଆଜି ଏ ପ୍ରଶ୍ନବାଚୀ ?
ମତ୍ତବାରଣ - ଚିତ୍ତରେ ଆଜି
ପଟୁଆର ତୋର ସଜା,
ଅତ୍ୟାଚାରୀର ଗଳା କାଟିବାକୁ
ହତିଆର ତୋର ପଜା ।
ତୋ' ଭିତରର କ୍ରାନ୍ତି ଚେତନା
ହେଉ ଆଜି ପ୍ରତିଭାତ,
ଆସୁ ପଛେ ଯେତେ ଝଞ୍ଜା, ତୋଫାନ
ଆସୁ ଯେତେ ପ୍ରତିଘାତ ।
ଜନମ ନେଇଛ ମରିବାକୁ ହେବ
ଦିନେ ଏଇ ଦୁନିଆରେ
ମରିବା ଆଗରୁ ପ୍ରାଚୀର ସ୍ରୋତରେ
ମିଶିଯାଅ ଆସି ଥରେ ।
ଜାଗରେ ସବ୍ୟସାଚୀ !
ନୂଆବିଶ୍ୱର ଅଭିଷେକ ହେବ
ଘୋଷଣା କଲାଣି 'ପ୍ରାଚୀ'

ସମ୍ପାଦକ : ଡଃ. ବିଭୁଦତ୍ତ ଖଣ୍ଡାୟତରାୟ